# ଧରିତ୍ରୀ
DHARITRI

ରାୟଗଡ଼ା, ବୁଧବାର, ଅଗଷ୍ଟ ୨୬/୨୦୨୦ (୧୬ ପୃଷ୍ଠା) | Rayagada, Wednesday, August 26/2020 | ★

୧୦ମ ଭାଗ ୧୦୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-





**ସାଉଥ୍‌ରେ ମନ ଜିଣିଲେ ଡେଜି**

ଅଭିନେତ୍ରୀ ଡେଜି ଶାହା ବଲିଉଡ୍ ମୁଭି 'ଜୟ ହୋ'ରୁ କ୍ୟାରିୟର ଆରମ୍ଭ କରିଥିଲେ। ଏବେ ସେ ସାଉଥ୍ ଇଣ୍ଡଷ୍ଟ୍ରିର ଜଣେ ଆଗଧାଡ଼ିର ନାୟିକା ପାଲଟିଛନ୍ତି। **୧୪**

**୧୫** **ମୁକ୍ତ ହେଲେ ରୋନାଲ୍ଡିନୋ**

ଅବସରପ୍ରାପ୍ତ ବ୍ରାଜିଲିଆନ ଫୁଟ୍‌ବଲ ଷ୍ଟାର ରୋନାଲ୍ଡିନୋ ଗୃହବନ୍ଦୀରୁ ମୁକ୍ତ ହୋଇଛନ୍ତି।




## ଲଗାତର ୬ ଦିନ ବଢ଼ିଲା ପେଟ୍ରୋଲ ଦର

- ମଙ୍ଗଳବାର ପୁଣି ୧୧ ପଇସା ବୃଦ୍ଧି
- ୧୦ ଦିନ ମଧ୍ୟରେ ବଢ଼ିଲାଣି ୧.୨୫ ଟଙ୍କା

**ଭୁବନେଶ୍ୱର,୨୫।୮:** ପେଟ୍ରୋଲ ଦର ବୃଦ୍ଧିରେ ବିରତି ଲାଗି ପାରୁନାହିଁ। ଲଗାତର ତେଲ ଦର ବଢ଼ିବା ଫଳରେ ଏହା ଖାଉଟିଙ୍କ ଚିନ୍ତା ବଢ଼ାଉଛି। ୬ ଦିନ ହେବ ପେଟ୍ରୋଲ ଦର ବୃଦ୍ଧି ଘଟି ଚାଲିଛି। ମଙ୍ଗଳବାର ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ଦର ୧୧ ପଇସା ବଢ଼ିଛି। ଫଳରେ ଏଠାରେ ଲୋକଙ୍କୁ ପେଟ୍ରୋଲ ଲିଟର ପିଛା ୮୨.୨୮ ଟଙ୍କା ଦେବାକୁ ପଡୁଛି। ରାଜଧାନୀରେ ଡିଜେଲ ଦର ଅପରିବର୍ତ୍ତିତ ୮୦.୦୩ ଟଙ୍କା ରହିଛି। ଦିଲ୍ଲୀଠାରୁ ଭୁବନେଶ୍ୱରରେ ଉଭୟ ପେଟ୍ରୋଲ ଏବଂ ଡିଜେଲ ବର୍ତ୍ତମାନ ଉଚ୍ଚରେ ରହିଥିବା ଜଣାପଡିଛି। ଗତ ୧୦ ଦିନ ବିଚାରକୁ ନେଲେ ପେଟ୍ରୋଲ ଦର ୯ ଥର ବଢ଼ିଛି। ଏହି ସମୟ ମଧ୍ୟରେ ପେଟ୍ରୋଲ ଦର ୧.୨୫ ଟଙ୍କା ମହଙ୍ଗା ହୋଇଛି। ସେହିଭଳି ମେଟ୍ରୋ ସହରଗୁଡିକରେ ମଙ୍ଗଳବାର ପେଟ୍ରୋଲ ୯ରୁ ୧୧ ପଇସା ବଢ଼ିଛି। ଦିଲ୍ଲୀରେ ପେଟ୍ରୋଲ ୧୧ ପଇସା ବୃଦ୍ଧି ପାଇବା ଯୋଗୁ ଦର ୮୧.୭୩ ଟଙ୍କା ରହିଛି। ସେହିଭଳି ଚେନ୍ନାଇରେ ଦର ୯ ପଇସା ବଢ଼ି ୮୪.୭୩ ଟଙ୍କା, କୋଲକାତାରେ ୧୧ ପଇସା ବୃଦ୍ଧି ପାଇ ୮୩.୨୪ ଟଙ୍କା ଏବଂ ମୁମ୍ବାଇରେ ୧୧ ପଇସା ବଢ଼ି ୮୮.୩୯ ଟଙ୍କା ରହିଛି। ଏହି ସହରଗୁଡିକରେ ଡିଜେଲ ଦର ଯଥାକ୍ରମେ ୭୩.୫୬ ଟଙ୍କା, ୭୮.୮୬ ଟଙ୍କା, ୭୭.୦୬ ଟଙ୍କା ଏବଂ ୮୦.୧୧ ଟଙ୍କା ରହିଥିବା ଜଣାପଡିଛି। ଜୁନ୍ ୨୯ ପରଠାରୁ ପେଟ୍ରୋଲ ଦରରେ କୌଣସି ପରିବର୍ତ୍ତନ ହୋଇ ନ ଥିଲା। ହେଲେ ଅଗଷ୍ଟ ୧୬ ପରଠାରୁ ଦରରେ ପୁଣି ପରିବର୍ତ୍ତନ ହେଉଛି। ବର୍ତ୍ତମାନ ଦେଶର ବିଭିନ୍ନ ପ୍ରାନ୍ତରେ ତେଲ ଦର ଭିନ୍ନ ଭିନ୍ନ ରହୁଥିବା ନଜରକୁ ଆସିଛି। ଅଶୋଧିତ ତେଲ ଦର ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

**ଦାୟୀ ହେବ କିଏ**


# ଏନ୍‌ଇଇଟି, ଜେଇଇ ସ୍ଥଗିତ ରଖାଯାଉ

**ଭୁବନେଶ୍ୱର,୨୫।୮(ବ୍ୟୁରୋ)**

### ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ, ସୁରକ୍ଷାକୁ ଧ୍ୟାନ ଦିଅ

- କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ



କରୋନା ମହାମାରୀ ପ୍ରକୋପ ବଢ଼ିଚାଲିଛି। ତେଣୁ ପରୀକ୍ଷା ଦେବାକୁ ଯିବାକୁ ଥିବା ଛାତ୍ରୀଛାତ୍ରମାନଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ରହିଛି। ଏସବୁକୁ ଦୃଷ୍ଟିରେ ରଖି ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା (ଏନ୍‌ଇଇଟି) ଏବଂ ଯୁଗ୍ମ ପ୍ରବେଶିକା ପରୀକ୍ଷା (ଜେଇଇ) ମେନ୍ ସ୍ଥଗିତ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଡ. ରମେଶ ପୋଖରିଆଲ ନିଶଙ୍କଙ୍କୁ ଚିଠି ଲେଖିଛନ୍ତି।

ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ବୈଷୟିକ ଓ ମେଡିକାଲ କୋର୍ସରେ ନାମଲେଖା ପାଇଁ ସେପ୍ଟେମ୍ବର ୧ରୁ ୬ ଏନ୍‌ଇଇଟି ଏବଂ ସେପ୍ଟେମ୍ବର ୧୩ରେ ଜେଇଇ(ମେନ୍) ସକାଶେ ତାରିଖ ଘୋଷଣା କରିଛନ୍ତି। ☞ପୃଷ୍ଠା-୪

## କୋଭିଡ୍ ବେଳେ ପରୀକ୍ଷା ପାଇଁ ବାଧ୍ୟ କରିବା ଅନୁଚିତ: ଗ୍ରେଟା



**ନୂଆଦିଲ୍ଲୀ,୨୫।୮:** ଭାରତରେ ଯୁଗ୍ମ ପ୍ରବେଶିକା ପରୀକ୍ଷା (ଜେଇଇ) ଏବଂ ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା (ଏନ୍‌ଇଇଟି)କୁ ସ୍ଥଗିତ ରଖିବା ପାଇଁ ଛାତ୍ରୀଛାତ୍ରମାନେ ଦାବି କରୁଥିବାବେଳେ ସେମାନଙ୍କ ସପକ୍ଷରେ ବାହାରିଛନ୍ତି ସୁଇଡେନର ☞ପୃଷ୍ଠା-୪

# ଗ୍ରାମାଞ୍ଚଳ ଗରିବଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍

### କୋଭିଡ୍-୧୯ ସହାୟତା

- ଅଣୁ ଓ କ୍ଷୁଦ୍ର ଉଦ୍ୟୋଗ ପାଇଁ ୫୦ ହଜାର ଟଙ୍କାର ଋଣ
- କୃଷି ଓ ଅଣକୃଷି କ୍ଷେତ୍ର ଉଦ୍ୟୋଗ ଲାଗି ଦେଢ଼ଲକ୍ଷ
- ପ୍ରବାସୀଙ୍କ ପାଇଁ ୧ ଲକ୍ଷ ଟଙ୍କା ଋଣ

**ଭୁବନେଶ୍ୱର,୨୫।୮(ବ୍ୟୁରୋ)**

କରୋନା ମହାମାରୀରେ କ୍ଷତିଗ୍ରସ୍ତ ହୋଇଥିବା ଗ୍ରାମାଞ୍ଚଳ ଲୋକଙ୍କ ଜୀବନ ଜୀବିକାକୁ ପୁନର୍ଜୀବିତ କରାଯିବ। ଗରିବରୁ ଅତି ଗରିବ ଲୋକ ଏବଂ ପ୍ରବାସ ଫେରନ୍ତାଙ୍କ ଜୀବନ ଜୀବିକାରେ ଉନ୍ନତି ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର କୋଭିଡ୍-୧୯ ସହାୟତା ପ୍ୟାକେଜ୍‌କୁ ଅନୁମୋଦନ କରିଛନ୍ତି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ପ୍ରତାପ ଜେନା ଏହି ସୂଚନା ଦେଇଛନ୍ତି।

କୋଭିଡ୍-୧୯ ସହାୟତା ଅନୁଯାୟୀ ମୋଟ ୪ ପ୍ରକାରର ସ୍ୱତନ୍ତ୍ର ପ୍ୟାକେଜ୍ ବ୍ୟବସ୍ଥା କରାଯାଇଛି। ପ୍ୟାକେଜ୍-୧ରେ ଗ୍ରାମୀଣ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗର ବିକାଶ ପାଇଁ ପ୍ରତ୍ୟେକ ଉଦ୍ୟୋଗୀଙ୍କୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଏକକାଳୀନ ଋଣ ପ୍ରଦାନ କରାଯିବ। ସ୍ୱୟଂ ସହାୟକ ☞ପୃଷ୍ଠା-୪

# ବଢ଼ିଲା ରତ୍ନଅଳଙ୍କାର ଯାଞ୍ଚ ସମ୍ଭାବନା

**ପୁରୀ ଅଫିସ,୨୫।୮**

- ଜେଟିଏକୁ ଚିଠି ଲେଖିଲା ଆଇନ ବିଭାଗ
- ଖାଲିପଡ଼ିଥିବା ମୁକ୍ତିମଣ୍ଡପ ପଦବୀ ପୂରଣ ପାଇଁ ନିର୍ଦ୍ଦେଶ



ଖୋଲିବ କି ଭିତର ରତ୍ନଭଣ୍ଡାର? ଯାଞ୍ଚ ହେବ କି ମହାପ୍ରଭୁଙ୍କ ଦୁର୍ମୂଲ୍ୟ ରତ୍ନଅଳଙ୍କାର? ଦୀର୍ଘଦିନ ଧରି ରତ୍ନଭଣ୍ଡାର ଖୋଲିବା ନେଇ ଯେଉଁ ଆଶା ଆଶଙ୍କା ଲାଗିରହିଛି ସେଥିରେ ପୂର୍ଣ୍ଣଚ୍ଛେଦ ପଡ଼ିବାର ସମ୍ଭାବନା ସୃଷ୍ଟି କରିଛି ଆଇନ ବିଭାଗର ଚିଠି। ୨ ଆବେଦନକାରୀଙ୍କ ଆବେଦନ ସଂକ୍ରାନ୍ତରେ ଉପଯୁକ୍ତ ପଦକ୍ଷେପ ନେଇ ସରକାରଙ୍କୁ ଜଣାଇବା ପାଇଁ ରାଜ୍ୟ ଆଇନ ବିଭାଗ ଜଗନ୍ନାଥ ମନ୍ଦିର ପ୍ରଶାସନ(ଜେଟିଏ)କୁ ଚିଠି ଲେଖିବା ପରେ ମହାପ୍ରଭୁଙ୍କ ରତ୍ନଅଳଙ୍କାର ଯାଞ୍ଚ ସମ୍ଭାବନା ବଢ଼ିଯାଇଛି। ଏତଦ୍‌ବ୍ୟତୀତ ଖାଲି ପଡ଼ିଥିବା ମୁକ୍ତିମଣ୍ଡପରେ ବିଭିନ୍ନ ପଦବୀ ପୂରଣ ପାଇଁ ବିଭାଗ ନିର୍ଦ୍ଦେଶ ଦେଇଛି।

ପୁରୀର ଦିଲୀପ ବରାଳ ଗତ ଜୁନ୍ ୨୬ରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟ ଶାସନ ସଚିବ, ଆଇନ ବିଭାଗ ପ୍ରମୁଖ ସଚିବ ଏବଂ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ମହାପ୍ରଭୁଙ୍କ ରତ୍ନଅଳଙ୍କାର ଯାଞ୍ଚ ପାଇଁ ଚିଠି ଲେଖି ଅନୁରୋଧ କରିଥିଲେ। ସେହିପରି ଦୁର୍ଗାପ୍ରସାଦ ମହାପାତ୍ର ଶ୍ରୀମନ୍ଦିର ମୁକ୍ତିମଣ୍ଡପରେ ଖାଲି ପଡ଼ିଥିବା ପଦବୀ ପୂରଣ ନେଇ ଆଇନ ବିଭାଗକୁ ଚିଠି ଲେଖିଥିଲେ। ଏହି ଦୁଇ ଆବେଦନକାରୀଙ୍କ ଦରଖାସ୍ତକୁ ଆଧାର କରି ଗତ ୧୮ ତାରିଖରେ ଆଇନ ବିଭାଗ ଜେଟିଏକୁ ଚିଠି ଲେଖିଛି। ଏନେଇ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ କହିଛନ୍ତି, ରତ୍ନଅଳଙ୍କାର ଯାଞ୍ଚ କିମ୍ବା ରତ୍ନଭଣ୍ଡାର ସଂକ୍ରାନ୍ତରେ କୌଣସି ଚିଠି ଆମର ହସ୍ତଗତ ହୋଇନାହିଁ। ଆଇନବିଭାଗ ପକ୍ଷରୁ ଯଦି କୌଣସି ଚିଠି ଆସେ ତେବେ ନିର୍ଦ୍ଦେଶ ଅନୁଯାୟୀ ପଦକ୍ଷେପ ନିଆଯିବ। ☞ପୃଷ୍ଠା-୪




ଧରିତ୍ରୀ
DHARITRI
ବୁଧବାର, ୨୬ ଅଗଷ୍ଟ, ୨୦୨୦





ମହାରାଷ୍ଟ୍ରର ରାଇଗଡ଼ ଜିଲାରେ ସୋମବାର ସନ୍ଧ୍ୟାରେ ଏକ ବିଲ୍ଡିଂ ଭୁଶୁଡ଼ି ପଡ଼ିଥିଲା। ଏଥିରେ ମୃତ୍ୟୁସଂଖ୍ୟା ୧୩କୁ ବୃଦ୍ଧି ପାଇଥିବାବେଳେ ଅନେକ ନିଖୋଜ ଅଛନ୍ତି। ଦୁଇଦିନରେ ୬୦ରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇଛି। ଏନ୍‌ଡିଆର୍‌ଏଫ୍‌ର ୩ ଟିମ୍ ଏବଂ ଅଗ୍ନିଶମ ବିଭାଗର ୧୨ ଟିମ୍ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଉଦ୍ଧାରକାରୀମାନେ ମଙ୍ଗଳବାର ଅପରାହ୍ନରେ ଭଗ୍ନାବଶେଷ ତଳୁ ୪ ବର୍ଷର ଶିଶୁକୁ ଜୀବନ୍ତ ଉଦ୍ଧାର କରିଛନ୍ତି।

# ତେଜିଲା ବର୍ଣ୍ଣବୈଷମ୍ୟ ବିରୋଧୀ ଆନ୍ଦୋଳନ



ଜାକୋବ ବ୍ଲାକ୍





## ଆମେରିକାରେ କୃଷ୍ଣକାୟଙ୍କୁ ପୋଲିସ ଗୁଳି

**କେନୋଶା,୨୫।୮(ଏ.ପି.)**

ଆମେରିକାର ମିନିଆପଲିସରେ ଜର୍ଜ ଫ୍ଲୟଡ୍‌ଙ୍କ ମୃତ୍ୟୁକୁ ନେଇ ମୁଣ୍ଡ ଟେକିଥିବା ଆନ୍ଦୋଳନ ଆଉ ଜଣେ କୃଷ୍ଣକାୟଙ୍କୁ ପୋଲିସର ଗୁଳିମାଡ଼ ପରେ ଆହୁରି ବ୍ୟାପକ ହୋଇଛି। ୱିସ୍କୋନ୍‌ସିନର କେନୋଶା ସହରରେ ରବିବାର ରାତିରେ ଜଣେ କୃଷ୍ଣକାୟଙ୍କୁ ପୋଲିସ ୭ଟି ଗୁଳି ମାରିଥିଲା। ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଚିକିତ୍ସା କରାଯାଉଛି। ଏହି ଘଟଣାକୁ ନେଇ ଆମେରିକା ପୁଣିଥରେ ଅଶାନ୍ତ ହୋଇଯାଇଛି। ପୋଲିସର ଗୁଳିକାଣ୍ଡକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ମିଳିଥିବା ସୂଚନାନୁସାରେ କେନୋଶାର ମୋଟ ଜନସଂଖ୍ୟାର ୧୨% କୃଷ୍ଣକାୟ ହୋଇଥିବାବେଳେ ୬୭% ହେଉଛନ୍ତି ଶ୍ୱେତାଙ୍ଗ। ଜାକୋବ ବ୍ଲାକ୍ ନାମକ ୨୯ ବର୍ଷୀୟ ଆଫ୍ରିକୀୟ ଆମେରିକୀୟ ନିଜ ୩ ପୁଅଙ୍କୁ କାର୍‌ରେ ନେଇ ଯାଉଥିଲେ। ସେ କାର୍‌ରେ ଚଳାଉଥିବାବେଳେ ପଛ ସିଟ୍‌ରେ ତାଙ୍କର ୩ ପୁଅ ବସିଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କର ଜନ୍ମଦିନ ଥିଲା। ଜାକୋବ୍ କାର୍‌ର ଡୋର୍ ଖୋଲିବାବେଳେ ଜଣେ ପୋଲିସ ଅଧିକାରୀ ତାଙ୍କ ଉପରକୁ ଆଖିବୁଜା ଗୁଳି ଚଳାଇଥିଲେ। ଏହି ଘଟଣାକୁ ନେଇ ସୋମବାର ରାତି ୮ଟାରେ କୃଷ୍ଣକାୟମାନେ ବିକ୍ଷୋଭ ପ୍ରଦର୍ଶନ କରୁଥିଲେ। 'ନ୍ୟାୟ ନାହିଁ, ଶାନ୍ତି ନାହିଁ' ବୋଲି ସେମାନେ ସ୍ଲୋଗାନ ଦେଉଥିବାବେଳେ କେତେଜଣ ପୋଲିସ ଅଧିକାରୀ କୋର୍ଟହାଉସ୍‌ର ପ୍ରବେଶ ପଥରେ କାନ୍ଧକୁ କାନ୍ଧ ମିଳାଇ ଛିଡ଼ା ହୋଇଥିଲେ। କିନ୍ତୁ ଶତାଧିକ ବିକ୍ଷୋଭକାରୀ ପୋଲିସ ଆଡ଼କୁ ମାଡ଼ିଯାଇ ନିଆଁ ଜଳାଇଥିଲେ। କୋର୍ଟହାଉସ୍ ନିକଟରେ ଥିବା ଏକ ଟ୍ରକ୍‌କୁ ସେମାନେ ଜାଳିଦେଇଥିଲେ। ବିକ୍ଷୋଭକାରୀ କର୍ଫ୍ୟୁକୁ ଅବଜ୍ଞା କରି ଆନ୍ଦୋଳନ କରୁଥିବାବେଳେ ପୋଲିସ ସେମାନଙ୍କୁ ଘଉଡ଼ାଇବାକୁ ଯାଇ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ବିକ୍ଷୋଭକାରୀମାନେ ପୋଲିସ ଉପରକୁ ବୋତଲ ଫିଙ୍ଗିଥିଲେ। ୱିସ୍କୋନ୍‌ସିନ ଗଭର୍ନର ଘଟଣାର ନିନ୍ଦା କରିବା ସହ ନ୍ୟାଶନାଲ ଗାର୍ଡ ମୁତୟନ କରାଇଛନ୍ତି। ଜଣେ ପୋଲିସ ଅଧିକାରୀଙ୍କ ଯୋଗୁ କୃଷ୍ଣକାୟ ଜର୍ଜ ଫ୍ଲୟଡ୍‌ଙ୍କ ମୃତ୍ୟୁ ଯୋଗୁ ସୃଷ୍ଟି ହୋଇଥିବା 'ବ୍ଲାକ୍ ଲାଇଫ୍ ମ୍ୟାଟର୍ସ' ଆନ୍ଦୋଳନର ୩ ମାସ ପରେ ଏହି ଘଟଣା ଟ୍ରମ୍ପ ପ୍ରଶାସନର ମୁଣ୍ଡବ୍ୟଥା ବଢ଼ାଇଦେଇଛି।

# ସୁପ୍ରିମକୋର୍ଟ ନ୍ୟାୟବିଞ୍ଚ ହୁଅନ୍ତୁ

- ଅଦାଲତ ଅବମାନନା ଦଣ୍ଡବିଧାନ ରାୟ ୧୦ରେ
- ମାମଲା ପ୍ରତ୍ୟାହାର ଲାଗି ଅନୁରୋଧ କଲେ ପ୍ରଶାନ୍ତ

**ନୂଆଦିଲ୍ଲୀ,୨୫।୮**

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏବଂ ନ୍ୟାୟପାଳିକା ସମ୍ପର୍କରେ ଟୁଇଟ୍ କରି ଫସିଯାଇଥିବା ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣଙ୍କ ବିରୋଧରେ ଅଦାଲତ ଅବମାନନା ମାମଲାର ଦଣ୍ଡବିଧାନ ଶୁଣାଣି ମଙ୍ଗଳବାର ଶେଷ ହୋଇଛି। ଜଷ୍ଟିସ୍ ଅରୁଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ସେପ୍ଟେମ୍ବର ୧୦ ତାରିଖରେ ରାୟ ପ୍ରକାଶ ପାଇଁ ଧାର୍ଯ୍ୟ କରିଥିବାବେଳେ ସର୍ବୋଚ୍ଚ ଅଦାଲତ ତାଙ୍କ ବିରୋଧରେ ନିଷ୍ପତ୍ତି ପ୍ରତ୍ୟାହାର କରି ସମାଜକୁ ନ୍ୟାୟବିଞ୍ଚ ଭଳି ସନ୍ଦେଶ ଦିଅନ୍ତୁ ବୋଲି ପ୍ରଶାନ୍ତ ଅନୁରୋଧ କରିଛନ୍ତି।



ପ୍ରଶାନ୍ତ ଭୂଷଣ

ଭିଡିଓ କନ୍‌ଫରେନ୍ସ ଜରିଆରେ ଶୁଣାଣି ବେଳେ ଆର୍ଟର୍ନି ଜେନେରାଲ କେ.କେ. ବେଣୁଗୋପାଳ ଟୁଇଟ୍‌କୁ ନେଇ ନିଃସର୍ତ୍ତ କ୍ଷମା ମାଗିବାକୁ ମନା କରୁଥିବା ପ୍ରଶାନ୍ତଙ୍କୁ କ୍ଷମା କରିବା ପାଇଁ ଅନୁରୋଧ କରିଥିଲେ। ପ୍ରଶାନ୍ତ ନିଜର ସମସ୍ତ ମନ୍ତବ୍ୟକୁ ପ୍ରତ୍ୟାହାର କରି ଅନୁତପ୍ତ ହେବା ଉଚିତ ବୋଲି ବେଣୁଗୋପାଳ ପରାମର୍ଶ ଦେଇଥିଲେ। ପ୍ରଶାନ୍ତଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ରାଜୀବ ଧାୱନ କହିଥିଲେ, ଆର୍ଟର୍ନି ଜେନେରାଲ ଭର୍ତ୍ସନା କରିବାକୁ ପରାମର୍ଶ ଦେଇଛନ୍ତି। ଅଦାଲତ ଏପରି କଲେ ତାହା କଠୋର ହେବ। ପ୍ରଶାନ୍ତଙ୍କୁ ଜଣେ ଶହୀଦ କର ନାହିଁ। ସେ ହତ୍ୟା କି ଚୋରି କରିନାହାନ୍ତି ବୋଲି ଯୁକ୍ତି ବାଢ଼ିଥିଲେ। ଧାୱନ କହିଥିଲେ, ଏହି ମାମଲା ବନ୍ଦ କରାଯାଉ ଓ ବିବାଦରେ ପୂର୍ଣ୍ଣଚ୍ଛେଦ ପକାଯାଉ। ଏହାସହ ସୁପ୍ରିମକୋର୍ଟ ଜଣେ ଷ୍ଟେଟ୍ସମ୍ୟାନ୍ ଭଳି ବାର୍ତ୍ତା ଦିଅନ୍ତୁ। ଏହି ଅବସରରେ ସେ ଦୁଇଟି ପ୍ରସ୍ତାବ ଦେଇଥିଲେ। ପ୍ରଥମରେ ଦୋଷୀ ସାବ୍ୟସ୍ତ କରାଯାଇଥିବା ରାୟ ପ୍ରତ୍ୟାହାର କରାଯାଉ ଏବଂ ଦ୍ୱିତୀୟରେ ଦଣ୍ଡବିଧାନ କରା ନ ଯାଉ ବୋଲି ସେ ତାଙ୍କ ମହକିଲଙ୍କ ପକ୍ଷରୁ ପକ୍ଷ ରଖିଥିଲେ।

ପ୍ରଶାନ୍ତ କ୍ଷମା ମାଗିବାକୁ ମନା କରିଦେଇଥିବା ନେଇ ଖଣ୍ଡପୀଠ ବେଣୁଗୋପାଳଙ୍କୁ ପଚାରିଥିଲେ, ଭୁଲ୍ ସମସ୍ତେ କରନ୍ତି। ଭୁଲ ହୋଇଛି ବୋଲି ସ୍ୱୀକାର କରିବା କଥା। ମାତ୍ର ପ୍ରଶାନ୍ତ ଏହାକୁ ଗ୍ରହଣ କରିବାକୁ ଇଚ୍ଛୁକ ନୁହନ୍ତି। ପରସ୍ପର ପ୍ରତି ଆମେ ସମ୍ମାନପୂର୍ଣ୍ଣ ଓ ସହିଷ୍ଣୁ ହେବା ଉଚିତ। ଆପଣ(ଓକିଲ)ମାନଙ୍କଠାରୁ ଆମେ ଭିନ୍ନ ନୋହୁଁ। ଆମେ ମଧ୍ୟ ବାର୍‌ରୁ ଆସିଛୁ। ସମାଲୋଚନା କରାଯାଉ କିନ୍ତୁ ତାକୁ ସାର୍ବଜନୀନ କରା ନ ଯାଉ ବୋଲି ଖଣ୍ଡପୀଠ କହିଥିଲେ। ସେପ୍ଟେମ୍ବର ୨ରେ ଅବସର ନେବାକୁ ଥିବା ଜଷ୍ଟିସ୍ ଅରୁଣ ମିଶ୍ର କହିଥିଲେ, ଅବସର ବେଳେ ଏହା ଦେଖିବା ବେଳକୁ କଷ୍ଟ ଲାଗୁଛି ବୋଲି ଜଷ୍ଟିସ୍ ମିଶ୍ର କହିଥିଲେ।

# ଯୋଗ୍ୟ ଭିନ୍ନକ୍ଷମଙ୍କୁ ଖାଦ୍ୟ ସୁରକ୍ଷା ଆଇନରେ ସାମିଲ କର

- ରାଜ୍ୟଗୁଡ଼ିକୁ କେନ୍ଦ୍ରର ପରାମର୍ଶ

**ନୂଆଦିଲ୍ଲୀ, ୨୫।୮(ପି.ଟି.)**

ଯୋଗ୍ୟ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ତୁରନ୍ତ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ)ରେ ସାମିଲ କରି ସେମାନଙ୍କୁ ଖାଦ୍ୟଶସ୍ୟ ଯୋଗାଇଦେବା ଲାଗି କେନ୍ଦ୍ର ସରକାର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ପରାମର୍ଶ ଦେଇଛନ୍ତି। କେନ୍ଦ୍ର ଖାଦ୍ୟ ସଚିବ ସୁଧାଂଶୁ ପାଣ୍ଡେ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବମାନଙ୍କୁ ପତ୍ର ଲେଖି ଏଥିରେ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରିବା ଲାଗି ଅନୁରୋଧ କରିଛନ୍ତି। ଭିନ୍ନକ୍ଷମମାନେ ତୁରନ୍ତ ଯେପରି ଏନ୍‌ଏଫ୍‌ଏସ୍‌ଏ ହିତାଧିକାରୀ ହୋଇପାରିବେ ସେଥିପାଇଁ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ସମ୍ପୃକ୍ତ ବିଭାଗ, ବିଶେଷ କରି ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେବା ପାଇଁ ମୁଖ୍ୟ ସଚିବମାନଙ୍କୁ କୁହାଯାଇଛି।

ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ଦେଶର ୮୧ କୋଟି ଗରିବ ହିତାଧିକାରୀଙ୍କୁ ମାସକୁ ମୁଣ୍ଡପିଛା ୫ କିଲୋଗ୍ରାମ ଖାଦ୍ୟଶସ୍ୟ ୧ରୁ ୩ ଟଙ୍କା ଦରରେ ଯୋଗାଇ ଦିଆଯାଉଛି। କରୋନା ମହାମାରୀ ସମୟରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ସେମାନଙ୍କୁ ଅତିରିକ୍ତ ୫ କିଲୋଗ୍ରାମ ଚାଉଳ ମାଗଣାରେ ଦିଆଯାଉଛି। ଭିନ୍ନକ୍ଷମମାନଙ୍କୁ ଏହି ଦୁଇଟି ଯୋଜନାରେ ସାମିଲ କରିବା ପାଇଁ ପୂର୍ବରୁ କେନ୍ଦ୍ର ଖାଦ୍ୟ ମନ୍ତ୍ରଣାଳୟ ନିର୍ଦ୍ଦେଶନାମା ଜାରି କରିଥିଲା। ଯେଉଁ ଭିନ୍ନକ୍ଷମ ଏପର୍ଯ୍ୟନ୍ତ ସାମିଲ ହୋଇନାହାନ୍ତି ସେମାନଙ୍କୁ ଯୋଗ୍ୟତା ମାନଦଣ୍ଡ ଅନୁଯାୟୀ ତୁରନ୍ତ ସାନି ରାଶନ କାର୍ଡ ଯୋଗାଇ ଦେବାକୁ କୁହାଯାଇଛି।

# ୧୪ରୁ ମୌସୁମୀ ଅଧିବେଶନ

## କ୍ୟାବିନେଟ କମିଟିର ସୁପାରିସ

- ଅକ୍ଟୋବର ୧ ପର୍ଯ୍ୟନ୍ତ ଚାଲିବ
- ଦିନକୁ ଦୁଇଟି ସିଟିଂ
- ଶନିବାର, ରବିବାର ଛୁଟି ନାହିଁ

**ନୂଆଦିଲ୍ଲୀ, ୨୫।୮(ପି.ଟି.)**

ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ସେପ୍ଟେମ୍ବର ୧୪ରୁ ଆରମ୍ଭ ହୋଇ ଅକ୍ଟୋବର ୧ ପର୍ଯ୍ୟନ୍ତ ଚାଲିବ। ସଂସଦୀୟ ବ୍ୟାପାର କ୍ୟାବିନେଟ କମିଟି ଏହି ସୁପାରିସ୍ କରିଛି। ସୂତ୍ର ଅନୁଯାୟୀ ମୌସୁମୀ ଅଧିବେଶନରେ ମୋଟ ୧୮ଟି ସିଟିଂ ରହିବ। ଶନିବାର ଓ ରବିବାର ଛୁଟି ନ ରହି ଅଧିବେଶନ ଚାଲିବ ବୋଲି ଏକ ସୂତ୍ରରୁ ଜଣାପଡିଛି। ପ୍ରତିଦିନ ଉଭୟ ଗୃହ ୪ ଘଣ୍ଟା ଲେଖାଏ ଚାଲିବ। ସକାଳେ ଗୋଟିଏ ସିଟିଂ ହେବାକୁ ଥିବାବେଳେ ଅପରାହ୍ନରେ ଅନ୍ୟ ସିଟିଂ ହେବ। ଅଧିବେଶନ ଚାଲିଥିବାବେଳେ ଏମ୍‌ପିମାନେ ସେମାନଙ୍କ ନିର୍ବାଚନ ମଣ୍ଡଳୀକୁ ଯେପରି ନ ଯିବେ କିମ୍ବା ସଂକ୍ରମିତ ନ ହେବେ ସେଥିପାଇଁ ଶନିବାର ଓ ରବିବାର ଅଧିବେଶନ ବସିବାକୁ ନିଷ୍ପତ୍ତି ହୋଇଛି। ଏଥର ଅଧିବେଶନରେ ଅନେକ କିଛି ନୂଆ ଦେଖିବାକୁ ମିଳିବ। କରୋନା ମହାମାରୀ ଯୋଗୁ ସାମାଜିକ ଦୂରତ୍ୱ ବଜାୟ ରଖିବା ପାଇଁ ଲୋକ ସଭା ଓ ରାଜ୍ୟ ସଭାର ଉଭୟ ଚାମ୍ବର ଓ ଗ୍ୟାଲେରିକୁ ବ୍ୟବହାର କରାଯିବ। ରାଜ୍ୟ ସଭାର ୬୦ ସଦସ୍ୟ ଚାମ୍ବରରେ ବସିବାକୁ ଥିବାବେଳେ ୫୧ ସଦସ୍ୟ ଗ୍ୟାଲେରିରେ ଏବଂ ଅବଶିଷ୍ଟ ୧୩୨ ସଦସ୍ୟ ଲୋକ ସଭା ଚାମ୍ବରରେ ବସିବେ। ଲୋକ ସଭା ଅଧିବେଶନରେ ମଧ୍ୟ ଅନୁରୂପ ଆସନ ବ୍ୟବସ୍ଥା କରାଯିବ। ପ୍ରଥମ ଥର ଲାଗି ବଡ଼ ଡିସ୍‌ପ୍ଲେ ସ୍କ୍ରିନ୍ ଏବଂ ଅଡିଓ କନ୍‌ସୋଲ ଲାଗିବ। ଦୁଇ ଗୃହ ମଧ୍ୟରେ ସ୍ୱତନ୍ତ୍ର କେବଲ ଏବଂ ପଲିକାର୍ବୋନେଟ ସେପାରେଟର ରହିବ। ଜୀବାଣୁ ଓ ଭୂତାଣୁ ମାରିବା ପାଇଁ ରାଜ୍ୟ ସଭାର ଶୀତତାପ ନିୟନ୍ତ୍ରିତ ୟୁନିଟ୍‌ରେ ଅଲ୍‌ଟ୍ରାଭାଓଲେଟ ଇରାଡିଏଶନ ସିଷ୍ଟମ ଲଗାଇବା ପ୍ରସ୍ତାବ ରହିଛି। ରାଜ୍ୟ ସଭା ଚାମ୍ବରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରମନ୍ତ୍ରୀ, ଗୃହର ନେତା ଓ ବିରୋଧୀ ଦଳ ନେତାଙ୍କ ପାଇଁ ଆସନ ସଂରକ୍ଷିତ ରହିବ। ସେହିପରି ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଏବଂ ଏଚ୍.ଡି. ଦେବେଗୌଡ଼ାଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ଆସନ ରହିବ। ଅଫିସର ଗ୍ୟାଲେରି ଓ ପ୍ରେସ୍ ଗ୍ୟାଲେରିରେ ସାମାଜିକ ଦୂରତ୍ୱ ବଜାୟ ରଖିବା ଲାଗି ୧୫ ଜଣ ଲେଖାଏ ବସିବା ନିମନ୍ତେ ଅନୁମତି ଦିଆଯିବ। ସେହି ଅନୁଯାୟୀ ସଚିବାଳୟ ଅଧିକାରୀ ଓ ଖବରଦାତାଙ୍କ ସଂଖ୍ୟା ସୀମିତ କରାଯିବ ବୋଲି ଜଣାପଡିଛି। ଅସ୍ଥାୟୀ କିମ୍ବା ସେସନ୍ ପାସ୍‌ଧାରୀଙ୍କୁ ଅନୁମତି ମିଳିବ ନାହିଁ।



# ଏନ୍‌ଆଇଏ ଚାର୍ଜଶିଟ୍‌ରେ ଆଝାର

## ପୁଲ୍‌ୱାମା ଆକ୍ରମଣ

**ନୂଆଦିଲ୍ଲୀ, ୨୫।୮**

ପୁଲ୍‌ୱାମା ଆକ୍ରମଣର ତଦନ୍ତ କରୁଥିବା ଜାତୀୟ ତଦନ୍ତକାରୀ ସଂସ୍ଥା(ଏନ୍‌ଆଇଏ) ମଙ୍ଗଳବାର ଜମ୍ମୁ କୋର୍ଟରେ ୧୩, ୫୦୦ ପୃଷ୍ଠାର ଚାର୍ଜଶିଟ୍ ଦାଖଲ କରିଛି। ଏଥିରେ ଆକ୍ରମଣ ଲାଗି କିଭଳି ଷଡ଼ଯନ୍ତ୍ର ରଚାଯାଇ ତାକୁ ବାସ୍ତବ ରୂପ ଦିଆଯାଇଥିଲା ଉଲ୍ଲେଖ କରାଯାଇଛି। ଏହି ଆକ୍ରମଣରେ ପାକିସ୍ତାନ ସମର୍ଥିତ ଆତଙ୍କବାଦୀ ସଙ୍ଗଠନ ଜୈଶ୍-ଇ-ମହମ୍ମଦର ମୁଖ୍ୟ ମାସୁଦ ଆଝାର ଓ ତାଙ୍କ ଭାଇ ରୌଫ୍ ଅସ୍‌ଗରଙ୍କୁ ମାଷ୍ଟର ମାଇଣ୍ଡ ଭାବେ ଦର୍ଶାଯାଇଛି। ଗତବର୍ଷ ଫେବୃୟାରୀ ୧୪ରେ ହୋଇଥିବା ଏହି ଆତ୍ମଘାତୀ ବିସ୍ଫୋରଣରେ ୪୯ ଯବାନ ଶହୀଦ ହୋଇଥିଲେ। ଚାର୍ଜଶିଟରେ ମୋଟ ୧୯ ଜଣଙ୍କୁ ଅଭିଯୁକ୍ତ ଭାବେ ଦର୍ଶାଯାଇଥିବା ଏନ୍‌ଆଇଏ ଡିଆଇଜି ସୋନିଆ ନାରଙ୍ଗ ପ୍ରକାଶ କରିଛନ୍ତି। ପୁଲ୍‌ୱାମା ବିସ୍ଫୋରଣ ପରେ ସୁରକ୍ଷାକର୍ମୀଙ୍କ ଦ୍ୱାରା ନିହତ ହୋଇଥିବା ଜୈଶ୍ କମାଣ୍ଡର ଉମର ଫାରୁକଙ୍କ ଫୋନରୁ ବହୁ ଗୂଢ଼ ରହସ୍ୟର ସନ୍ଧାନ ମିଳିଥିଲା। ହ୍ୱାଟ୍ସଆପ୍ ଚାଟ୍, କଲ୍ ରେକର୍ଡ, ଆର୍‌ଡିଏକ୍ସ ସହ ବିସ୍ଫୋରକର ଫଟୋ ଆଦି ଉକ୍ତ ଫୋନ୍‌ରୁ ସଂଗ୍ରହ କରାଯାଇଥିଲା।



# ଚାଇନା ସୀମାରେ ପ୍ରତିରକ୍ଷା ମିଶାଇଲ୍

**ନୂଆଦିଲ୍ଲୀ, ୨୫।୮**

ପୂର୍ବ ଲଦାଖର ପ୍ରକୃତ ନିୟନ୍ତ୍ରଣ ରେଖା ନିକଟରେ ଚାଇନା ହେଲିକପ୍ଟର ପଇଁତରା ମାରିବା ପରେ ଭାରତୀୟ ସେନା ସେଠାରେ ଯବାନମାନଙ୍କୁ ଏୟାର ଡିଫେନ୍ସ ମିଶାଇଲ୍ ସହ ମୁତୟନ କରିଛି। ସୀମାରେ ଥିବା ଗୁରୁତ୍ୱପୂର୍ଣ୍ଣ ଶିଖର ଅଞ୍ଚଳରେ ସେମାନେ ରୁଷିଆ ନିର୍ମିତ ଇଗ୍‌ଲା ସହ ପ୍ରସ୍ତୁତ ହୋଇ ରହିଛନ୍ତି। ଶତ୍ରୁପକ୍ଷ ଭାରତୀୟ ବାୟୁସୀମା ଉଲ୍ଲଂଘନ କଲେ ଏହି ମିଶାଇଲ୍‌କୁ କାନ୍ଧରେ ନେଇ ଫାୟାର କରାଯାଇପାରିବ ବୋଲି ଏକ ସୂତ୍ରରୁ ଜଣାପଡିଛି। ଏଥିସହିତ ଶତ୍ରୁ ପକ୍ଷର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ ଭାରତୀୟ ସେନା ସେଠାରେ ରାଡାର ସମେତ ଭୂପୃଷ୍ଠରୁ ଆକାଶକୁ ନିକ୍ଷେପ କରାଯାଇପାରୁଥିବା ମିସାଇଲ୍ ସିଷ୍ଟମକୁ ମୁତୟନ କରିଛି। ଗଲ୍‌ୱାନ ଉପତ୍ୟକା ଏବଂ ପାଟ୍ରୋଲିଂ ପଏଣ୍ଟ ୧୪ ଆଦି ପୂର୍ବ ଲଦାଖ ସେକ୍ଟରରେ ସୈନ୍ୟ ପ୍ରସ୍ତୁତ ହୋଇ ରହିଥିବାବେଳେ କେତେକ ସ୍ଥାନରେ ଚାଇନା ହେଲିକପ୍ଟର ଭାରତୀୟ ଅଞ୍ଚଳ ମଧ୍ୟକୁ ପ୍ରବେଶ କରୁଥିବା ଲକ୍ଷ୍ୟ କରାଯାଇଛି। ସମ୍ଭାବ୍ୟ ବାୟୁସୀମା ଉଲ୍ଲଂଘନକୁ ପଣ୍ଡ କରିବା ପାଇଁ ଭାରତୀୟ ବାୟୁସେନା ଗତ ମେ' ମାସ ପ୍ରଥମ ସପ୍ତାହରେ ସେଠାରେ ଏସ୍‌ୟୁ-୩୦ଏମ୍‌କେଆଇ ମୁତୟନ କରିଥିଲା। ଜିନ୍‌ଜିଆଙ୍ଗ ଏବଂ ତିବ୍ବତ ଅଞ୍ଚଳରେ ଥିବା ଡୋଙ୍ଗା ଜୋଙ୍ଗ୍, ଲିଝି ଏବଂ ପଙ୍ଗଟ୍ ଏୟାରବେସ୍ ଏବେ ଚାଇନା ବାୟୁସେନା ଖୁବ୍ ସକ୍ରିୟ ରହିଛି।



# ବନ୍ଦ ରହିପାରେ ସ୍କୁଲ, ସିନେମା ହଲ୍

## ସେପ୍ଟେମ୍ବର ୧ରୁ ଅନ୍‌ଲକ୍ ୪

**ନୂଆଦିଲ୍ଲୀ, ୨୫।୮**

ମହାମାରୀ କରୋନାର ପ୍ରକୋପ ଜାରି ରହିଥିବାବେଳେ ସେପ୍ଟେମ୍ବର ୧ରୁ ଅନ୍‌ଲକ୍ ୪.୦ ଆରମ୍ଭ ହେବାକୁ ଯାଉଛି। ଆର୍ଥିକ ସୁଧାର ସହ ସ୍ୱାଭାବିକ ପରିସ୍ଥିତି ପ୍ରତି ସରକାର ଯତ୍ନଶୀଳ ଥିବାବେଳେ ସେପ୍ଟେମ୍ବର ୧ରୁ ସ୍କୁଲ, କଲେଜ ଖୋଲିବାକୁ ଅନୁମତି ମିଳି ନ ପାରେ ବୋଲି କୁହାଯାଉଛି। ଅଭିଭାବକ ମହଲରୁ ଏହାକୁ ଦୃଢ଼ ବିରୋଧ ମଧ୍ୟ କରାଯାଉଛି। ତେବେ ଆଇଆଇଟି ଏବଂ ଆଇଆଇଏମ୍ ଖୋଲିବା ସପକ୍ଷରେ ସରକାର ଅଛନ୍ତି। ଏନେଇ ଆଲୋଚନା ଜାରି ରହିଛି। ସିନେମା ହଲ୍, ଅଡିଟୋରିୟମଗୁଡ଼ିକ ପୁଣି ମାସେ ବନ୍ଦ ରହିପାରେ। ସିନେମା ହଲ୍ ଖୋଲିଲେ ବି ଆର୍ଥିକ ସଂକଟ ସ୍ଥିତିରେ ଏହା ଚଲାଇବା କଷ୍ଟସାଧ ହେବ ବୋଲି ଅଧିକାରୀମାନେ କହିଛନ୍ତି। ଏହାଛଡ଼ା ସାମାଜିକ ଦୂରତ୍ୱ ଅବଲମ୍ବନ କରିବା ଯୋଗୁ ମାତ୍ର ୩୦% ଶିଟ୍ ପୂରଣ ହେବ। ତେଣୁ ସ୍ଥିତିରେ ସୁଧାର ଆସିବା ପର୍ଯ୍ୟନ୍ତ ଏହାକୁ ବନ୍ଦ ରଖାଯାଇପାରେ। ବିଭିନ୍ନ ସାମାଜିକ, ରାଜନୈତିକ, ସାଂସ୍କୃତିକ ଓ ମନୋରଞ୍ଜନମୂଳକ କାର୍ଯ୍ୟକ୍ରମ ବନ୍ଦ ରହିପାରେ। ଅତି କମ୍‌ରେ ମାସକ ଲାଗି ଜନସମାବେଶକୁ ରୋକିବା ଲାଗି ସରକାର ଏଭଳି ନିଷ୍ପତ୍ତି ନେଇପାରନ୍ତି। ଅନ୍‌ଲକ୍ ୪.୦ରେ ମେଟ୍ରୋ ସେବା ଆରମ୍ଭ କରାଯିବାର ସମ୍ଭାବନା ରହିଛି। ଗତ ମାର୍ଚ୍ଚ ୨୨ରୁ କରୋନା ଯୋଗୁ ମେଟ୍ରୋସେବା ବନ୍ଦ ରହିଛି। ଏହାକୁ ଚାଲୁକରିବା ଲାଗି ସରକାର ମେଟ୍ରୋ ରେଳ ନିଗମ, ସୁରକ୍ଷା ସଂସ୍ଥା, ନଗର ଉନ୍ନୟନ ବ୍ୟାପାର ମନ୍ତ୍ରଣାଳୟ, ସ୍ଥାନୀୟ ପ୍ରଶାସନ ସହ ଆଲୋଚନା ଜାରି ରଖିଛନ୍ତି। ତେବେ ମେଟ୍ରୋ ଟ୍ରେନରେ ଯାତ୍ରୀ ଯିବାଆସିବାକୁ ଅନୁମତି ମିଳି ନ ପାରେ ବୋଲି କୁହାଯାଉଛି। ସେହିଭଳି ମଦ ବିକ୍ରି ଲାଗି ବାର୍‌ଗୁଡ଼ିକୁ ଖୋଲିବା ଅନୁମତି ଦିଆଯାଇପାରେ। ମାର୍ଚ୍ଚ ୨୫ରୁ ଏସବୁ ବନ୍ଦ ରହିଛି। ଅନ୍‌ଲକ୍ ୪.୦ରେ କଣ୍ଟେନ୍‌ମେଣ୍ଟ ଜୋନ୍ ପୂର୍ବଭଳି କଡ଼ା ଲକ୍‌ଡାଉନ୍‌ରେ ରହିବ।

# ହଂକଂରେ ପ୍ରଥମ କରୋନା ପୁନଃ ସଂକ୍ରମଣ

**ହଂକଂ, ୨୫।୮**

ହଂକଂରେ ବିଶ୍ୱର ପ୍ରଥମ କରୋନା ପୁନଃ ସଂକ୍ରମଣ ମାମଲା ପଦାକୁ ଆସିଛି। ଚଳିତ ମାସରେ ୟୁରୋପରୁ ହଂକଂ ଫେରିଥିବା ଜଣେ ୩୩ ବର୍ଷୀୟ ବ୍ୟକ୍ତିଙ୍କର ବିମାନବନ୍ଦରରେ ଯାଞ୍ଚ ବେଳେ ସେ ଦ୍ୱିତୀୟ ଥର କରୋନା ସଂକ୍ରମିତ ହୋଇଥିବା ଜଣାପଡ଼ିଥିଲା। ସେ ଏପ୍ରିଲ ମାସରେ ଉକ୍ତ ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇ ସୁସ୍ଥ ହୋଇଥିଲେ। କିଛିମାସ ମଧ୍ୟରେ କରୋନା ପୁନଃ ସଂକ୍ରମଣ ହୋଇପାରେ, ଏହି ମାମଲାରୁ ସ୍ପଷ୍ଟ ହୋଇଛି ବୋଲି ବୈଜ୍ଞାନିକମାନେ କହିଛନ୍ତି। ତାଙ୍କଠାରେ ଦୁଇଥର ସଂକ୍ରମଣରେ ଭିନ୍ନ ଲକ୍ଷଣ ଦେଖାଯାଇଛି କି ନାହିଁ ତାହା ପ୍ରମାଣ କରିବା ପାଇଁ ହଂକଂ ବିଶ୍ୱବିଦ୍ୟାଳୟର ଗବେଷକମାନେ ଜେନୋମିକ୍ ସିକ୍ୱେନ୍ସର ଅନୁଶୀଳନ କରୁଛନ୍ତି। ତେବେ ଦ୍ୱିତୀୟ ସଂକ୍ରମଣରେ ତାଙ୍କଠାରେ କୌଣସି ନୂଆ ଲକ୍ଷଣ ଦେଖିବାକୁ ମିଳିନାହିଁ। ତେବେ ମଣିଷ ଦେହରେ କରୋନା ଭୂତାଣୁ (ସାର୍ସ-କୋଭ୍-୨) ତିଷ୍ଠି ରହୁଥିବା ଅନୁଧ୍ୟାନରୁ ଜଣାପଡ଼ିଛି ବୋଲି କୋକ୍-ୟୁଙ୍ଗ୍ ୟୁଏନ ଓ ତାଙ୍କ ସହଯୋଗୀମାନେ କହିଛନ୍ତି। ସେମାନଙ୍କ ଲେଖା କ୍ଲିନିକାଲ ଇନ୍‌ଫେକ୍ସିଅସ୍ ଡିଜିଜ୍ ପତ୍ରିକାରେ ପ୍ରକାଶ ପାଇଛି।

ଲକ୍ଷଣ ନ ଥାଇ ମଧ୍ୟ କିଛି ସପ୍ତାହ ପରେ କେତେଜଣ ରୋଗୀଙ୍କଠାରେ



ଭୂତାଣୁ ପଜିଟିଭ୍ ଥିବା ପରୀକ୍ଷାରୁ ଜଣାପଡୁଥିବାରୁ, ଭୂତାଣୁ ସେମାନଙ୍କ ଶରୀରରେ ଦୀର୍ଘଦିନ ରହୁଛି ନା ସଂକ୍ରମଣ ପୁନଃ ପ୍ରକଟ ହେଉଛି କିମ୍ବା ନୂଆ ସଂକ୍ରମଣ ହେଉଛି ତାହା ବୈଜ୍ଞାନିକମାନେ ବୁଝିପାରୁନାହାନ୍ତି। ସାଧାରଣତଃ ଆରୋଗ୍ୟ ହେବା ପରେ ପୁନଃ ସଂକ୍ରମଣ ଦେଖାଦେବା କଷ୍ଟକର ହୋଇପାରେ ବୋଲି ବ୍ରିସ୍‌ବେନ୍‌ର କ୍ୟୁଆଇଏମ୍‌ଆର୍ ବରଘଗୋଫର ମେଡିକାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟର ଟ୍ରାନ୍ସଲେଶନାଲ ଆଣ୍ଡ ହ୍ୟୁମାନ ଇମ୍ୟୁନୋଲୋଜି ବିଭାଗ ମୁଖ୍ୟ କୋରେ ସ୍ମିଥ୍ କହିଛନ୍ତି। ଗୋଟିଏ ସମସ୍ୟା ହେଲା ପୁନଃ ସଂକ୍ରମିତ ହୋଇଥିବା ବ୍ୟକ୍ତିଠାରୁ କରୋନା ଭୂତାଣୁ ଅନ୍ୟ ସୁସ୍ଥ ଲୋକଙ୍କୁ ସଂକ୍ରମିତ ହୋଇପାରେ ବୋଲି ସେ କହିଛନ୍ତି। ପୁନଃ ସଂକ୍ରମଣକୁ ଅସ୍ୱୀକାର କରାଯାଇ ନ ପାରେ ବୋଲି ଆମେରିକାର ଇନ୍‌ଫେକ୍ସିଅସ୍ ଡିଜିଜ୍ ସୋସାଇଟିର ଅଧ୍ୟକ୍ଷ ଥୋମାସ ଫିଲେ କହିଛନ୍ତି। ତେବେ ପ୍ରଶ୍ନ ହେଲା ପ୍ରଥମ ସଂକ୍ରମଣ କେତେଦିନ ପରେ ପୁନଃ ସଂକ୍ରମଣ ହେଉଛି। ପୁନଃ ସଂକ୍ରମଣ ପ୍ରତିରୋଧ ବିଭିନ୍ନ ଲୋକଙ୍କଠାରେ ଭିନ୍ନ। ଏହା ସେମାନଙ୍କ ରୋଗ ପ୍ରତିରୋଧକ ବ୍ୟବସ୍ଥା ଉପରେ ନିର୍ଭର କରେ ବୋଲି ଫିଲେ ଏକ ସାକ୍ଷାତ୍କାରରେ କହିଛନ୍ତି।

# ବିଶ୍ୱ ପର୍ଯ୍ୟଟନ ୩୨୦ ବିଲିୟନ ଡଲାର ହରାଇଛି

**ଜାତିସଂଘ, ୨୫।୮**

କରୋନା ମହାମାରୀ ବିଶ୍ୱ ପର୍ଯ୍ୟଟନ ଶିଳ୍ପରେ ବିପର୍ଯ୍ୟୟ ଆଣିଛି। ଚଳିତ ବର୍ଷର ପ୍ରଥମ ୫ ମାସରେ ଏହି ଶିଳ୍ପ ୩୨୦ ବିଲିୟନ ଡଲାର ରପ୍ତାନି ହରାଇଥିବାବେଳେ ୧୨ କୋଟିରୁ ଅଧିକ ନିଯୁକ୍ତି ପ୍ରତି ବିପଦ ସୃଷ୍ଟି ହୋଇଥିବା ଜାତିସଂଘ ମୁଖ୍ୟ କହିଛନ୍ତି। ଇନ୍ଧନ ଓ କେମିକାଲକୁ ବାଦ୍ ଦେଲେ ପର୍ଯ୍ୟଟନ ବିଶ୍ୱ ଅର୍ଥନୀତିରେ ତୃତୀୟ ସର୍ବାଧିକ ରପ୍ତାନି କ୍ଷେତ୍ର। ୨୦୧୯ରେ ଏହା ବିଶ୍ୱ ବାଣିଜ୍ୟର ୭ ପ୍ରତିଶତ ଥିଲା ବୋଲି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି।

ବିଶ୍ୱରେ ପ୍ରତି ୧୦ ଜଣରେ ଜଣେ ପର୍ଯ୍ୟଟନ କ୍ଷେତ୍ରରେ ନିଯୁକ୍ତ ହୋଇଥାନ୍ତି ଓ ଏହା କୋଟି କୋଟି ଲୋକଙ୍କ ଗୁଜୁରାଣ ମେଣ୍ଟାଇଥାଏ। ଏହା କେବଳ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହୋଇ



## କରୋନା ପ୍ରଭାବ

ନ ଥାଏ, ବିଶ୍ୱ ସଂସ୍କୃତି ଓ ପ୍ରାକୃତିକ ବୈଭବ ସମ୍ପର୍କରେ ଜନସାଧାରଣ ଜାଣିବାକୁ ପାଇଥାନ୍ତି। ଫଳରେ ବିଭିନ୍ନ ଦେଶର ଲୋକଙ୍କ ମଧ୍ୟରେ ସମ୍ପର୍କ ବୃଦ୍ଧି ହୋଇଥାଏ। ତେବେ କରୋନା ମହାମାରୀ ଯୋଗୁ ୨୦୨୦ର ପ୍ରଥମ ୫ ମାସରେ ଅନ୍ତର୍ଜାତୀୟ ପର୍ଯ୍ୟଟନ ଅଧାରୁ ଅଧିକ ହ୍ରାସ ପାଇବା ସହ ଏହି ସେକ୍ଟରରୁ ଆୟ ଗୁରୁତର ପ୍ରଭାବିତ ହୋଇଛି। ବିକଶିତ ଦେଶଗୁଡ଼ିକ ପ୍ରତି ଏହା ବଡ଼ ଝଟ୍‌କା ହୋଇଥିବାବେଳେ ବିକାଶଶୀଳ ରାଷ୍ଟ୍ର ବିଶେଷକରି କ୍ଷୁଦ୍ର ଦ୍ୱୀପ ରାଷ୍ଟ୍ର ଓ ଆଫ୍ରିକୀୟ ରାଷ୍ଟ୍ରଗୁଡ଼ିକ ପାଇଁ ଜରୁରୀ ସ୍ଥିତି ସୃଷ୍ଟି କରିଥିବା ଗୁଟେରେସ୍ କହିଛନ୍ତି। କାରଣ ଏହିସବୁ ଦେଶର ଜିଡିପିର ୨୦ ପ୍ରତିଶତରୁ ଅଧିକ ପର୍ଯ୍ୟଟନରୁ ଆସିଥାଏ।

୨୦୦୯ରେ ବିଶ୍ୱ ଆର୍ଥିକ ସଙ୍କଟ ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିବାବେଳେ ପର୍ଯ୍ୟଟନ ଶିଳ୍ପକୁ ଯେତିକି କ୍ଷତି ହୋଇଥିଲା, ମହାମାରୀ ଯୋଗୁ ଚଳିତ ବର୍ଷର ପ୍ରଥମ ୫ ମାସରେ ପର୍ଯ୍ୟଟନ ରପ୍ତାନି ସେକ୍ଟରରେ ତା'ର ୩ ଗୁଣ କ୍ଷତି ହୋଇଛି ବୋଲି ଜାତିସଂଘର ବିଶ୍ୱ ପର୍ଯ୍ୟଟନ ସଂଗଠନର ମାର୍କେଟ ଇଣ୍ଟେଲିଜେନ୍ସ ଆଣ୍ଡ କମ୍ପିଟେଟିଭ୍‌ନେସ୍ ମୁଖ୍ୟ ସାଣ୍ଡ୍ରା କାର୍‌ଭାଓ କହିଛନ୍ତି। ଆକଳନ ଅନୁଯାୟୀ ଚଳିତ ବର୍ଷ ରପ୍ତାନି ସେକ୍ଟରରୁ ରପ୍ତାନି ୯୧୦ ବିଲିୟନରୁ ୧.୨ ଟ୍ରିଲିୟନ ଡଲାର ହ୍ରାସ ପାଇପାରେ। ଫଳରେ ବିଶ୍ୱ ଜିଡିପି ୧.୫ ପ୍ରତିଶତ ହ୍ରାସ ପାଇ ୨.୮ ପ୍ରତିଶତକୁ ଖସିଆସିବ। ପର୍ଯ୍ୟଟନ ସହ ଜଡ଼ିତ ଖାଦ୍ୟ ସେବା ଓ ଅନ୍ୟାନ୍ୟ ସେକ୍ଟର ସହ ସମ୍ପୃକ୍ତ ଥିବା ବିଶ୍ୱବ୍ୟାପୀ ୧୪.୪ କୋଟି ନିଯୁକ୍ତି ପ୍ରତି ବିପଦ ସୃଷ୍ଟି ହୋଇଛି।



## କରୋନା ସଂକ୍ରମଣ ସ୍ଥିତି

ମଙ୍ଗଳବାର ରାତି ୯ଟା ସୁଦ୍ଧା

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨,୩୮,୯୮,୯୨୭ | ୮,୧୯,୦୮୩ | ୧,୬୪,୩୯,୭୦୧ |
| ଭାରତ | ୩୨,୧୧,୮୪୮ | ୫୯,୩୦୫ | ୨୪,୪୫,୯୭୫ |
| ଓଡ଼ିଶା | ୮୪,୨୩୧ | ୪୨୮(+୫୩) | ୫୯,୪୭୦ |

(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ପ୍ରବଳ ବର୍ଷା, ଜନଜୀବନ ଅସ୍ତବ୍ୟସ୍ତ

ଭୁବନେଶ୍ୱର,୨୫।୮ (ବ୍ୟୁରୋ)

**ଆଜି ଆଭ୍ୟନ୍ତରୀଣ, ପଶ୍ଚିମ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା**

ଉତ୍ତର ପଶ୍ଚିମ ବଙ୍ଗୋପସାଗର ଓ ଏହାର ଆଖାପଖ ଅଞ୍ଚଳରେ ସୃଷ୍ଟି ହୋଇଥିବା ଲଘୁଚାପ ମଙ୍ଗଳବାର ଆହୁରି ଘନୀଭୂତ ହୋଇଛି। ଲଘୁଚାପ ଯୋଗୁ ସୋମବାର ରାତିରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି। ତୁହାକୁ ତୁହା ଲଗାଣ ବର୍ଷା ଯୋଗୁ ଜୀବନଯାତ୍ରା ବାଧାପ୍ରାପ୍ତ ହୋଇଛି।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସମ୍ବଲପୁର, ସୁବର୍ଣ୍ଣପୁର, ଝାରସୁଗୁଡ଼ା, ବରଗଡ଼, ବୌଦ୍ଧ, ବଲାଙ୍ଗୀର,କଳାହାଣ୍ଡି, ସୁନ୍ଦରଗଡ଼ ଏବଂ ଦେବଗଡ଼ ଜିଲାର କେତେକ ସ୍ଥାନରେ ଅତି ପ୍ରବଳ ବର୍ଷା ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ରେଡ୍ ୱାର୍ନିଂ ଜାରି କରାଯାଇଛି। ସେହିପରି ଏହି ସମୟ ମଧ୍ୟରେ ଅନୁଗୋଳ, ନୂଆପଡ଼ା, ନବରଙ୍ଗପୁର, ଢେଙ୍କାନାଳ, ମୟୂରଭଞ୍ଜ ଏବଂ କନ୍ଧମାଳ ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏ ନେଇ ପାଣିପାଗ ବିଭାଗ ଅରେଞ୍ଜ ୱାର୍ନିଂ ଜାରି କରିଛି। ୨୭ ତାରିଖରେ ମଧ୍ୟ ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼ ଏବଂ ସମ୍ବଲପୁର ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି। ଲଘୁଚାପ ଯୋଗୁ ଉପକୂଳରେ ଘଣ୍ଟାକୁ ୪୫ରୁ ୫୫ କି.ମି. ବେଗରେ ପବନ ବହିବା ସମ୍ଭାବନା ଥିବାରୁ ଆସନ୍ତା ୨୭ ତାରିଖ ଯାଏ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି। ଉପରମୁଣ୍ଡରେ ଅଧିକ ବର୍ଷା ହେଉ ନ ଥିବାରୁ ବର୍ତ୍ତମାନ ରାଜ୍ୟରେ ବନ୍ୟା ପରିସ୍ଥିତି ନାହିଁ ବୋଲି ଜଳ ସମ୍ପଦ ବିଭାଗ ପକ୍ଷରୁ କୁହାଯାଇଛି।

ପାଣିପାଗ ବିଭାଗ ସୂଚନା ଅନୁଯାୟୀ, କଟକ, ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ଯାଜପୁର, ମୟୂରଭଞ୍ଜ ଆଦି ଜିଲାରେ ପ୍ରବଳ ବର୍ଷା ଲାଗିରହିଛି। ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟା ମଧ୍ୟରେ ଯାଜପୁରରେ ୬ ସେଣ୍ଟିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଭଦ୍ରକ ୫, ରାୟଗଡ଼ା ୪, ଚାନ୍ଦବାଲି ୪, ଯାଜପୁର ୩, କେନ୍ଦ୍ରାପଡ଼ା ୩, ଭଦ୍ରକ, ପାରଳାଖେମୁଣ୍ଡି, ଗୁଣପୁର, କାଶୀନଗର, ଟେନ୍‌ସାରେ ୨ ସେଣ୍ଟିମିଟର ଲେଖାଏ ବର୍ଷା ରେକର୍ଡ କରାଯାଇଛି।

# ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଯୁକ୍ତ୨ କଳା ପରୀକ୍ଷାଫଳ

ଭୁବନେଶ୍ୱର, ୨୫।୮ (ବ୍ୟୁରୋ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ କଳା ପରୀକ୍ଷା ଫଳ ସେପ୍ଟେମ୍ବର ପ୍ରଥମ ସପ୍ତାହରେ ପ୍ରକାଶ ପାଇବ। ଏଥିସହ ଧନ୍ଦାମୂଳକ ଶିକ୍ଷା ପରୀକ୍ଷାଫଳ ମଧ୍ୟ ପ୍ରକାଶ ପାଇବ ବୋଲି ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ପୂର୍ବରୁ ଅଗଷ୍ଟ ଶେଷ ସୁଦ୍ଧା ପରୀକ୍ଷାଫଳ ବାହାରିବ ବୋଲି ମନ୍ତ୍ରୀ କହିଥିଲେ। କିନ୍ତୁ ସିଏଚ୍‌ଏସ୍‌ଇର ଦୁଇଜଣ କର୍ମଚାରୀ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ପରୀକ୍ଷାଫଳ ପ୍ରକାଶ ପାଇବାରେ ବିଳମ୍ବ ହୋଇଥିବା ସୂଚନା ମିଳିଛି। ଚଳିତ ବର୍ଷ ରାଜ୍ୟରେ ମୋଟ ୩ଲକ୍ଷ ୫୦ହଜାର ଛାତ୍ରୀଛାତ୍ର ଯୁକ୍ତ୨ ପରୀକ୍ଷା ଦେଇଥିଲେ। ପୂର୍ବରୁ ଯୁକ୍ତ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳ ପ୍ରକାଶ ପାଇସାରିଛି। ବିଜ୍ଞାନରେ ପାସ୍ ହାର ୭୦.୨୧% ଏବଂ ବାଣିଜ୍ୟରେ ପାସ୍ ହାର ୭୪.୯୫% ହୋଇଥିଲା। ଉଲ୍ଲେଖ ଥାଉ କି, ଏଥର କରୋନା ମହାମାରୀ ଯୋଗୁ ସମସ୍ତ ପରୀକ୍ଷାଫଳ ବିଳମ୍ବରେ ପ୍ରକାଶ ପାଇଛି।

# ଘରୋଇ ଲାବ୍‌ରେ ୧୨ ଶହରେ କୋଭିଡ୍ ପରୀକ୍ଷା

ଭୁବନେଶ୍ୱର,୨୫।୮ (ବ୍ୟୁରୋ)

ଘରୋଇ ଲାବ୍‌ରେ କୋଭିଡ୍-୧୯ ପରୀକ୍ଷା ଶସ୍ତା ହେବ। ଏଣିକି ୧୨ଶହ ଟଙ୍କାରେ ଆର୍‌ଟି-ପିସିଆର ଟେଷ୍ଟ କରାଯିବ। ପୂର୍ବରୁ ଏହା ୨୨୦୦ ଟଙ୍କା ଥିଲା। ଏ ନେଇ ମଙ୍ଗଳବାର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ସୂଚନା ଦେଇଛନ୍ତି। ପୂର୍ବରୁ ଘରୋଇ ଲାବ୍‌ରେ ପରୀକ୍ଷା ଲାଗି ରାଜ୍ୟ ସରକାର ମୂଲ୍ୟ ଧାର୍ଯ୍ୟ କରିଥିଲେ। ଜିଏସ୍‌ଟିକୁ ମିଶାଇ ଆର୍‌ଟି-ପିସିଆର ଟେଷ୍ଟ ପାଇଁ ସର୍ବାଧିକ ୨୨୦୦ ଟଙ୍କା ଦେବାକୁ ପଡୁଥିଲା। ଏଥିପାଇଁ ଆପୋଲୋ ହସ୍ପିଟାଲ, ସମ୍ ହସ୍ପିଟାଲ, ଆଇଏନ୍‌ଡିଏନ୍‌ଏ ଲାଇଫ ସାଇନ୍ସ ଲି, ଜେନ୍‌ଏକ୍ସ ଡାଇଗ୍ନୋଷ୍ଟିକ୍ସକୁ ଅନୁମତି ମିଳିଛି। ଆର୍‌ଏମ୍‌ଆର୍‌ସିର ଗାଇଡ୍‌ଲାଇନ ଅନୁଯାୟୀ ପରୀକ୍ଷା ହେବ ବୋଲି ନିର୍ଦ୍ଦେଶ ରହିଛି।

# 'ଡିଜିନ୍' ମାଗାଜିନ୍‌ରେ ଓଡ଼ିଶା କୃଷିଭବନ

ଭୁବନେଶ୍ୱର, ୨୫।୮ (ବ୍ୟୁରୋ)

- ଦେଶର ପ୍ରଥମ ସରକାରୀ ବିଲ୍ଡିଂ ଭାବେ ସ୍ଥାନ ପାଇଲା
- ସମ୍ବଲପୁରୀ କଳା ସ୍ଥାପତ୍ୟକୁ ପ୍ରଶଂସା

ଅନ୍ତର୍ଜାତୀୟ ସ୍ତରରେ ଅନେକ ପ୍ରଶଂସା ସାଉଣ୍ଟିଥିବା ଓଡ଼ିଶାର କଳା ଏବେ ଆଉ ଏକ ମାଇଲଖୁଣ୍ଟ ଛୁଇଁଛି। ବିଶ୍ୱସ୍ତରୀୟ ସ୍ଥାପତ୍ୟ କଳା ମାଗାଜିନ 'ଡିଜିନ୍'ରେ ଓଡ଼ିଶା କୃଷି ଭବନର ସ୍ଥାପତ୍ୟ କଳା ସ୍ଥାନ ପାଇଛି। ଏହି ପତ୍ରିକାରେ କୌଣସି ଭାରତୀୟ ସରକାରୀ ବିଲ୍ଡିଂ ସ୍ଥାନ ପାଇବା ଏହା ପ୍ରଥମ। ଆମ ଦେଶରେ ଥିବା ସମସ୍ତ ସରକାରୀ ବିଲ୍ଡିଂ ମଧ୍ୟରୁ ଓଡ଼ିଶା କୃଷିଭବନ ଅନ୍ୟତମ। ସମ୍ବଲପୁର ଇକତ ଡିଜାଇନ ଓ ଶାଢ଼ି ଭଳି ଏହି ବିଲ୍ଡିଂ ଡିଜାଇନ କରାଯାଇଛି। ବିଭିନ୍ନ ସ୍ଥାପତ୍ୟକୁ ନେଇ ଲଣ୍ଡନରେ ପ୍ରକାଶିତ 'ଡିଜିନ୍' ମାଗାଜିନ୍‌ରେ ଓଡ଼ିଶାର କୃଷିଭବନ ସ୍ଥାନିତ ହୋଇଛି। ଏଥିସହ ଓଡ଼ିଶା ଯେଉଁଭଳି ଲଗାତର ଭାବେ କୃଷିକର୍ମଣ ପୁରସ୍କାର ପାଇଆସୁଛି, ସେ ସମ୍ପର୍କରେ ମଧ୍ୟ ମାଗାଜିନ୍‌ରେ ଉଲ୍ଲେଖ ରହିଛି। କୃଷି ଓ କୃଷକ ସଶକ୍ତୀକରଣ ଚିନ୍ତାଧାରାରେ ପ୍ରସ୍ତୁତ ଏହା ଆଧୁନିକ ଓ ପାରମ୍ପରିକ ସ୍ଥାପତ୍ୟ କଳାର ଏକ ଅପୂର୍ବ କୃତି ବୋଲି ପତ୍ରିକା ପକ୍ଷରୁ କୁହାଯାଇଛି।

ପ୍ରାୟ ୧.୩ ଲକ୍ଷ ବର୍ଗଫୁଟ ପରିମିତ ସ୍ଥାନରେ ନିର୍ମିତ ଓଡ଼ିଶା କୃଷିଭବନର ଡିଜାଇନ ଦିଲ୍ଲୀର ଷ୍ଟୁଡିଓ ଲୋଟସ୍ ପକ୍ଷରୁ କରାଯାଇଛି। ଏହାର ଡିଜାଇନରେ ଓଡ଼ିଶାର କଳା ପ୍ରଦର୍ଶନ ହୋଇଛି। ୨୦୧୩ରେ ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା ଏବଂ ୨୦୧୮ ସେପ୍ଟେମ୍ବର ୨୦ରେ ଏହାକୁ ବ୍ୟବହାର ନିମନ୍ତେ ଖୋଲି ଦିଆଯାଇଥିଲା। ଏହାର ନିର୍ମାଣରେ ୭୦ କୋଟି ଟଙ୍କା ବ୍ୟୟ ହୋଇଥିଲା। ଓଡ଼ିଶାର କୃଷି ବିଭାଗ ପାଇଥିବା କୃଷି କର୍ମଣ ପୁରସ୍କାର ରାଶି ଉପଯୋଗ କରି ଏହାକୁ ନିର୍ମାଣ କରାଯାଇଥିଲା।

ସୂଚନାଯୋଗ୍ୟ, କୃଷିଭବନ ପୂର୍ବରୁ ମଧ୍ୟ ବିଶ୍ୱର ପ୍ରମୁଖ ପତ୍ରିକାରେ ସ୍ଥାନ ପାଇଛି। ଗତବର୍ଷ ଏହା ଫୋବର୍ସ, ଆର୍କଡେଲି, ଆର୍କିଟେକ୍ଚରାଲ ରେକର୍ଡ ସମେତ ଆମ୍‌ଷ୍ଟରଡାମ୍‌ରେ ଅନୁଷ୍ଠିତ ବିଶ୍ୱ ଆର୍କିଟେକ୍ଟର ଫେଷ୍ଟିଭାଲରେ ମଧ୍ୟ ସ୍ଥାନ ପାଇଥିଲା।



କୃଷିଭବନ



**ଆଜିର ମନ୍ତବ୍ୟ**

"କରୋନାରେ ଖବରଦାତାଙ୍କ ମୃତ୍ୟୁ ହେଲେ ତାଙ୍କ ପରିବାରକୁ ପଞ୍ଜାବ ସରକାର ୧୦ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରିବେ।

– ଅମରିନ୍ଦର ସିଂ, ପଞ୍ଜାବ ମୁଖ୍ୟମନ୍ତ୍ରୀ




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ............................



ଆଶୁତୋଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ପ୍ରଥମ ପୃଷ୍ଠାରୁ...

## କୋଭିଡ୍ ବେଳେ ପରୀକ୍ଷା...

ଜଳବାୟୁ ପରିବର୍ତ୍ତନ କର୍ମୀ ଗ୍ରେଟା ଥନବର୍ଗ। ମହାମାରୀ କରୋନା ଓ ବନ୍ୟା ସମୟରେ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ପାଇଁ ବାଧ କରାଯିବା ଅନୁଚିତ ବୋଲି ଗ୍ରେଟା ଟୁଇଟ୍ କରି ଭାରତରେ ଚର୍ଚ୍ଚାକୁ ଆସିଛନ୍ତି। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଏନ୍ଇଇଟି, ଜେଇଇ ସମେତ ଆଉ କେତେକ ପରୀକ୍ଷା ସ୍ଥଗିତ ରଖାଯାଉ ବୋଲି ସାରା ଦେଶରେ ଦାବି ଜୋର୍ ଧରିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ସ୍ୱଳ୍ପବୟସ୍କା ପରିବେଶବିତ୍ ଗ୍ରେଟା ଭାରତୀୟ ଛାତ୍ରୀଛାତ୍ରଙ୍କୁ କୋଭିଡ୍-୧୯ ମହାମାରୀ ବେଳେ ପରୀକ୍ଷା ଦେବା ପାଇଁ ବାଧ କରାଯାଉଥିବା କହି ଏହି ବିବାଦରେ ନିଜକୁ ସାମିଲ କରିଛନ୍ତି। ନିଜ ଟୁଇଟ୍‌ରେ ସେ ଲେଖିଛନ୍ତି, ଭାରତରେ କୋଭିଡ୍-୧୯ ମହାମାରୀ ଲାଗିରହିଥିବାବେଳେ ପ୍ରଳୟଙ୍କରୀ ବନ୍ୟାରେ ଲକ୍ଷ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ଏଭଳି ସମୟରେ ଛାତ୍ରୀଛାତ୍ରମାନଙ୍କୁ ଜାତୀୟସ୍ତରର ପରୀକ୍ଷା ଦେବା ପାଇଁ ବାଧ କରାଯିବା ଅତ୍ୟନ୍ତ ନିନ୍ଦନୀୟ। ମୁଁ ସେମାନଙ୍କ ଅଭିଯାନ #PostponeJEE_NEETinCOVIDକୁ ସମର୍ଥନ କରୁଛି ବୋଲି ଛାତ୍ରୀ ଗ୍ରେଟା ଟୁଇଟ୍ କରିଛନ୍ତି।

ଗ୍ରେଟାଙ୍କ ମନ୍ତବ୍ୟ ଏପରି ସମୟରେ ଆସିଛି ଯେତେବେଳେ କି ଶିକ୍ଷା ମନ୍ତ୍ରଣାଳୟ ଉପରୋକ୍ତ ଦୁଇଟି ପରୀକ୍ଷା ପାଇଁ ତାରିଖ ଚୂଡ଼ାନ୍ତ କରିବାକୁ ଯାଉଛି। ଜେଇଇ ମେନ୍ ପରୀକ୍ଷା ଗତ ଏପ୍ରିଲରେ ହେବାକୁ ଥିବାବେଳେ ଏହାକୁ ଆସନ୍ତା ସେପ୍ଟେମ୍ବର ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ସେହିପରି ଏନ୍ଇଇଟି ପରୀକ୍ଷା ମଧ୍ୟ କରୋନା ଭାଇରସ୍ ଯୋଗୁ ଦୁଇଥର ବିଳମ୍ବିତ ହୋଇସାରିଲାଣି। ଶିକ୍ଷା ମନ୍ତ୍ରଣାଳୟର ଏହି ନିଷ୍ପତ୍ତି ଛାତ୍ରୀଛାତ୍ର ଓ ଅଭିଭାବକ ସଂଘକୁ ଆଶ୍ୱସ୍ତି ଦେଇଥିଲା। ଏହି ଦୁଇ ପରୀକ୍ଷାକୁ ଆହୁରି ଘୁଞ୍ଚାଯାଉ ବୋଲି ସାରା ଦେଶର ଛାତ୍ରୀଛାତ୍ର ଦାବି କରିଛନ୍ତି। ଗତ ୨୩ ତାରିଖରେ ୪,୦୦୦ରୁ ଅଧିକ ଛାତ୍ରୀଛାତ୍ର ଏନେଇ ଅନଶନ କରିଥିଲେ। ଇତିମଧ୍ୟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ବିକ୍ଷୋଭରତ ଛାତ୍ରୀଛାତ୍ରଙ୍କ ସମର୍ଥନରେ ଆସି ସରକାର ସେମାନଙ୍କ 'ମନ୍ କୀ ବାତ୍' ଶୁଣିବା ଜରୁରୀ ବୋଲି କହିଥିଲେ। ଏହାସହ ଏନ୍ଇଇଟି ଏବଂ ଜେଇଇ ପରୀକ୍ଷା ସ୍ଥଗିତ ରଖିବା ସହିତ ଏକ ଗ୍ରହଣଯୋଗ୍ୟ ସମାଧାନର ବାଟ ବାହାର କରାଯାଉ ବୋଲି ଦାବି କରିଥିଲେ। ଏବେ ପରିବେଶ କର୍ମୀ ତଥା ଛାତ୍ରୀ ଗ୍ରେଟା ବିକ୍ଷୋଭରତ ଛାତ୍ରୀଛାତ୍ରଙ୍କ ସପକ୍ଷରେ ଆସିବା ପରେ ସୋସିଆଲ ମିଡିଆରେ ତାଙ୍କୁ ବହୁ ପ୍ରଶଂସା କରାଯାଉଛି।

## ଏନ୍ଇଇଟି, ଜେଇଇ...

ଚଳିତବର୍ଷ ଓଡ଼ିଶାରୁ ୫୦ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏନ୍ଇଇଟି ଏବଂ ୪୦ ହଜାରରୁ ଊର୍ଦ୍ଧ୍ୱ ଜେଇଇ(ମେନ୍) ଦେବେ। ଏନ୍‌ଟିଏ ରାଜ୍ୟର ୭ ସହରରେ ଉକ୍ତ ପରୀକ୍ଷା କରିବାକୁ ନିଷ୍ପତ୍ତି ନେଇଛନ୍ତି। କରୋନା ମହାମାରୀ ସମୟରେ ଛାତ୍ରୀଛାତ୍ରମାନେ ପରୀକ୍ଷା କେନ୍ଦ୍ରକୁ ଯିବା କୌଣସି ଦୃଷ୍ଟିରୁ ସୁରକ୍ଷିତ ନୁହେଁ। ଏହାଛଡ଼ା ଜିଲା ପ୍ରଶାସନ କୋଭିଡ୍-୧୯ ସଂକ୍ରମଣ ବୃଦ୍ଧିକୁ ଦେଖି ଲକ୍‌ଡାଉନ୍/ଶଟ୍‌ଡାଉନ୍ ଘୋଷଣା କରୁଛନ୍ତି। ଏହାଦ୍ୱାରା ସ୍ଥାନୀୟ ଯାତ୍ରୀ ପରିବହନ ସେବା ମଧ୍ୟ ଗୁରୁତର ଭାବେ ବାଧାପ୍ରାପ୍ତ ହେଉଛି। ସେହିପରି ଓଡ଼ିଶାରେ ଅଧିକାଂଶ ଆଦିବାସୀ ଅଞ୍ଚଳ ଭୌଗୋଳିକ ଦୃଷ୍ଟିରୁ ଦୁର୍ଗମ। ପରୀକ୍ଷା କେନ୍ଦ୍ରଠାରୁ ଏହା ଅନେକ ଦୂର। ଏହି ସବୁ ଅଞ୍ଚଳର ଛାତ୍ରୀଛାତ୍ରମାନେ ବହୁଦୂରରୁ ଆସୁଥିବାରୁ ପରୀକ୍ଷା ଦେବାରୁ ବଞ୍ଚିତ ହେବା ଆଶଙ୍କା ରହିଛି। ଏସବୁ କାରଣ ପାଇଁ ଏନ୍ଇଇଟି ଏବଂ ଜେଇଇ(ମେନ୍) ସ୍ଥଗିତ ରଖାଯାଉ। ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ନିଶ୍ଚିତ କରିବା ପରେ ପରବର୍ତ୍ତୀ ସମୟରେ ଏନ୍ଇଇଟି ଏବଂ ଜେଇଇ(ମେନ୍) କରାଯିବାକୁ ମୁଖ୍ୟମନ୍ତ୍ରୀ ଶିକ୍ଷାମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଏଥିସହିତ ଏନ୍‌ଟିଏ ଯେବେ ଏହି ପରୀକ୍ଷା କରିବାକୁ ନିଷ୍ପତ୍ତି ନେବ ସେତେବେଳେ ରାଜ୍ୟର ସମସ୍ତ ୩୦ ଜିଲାରେ ପରୀକ୍ଷା କେନ୍ଦ୍ର ଖୋଲିବା ଆବଶ୍ୟକ। ଏହାଦ୍ୱାରା ପିଲାମାନେ ପରୀକ୍ଷା କେନ୍ଦ୍ରକୁ ୨ରୁ ୩ ଘଣ୍ଟା ମଧ୍ୟରେ ପହଞ୍ଚି ପାରିବେ ଓ ସେହିଦିନ ନିଜ ଘରକୁ ଫେରି ପାରିବେ। ଏହାଦ୍ୱାରା ଅଧିକ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଗ୍ରାମାଞ୍ଚଳ ଗରିବଙ୍କ...

ଗୋଷ୍ଠୀ(ଏସ୍ଏଚ୍‌ଜି)ର ସଭ୍ୟା କିମ୍ବା ସେମାନଙ୍କ ପରିବାରର ସଦସ୍ୟ କୃଷି ଓ ଅଣକୃଷି ଉଦ୍ୟୋଗର ବିକାଶ ପାଇଁ ଏହି ଋଣ ନେଇପାରିବେ। ସେହିପରି ଦ୍ୱିତୀୟ ପ୍ୟାକେଜ୍‌ରେ କୃଷି ଓ ଅଣକୃଷି କ୍ଷେତ୍ରରେ ନିୟୋଜିତ ଥିବା ବ୍ୟକ୍ତିଙ୍କୁ ନେଇ ଗଠିତ ଉଦ୍ୟୋଗ ଗୋଷ୍ଠୀ ଏବଂ ଉତ୍ପାଦକ ଗୋଷ୍ଠୀଙ୍କୁ ଏକକାଳୀନ ୧ ଲକ୍ଷ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରାଯିବ। ୬ ମାସରୁ ଊର୍ଦ୍ଧ୍ୱ ଉଦ୍ୟୋଗ ଗୋଷ୍ଠୀ ଏବଂ ୧ ବର୍ଷରୁ ଊର୍ଦ୍ଧ୍ୱ ଉତ୍ପାଦକ ଗୋଷ୍ଠୀ ଏହି ଋଣ ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ। ତୃତୀୟ ପ୍ୟାକେଜ୍‌ରେ ଅତି ଗରିବ କିମ୍ବା ଅସହାୟ ପରିବାର ଯଥା ଦିବ୍ୟାଙ୍ଗ, ଆଦିମ ଜନଜାତି, ବିଧବା, ତୃତୀୟ ଲିଙ୍ଗ, ନିରାଶ୍ରୟ ଏବଂ ମହିଳା ମୁଖ୍ୟ ଥିବା ପରିବାର ଦ୍ୱାରା ପରିଚାଳିତ ଉଦ୍ୟୋଗ ତଥା ଜୀବିକାର ଉନ୍ନତି ପାଇଁ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରାଯିବ। ସେହିପରି ଚତୁର୍ଥ ପ୍ୟାକେଜ୍‌ରେ କୋଭିଡ୍ ମହାମାରୀ ସମୟରେ ରାଜ୍ୟକୁ ଫେରିଥିବା କୁଶଳୀ ଓ ଅର୍ଦ୍ଧକୁଶଳୀ ପ୍ରବାସୀଙ୍କ ଦ୍ୱାରା ଉଭୟ ପୁରୁଣା ଉଦ୍ୟୋଗର ବିକାଶ ତଥା ନୂତନ ଉଦ୍ୟୋଗର ଆରମ୍ଭ ନିମନ୍ତେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରାଯିବ।

ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ତତ୍ତ୍ୱାବଧାନରେ ଗୋଷ୍ଠୀଭିତ୍ତିକ ସଂସ୍ଥା ଯଥା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଆଞ୍ଚଳିକ ମଞ୍ଚ, ଗ୍ରାମପଞ୍ଚାୟତସ୍ତରୀୟ ସଂଘ, ଉଦ୍ୟୋଗ ତଥା ଉତ୍ପାଦକ ଗୋଷ୍ଠୀ ଏହି ପ୍ୟାକେଜ୍‌କୁ କାର୍ଯ୍ୟକାରୀ କରିବା ପାଇଁ ସହାୟତା ପ୍ରଦାନ କରିବେ। ଏହି ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା ୬ ମାସ ଯାଏ ବଳବତ୍ତର ରହିବ। ଏଥିପାଇଁ ଜିଲା ଖଣିଜ ପାଣ୍ଠି (ଡିଏମ୍ଏଫ୍) ଏବଂ ଓଡ଼ିଶା ଖଣିଜ ଅଞ୍ଚଳ ଉନ୍ନୟନ ନିଗମ (ଓଏମ୍ଏଡିସି) ପାଣ୍ଠି ମଧ୍ୟ ବ୍ୟବହାର କରାଯାଇ ପାରିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

୭୦ ଲକ୍ଷରୁ ଊର୍ଦ୍ଧ୍ୱ ଗ୍ରାମୀଣ ପରିବାରଙ୍କୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀରେ ଅନ୍ତର୍ଭୁକ୍ତ କରି ରାଜ୍ୟ ଏକ ଶକ୍ତିଶାଳୀ ନେଟ୍‌ୱର୍କ ସୃଷ୍ଟି କରିପାରିଛି। ଏହି ନେଟ୍‌ୱର୍କ ସହାୟତାରେ ଉକ୍ତ ସ୍ୱତନ୍ତ୍ର ପ୍ୟାକେଜ୍‌ର କାର୍ଯ୍ୟକାରିତା ତଥା ପରିଚାଳନାକୁ ତ୍ୱରାନ୍ୱିତ କରାଯାଇ ପାରିବ। କୋଭିଡ୍ ଦ୍ୱାରା କ୍ଷତିଗ୍ରସ୍ତ ମହିଳା ଏସ୍ଏଚ୍‌ଜିର ସଭ୍ୟ ସେମାନଙ୍କ ପରିବାରର ଉଦ୍ୟୋଗଗୁଡ଼ିକୁ ଏହି ପ୍ୟାକେଜ ମାଧ୍ୟମରେ ପୁନଃ କାର୍ଯ୍ୟକ୍ଷମ କରିପାରିବେ। ଫଳରେ ଏସ୍ଏଚ୍‌ଜି ଦ୍ୱାରା ପରିଚାଳିତ ଉଦ୍ୟୋଗର ବିକାଶ ଘଟିବ। ଏହି ପ୍ୟାକେଜ୍ ଗରିବ ଓ ଅତିଗରିବ ପରିବାର ଏବଂ ପ୍ରବାସ ଫେରନ୍ତାଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆଣିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

## ବଢ଼ିଲା ରତ୍ନଅଳଙ୍କାର...

ସୂଚନାଥାଉ କି, ୨୦୧୮ ଏପ୍ରିଲ ୪ରେ ଭିତର ରତ୍ନଭଣ୍ଡାର ଖୋଲାଯିବାକୁ ସ୍ଥିର ହୋଇଥିଲା। ୧୬ ଜଣିଆ ସଦସ୍ୟ ସବୁ ପ୍ରକାର ପ୍ରସ୍ତୁତି ସହ ଭିତର ରତ୍ନଭଣ୍ଡାର ଖୋଲିବାକୁ ଯାଇଥିଲେ। ମାତ୍ର ଭିତର ଭଣ୍ଡାରର ଚାବି ନ ଥିବାରୁ ବାହାର ଭଣ୍ଡାରରୁ ଭିତର ଭଣ୍ଡାରର ସ୍ଥିତି ଦେଖି ଫେରିଥିଲେ ବୈଷୟିକ ଟିମ୍ ଏବଂ ଅଧିକାରୀ। ଏହାପରେ ବିବାଦ ଘେରକୁ ଚାଲିଯାଇଥିଲା ରତ୍ନଭଣ୍ଡାର। ସେହିବର୍ଷ ମେ ୨୮ରେ ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ବିବରଣୀ ପଦାକୁ ଆସିଥିଲା। ସେଥିରେ ଚାବି ହଜିଥିବା ଦର୍ଶାଯାଇଥିବା ବେଳେ ଏହାକୁ ନେଇ ଆରମ୍ଭ ହୋଇଥିଲା ହଟଚମଟ। ଭକ୍ତଙ୍କ ମଧ୍ୟରେ ଦେଖାଦେଇଥିଲା ଅସନ୍ତୋଷ। ସରକାରଙ୍କୁ ଘେରିଥିଲେ ବିରୋଧୀ। ଜୁନ୍ ୬ରେ ରାଜ୍ୟ ସରକାର ଚାବି ହଜିବା ଘଟଣାର ତଦନ୍ତ ପାଇଁ କମିଶନ ବସାଇଥିଲେ। ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ରଘୁବୀର ଦାସଙ୍କୁ କମିଶନ ଭାବେ ନିଯୁକ୍ତ କରାଯାଇଥିଲା। ଏହାପରେ କମିଶନ କଟକ ଏବଂ ପୁରୀରେ ବୈଠକ କରି ବିଭିନ୍ନ ପକ୍ଷଙ୍କଠାରୁ ତଥ୍ୟ ସଂଗ୍ରହ କରିଥିଲେ। ଏଭଳିସ୍ଥିତିରେ ସେହିବର୍ଷ ଜୁନ୍ ୧୩ରେ ଜିଲା ଟ୍ରେଜେରିରେ ଏକ ଲଫାପା ମଧ୍ୟରେ ଭିତର ରତ୍ନଭଣ୍ଡାରର ଡୁପ୍ଲିକେଟ ଚାବି ରହିଥିବା ତତ୍କାଳୀନ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଚାବି ହଜିବା ଓ ମିଳିବା ଘଟଣାକୁ ନେଇ ବିବାଦ ଜୋର୍ ଧରିଥିଲା। ୨୦୧୮ ନଭେମ୍ବର ୩୦ରେ ୩୨୪ ପୃଷ୍ଠା ସମ୍ବଳିତ ପୂର୍ଣ୍ଣାଙ୍ଗ ରିପୋର୍ଟ ଗୃହ ବିଭାଗ ଉପସଚିବଙ୍କ ନିକଟରେ କମିଶନଙ୍କ ପକ୍ଷରୁ ଦାଖଲ କରାଯାଇଛି। ମାତ୍ର ଚାବିର ଗୁମର ଏ ପର୍ଯ୍ୟନ୍ତ ଫିଟି ନ ଥିବାବେଳେ ମହାପ୍ରଭୁଙ୍କ ରତ୍ନଅଳଙ୍କାରର ସୁରକ୍ଷାକୁ ନେଇ ଭକ୍ତଙ୍କ ମନରେ ସନ୍ଦେହ ଦୂର ହୋଇପାରୁ ନାହିଁ।

## ଲଗାତର ୬ ଦିନ...

ବୃଦ୍ଧି ଏବଂ ବିଦେଶୀ ବିନିମୟକୁ ନଜରରେ ରଖି ଦର ନିର୍ଦ୍ଧାରଣ ହେଉଥିବାରୁ ତେଲର ରିଟେଲ ଦରରେ ଭିନ୍ନତ ପରିଲକ୍ଷିତ ହେଉଛି। ଏହା ସହ ରାଜ୍ୟ ଏବଂ କେନ୍ଦ୍ର ସ୍ତରରେ ଲାଗୁ ହେଉଥିବା ଉଚ୍ଚ ପରିମାଣର ଟିକସ ମଧ୍ୟ ତେଲ ଦର ବୃଦ୍ଧିର କାରଣ ପାଲଟିଛି। ରାଷ୍ଟ୍ରାୟତ୍ତ କମ୍ପାନୀ ଇଣ୍ଡିଆନ ଅଏଲ, ଭାରତ ପେଟ୍ରୋଲିୟମ ଏବଂ ହିନ୍ଦୁସ୍ଥାନ ପେଟ୍ରୋଲିୟମ ଭଳି କମ୍ପାନୀଗୁଡ଼ିକ ତେଲ ଦରରେ ପରିବର୍ତ୍ତନକୁ ପ୍ରତିଦିନ ସକାଳ ୬ଟାରେ ଲାଗୁ କରୁଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦାନ୍ତୁରୀ ରାଣୀ; ହସିଲା କାନ୍ଦିଲା ନ ହୁଏ ଜାଣି।**

ହସିଲା ବେଳେ ହେଉ ଅବା କାନ୍ଦିଲା ବେଳେ ହେଉ ଦାନ୍ତୁରୀର ଦାନ୍ତ ସବୁବେଳେ ବାହାରକୁ ବାହାରିଥାଏ। ସେ ହସୁଛି କି କାନ୍ଦୁଛି ତାହା ହଠାତ୍ ଜଣାପଡି ନ ଥାଏ ବା ସ୍ପଷ୍ଟରୂପେ ବାରି ହୋଇ ନ ଥାଏ। ପରୋକ୍ଷରେ ମୁହଁରୁ ମନର ଭାବ ଜାଣିବା କଷ୍ଟକର ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦୁଃଖ କହିବାକୁ ମା' ନାହିଁ ସୂତା କାଟିବାକୁ ଠା ନାହିଁ।**

ସନ୍ତାନ ପାଇଁ ମା' ହେଉଛି ଦ୍ୱିତୀୟ ଈଶ୍ୱର। ସ୍ନେହ, ମମତା, ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ। ପାଖରେ ମା' ଥିଲେ ସନ୍ତାନ ନିଜକୁ ସୁରକ୍ଷିତ ମନେକରିଥାଏ। ମା' ହେଉଛି ସୁଖ ଦୁଃଖର ସାଥୀ। ସୂତା କାଟିବାକୁ ସ୍ଥାନର ଅଭାବ ଭଳି ମା' ନ ଥିଲେ ସାହା ନ ମିଳିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଆଜି ଅଷ୍ଟମ ଚନ୍ଦ୍ର ଯୋଗୁ ଅର୍ଥ ପାଇଲେ ମଧ୍ୟ ମାନସିକ ଅସ୍ଥିରତା ଲାଗି ରହିବ। ବନ୍ଧୁମାନଙ୍କ ସାହାଯ୍ୟରୁ କାମ ହାସଲ କରିବେ। ସାମାଜିକ ସ୍ତରରେ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଜମିଜମା ସମ୍ବନ୍ଧୀୟ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

**ବୃଷ** – ରାଶ୍ୟାଧିପ ଶୁକ୍ରଙ୍କ ସହ କର୍ମାଧିପତିଙ୍କ ଷଡାଷ୍ଟକ ସ୍ଥିତି କାରଣରୁ କର୍ମକ୍ଷେତ୍ରରେ ବାରମ୍ବାର ପ୍ରତିବନ୍ଧକ ଜନିତ କାମ ଅଟକି ରହିବ। ଭୁଲ୍ ବୁଝାମଣା କାରଣରୁ ପରିବାରରେ ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରିବେ। କୌଣସି ବନ୍ଧୁଙ୍କଠାରୁ ଅର୍ଥ ସାହାଯ୍ୟ ନ ପାଇ ବିକଳ୍ପ ଚିନ୍ତା କରିପାରନ୍ତି।

**ମିଥୁନ** – ଧୈର୍ଯ୍ୟର ଅଭାବ ଓ ଟିକିଏ ଟିକିଏ କଥାରେ ରାଗିଯିବା କାରଣରୁ ସାଧାରଣ କଥାରୁ କଳହ ସୃଷ୍ଟି ହୋଇପାରେ। ଆଜି ବନ୍ଧୁମାନଙ୍କ ସହ ପ୍ରଭାତରୁ ସୁଖଭ୍ରମଣ ଯୋଗ ରହିଛି। ଅନ୍ୟ କୌଣସି କାମରେ ବ୍ୟସ୍ତ ରହିବା ହେତୁ ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହଯିବ। ସଙ୍ଗୀତ କ୍ଷେତ୍ରରେ ବନ୍ଧୁଙ୍କ ମତ ପାର୍ଥକ୍ୟ ଦେଖାଦେବ।

**କର୍କଟ** – ପରିବାରରେ ମିଥ୍ୟାଳାପ ହେତୁ ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କଳହ ସୃଷ୍ଟି ହୋଇପାରେ। ଆଜିର କର୍ମକ୍ଷେତ୍ରରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡା ଲାଗିପାରେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି।

**ସିଂହ** – ଆଜି କଠୋର ପରିଶ୍ରମଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ। ମାନସିକ ଅଶାନ୍ତି ଥିଲେ ମଧ୍ୟ ଅତି ପରିଚିତ ଓ ବିଶ୍ୱସ୍ତ ବନ୍ଧୁଙ୍କ ସାନ୍ତ୍ୱନା ବାଣୀ ମନରେ ଆଶ୍ୱସ୍ତି ଭରିପାରେ। କରଜ ମାଧ୍ୟମରେ ଟଙ୍କା ଯୋଗାଡ କରି ଆବଶ୍ୟକତାକୁ ପୂରଣ କରିପାରନ୍ତି। ଆଜିର ଆଲୋଚନା ସରଗରମ ରହିବ।

**କନ୍ୟା** – ଆବଶ୍ୟକତାକୁ ପୂରଣ କରିବା କ୍ଷେତ୍ରରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ସାମାନ୍ୟ ବିଳମ୍ବରେ ହେଲେ ମଧ୍ୟ ଲକ୍ଷ୍ୟହାସଲରେ ସମର୍ଥ ହୋଇପାରନ୍ତି। ବନ୍ଧୁମେଳରେ କଥାବାର୍ତ୍ତା ସମୟରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡିବେ। ଈର୍ଷାପର ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି।

**ତୁଳା** – କର୍ମକ୍ଷେତ୍ରରେ ସମସ୍ୟାର ସମାଧାନ କରିବାରେ ସଫଳତା ହାସଲ କରିବେ। ବିବାଦୀୟ ପରିସ୍ଥିତିରେ ମଧ୍ୟ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହେବେ। ଯାତ୍ରାକାଳରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ, ଅନ୍ୟଥା ଜନିଷ ଅଦଳ ବଦଳ ହୋଇଯାଇପାରେ।

**ବିଛା** – କାର୍ଯ୍ୟ ସମ୍ପାଦନ କ୍ଷେତ୍ରରେ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟ ଉପରେ ନିର୍ଭର କରିବା କାରଣରୁ ଖର୍ଚ୍ଚ ପରିମାଣ ଦି'ଗୁଣା ହୋଇପାରେ। ଛୋଟ ଛୋଟ କଥାକୁ କେନ୍ଦ୍ରକରି ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। ନିଜର କୃତିତ୍ୱରୁ ସମ୍ମାନ ଲାଭ ଓ ପଦମର୍ଯ୍ୟାଦାଯୁକ୍ତ ହେବେ।

**ଧନୁ** – ଆଜି ସାମାଜିକ ସ୍ତରରେ ସମ୍ମାନନୀୟ ବ୍ୟକ୍ତି ବିଶେଷଙ୍କ ସହାୟତା ଲାଭ କରିବେ। ଆପଣଙ୍କ ପ୍ରଶଂସା ଓ ପ୍ରତିଷ୍ଠାରେ ଈର୍ଷାନ୍ୱିତ ନିଜ ଲୋକମାନେ ଦାଉ ସାଧିପାରନ୍ତି। ବ୍ୟବସାୟ, ବାଣିଜ୍ୟ ଓ ସାଂସ୍କୃତିକ କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ। ଅଫିସିଆଲି ସମସ୍ୟାରେ ସ୍ତ୍ରୀଙ୍କ ପ୍ରେରଣା ଲାଭକରି ଉପକୃତ ହେବେ।

**ମକର** – ଗତକାଲିଠାରୁ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ। ପାରିବାରିକ କ୍ଷେତ୍ରରେ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। କର୍ମକ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇଁ ମନୋବଳ ବୃଦ୍ଧି ପାଇବ। ବନ୍ଧୁଙ୍କ ସହ ଯାତ୍ରା କାଳରେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବାର ସୂଚନା ରହିଛି।

**କୁମ୍ଭ** – ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବା ହେତୁ ଶତଭିଷା ନକ୍ଷତ୍ର ଏକ ପ୍ରକାର ଖୁସୀ ଅନୁଭବ କରିବେ। ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ନିଜ ମନକୁ ନ ପାଇଲେ ମଧ୍ୟ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ବ୍ୟବସାୟରେ ସମସ୍ୟାଜାଲରେ ଛନ୍ଦି ହେବାକୁ ପଡିପାରେ।

**ମୀନ** – କର୍ମକ୍ଷେତ୍ରରେ କେତେକ ଗୁରୁତ୍ୱପୂର୍ଣ୍ଣ କାମ ହାସଲ କରିବେ। ନିଜେ ରହୁଥିବା ପରିସରରେ ଅର୍ଥ ଓ ସମ୍ମାନ,ସଦିଚ୍ଛାର ଅଭାବ ରହିବ ନାହିଁ। କର୍ମଜଞ୍ଜାଳର ଦ୍ୱାହିଦେଇ ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ କରନ୍ତୁ। କୌଣସି ଘଟଣାକୁ ନେଇ ପରିବାର ମଧ୍ୟରେ ନିଜର ପ୍ରତିକ୍ରିୟା ହଠାତ୍ ପ୍ରକାଶ କରନ୍ତୁ ନାହିଁ।

ଆଜି ଭାଦ୍ରବ ଶୁକ୍ଳପକ୍ଷର ବୈଷ୍ଣବ ସମ୍ମତ ରାଧାଷ୍ଟମୀ ବୁଧବାର, ଦିବା ଘ.୧୦.୩୯ମି. ଗତେ ନବମୀ, ବୁଧିବାମନଓଷା ଚତୁର୍ଥପାଳି, ଅଗଷ୍ଟ୨୬ତାରିଖ, ରାଶିନକ୍ଷତ୍ର-ଦିବା ଘ.୦୧.୦୪ମି. ପର୍ଯ୍ୟନ୍ତ ଅନୁରାଧା/ବିଛା, କର୍କଟ ରାଶିର ଘାତବାର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫.୩୪ମି. ଗତେ ଘ.୦୭.୧୩ମି. ମଧ୍ୟେ, ଘ.୦୯.୪୪ମି.ଗତେ ଘ.୧୧.୨୩ମି. ମଧ୍ୟେ, ଘ.୦୩.୩୪ମି. ଗତେ ଘ.୦୫.୧୩ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୪୯ମି. ଗତେ ଘ.୦୯.୦୭ମି. ମଧ୍ୟେ, ରାତ୍ରି ଘ.୦୧.୪୩ମି. ଗତେ ଘ.୦୫.୩୩ମି. ମଧ୍ୟେ ଅମୃତବେଳା। ଦିବା ଘ.୦୯.୦୭ମି. ଗତେ ଘ.୧୦.୩୯ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ. ୧୧.୪୮ମି. ଗତେ ଘ.୦୧.୨୩ମି. ମଧ୍ୟେ ରାହୁକାଳ।


# classifieds Everyday

0674-2580101, 2549302





**BRIDE WANTED**

Groom: Karan, 49, handsome, 5'6", Scientist requires working/ homely bride. 9853213393, 9692933682. D-69903

For M.Tech (IIT, Bombay) internship (Steinbeis University, Germany) qualified Commander in Indian Navy. Contact: +919438183860. D-18027

**GROOM WANTED**

ଖଣ୍ଡାୟତ, ୩୩ବର୍ଷ, ଛାଡ଼ପତ୍ର ପ୍ରାପ୍ତ କନ୍ୟା ପାଇଁ ବର ଆବଶ୍ୟକ। 8455078181. D-69905

Brahmin groom wanted suitable brahmin groom of 33-34 yrs. Govt. School/ College Teacher, Engineer, Bank Officer, Govt. job-holder wanted for a brahmin M.A, B.Ed. bride of 29, fair, good looking, ht. 5ft 5 inches. Ph no: 9933601677, 8250378568. D-17981

ସରକାରୀ ଚାକିରିଆ 40ବୟସ୍କା unmarried ବଣିଆ ଝିଅଙ୍କୁ ବିବାହିତ, ଅବିବାହିତ ଯେକୌଣସି ଜାତିର ପୁଅ ଦରକାର। 9658674636. D-67951

27ବୟସ୍କା ଧନୀଘର କରଣ ଝିଅଙ୍କ second marriage ପାଇଁ any caste ପୁଅ ଦରକାର। 7381460017. D-67952

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com





Well conditioned cars for sale: Available cars (Ford Fiesta, Aspire, Figo), (Hyundai Santro). Interested buyers contact on this numbers: 9238307474, 7008424981. D-18026





**SALE**

Book 2BHK flat near Kalinga Nagar, 300meter NH-5, 800meter DN Regalia, RERA, SBI approved. 7978584549. D-69728

ଭୁବନେଶ୍ୱର, ମଞ୍ଚେଶ୍ୱର, ହଂସପାଳ, ପାହାଳ, କେଶୁରାରେ ଘର କଲାଭଳି ଘରବାରି **boundary plot** ମିଳୁଅଛି। **8249728525, 9090142564.** D-69146

Plot for sale at Patia 2200/-, Pahal 1750/-, Arugul 250/- Instalment. 7978124465. D-69532

**Plot for immediate sale at Saheed Nagar 6000sqft. (GA plot), 4000sft Palasuni (200meters from NH), 33000sft. Mancheswar (IDCO plot), Bhubaneswar, buyers Contact- DEEPAK - 9937329999.** D-69906

କଟଣୀ ଅରଗୁଳ ଷ୍ଟେସନ ପାଖରେ **scheduledcaste conversion boundary plot pitchuroad side 5000sqft. 12,50,000/-, 9439006524.** D-69149

Booking open 3BHK Duplex within gated community near ITER College, Bhubaneswar. Contact: 9861616986. D-67562





Commercial Office space for rent at N4/345, IRC Village, near ID Market, Bhubaneswar (1100, 2200 & 4400sqft.) Price Rs.40/- per sqft. Facilities-24hrs DG Power, Security Guard, Lift, Parking, CCTV. Contact: 7381087905, 7381087906. D-69725

250sqft. furnished room for Office, near BDA Kesharitalkies, Plot-5 Bhubaneswar. Contact: 9238579309. D-69330

Shoproom available at Jayadev Vihar mainroad, Bhubaneswar @30000 per month. Contact: 9938511622. D-18033

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।





Herbal full body massage by smart / expert therapist. Contact: 8338067247. D-69729

Newly open full body massage SPA in Bhubaneswar. Contact: 7205058838. D-69720

Newly open SPA centre smart therapist body massage, Bamikhal. 7205187702. D-59957

Monalisa massage club : All types body massage with hiprofile smart lady rooms service available 9708545108. D-18023

Swarna SPA newly open positively health benefits with expert therapist. 7873794731. D-69721

Newly open SPA centre smart therapist body massage, Rasulgarh. 7846814019. D-59958

Get refreshment body massage by expert therapist contact for. 9556978408. D-69722

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





ଏବର୍ଷର ଲକଡାଉନରୁ ଏବଂ ଘରେ ରହି Medical Courses ପାଇଁ registration କରନ୍ତୁ। BAMS, BHMS, BUMS, D.Pharma, GNM (Only for Practioners) Whatsapp/ Call: 9893869473 (Agent Excuse). D-69730

**LOST**

By virtue of an affidavit sworn before Notary Public, Jatni, I, Ratnakar Sahoo, S/o- Narayan Sahoo resident of Raja Bazar, Jatni, Khordha have purchased land from Ramesh Chandra Panda, S/o- Sridhar Panda resident of G-134, the Cosmopolis, NH-5, Dumuduma, Bhubaneswar through registered saledeed vide document No. 11081904731/ 2019 and ID No. 1081905033 dated 09.04.2019 hereby declare that I have lost my original saledeed. If anybody misused the same, I will not be held responsible for this. D-69148

ମୁଁ ଅମୂଲ୍ୟ ବିଶ୍ୱାଳ ଗତ ୦୬। ୦୮। ୨୦ତାରିଖ ଦିନ କିଶୋରନଗରଠାରୁ ଅନୁଗୋଳ ଯାଉଥିବାବେଳେ ବାଟରେ ବ୍ୟାଗ୍‌ଟି ପଡ଼ିଯାଇଛି। ବ୍ୟାଗ୍ ମଧ୍ୟରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସୁସୁଡ଼ା, ଅନୁଗୋଳର ଜମି ସମ୍ବନ୍ଧୀୟ ଅରିଜିନାଲ ଡକ୍ୟୁମେଣ୍ଟ ଥିଲା। ଯେଉଁ ବ୍ୟକ୍ତି ପାଇବେ ୯୪୩୭୪୫୧୬୫୧୬ରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୧୮୦୪୨

# କରୋନା ନେଲା ଆଉ ୯ ଜୀବନ

- ରାଜ୍ୟରେ ମୋଟ ମୃତକଙ୍କ ସଂଖ୍ୟା ୪୨୮ ଛୁଇଁଲା
- ପୁଣି ୨୭୫୨ ପଜିଟିଭ ଚିହ୍ନଟ, ୨୫୪୬ ସୁସ୍ଥ
- ଆକ୍ରାନ୍ତଙ୍କ ସଂଖ୍ୟା ୮୪, ୨୩୧କୁ ବୃଦ୍ଧି

**ଭୁବନେଶ୍ୱର, ୨୫।୮ (ବ୍ୟୁରୋ)**

ରାଜ୍ୟରେ ମଙ୍ଗଳବାର ୨୭୫୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବାବେଳେ ୯ଜଣଙ୍କ ମୃତ୍ୟୁ ଘଟିଛି। ଫଳରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୪୨୮କୁ ବୃଦ୍ଧି ପାଇଛି। ଏ ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗଞ୍ଜାମ ଓ ସୁନ୍ଦରଗଡ଼ରୁ ୨ ଜଣ ଲେଖାଏ, ବାଲେଶ୍ୱର, ବଲାଙ୍ଗୀର, କଟକ, ଗଜପତି ଓ ଖୋର୍ଦ୍ଧାରୁ ଜଣେ ଲେଖାଏ ସଂକ୍ରମିତଙ୍କ ଜୀବନ ଯାଇଛି। ଏହି ସମସ୍ତ ମୃତକ ପୁରୁଷ ହୋଇଥିବା ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି। ଗଞ୍ଜାମର ଦୁଇ ମୃତକଙ୍କ ମଧ୍ୟରୁ ଜଣେ ୭୩ ଓ ଅନ୍ୟ ଜଣେ ୬୮ ବର୍ଷୀୟ ପୁରୁଷ। ସୁନ୍ଦରଗଡ଼ ଜିଲାର ଦୁଇଜଣ ମୃତକ ୬୫ ଓ ୫୧ ବର୍ଷୀୟ ପୁରୁଷ। ବାଲେଶ୍ୱର, ବଲାଙ୍ଗୀର, କଟକ, ଗଜପତି ଓ ଖୋର୍ଦ୍ଧାରୁ ଯେଉଁ ଜଣେ ଲେଖାଏ ସଂକ୍ରମିତଙ୍କ ମୃତ୍ୟୁ ହୋଇଛି, ସେମାନଙ୍କର ବୟସ ଯଥାକ୍ରମେ ୫୫, ୭୦, ୩୯, ୫୬ ଓ ୫୫ ବର୍ଷ। ଏମାନେ ସମସ୍ତେ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ପ୍ରାଣ ହରାଇଛନ୍ତି।



ଏହାବ୍ୟତୀତ ରାଜ୍ୟରେ ଆଉ ୨୭୫୨ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ସଙ୍ଗରୋଧରୁ ୧୭୦୮ ଓ ସ୍ଥାନୀୟ ଅଞ୍ଚଳରୁ ୧୦୪୪ ପଜିଟିଭ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ଏବେ ରାଜ୍ୟରେ ସଂକ୍ରମିତଙ୍କ ସଂଖ୍ୟା ୮୪ ହଜାର ୨୩୧କୁ ବୃଦ୍ଧି ପାଇଛି। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୪୨୩, କଟକ ୨୪୭, ଯାଜପୁର ୨୧୭ ଓ ଗଞ୍ଜାମରୁ ୨୧୨ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ରାୟଗଡ଼ାରୁ ୧୭୭, କୋରାପୁଟରୁ ୧୭୪, ପୁରୀରୁ ୧୪୪, ମୟୂରଭଞ୍ଜରୁ ୧୩୭, ବାଲେଶ୍ୱରରୁ ୧୨୯, ନୟାଗଡ଼ରୁ ୧୦୩, ଜଗତ୍‌ସିଂହପୁର ଓ ମାଲକାନଗିରିରୁ ୧୦୧ ଲେଖାଏ, କେନ୍ଦ୍ରାପଡ଼ାରୁ ୯୭, କନ୍ଧମାଳରୁ ୯୫, ଗଜପତିରୁ ୬୦, ଭଦ୍ରକରୁ ୫୮, ସମ୍ବଲପୁରରୁ ୫୫, ସୁନ୍ଦରଗଡ଼ରୁ ୪୪, ବରଗଡ଼ ଓ କେନ୍ଦୁଝରରୁ ୨୮ ଲେଖାଏ, ନବରଙ୍ଗପୁରରୁ ୨୭, ଅନୁଗୋଳରୁ ୨୩, କଳାହାଣ୍ଡିରୁ ୧୬, ଝାରସୁଗୁଡ଼ାରୁ ୧୫, ବଲାଙ୍ଗୀରରୁ ୧୪, ବୌଦ୍ଧରୁ ୧୧, ନୂଆପଡ଼ାରୁ ୮, ଦେବଗଡ଼ରୁ ୬, ଢେଙ୍କାନାଳ ଓ ସୁବର୍ଣ୍ଣପୁରରୁ ଜଣେ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

ଅନ୍ୟପକ୍ଷରେ ରାଜ୍ୟରେ ୨୫୪୬ ଜଣ ଆକ୍ରାନ୍ତ ସୁସ୍ଥ ହୋଇଥିବା ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଟୁଇଟ କରି ସୂଚନା ଦିଆଯାଇଛି। ଖୋର୍ଦ୍ଧାରୁ ସର୍ବାଧିକ ଆକ୍ରାନ୍ତ ସୁସ୍ଥ ହୋଇଥିବା ରିପୋର୍ଟ ରହିଛି। ନୂଆ ସୁସ୍ଥଙ୍କୁ ମିଶାଇଲେ ଏଯାବତ ରାଜ୍ୟରୁ ୫୯୪୭୦ ଆକ୍ରାନ୍ତ ସୁସ୍ଥ ହୋଇଥିବା ଜଣାପଡ଼ିଛି। ଖୋର୍ଦ୍ଧାରୁ ୬୨୭, ଗଞ୍ଜାମରୁ ୨୬୬, ନୟାଗଡ଼ରୁ ୧୪୩, ପୁରୀରୁ ୧୪୧, ରାୟଗଡ଼ାରୁ ୧୧୨, କୋରାପୁଟରୁ ୧୦୪, ଭଦ୍ରକରୁ ୯୯, କଟକରୁ ୯୮, ବୌଦ୍ଧରୁ ୮୭, ମାଲକାନଗିରିରୁ ୭୬, କେନ୍ଦ୍ରାପଡ଼ାରୁ ୭୪, କନ୍ଧମାଳରୁ ୭୩, ସୁନ୍ଦରଗଡ଼ରୁ ୭୩, କଳାହାଣ୍ଡିରୁ ୭୨, ମୟୂରଭଞ୍ଜରୁ ୭୦ଜଣ ଆରୋଗ୍ୟ ଲାଭ କରିଛନ୍ତି। ସେହିପରି ବାଲେଶ୍ୱରରୁ ୬୩, ନବରଙ୍ଗପୁରରୁ ୪୪, ଗଜପତିରୁ ୪୨, ଯାଜପୁରରୁ ୪୦, କେନ୍ଦୁଝରରୁ ୩୭, ଅନୁଗୋଳରୁ ୩୨, ଜଗତ୍‌ସିଂହପୁରରୁ ୩୨, ସମ୍ବଲପୁରରୁ ୩୨, ବରଗଡ଼ରୁ ୨୯, ଢେଙ୍କାନାଳରୁ ୨୦, ସୁବର୍ଣ୍ଣପୁରରୁ ୨୦, ବଲାଙ୍ଗୀରରୁ ୧୮, ଝାରସୁଗୁଡ଼ାରୁ ୧୭ ଏବଂ ଦେବଗଡ଼ ଜିଲାରୁ ୫ଜଣ ଆକ୍ରାନ୍ତ ଆରୋଗ୍ୟ ହୋଇଛନ୍ତି।

# ବଜେଟ୍ ପ୍ରକ୍ରିୟାରେ ସ୍ୱଚ୍ଛତା: ୩ୟରେ ଓଡ଼ିଶା



ଭିଡିଓ କନ୍‌ଫରେନ୍ସ ସମୀକ୍ଷା ବୈଠକରେ ମୁଖ୍ୟ ଶାସନ ସଚିବ ଅସିତ୍ କୁମାର ତ୍ରିପାଠୀ ଅନ୍ୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

**ଭୁବନେଶ୍ୱର, ୨୫।୮ (ବ୍ୟୁରୋ)**

ରାଜ୍ୟର ଆର୍ଥିକ ପ୍ରସଙ୍ଗରେ ୫-ଟି ଫ୍ରେମୱାର୍କ କାର୍ଯ୍ୟକାରୀ କରିବା ସହ ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ବଜେଟ୍ ସ୍ୱଚ୍ଛତା ରକ୍ଷା କରିବାରେ ଓଡ଼ିଶା ଦେଶରେ ତୃତୀୟ ସ୍ଥାନ ଅଧିକାର କରିଛି। ମଙ୍ଗଳବାର ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଡିଜିଟାଲ ମାଧ୍ୟମରେ ଅର୍ଥନୈତିକ ସୂଚକାଙ୍କ ଉପରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରୁ ଏହା ଜଣାପଡ଼ିଛି। ଟ୍ରାନ୍ସପାରାନ୍ସି ଇଣ୍ଟରନ୍ୟାଶନାଲ ବାର୍ଷିକ ସଂସ୍କରଣରେ ଓଡ଼ିଶାକୁ ତୃତୀୟ ସ୍ଥାନରେ ରଖାଯାଇଛି। ବଜେଟ୍ ପ୍ରସ୍ତୁତିରେ ସ୍ୱଚ୍ଛତା ରଖିବା କ୍ଷେତ୍ରରେ ୧ ନମ୍ବରରେ ଆସାମ ଓ ୨ ନମ୍ବରରେ ଆନ୍ଧ୍ରପ୍ରଦେଶ ରହିଛି। ଚତୁର୍ଥ ଏବଂ ପଞ୍ଚମ ସ୍ଥାନରେ ଯଥାକ୍ରମେ ଝାଡଖଣ୍ଡ ଏବଂ ବିହାର ଅଛନ୍ତି। ଓଡ଼ିଶାକୁ ୬୬ ପଏଣ୍ଟ ମିଳିଥିବା ବେଳେ ଆସାମକୁ ୭୦, ଆନ୍ଧ୍ରପ୍ରଦେଶକୁ ୬୭, ଝାଡଖଣ୍ଡକୁ ୬୦ ଏବଂ ବିହାରକୁ ୫୯ ପଏଣ୍ଟ ମିଳିଛି। କୋଭିଡ୍ ପୂର୍ବରୁ ଏବଂ ଏହାର ପରବର୍ତ୍ତୀ ସମୟରେ ରାଜ୍ୟର ଅର୍ଥନୀତି ବଜେଟ୍ ପ୍ରସ୍ତୁତି, ଆର୍ଥିକ ପରିଚାଳନା ଏବଂ ଆର୍ଥିକ ନିୟନ୍ତ୍ରଣ ପ୍ରସଙ୍ଗରେ ଅର୍ଥ ବିଭାଗ ଦ୍ୱାରା ହାସଲ ହୋଇଥିବା ପ୍ରଗତିଶୀଳ ପ୍ରକ୍ରିୟାଗତ ସଂସ୍କାରକୁ ପୂରଣ ସମୟରେ କୃଷି, ମତ୍ସ୍ୟ ଏବଂ ପଶୁପାଳନ କ୍ଷେତ୍ର ସମେତ ଏକ ମିଶ୍ରିତ ସୂଚକାଙ୍କ ପ୍ରସ୍ତୁତ କରାଯିବ। ଏ ନେଇ ମୁଖ୍ୟ ଶାସନ ସଚିବ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏକ୍ସଆଇଏମବିରେ ଆର୍ଥିକ ନୀତି ଏବଂ ଟିକସ ପାଇଁ ଉତ୍କର୍ଷର କେନ୍ଦ୍ରରୁ ବୈଷୟିକ ସହାୟତା ସହିତ ପ୍ରସ୍ତୁତ ହେଉଥିବା କମ୍ପୋଜିଟ ଇଣ୍ଡେକ୍ସର ବିଭିନ୍ନ ସୂଚକ ଉପରେ ବୈଠକରେ ଆଲୋଚନା ହୋଇଛି। କୃଷି, ମତ୍ସ୍ୟଚାଷ, ପଶୁପାଳନ, ଖଣି ଜିଏସ୍‌ଟି, ମୋଟର ଯାନ, ଟିକସ, ବିଦ୍ୟୁତ୍ ବ୍ୟବହାର, ଅଣଜିଏସ୍‌ଟି, ବେକାରଙ୍କ ହାର, ରାଜସ୍ୱକୁ ଦର୍ଶାଉଥିବା ସୂଚକକୁ ଅନ୍ତର୍ଭୁକ୍ତ ଲାଗି ନିଷ୍ପତ୍ତି ହୋଇଛି। ମାସିକ ତଥା ତ୍ରୈମାସିକ ଭିତ୍ତିରେ ରାଜ୍ୟଗୁଡ଼ିକର ଅର୍ଥନୈତିକ ଧାରାକୁ ଆକଳନ କରିବାକୁ ମୁଖ୍ୟ ଶାସନ ସଚିବ କମ୍ପୋଜିଟ ଇଣ୍ଡେକ୍ସ ପ୍ରୟୋଗ ଲାଗି ପରାମର୍ଶ ଦେଇଛନ୍ତି।

(1) Wanted Lady Office Assistant at Cuttack, Nakhara free boarding & accommodation with 5000 to 10,000/-. (2) ବଗିଚା କାମ ପାଇଁ ମାଳୀ ଆବଶ୍ୟକ।
Contact: 7809525452
8249851363

ଚେନ୍ନାଇରେ ଚାକିରି। ହିନ୍ଦୀ କହିପାରୁଥିବା ଜରୁରୀ। ବେତନ ୧୩୦୦୦ - ୧୮୦୦୦ + ରୁମ୍/ ଘର ରୋଷେୟା / ହେଲ୍‌ପର/ ଘରୋଇ ଚାକର/ ଅଫିସ୍ ଆସିଷ୍ଟାଣ୍ଟ/ ଘର ସଫେଇ କର୍ମଚାରୀ ।
ଏଫ୍‌ଏଫ୍‌ଏଫ୍ ଲି୫:
9884761210

# ତୁଟୁନି ଭାଜପା-ବିଜେଡି ଆବାସ କଳି

**ଭୁବନେଶ୍ୱର, ୨୫।୮ (ବ୍ୟୁରୋ)**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସବୁ ଜିଲାରେ ଦୁର୍ନୀତି ହୋଇଥିବା ନେଇ ଭାଜପା ଅଭିଯୋଗ କରିଛି। ଭାଜପାର ଅଭିଯୋଗ ପରେ ବିଜେଡି ମଧ୍ୟ ପଲଟା ଜବାବ ରଖିଛି। ଯଦି ଆବାସ ଯୋଜନରାରେ ଦୁର୍ନୀତି ହେଉଛି, ତେବେ କେଉଁ ଆଧାରରେ ଓଡିଶାକୁ ଏ କ୍ଷେତ୍ରରେ କେନ୍ଦ୍ର ସରକାର ବାରମ୍ବାର ପୁରସ୍କାର ଦେଉଛନ୍ତି ବୋଲି ବିଜେଡି ପାଲଟା ପ୍ରଶ୍ନ କରିଛି। ବିଜେଡିର ଏଭଳି ଯୁକ୍ତିକୁ ନେଇ ମଙ୍ଗଳବାର ପୁଣିଥରେ ଭାଜପା ଶାସକ ଦଳକୁ ଆକ୍ରମଣ କରିଛି। ଏଭଳି ଆବାସ ଦୁର୍ନୀତି କଥାରେ ବିଜେଡି-ଭାଜପା କଳି ତୁଟିବାର ନାଁ ଧରୁନାହିଁ।

ଭାଜପା ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ଭଣ୍ଡୁର କରିବା ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ଷଡଯନ୍ତ୍ର କରୁଛନ୍ତି। ସବୁ ଜିଲାରେ ଗରିବ ଅସହାୟ ଯୋଗ୍ୟ ହିତାଧିକାରୀଙ୍କୁ ଘର ଦେବା ନାଁରେ କୋଟି କୋଟି ଟଙ୍କା ଲୁଟ୍ କରାଯାଉଛି। ଏଥିରେ ଶାସକ ଦଳ ନେତା ଓ ସରକାରୀ ଅଧିକାରୀଙ୍କ ସମ୍ପୃକ୍ତି ଥିବାରୁ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ଚୁପ୍ ରହୁଛନ୍ତି। କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ ପିଠାଗୋଲା ପଞ୍ଚାୟତ ଖରବା ଗାଁରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ବ୍ୟାପକ ଦୁର୍ନୀତି ସାମ୍ନାକୁ ଆସିଛି ବୋଲି ଗୋଲକ ଅଭିଯୋଗ କରିଛନ୍ତି।

PARADIP PORT TRUST
(An autonomous body under Ministry of Shipping, Govt. of India)
WALK-IN-INTERVIEW
Applications are invited from Indian Nationals for filling up **three General Duty Medical Officers** on **Contractual** basis in Paradip Port Trust. For further details, refer to our website **www.paradipport.gov.in** . Last date is **04.09.2020.**
PPT/PR/179/20-21
Dated: 25.08.2020
Sr. Asst. Secretary,
Paradip Port Trust

# ଇଣ୍ଟରପୋଲ ଟାର୍ଗେଟ୍‌ରେ ନୀରବଙ୍କ ସ୍ତ୍ରୀ, ଗିରଫ ପରୱାନା ଜାରି

**ନୂଆଦିଲ୍ଲୀ, ୨୫।୮**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ର ପ୍ରାୟ ୧୩,୫୦୦ କୋଟି ଟଙ୍କାର ଋଣ ଠକେଇ ମାମଲାରେ ପଳାତକ ଘୋଷିତ ନୀରବ ମୋଦିଙ୍କ ସ୍ତ୍ରୀ ଆମି ମୋଦିଙ୍କ ବିରୋଧରେ ଇଣ୍ଟରପୋଲ୍ ଗ୍ଲୋବାଲ ଗିରଫ ପରୱାନା ଜାରି କରିଛି। ବେଆଇନ ଅର୍ଥ କାରବାର ମାମଲାରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ମଙ୍ଗଳବାର ସୂଚନା ଦେଇଛନ୍ତି। ଦେଶର ପ୍ରମୁଖ ତଦନ୍ତକାରୀ ଏଜେନ୍ସି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏହି ରେଡ୍ କର୍ନର ନୋଟିସ ଜାରି କରିବା ଲାଗି ଗ୍ଲୋବାଲ ପୋଲିସକୁ ଅନୁରୋଧ କରିଥିଲା। ଜଣେ ପଳାତକଙ୍କ ବିରୋଧରେ ଗିରଫ ପରୱାନା



ଜାରି ହେଲେ ଇଣ୍ଟରପୋଲ୍‌ର ସଦସ୍ୟ ଥିବା ୧୯୨ ଦେଶର ପୋଲିସ ସେମାନଙ୍କ ଦେଶରେ ଅଭିଯୁକ୍ତଙ୍କୁ ଅଟକ କିମ୍ବା ଗିରଫ କରିପାରିବେ। ଏହା ପରେ ତାଙ୍କୁ ପ୍ରତ୍ୟର୍ପଣ କରିବା କିମ୍ବା ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାର ବ୍ୟବସ୍ଥା ରହିଛି। ୨୦୧୮ରେ ପିଏନ୍‌ବି ଋଣ ଠକେଇ ମାମଲା ସାମ୍ନାକୁ ଆସିବା ପରେ ଆମି ମୋଦି ଭାରତ ଛାଡି ପଳାୟନ କରିଥିଲେ। ବେଆଇନ ଅର୍ଥ କାରବାର ନିରୋଧୀ ଆଇନ (ପିଏମ୍‌ଏଲ୍‌ଏ)ରେ ଇଡି ନୀରବ ମୋଦିଙ୍କ ସମେତ ତାଙ୍କ ସ୍ତ୍ରୀ ଆମି ମୋଦି ଏବଂ ମାମୁ ମେହୁଲ ଚୋକ୍‌ସିଙ୍କୁ ବ୍ୟାଙ୍କ ଠକେଇର ଅଭିଯୁକ୍ତ ଦର୍ଶାଇ ବର୍ତ୍ତମାନ ତଦନ୍ତ ଚଳାଇଛି। ୪୯ ବର୍ଷୀୟ ନୀରବ ମୋଦି ଲଣ୍ଡନରେ ଗିରଫ ହେବା ପରେ ତାଙ୍କୁ ସେଠାକାର ଏକ ଜେଲ୍‌ରେ ରଖାଯାଇଛି। ତାଙ୍କ ବିରୋଧରେ ପ୍ରତ୍ୟର୍ପଣ ମାମଲାର ଶୁଣାଣି ଜାରି ରହିଛି। ମୁମ୍ବାଇର ଏକ ନ୍ୟାୟାଳୟ ନୀରବଙ୍କୁ ପଳାତକ ଆର୍ଥିକ ଅପରାଧୀ ଘୋଷଣା କରିବା ସହ ତାଙ୍କ ସମ୍ପତ୍ତି ବାଜ୍ୟାପ୍ତ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକ୍ରିୟା ଅନ୍ତର୍ଗତ ତାଙ୍କ ସହ ସମ୍ପୃକ୍ତ ୩୨୯ କୋଟି ଟଙ୍କାର ସମ୍ପତ୍ତିକୁ ବାଜ୍ୟାପ୍ତ କରାଯାଇଛି। ସେହିଭଳି ପିଏନ୍‌ବି ଠକେଇ ମାମଲାରେ ଇଣ୍ଟରପୋଲ ପୂର୍ବରୁ ନୀରବଙ୍କ ସାନଭାଇ ନେହାଲ ମୋଦି ଏବଂ ଭଉଣୀ ପୂର୍ବୀ ମୋଦିଙ୍କ ବିରୋଧରେ ଗିରଫ ପରୱାନା ଜାରି କରିସାରିଛି।

STATE INSTITUTE OF HOTEL MANAGEMENT, BALANGIR
Titilagarh Road, Balangir - 767001 (Odisha)
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA) NCHMCT
ADMISSION OPEN
FOR HOTEL MANAGEMENT COURSES

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. Diploma In Front Office Operation | 1½ Year | 10+2 pass or equivalent | 25 Years as on 1st July 2020 for General/ OBC candidates & 28 Years for SC/ST candidates |
| 2. Diploma In Food & Beverage Service | 1½ Year | 10+2 pass or equivalent | |
| 3. Diploma In Food Production | 1½ Year | 10+2 pass or equivalent | |
| 4. Diploma In Housekeeping Operation | 1½ Year | 10+2 pass or equivalent | |
| 5. Craftsmanship Certificate Course In Food & Beverage Service | 06 Months | 10th pass | |
| 6. Craftsmanship Certificate Course In Food Production | 1½ Year | 10th pass | |

LAST DATE OF ADMISSION: 31.08.2020
FOR FURTHER DETAILS
Visit our website - www.sihmbalangir.org, e-mail: admissions@sihmbalangir.org
Contact No. 9348849484, 6370180040, 9437140772, 9437030720

# ଅତିବଡ଼ୀ ଜଗନ୍ନାଥ ଦାସ

ଓଡ଼ିଆ ସାହିତ୍ୟରେ ଜଗନ୍ନାଥ ଦାସ ହେଉଛନ୍ତି ଜଣେ ଅମର ସ୍ରଷ୍ଟା। ଓଡ଼ିଆ ଜାତି ପାଇଁ ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ଏକ ଶ୍ରେଷ୍ଠ ଅବଦାନ। ତାଙ୍କ ରଚିତ ଭାଗବତ ଓଡ଼ିଶାର ଘରେ ଘରେ ଆଦୃତ। ଏକାଧାରରେ ସେଥିଲେ ଧର୍ମପ୍ରଚାରକ, ସମାଜସଂସ୍କାରକ, ପରମ ବୈଷ୍ଣବ ଏବଂ ମହାକବି।

ଏହି ମହାତ୍ମା ୧୪୯୦ ମସିହା ଭାଦ୍ରବ ମାସ ଶୁକ୍ଳ ପକ୍ଷ ରାଧାଷ୍ଟମୀ ଦିନ ପୁରୀ ସ୍ଥିତ କପିଳେଶ୍ୱରପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଭଗବାନ ଓ ମାତାଙ୍କ ନାମ ପଦ୍ମାବତୀ ଦେବୀ। ବାଲ୍ୟକାଳରୁ ଜଗନ୍ନାଥ ଦାସଙ୍କ ମନରେ ଭକ୍ତିଭାବ ଅଙ୍କୁରିତ ହୋଇଥିଲା। ସଂସ୍କୃତ ଭାଷା ପ୍ରତି ତାଙ୍କର ଖୁବ୍ ଆଗ୍ରହ ରହିଥିଲା। ତାଙ୍କର ଦୀକ୍ଷାଗୁରୁ ଥିଲେ ବଳରାମ ଦାସ। ଭଗବାନଙ୍କ ଭକ୍ତି ପ୍ରତି ପ୍ରେରିତ ହୋଇ ସେ ୧୯ ବର୍ଷ ବୟସରେ ଗୃହତ୍ୟାଗ କରିଥିଲେ। ଶ୍ରୀମନ୍ଦିରରେ ପ୍ରତିଦିନ ଭାଗବତ ପାଠର ବ୍ୟବସ୍ଥା ରାଜା କପିଳେନ୍ଦ୍ରଦେବ କରାଇଥିଲେ। ପ୍ରଥମେ ଅତିବଡ଼ି ଜଗନ୍ନାଥଙ୍କ ପିତା ଭଗବାନ ସେଠାରେ ଭାଗବତ ପାଠ କରୁଥିବାବେଳେ ତାଙ୍କ ଅନ୍ତେ ଜଗନ୍ନାଥ ଏହି କାର୍ଯ୍ୟରେ ନିଯୁକ୍ତ ହୋଇଥିଲେ। ସେତେବେଳେ ସଂସ୍କୃତରେ ଭାଗବତ ପଢ଼ା ହେଉଥିଲା; ଯାହାକୁ ଭକ୍ତମାନେ ସେସବୁ ସହଜରେ ବୁଝିପାରୁ ନ ଥିଲେ। ଏହି ରୀତିକୁ ପରିବର୍ତ୍ତନ କରିବାକୁ ଚିନ୍ତା କରି ସେ ସଂସ୍କୃତ ଭାଗବତର ମୌଳିକତାକୁ ବଜାୟ ରଖି ତାହାକୁ ଅତି ସରଳ ଓ ପ୍ରାଞ୍ଜଳ ଭାବରେ ଓଡ଼ିଆରେ ଅନୁବାଦ କରିଥିଲେ। ଯାହାକି ପରବର୍ତ୍ତୀ ସମୟରେ ଘରେ ଘରେ ଲୋକାଦୃତ ହୋଇପାରିଥିଲା।



୧୫୧୦ ଖ୍ରୀଷ୍ଟାବ୍ଦରେ ଶ୍ରୀ ଚୈତନ୍ୟ ପୁରୀଧାମକୁ ଆସି ଜଗନ୍ନାଥ ଦାସଙ୍କ ମନରେ ଈଶ୍ୱରୀୟ ଭକ୍ତିଭାବନା ଦେଖି ଅତ୍ୟନ୍ତ ବିମୋହିତ ହୋଇଯାଇଥିଲେ। ଜଗନ୍ନାଥ ଦାସଙ୍କ ପାଣ୍ଡିତ୍ୟ ଏବଂ କବି ପ୍ରତିଭା ଦେଖି ଚୈତନ୍ୟ ତାଙ୍କୁ 'ଅତିବଡ଼ୀ' ବୋଲି ସମ୍ବୋଧନ କରିଥିଲେ। ବଳରାମ, ଅଚ୍ୟୁତାନନ୍ଦ, ଯଶୋବନ୍ତ ଓ ଶିଶୁଅନନ୍ତ ଆଦି ଉତ୍କଳୀୟ ବୈଷ୍ଣବମାନଙ୍କ ସହିତ ଜଗନ୍ନାଥ ଦାସଙ୍କ ନିବିଡ଼ ସମ୍ବନ୍ଧ ରହିଥିଲା। ଓଡ଼ିଆ ସାହିତ୍ୟ ଇତିହାସରେ ଏହି ୫ଜଣ ସାଧକଙ୍କୁ ପଞ୍ଚସଖା ବୋଲି କୁହାଯାଇଛି। ଓଡ଼ିଆ ଭାଗବତ ବ୍ୟତୀତ ଜଗନ୍ନାଥ ଦାସଙ୍କର ଆଉ କେତେକ ଜଣାଶୁଣା ରଚନା ହେଉଛି -ତୁଳାଭିଣା, ଅର୍ଥ କୋଇଲି, ଦାରୁବ୍ରହ୍ମ ଗୀତା, ମୃଗୁଣୀ ସ୍ତୁତି, ଗଜ ସ୍ତୁତି, ଦୂତୀବୋଧ, କ୍ଷେତ୍ରବର ଚଉତିଶା, ଗୁପ୍ତ ଭାଗବତ, ରାଧା ମଞ୍ଜରୀ, ଷୋଳ ଚଉପଦୀ, ପାଷାଣ୍ଡ ଦଳନ, ମନଶିକ୍ଷା, ରାସକ୍ରୀଡ଼ା, ଜଗନ୍ନାଥକାରିକା, ଧ୍ରୁବଚରିତ, ଗୁଣ୍ଡିଚାବିଜେ, ସତ୍‌ସଙ୍ଗ ଓ ଶ୍ରୀନାମଚନ୍ଦ୍ରିକା ଇତ୍ୟାଦି। ସେ ମହାଭାରତ ଓ ରାମାୟଣ ମଧ୍ୟ ରଚନା କରିଥିଲେ। ପ୍ରତ୍ୟେକ ଶ୍ରେଣୀର ଲୋକଙ୍କ ହୃଦୟରେ ଭକ୍ତିଭାବର ସଞ୍ଚାର ପାଇଁ ସେ ଅନେକ ପୁସ୍ତକ ଲେଖିଯାଇଛନ୍ତି।

ସମୁଦ୍ର କୂଳରେ ଥିବା ସାତଲହରୀ ମଠରେ ଅତିବଡ଼ିଙ୍କ ସମାଧି ପୀଠ ରହିଛି। ରାଧାଷ୍ଟମୀରେ ତାଙ୍କର ଜନ୍ମ ହୋଇଥିବାରୁ ଏହିଦିନରେ ଜନ୍ମସ୍ଥାନ କପିଳେଶ୍ୱରପୁର ଶାସନରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଆଲୋଚନା ହୁଏ। ଏପରି କି ସମାଧିପୀଠରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆଲୋଚନା ଚକ୍ର ହୁଏ। ହେଲେ ଚଳିତ ବର୍ଷ କରୋନା କଟକଣା ଯୋଗୁ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଭର୍ଚୁଆଲ ଆଲୋଚନାଚକ୍ର ଆୟୋଜନ କରାଯାଇଛି।

# ଆଫଗାନିସ୍ତାନରେ ସିରିଜ୍ ଆକ୍ରମଣ: ୧୭ ମୃତ

**କାବୁଲ, ୨୫।୮:** ଆଫଗାନିସ୍ତାନରେ ମଙ୍ଗଳବାର ସିରିଜ୍ ଆକ୍ରମଣ କରାଯାଇଥିବା ବେଳେ ଏଥିରେ ୧୭ ଜଣଙ୍କ ପ୍ରାଣହାନି ଘଟିଛି। ଉତ୍ତରାଞ୍ଚଳର ବାଲଖ ପ୍ରଦେଶରେ ତାଲିବାନ୍ ପକ୍ଷରୁ କମାଣ୍ଡୋ ବେସ୍‌କୁ ଟାର୍ଗେଟ କରି ଏକ ଆତ୍ମଘାତୀ ଟ୍ରକ୍ ବୋମା ବିସ୍ଫୋରଣ କରାଯାଇଥିଲା। ଏଥିରେ ୨ କମାଣ୍ଡୋଙ୍କୁ ମିଶାଇ ୧୨ ଜଣଙ୍କ ଜୀବନ ଯାଇଛି। ଏକାଧିକ ଆହତ ମଧ୍ୟ ହୋଇଛନ୍ତି। ସାଧାରଣ ଜନତା ଏଥିରୁ ବାଦ୍ ଯାଇନାହାନ୍ତି। ଆମେରିକା ଓ ତାଲିବାନ ମଧ୍ୟରେ ଗତ ଫେବୃୟାରୀରେ ହୋଇଥିବା ଚୁକ୍ତିକୁ ଅଣଦେଖା କରାଯାଇ ଏଭଳି ଆକ୍ରମଣ କରାଯାଇଛି। ତାଲିବାନ ମୁଖପାତ୍ର ଜାବିଉଲ୍ଲା ମୁଜାହିଦ୍ ଏଥିଲାଗି ନିଜକୁ ଦାୟୀ କରିଛନ୍ତି। ଆଫଗାନ୍ ରାଷ୍ଟ୍ରପତି ଆଶ୍ରଫ ଘନି ଏଭଳି ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି। ତାଲିବାନ ପକ୍ଷରୁ ଏଭଳି ଆକ୍ରମଣ ବନ୍ଦ କରାଯାଇ ଚୁକ୍ତିକୁ ସମ୍ମାନ ଦିଆଯାଉ ବୋଲି ସେ ପ୍ରକାଶ କରିଛନ୍ତି।

# ପଟ୍ଟାଙ୍ଗୀ ବିଧାୟକଙ୍କୁ କରୋନା

**କୋରାପୁଟ, ୨୫।୮ (ସ୍ୱ.ପ୍ର.):** କୋରାପୁଟ ଜିଲା ପଟ୍ଟାଙ୍ଗୀ ବିଧାୟକ ପ୍ରୀତମ ପାଢ଼ୀ କରୋନା ସଂକ୍ରମିତ ହୋଇଛନ୍ତି। ବିଧାୟକ ନିଜ ଫେସ୍‌ବୁକ୍ ଆକାଉଣ୍ଟରେ ଏ ନେଇ ସୂଚନା ଦେଇଛନ୍ତି। ସେ ସେମିଳିଗୁଡାସ୍ଥିତ ନିଜ ବାସଭବନରେ ହୋମ୍ କ୍ୱାରାଣ୍ଟାଇନରେ ରହିଛନ୍ତି। ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକମାନେ କୋଭିଡ୍ ଟେଷ୍ଟ କରାଇ ନିଅନ୍ତୁ ବୋଲି ବିଧାୟକ ପରାମର୍ଶ ଦେଇଛନ୍ତି। ପ୍ରକାଶ ଯେ, କିଛିଦିନ ତଳେ ବରିଷ୍ଠ ଭାଜପା ନେତା ଜୟରାମ ପାଙ୍ଗୀ କରୋନା ସଂକ୍ରମିତ ହୋଇଥିଲେ। ଏ ନେଇ ପାଙ୍ଗୀ ନିଜେ ସୂଚନା ଦେଇଥିଲେ।



ପ୍ରୀତମ ପାଢ଼ୀ

# ପାକ୍- ଚାଇନା ସହ ଭାରତ କରିବ ସମରାଭ୍ୟାସ

**ନୂଆଦିଲ୍ଲୀ, ୨୫।୮**

ଆଗାମୀ ସେପ୍ଟେମ୍ବର ମାସରେ ଦକ୍ଷିଣ ରୁଷିଆରେ ହେବାକୁ ଥିବା କାଭ୍‌କାଜ-୨୦୨୦ ମିଳିତ ସମରାଭ୍ୟାସରେ ଭାରତ ଯୋଗଦେବ। ଚାଇନା, ପାକିସ୍ତାନ ସମେତ ଅନେକ ଦେଶ ଏଥିରେ ଭାଗ ନେଉଛନ୍ତି। ଭାରତରୁ ୨୦୦ ଯବାନ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ସେନା ପକ୍ଷରୁ କୁହାଯାଇଛି। ସ୍ଥଳସେନାରୁ ୧୬୦, ବାୟୁସେନାରୁ ୪୦ ଓ ୨ ନୌସେନା ଅଧିକାରୀ ଯୋଗଦେବେ। ଦକ୍ଷିଣ ରୁଷିଆର ଅଷ୍ଟ୍ରାଖାନ ପ୍ରଦେଶରେ ଏହି ସମରାଭ୍ୟାସ କରାଯିବ। ପୂର୍ବରୁ ମଧ୍ୟ ଚାଇନା ଓ ପାକିସ୍ତାନ ସହ ଏଭଳି ସମରାଭ୍ୟାସ କରିଛି।



## ସଂକ୍ଷେପରେ

### କୁକୁରକୁ ପିଟିବା ସମୟର ଭିଡିଓ ଭାଇରାଲ

**୩ଭାଇଙ୍କ ନାଁରେ ମାମଲା**

ପାରଳାଖେମୁଣ୍ଡି,୨୫।୮(ସ୍ୱ.ପ୍ର.): ଗଜପତି ଜିଲା ପାରଳାଖେମୁଣ୍ଡି ସହରରେ ଏକ ଅଭାବନୀୟ ଘଟଣା ଘଟିଛି। ୩ ଭାଇ ମିଶି ଏକ କୁକୁରକୁ ବାରମ୍ବାର ପିଟୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଥିଲା। ଏହା ଜଣାପଡ଼ିବା ପରେ ୩ଭାଇଙ୍କ ନାମରେ ପାରଳାଖେମୁଣ୍ଡି ଥାନାରେ ୧୯୫/୨୦ ନଂ.ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ସେମାନଙ୍କୁ ନୋଟିସ କରି ଘଟଣାର ତଦନ୍ତ ଚଳାଇଥିବା ଆଇଆଇସି ବିବେକାନନ୍ଦ ସ୍ୱାଇଁ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ପାରଳାଖେମୁଣ୍ଡି ସହରର ବାଟଗୌଡ଼ ସାହିରେ ଏହି ଘଟଣା ଘଟିଛି। ଏହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇବା ସହ ନିନ୍ଦା କରାଯାଇଛି।

### ରାସ୍ତା ନିର୍ମାଣ କାର୍ଯ୍ୟ ତଦାରଖ କଲେ ପିଡି

ଖଜୁରିପଡ଼ା,୨୫।୮(ଡି.ଏନ.ଏ.): ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱନାଥ ବାରିକ ଖଜୁରିପଡ଼ା ବ୍ଲକ ସୁଦ୍ରୁକୁମ୍ପା ପଞ୍ଚାୟତ ଦୁର୍ଗମ ଅଞ୍ଚଳ ଜାଣମେଣି ଗ୍ରାମର ନିର୍ମାଣାଧିନ ଘାଟକଟ ରାସ୍ତା କାମ ତଦାରଖ କରିଛନ୍ତି। ଏହି ରାସ୍ତା ନିର୍ମାଣ ପାଇଁ ଜାଣମେଣି, କାଳିଆମ୍ବା ଗ୍ରାମବାସୀ ବହୁଦିନ ହେଲା ଦାବି କରି ଆସୁଥିଲେ। ରାସ୍ତାର ମଧଭାଗରେ ପାହାଡ ରହିଥିବାରୁ ବନ ବିଭାଗର ଅନୁମତି ମିଳିଲା ପରେ ଏହାକୁ କାଟି ରାସ୍ତା ନିର୍ମାଣ ହେଉଛି। ହେଲେ ଲଘୁଚାପ ଜନିତ ଲଗାଣ ବର୍ଷାରେ କାମ ନଷ୍ଟ ହୋଇଛି କି ନାହିଁ ପ୍ରକଳ୍ପ ନିର୍ଦ୍ଦେଶକ ଅଚାନକ ଗସ୍ତ କରି ତଦାରଖ କରିଛନ୍ତି। ବଳ କାମ ହୋଇଥିବାରୁ କ୍ଷତିଗ୍ରସ୍ତ ହୋଇ ନ ଥିବା ପିଡି କହିଛନ୍ତି। ପିଡିଙ୍କ ସହ ବିଡିଓ ରବୀନ୍ଦ୍ରନାଥ କହଁର, ସହକାରୀ ଯନ୍ତ୍ରୀ ରମେଶ ଚନ୍ଦ୍ର ସାହୁ, କନିଷ୍ଠ ଯନ୍ତ୍ରୀ ପ୍ରଦୀପ କୁମାର ପ୍ରଧାନ, କଣ୍ଟ୍ରାକ୍ଟର ପ୍ରଶନ କୁମାର ସାହୁ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ପାହାଡ଼ କଡ଼ରୁ ଯେପରି ମାଟି ନ ଧସିବ ସାଇଡ୍ ୱାଲ୍ କରିବାକୁ ପିଡି ନିର୍ଦ୍ଦେଶ ଦେଇଥିଲେ।

### ଗଜପତିରେ ୬୦ ପଜିଟିଭ୍ ଚିହ୍ନଟ

ପାରଳାଖେମୁଣ୍ଡି,୨୫।୮(ସ୍ୱ.ପ୍ର.): ଗଜପତିରେ ଆଉ ୬୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ମଙ୍ଗଳବାର ସୂଚନା ମିଳିଛି। ଫଳରେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୭୧୩ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ପାରଳାଖେମୁଣ୍ଡି ସହରାଞ୍ଚଳର ୯, ଗୋଷାଣୀ ବ୍ଲକର ୮, ଗୁମ୍ମା ବ୍ଲକର ୧୬, କାଶୀନଗରରୁ ୨, ମୋହନାରୁ ୪, ରାୟଗଡରୁ ୪, ନୂଆଗଡରୁ ୧୩, ଆର.ଉଦୟଗିରିରୁ ୨ ଏବଂ ଜିଲା ବାହାରୁ ୨ଜଣ ଚିହ୍ନଟ ହୋଇଛନ୍ତି। ସ୍ୱାସ୍ଥ୍ୟକର୍ମୀଙ୍କ ଯାଞ୍ଚ ବେଳେ ୩୮ଜଣ, ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସି ୧୨ଜଣ ଓ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ୮ଜଣ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

### ସାଉଥ୍କୋ କାର୍ଯ୍ୟ ବିରୋଧରେ ଭାଜପାର ଅଭିଯୋଗ

ପାରଳାଖେମୁଣ୍ଡି,୨୫।୮ (ସ୍ୱ.ପ୍ର.): ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରରେ ସାଉଥ୍କୋର ମନମୁଖି କାର୍ଯ୍ୟକଳାପକୁ ଭାଜପା ପକ୍ଷରୁ ବିରୋଧ କରାଯାଇଛି। ଭାଜପା ନେତ୍ରୀ ତଥା ପାରଳାଖେମୁଣ୍ଡି ପୌରପାଳିକାର ପୂର୍ବତନ କାଉନସିଲର କେ.ପୁନ୍ୟବତୀଙ୍କ ନେତୃତ୍ୱରେ ଏକ ଟିମ୍ ଜିଲା ପ୍ରଶାସନ ଜରିଆରେ ସାଉଥକୋର ମୁଖ୍ୟ ପରିଚାଳନା ଅଧିକାରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଗତ କିଛି ମାସ ହେଲା ସହରରେ ଅଘୋଷିତ ବିଦ୍ୟୁତ କାଟ ହେଉଛି। ବିଲ ପ୍ରଦାନରେ ଅନିୟମିତତା କରାଯାଇ ଉପଭୋକ୍ତାଙ୍କଠାରୁ ଅଧିକା ଅର୍ଥ ଆଦାୟ କରାଯାଉଛି। ଫଳରେ ହଜାର ହଜାର ଉପଭୋକ୍ତା ସାଉଥ୍କୋର ଶୋଷଣର ଶିକାର ହେଉଥିବା ଭାଜପା ନେତ୍ରୀ ଅଭିଯୋଗ କରିଛନ୍ତି। ବିଭାଗୀୟ ଅଧିକାରୀ ଏହିପ୍ରତି ଧ୍ୟାନ ନ ଦେଲେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି।

# ଚଢ଼ାଦରରେ ୟୁରିଆ ବିକ୍ରି

ଭଞ୍ଜନଗର,୨୫।୮(ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ ୟୁରିଆ ସାର ଚଢ଼ାଦରରେ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ପରିବହନ ଖର୍ଚ୍ଚ କାଟି ୟୁରିଆ ସାର ବସ୍ତା ପ୍ରତି ଦର ୨୬୬ଟଙ୍କା ୫୦ ପଇସାରେ ବିକ୍ରି କରିବା ପାଇଁ ନିର୍ଦ୍ଦେଶ ଥିଲେ ମଧ ଜିଲାର ଅନେକ ସେବା ସମବାୟ ସମିତିରେ ପରିବହନ ଖର୍ଚ୍ଚ ନିଆଯାଉଛି। ଭଞ୍ଜନଗର ଅଞ୍ଚଳର ଅନେକ ସେବା ସମବାୟ ସମିତିରେ ୟୁରିଆ ସାର ୩୧୦ ଟଙ୍କାରେ ଖୋଲାଖୋଲି ଭାବେ ବିକ୍ରି ହେଉଛି। ଏପଟେ ସମିତି ସମ୍ପାଦକମାନେ ଠିକ୍ ଦର ନିଆଯାଉଛି ବୋଲି କହୁଛନ୍ତି। ଅବ୍ୟବସ୍ଥା ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ନୀରବଦ୍ରଷ୍ଟା ସାଜୁଛନ୍ତି।

ଗଞ୍ଜାମ ଜିଲାରେ ୫ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ଅଛନ୍ତି। ଧାନ ଓ ଅଣଧାନ ୪ଲକ୍ଷ ୬ ହଜାର ହେକ୍ଟର ଜମିରେ ଚାଷ ହେଉଛି। ସେଥିମଧ୍ୟରୁ ଚଳିତ ଖରିଫ୍ ଋତୁରେ ୨ଲକ୍ଷ ୧୫ ହଜାରରୁ ଉର୍ଦ୍ଧ୍ୱ ହେକ୍ଟର ଜମିରେ ଧାନ ଚାଷ ହୋଇଛି। ତେଣୁ ଚାଷୀଙ୍କୁ ବିଭିନ୍ନ ପ୍ରକାର ସାର ୭୩ ହଜାର ୪ଶହ ମେଟ୍ରିକ୍ ଟନ୍ ଆବଶ୍ୟକ। ସେଥିମଧ୍ୟରୁ କେବଳ ୪୫ ହଜାର ମେଟ୍ରିକ୍ ଟନ୍ ୟୁରିଆ ସାର ଯୋଗାଇ ଦେବାପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ଶନିବାର ସୁଦ୍ଧା ଜିଲାକୁ ପ୍ରାୟ ୧୮ ହଜାର ୫ଶହ ୧୩ ମେଟ୍ରିକ୍ ଟନ୍ ସାର ଆସିଛି। ଧାନ ଫସଲରେ ଚାଷୀ ୩ ପର୍ଯ୍ୟାୟରେ ସାର ଦେଇଥାନ୍ତି।



ଜିଲୁଣ୍ଡି ସେବା ସମବାୟ ସମିତିରୁ ସାର ନେବାପାଇଁ ଚାଷୀଙ୍କ ଭିଡ଼।

- ଗଞ୍ଜାମ ଜିଲାରେ ଆବଶ୍ୟକ ୪୫ ହଜାର ମେଟ୍ରିକ ଟନ୍ ମିଳିଛି ଅଧାରୁ କମ୍
- ଚାଷୀଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ରହୁନି

କେତେଜଣ ଚାଷୀ ଜମିର ଉର୍ବରତାକୁ ଦେଖି ମଧ ସାର ପ୍ରୟୋଗ କରନ୍ତି। ଧାନରୁଆ ବେଳେ ୨୫ ପ୍ରତିଶତ ସାର ଆବଶ୍ୟକ ପଡୁଥିବାବେଳେ ବର୍ତ୍ତମାନ ପିଲ ଧାନ ପାଇଁ ୫୦ ପ୍ରତିଶତ ଆବଶ୍ୟକ ପଡୁଛି। ସେପ୍ଟେମ୍ବର ଶେଷ ନଚେତ ଅକ୍ଟୋବରରେ ଧାନ ଜମିରେ ଶେଷ ପର୍ଯ୍ୟାୟ ସାର ଦିଆଯାଇଥାଏ। ତେବେ ବର୍ତ୍ତମାନ ଯେତିକି ସାର ଆବଶ୍ୟକ ତାଠୁ ବହୁତ କମ୍ ଆସିଥିବା ଯୋଗୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସେବା ସମବାୟ ସମିତି ଏବଂ ସରକାରୀ ସ୍ୱିକୃତୀପ୍ରାପ୍ତ ଦୋକାନୀମାନଙ୍କ ଦ୍ୱାରା ସାର ବିକ୍ରି କରାଯାଉଛି। ଭଞ୍ଜନଗର ବ୍ଲକର ଲାଲସିଂ, ଜିଲୁଣ୍ଡି, ଗାଲେରି, ସାନକୋଦଣ୍ଡା, ବଡ଼କୋଦଣ୍ଡା, ଡିଳିସିଙ୍ଗି, କୁଲାଡ଼ ସେବା ସମବାୟ ସମିତି ଓ କିଛି ବ୍ୟବସାୟୀ ସାର ବିକ୍ରି ପାଇଁ ଅନୁମତି ପାଇଛନ୍ତି। ସରକାର ସାରରେ ସବ୍ସିଡ଼ି ଦେଉଥିବାରୁ କିଣିବା ସମୟରେ ଚାଷୀ ଆଧାର କାର୍ଡ଼ ସାଙ୍ଗରେ ଆଣିବା ବାଧ୍ୟତାମୂଳକ କରାଯାଇଛି। ସେବା ସମବାୟ ସମିତି ମାଧ୍ୟମରେ ୨୬୬ ଟଙ୍କାରେ ସାର ବିକ୍ରି ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ଦୋକାନୀମାନେ ଆଉ କିଛି ଅଧିକ ଟଙ୍କାରେ ବିକ୍ରି କରିପାରିବେ। କିନ୍ତୁ ଭଞ୍ଜନଗର ବ୍ଲକରେ ମନଇଚ୍ଛା ଦରରେ ସାର ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଚାଷୀମାନେ ସାର କିଣିବା ବେଳେ କରୋନା ଲାଗି ଜାରି ଗାଇଡଲାଇନ୍ ପରସ୍ପର ମଧ୍ୟରେ ସାମାଜିକ ଦୂରତ୍ୱ ବଜାୟ ରଖୁନାହାନ୍ତି। ସୋମବାର ଜିଲୁଣ୍ଡି ଏବଂ କୋଦଣ୍ଡା ସେବା ସମବାୟ ସମିତିରେ ସାର ବିକ୍ରି ବେଳେ ବିଭିନ୍ନ କାରଣ ଦର୍ଶାଇ ଚାଷୀମାନେ ହୋହଲ୍ଲା କରିଥିଲେ। ପରେ ବିଭିନ୍ନ ଅଧିକାରୀଙ୍କ ହସ୍ତକ୍ଷେପ ପରେ ସାର ବିକ୍ରି ସ୍ୱାଭାବିକ ହୋଇଥିଲା। ଏସବୁ ପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବା ଆବଶ୍ୟକ ହୋଇପଡ଼ିଛି।

> ଚଢ଼ା ଦରରେ ସାର ବିକ୍ରି ନେଇ କୌଣସି ଅଭିଯୋଗ ଆସିନାହିଁ। ଅଭିଯୋଗ ଆସିଲେ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନିଆଯିବ। ଚାହିଦା ଅନୁଯାୟୀ ଚାଷୀଙ୍କୁ ସରକାର ସାର ଯୋଗାଇ ଦେବାକୁ ଯୋଜନା କରୁଛନ୍ତି। କରୋନା ପାଇଁ ଏହି ସମସ୍ୟା ଉପୁଜିଛି। ଭଞ୍ଜନଗର କୃଷି ଜିଲାରେ ଧାନ ଚାଷ ଭଲ ହୋଇଛି। ଆଗକୁ ପାଣିପାଗ ଠିକ୍ ରହିଲେ ଚାଷୀ ସୁଫଳ ପାଇବେ।
>
> **-ଅର୍ଜ୍ଜୁନ ବିଷୋୟୀ, ଭଞ୍ଜନଗର କୃଷି ଜିଲା ଅଧିକାରୀ**

> ସାର କିଣିବାକୁ ହେଲେ ଆଧାର କାର୍ଡ଼ ବାଧ୍ୟତାମୂଳକ କରାଯାଇଛି। ଆଧାର କାର୍ଡ଼ ନ ଥିବା ଯୋଗୁ ସାର କିଣି ନ ପାରି ନିରାଶ ହୋଇ ଫେରିଲି। ସେବା ସମବାୟ ସମିତିରେ ଲୋକ ଦେଖି ସାର ଦିଆଯାଉଛି। ପର୍ଯ୍ୟାପ୍ତ ସାର ନ ଥିବା ଯୋଗୁ ଚାଷୀମାନେ ସୁବିଧାରେ ପାଇପାରୁନାହାନ୍ତି। ସରକାର ଏଥିପ୍ରତି ଦୃଷ୍ଟି ଦିଅନ୍ତୁ।
>
> **-ହରି ପାତ୍ର, ଚାଷୀ, କଇଠପଲ୍ଲୀ**

> ୟୁରିଆ ସାର ବସ୍ତା ପ୍ରତି ଦର ୨୬୬ ଟଙ୍କା ୫୦ ପଇସାରେ ବିକ୍ରି କରିବା ପାଇଁ ଆମ ନିକଟକୁ କୌଣସି ଲିଖିତ ନିର୍ଦ୍ଦେଶନାମା ଆସିନାହିଁ। ତେଣୁ ଆମେ ପରିବହନ ଖର୍ଚ୍ଚକୁ ମିଶାଇ ୩୧୦ ଟଙ୍କାରେ ସାର ବିକ୍ରି କରୁଛୁ। ଆଇନ ଅନୁଯାୟୀ, ଚାଷୀଙ୍କୁ ସାର ବିକ୍ରି କରାଯାଉଛି। ସରକାର ଯଦି ପରିବହନ ଖର୍ଚ୍ଚ କାଟିବା ପାଇଁ ନିର୍ଦ୍ଦେଶ ଦେବେ ତାହା କାଟି ଧାର୍ଯ୍ୟ ଦରରେ ବିକ୍ରି କରିବୁ।
>
> **-ଲକ୍ଷ୍ମୀକାନ୍ତ ପାତ୍ର, ସମ୍ପାଦକ, ଜିଲୁଣ୍ଡି ସେବା ସମବାୟ ସମିତି**

> ଗତବର୍ଷ ଯେଉଁ ସୋସାଇଟିରେ ମଣ୍ଡି ହୋଇଥିବ ଉକ୍ତ ସୋସାଇଟି ହିଁ ପରିବହନ ଖର୍ଚ୍ଚ କାଟି ୨୬୬ଟଙ୍କା ୫୦ ପଇସାରେ ସାର ବିକ୍ରି କରିବେ। ଯେଉଁଠି ମଣ୍ଡି ହୋଇ ନ ଥିଲା ସମ୍ପୃକ୍ତ ସୋସାଇଟି ପରିବହନ ଖର୍ଚ୍ଚକୁ ମିଶାଇ ସାର ବିକ୍ରି କରିବେ। ଯଦି କୌଣସି ସୋସାଇଟିରେ ବେଆଇନ କାର୍ଯ୍ୟ ହେଉଥିବ, ସମ୍ପୃକ୍ତ ସୋସାଇଟି କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।
>
> **-ବିଜୟ କୁମାର ଦାସ, ଏଆରସିଏସ୍, ଆସିକା**

## 'ଚାଷୀଙ୍କୁ ସାର ମିଳୁଛି କି ନାହିଁ ତଦାରଖ କର'

**ଶେରଗଡ଼ ବ୍ଲକ**

ଶେରଗଡ,୨୫।୮(ଡି.ଏନ୍.ଏ.)

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମଙ୍ଗଳବାର ସନ୍ଧ୍ୟାରେ ଭିଡିଓ କନ୍ଫରେନ୍ସ ଜରିଆରେ ଶେରଗଡ ବିଡିଓ ଓ ତହସିଲଦାରଙ୍କ ସହ ଆଲୋଚନା କରିଛନ୍ତି। ଜିଲାପାଳ ଚାଷୀଙ୍କ ସମସ୍ୟା ବୁଝିବାକୁ ଉଭୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଚାଷୀଙ୍କୁ ସାର ମିଳୁଛି କି ନାହିଁ ତଦାରଖ କରିବାକୁ ତହସିଲଦାର ଡ. ଦୟାସିନ୍ଧୁ ପରିଡାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସାର ଦୋକାନ ଓ ଡିଲର ମାନଙ୍କ ପାଖକୁ ଯାଇ ଅନୁଧ୍ୟାନ କରିବାକୁ କହିଛନ୍ତି। ବ୍ଲକର ସମସ୍ତ ଚାଷୀ ଯେପରି ନାମ ପଞ୍ଜୀକରଣ କରିବେ ସେଥିପ୍ରତି ଦୃଷ୍ଟି ଦେବାସହ ଏହାର ତଦାରଖ କରିବାକୁ ବିଡିଓ ସୁରଞ୍ଜନ କୁମାର ସାହୁଙ୍କୁ କହିଥିଲେ। ବ୍ଲକରେ ଥିବା ସମସ୍ତ ସମବାୟ ସମିତିକୁ ଯାଇ ଧାନ କିଣା ପୂର୍ବରୁ ଚାଷୀ ପଞ୍ଜୀକରଣ ସାରିବାକୁ ଜିଲାପାଳ କହିଥିଲେ। ବିଡିଓ ଓ ତହସିଲଦାରଙ୍କ ସମେତ ବ୍ଲକ କୃଷି ଅଧିକାରୀ ଅଜୟ କୁମାର ନାୟକ, ଯୋଗାଣ ନିରୀକ୍ଷକ ଶରତ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## କଣ୍ଟେନ୍ମେଣ୍ଟ ଜୋନ୍ରୁ ଆସି ରାସ୍ତାରୋକୋ



ରାସ୍ତାରେ ହାଣ୍ଡିମାଠିଆ ରଖି ଆନ୍ଦୋଳନ କରୁଛନ୍ତି ସାହିବାସିନ୍ଦା।

ବୁଗୁଡ଼ା,୨୫।୮(ଡି.ଏନ୍.ଏ.)

- ପାଣି ପାଇଁ ବ୍ୟାରିକେଡ ଭାଙ୍ଗିଲେ ଅଞ୍ଚଳବାସୀ
- ପଲାଇସାହି ମିନି କଣ୍ଟେନ୍ମେଣ୍ଟ ଜୋନ୍

ବୁଗୁଡ଼ା ଏନ୍ଏସି ପଲାଇ ସାହିରେ ଜନୈକା ଦମ୍ପତିଙ୍କ ସହ ୪ କରୋନା ପଜିଟିଭ ଚିହ୍ନଟ ପରେ ପ୍ରଶାସନ ସୋମବାର ରାତିରେ ଉକ୍ତ ସାହିକୁ ୧୦ଦିନ ପର୍ଯ୍ୟନ୍ତ ମିନି କଣ୍ଟେନ୍ମେଣ୍ଟ ଜୋନ୍ ଘୋଷଣା କରିଛି। ସାହିଲୋକଙ୍କୁ କୋଭିଡ୍ ନିୟମ ମାନି ଚଳିବାକୁ ପରାମର୍ଶ ଦିଆଯାଇଥିଲା। ପ୍ରବେଶ ପଥରେ ବ୍ୟାରିକେଡ କରି ଯାତାୟାତ ବନ୍ଦ କରାଯାଇଛି। କିନ୍ତୁ ସାହିକୁ ଦୀର୍ଘବର୍ଷ ହେଲା ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ହୋଇନାହିଁ। ବ୍ୟାରିକେଡ ପରେ ଏବେ ଅଞ୍ଚଳବାସୀ ପାଣି କିପରି ପାଇବେ ସେ ନେଇ ଚିନ୍ତାରେ। ଫଳରେ ମଙ୍ଗଳବାର ସକାଳେ ବ୍ୟାରିକେଡ ଭାଙ୍ଗି ସାହିର ମହିଳା ଓ ପୁରୁଷ ପାନୀୟ ଜଳ ଯୋଗାଣ ଦାବିରେ ରାସ୍ତାରେ ହାଣ୍ଡି ମାଠିଆ ରଖି ଆନ୍ଦୋଳନ କରିଥିଲେ। ତହସିଲଦାର ସଂଗ୍ରାମ କେଶରୀ ଜେନା, ଥାନା ଅଧିକାରୀ ଚିତ୍ତରଞ୍ଜନ ବେହେରା, ଏନ୍ଏସି ନିର୍ବାହୀ ଅଧିକାରୀ ରଶ୍ମୀରଞ୍ଜନ ଦାଶ ଏବଂ ଓଏସ୍ଡି ବିଶ୍ୱରଞ୍ଜନ କଅଁର ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ସାହିକୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦେବାସହ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯିବା ପରେ ରାସ୍ତାରୋକୋ ହଟିଥିଲା। ସାହିକୁ ପାଇପ ଯୋଗେ ପାଣି ଯୋଗାଣ ବ୍ୟବସ୍ଥା କରାଯିବ ବୋଲି ଜନସ୍ୱାସ୍ଥ୍ୟ ବିଭାଗ କନିଷ୍ଠ ଯନ୍ତ୍ରୀ ସନ୍ତୋଷ ପଣ୍ଡା ମଧ ପ୍ରତଶ୍ରୁତି ଦେଇଛନ୍ତି।

## କୋଭିଡ୍-୧୯ ନିୟମ ଉଲ୍ଲଂଘନ, ୯ ଦୋକାନ ସିଲ୍

ବ୍ରହ୍ମପୁର ଅଫିସ,୨୫।୮

କୋଭଡ୍-୧୯ ନିୟମାବଳୀ ଉଲ୍ଲଂଘନ ଅଭିଯୋଗରେ ମଙ୍ଗଳବାର ୯ ଦୋକାନ ପ୍ରଶାସନ ସିଲ କରିଛି। ଜିଲା ପ୍ରଶାସନ ଦ୍ୱାରା ଜାରି କରାଯାଇଥିବା ପଞ୍ଚସୂତ୍ରୀ ନିୟମ ଉଲ୍ଲଂଘନ ଅଭିଯୋଗରେ ଦୋକାନଗୁଡିକ ସିଲ୍ କରାଯାଇଥିବା ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ ସୂଚାଇଛନ୍ତି। ସଂକ୍ରମଣ ପ୍ରତିରୋଧ କରିବା ନେଇ ଜିଲା ପ୍ରଶାସନ ପକ୍ଷରୁ ଜାରି ପଞ୍ଚସୂତ୍ରୀ ନିୟମ ପାଳନ କରି ଦୋକାନ ଖୋଲିବାକୁ ତାଗିଦ ସତ୍ତ୍ୱେ ଅନେକ ଦୋକାନୀ ଏହାକୁ ଖିଲାପ କରୁଛନ୍ତି। ମଙ୍ଗଳବାର ବ୍ରହ୍ମପୁର ଉପଖଣ୍ଡ ପ୍ରଶାସନ ପକ୍ଷରୁ ଗଠିତ ଏକ ଟିମ୍ ସହରର ବିଭିନ୍ନ ସ୍ଥାନରେ ଚଢାଉ କରି ନିୟମ ଉଲ୍ଲଂଘନ କରିଥିବା ୯ ଦୋକାନକୁ ସିଲ କରିଥିଲା। ସେଥିମଧ୍ୟରେ ଇଲେକ୍ଟ୍ରୋନିକ୍ସ, ଫ୍ୟାନ୍ସି ଷ୍ଟୋର ଓ ଫାର୍ମାଷ୍ଟୋର ଆଦି ରହିଥିବା ଉପଜିଲାପାଳ ସୂଚାଇଛନ୍ତି।




## ୫୦ ପ୍ରତିଶତ ଲାଭ ଦେଉଛି ଛତୁଚାଷ

ଫୁଲବାଣୀ ଅଫିସ, ୨୫।୮

କନ୍ଧମାଳ ଜିଲା ଫୁଲବାଣୀ ବ୍ଲକ ଦଡ଼କି ଗ୍ରାମର ଜଣେ ଯୁବକ ଚାକିରି ପଛରେ ନ ଗୋଡାଇ ନିଜେ କିପରି ଆତ୍ମନିର୍ଭରଶୀଳ ହୋଇପାରିବା ତାହା କରି ଦେଖାଇଛନ୍ତି। ସେ ହେଲେ ଦେବବ୍ରତ ବେହେରା (ବୁଲୁ)। ଛତୁଚାଷ କରି ସେ ସ୍ୱାବଲମ୍ବୀ ହୋଇଛନ୍ତି। ସ୍ଥାନୀୟ ଅଞ୍ଚଳରେ ସେ ଏବେ ଛତୁ ବୁଲୁ ଭାବେ ପରିଚିତ। ଚାହିଦା ଏତେ ରହିଛି ଯେ, ଲୋକେ ଫୋନ କରି ଆସି ଛତୁ କିଣି ନେଉଛନ୍ତି।

ଦେବବ୍ରତ ଦାରିଙ୍ଗିବାଡିରେ ମାଟ୍ରିକ ପଢୁଥିବା ବେଳେ ଘରେ ସଉକରେ ଅଳ୍ପ ପରିମାଣର ପାଳଛତୁ ଉତ୍ପାଦନ କରୁଥିଲେ। ସେ ସମୟରେ ଜିଲାରେ ଦଙ୍ଗା ହେବାରୁ ତାଙ୍କୁ ଘର ଛାଡି ଯିବାକୁ ପଡିଲା। କାମ ଖୋଜିବାକୁ ଭୁବନେଶ୍ୱର ଚାଲି ଯାଇଥିଲେ। ପରିସ୍ଥିତି ସୁଧୁରିବା ପରେ ଫୁଲବାଣୀ ଫେରିଥିଲେ। ଦଡ଼କିଠାର ଘରଭଡା ନେଇ ସ୍ତ୍ରୀ ଏବଂ ଦୁଇ ପିଲାଙ୍କ ସହ ରହିଲେ। ଲୋନ୍ରେ ଏକ ଅଟୋ କିଣି ଚଲାଇଥିଲେ। ପରେ ଛତୁଚାଷ କରିବାକୁ ସ୍ଥିର କଲେ। ପ୍ରଥମେ ଅଳ୍ପ ପରିମାଣର ଛତୁ ଚାଷ କଲେ। ଆଖପାଖର ଲୋକେ ଆସି ତାହା କିଣି ନେଲେ। ଏହା ତାଙ୍କୁ ଉତ୍ସାହିତ କରିବାରୁ ଚାଷ ବଢ଼ାଇଲେ। ଏବେ ପ୍ରତିଦିନ ୨୦ଟି ବେଡରୁ ପାଖାପାଖି ୧୦ କେଜି ଛତୁ ବାହାରୁଛି। ଦେବବ୍ରତ କହିଛନ୍ତି, ପିଲାବେଳର ସଉକ ଏବେ ତାଙ୍କୁ ସମ୍ପୂର୍ଣ୍ଣ ଚାଷୀ କରି ଦେଇଛି। ମାର୍ଚ୍ଚରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ପାଳଛତୁ ଚାଷ କରିଥାଏ। ଅନ୍ୟ ମାସରେ ଢିଙ୍ଗିରି ଛତୁ। କଞ୍ଚାମାଲ କହିଲେ ନଡ଼ା ଲାଗି ଟିକେ ସମସ୍ୟାର ସମ୍ମୁଖୀନ



ଦେବବ୍ରତ ବେହେରା।

ହେବାକୁ ପଡିଥାଏ। ଜିଲାରେ ନଡା ବିଡ଼ା ପ୍ରତି ୨ ଟଙ୍କାରେ ମିଳିଥାଏ। ହେଲେ ସବୁ ବେଳେ ମିଳେ ନାହିଁ। ତେଣୁ ବାହାରୁ ଆଣିଲେ ଗାଡି ଭଡା ମିଶି ବିଡାକୁ ୫ଟଙ୍କା ପଡିଯାଏ। ମଞ୍ଜି ଭଲ ଦରରେ ମିଳେ। ଏବେ ଦିନକୁ ଯେତିକି ଉତ୍ପାଦନ ହେଉଛି ଆଗକୁ ଆହୁରି ଅଧିକ କରିବା ଲକ୍ଷ୍ୟ ରହିଛି ବୋଲି ଦେବବ୍ରତ କହିଛନ୍ତି। କେହି ଫୋନରେ ଅର୍ଡର କଲେ ଅଟୋ ଚଲାଇବାକୁ ଗଲା ବେଳେ ସେମାନଙ୍କୁ ଦେଇଦିଏ। ଛତୁ ଚାଷରେ ଯେତିକି ଟଙ୍କା ଖର୍ଚ୍ଚ କରୁଛି ତାହାର ୫୦ ପ୍ରତିଶତ ଲାଭ ମିଳୁଛି। ଦିନକୁ ଏବେ ୧୮୦୦ରୁ ୨୦୦୦ ଟଙ୍କାର ଛତୁ ବିକ୍ରି କରୁଛି। ଜଣେ ଚାହିଁଲେ ଅଳ୍ପ ଟଙ୍କା ନିବେଶ କରି ଏହି ଚାଷ କରି ପାରିବ ବୋଲି ଦେବବ୍ରତ କହିଛନ୍ତି।

## ୨ ଗୋଷ୍ଠୀ ମଧ୍ୟରେ ଆକ୍ରମଣ ଘଟଣା

**୩ କୋର୍ଟ ଚାଲାଣ**

ବ୍ରହ୍ମପୁର ଅଫିସ ,୨୫।୮

ବ୍ରହ୍ମପୁର ସହରରେ ଏବେ ଧୀରେ ଧୀରେ ଅପରାଧୀ ସକ୍ରିୟ ହେବା ସହ ଗୋଷ୍ଠୀ ସଙ୍ଘର୍ଷ ଭଳି ଘଟଣା ଘଟୁଛି। ବଡବଜାର ଥାନା ପାଣିଗ୍ରାହୀପେଣ୍ଠ ଛକରେ ସଂଘଟିତ ୨ ଅପରାଧୀ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ହେବା ସହ ଆକ୍ରମଣ ଓ ପ୍ରତି ଆକ୍ରମଣ ଘଟଣାରେ ପୋଲିସ ଗୋଟିଏ ଗୋଷ୍ଠୀର ୩ ଅପରାଧୀଙ୍କୁ ଗିରଫ କରିଛି। ଫକୀର ଗୌଡ଼ଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ପୋଲିସ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସୀତାରାମସାହିର ମିଙ୍କୁ ବେହେରା (୩୩), ପାଣିଗ୍ରାହୀପେଣ୍ଠର ଅମର ପାଳ (୨୩) ଓ ଲାଲା ମହାନ୍ତି (୨୨)। ମାମଲା ନଂ. ୧୭୦/୨୦ରେ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ପ୍ରଶାନ୍ତ ଭୂପତି ସୂଚନା ଦେଇଛନ୍ତି। ସେହିପରି ମିଙ୍କୁଙ୍କ ଅଭିଯୋଗ କ୍ରମେ ପୋଲିସ ପୂର୍ବରୁ ଫକୀର ଗୋଷ୍ଠୀର ସୋନୁ ଲେଙ୍କା ଓ ଆଶିଷ ସେନାପତିଙ୍କୁ ମାମଲା ନଂ.୧୭୧/୨୦ ରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅନ୍ୟପଟେ ଆହତ ଫକୀର ସୁସ୍ଥ ହେବା ପରେ ତାଙ୍କୁ ମଧ ଗିରଫ କରାଯିବ ବୋଲି ପୋଲିସ କହିଛି। ପ୍ରକାଶ ଯେ, ଫକୀର ଓ ସୋନୁ ଗୋଷ୍ଠୀ ସହ ମିଙ୍କୁ ଗୋଷ୍ଠୀର ପୂର୍ବଶତ୍ରୁତା ଲାଗିରହିଛି। ଗତ ୨୨ ତାରିଖରେ ଉଭୟ ଗୋଷ୍ଠୀ ଫାଷ୍ଟ ଗେଟ ନିକଟରେ ମୁହାଁମୁହିଁ ହୋଇଥିଲେ। ସେଠାରେ ଆକ୍ରମଣ ଓ ପ୍ରତି ଆକ୍ରମଣ ହୋଇଥିଲା। ଫକୀର ରଖିଥିବା ମରିଚଗୁଣ୍ଡ ମିଙ୍କୁଙ୍କ ଆଖିରେ ପକାଇ ଦେଇଥିଲେ। ଏଥିରେ ମିଙ୍କୁ ଆହତ ହୋଇଥିଲେ। ଅନ୍ୟପଟେ ମିଙ୍କୁ ସହ ଥିବା ତାଙ୍କର ଅନ୍ୟ ୨ ସହଯୋଗୀ ଫକୀର ଓ ସୋନୁଙ୍କୁ ମଧ ଆକ୍ରମଣ କରିଥିଲେ। ଫଳରେ ଫକୀରଙ୍କ ମୁଣ୍ଡ ଫାଟିଯାଇଥିଲା। ଏନେଇ ଉଭୟ ଗୋଷ୍ଠୀ ପକ୍ଷରୁ ପୃଥକ ଭାବେ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ୨ଟି ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ କରିବା ସହ ଉଭୟ ଗୋଷ୍ଠୀର ଅଭିଯୁକ୍ତମାନଙ୍କୁ ଗିରଫ କରିଛି।

## କାଜୁ ଟ୍ରକ୍ରୁ ୩ କୁଇଣ୍ଟାଲ ଗଞ୍ଜେଇ ଜବତ

ଆର୍.ଉଦୟଗିରି,୨୫।୮ (ଡି.ଏନ୍.ଏ.)

ଅଡବା ପୋଲିସ ବାଟିପଙ୍କା-ମାଣ୍ଡିମରା ରାସ୍ତାରେ ସୋମବାର ପେଟ୍ରୋଲିଂ ବେଳେ ଏକ କାଜୁ ବୋଝେଇ ଟ୍ରକ୍କୁ ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ପରେ ଏଥିରୁ ୩ କୁଇଣ୍ଟାଲ ୪୪ କେଜି ୭୦୦ ଗ୍ରାମ ଗଞ୍ଜେଇ ମିଳିଥିଲା। ଟ୍ରକ୍ରେ ଥିବା ଚାଳକ ଓ ଅନ୍ୟଜଣଙ୍କୁ ପୋଲିସ ଗିରଫ କରିଥିଲା। ସେମାନେ ହେଲେ ଉତ୍ତରପ୍ରଦେଶ ଆଉରାଇଆ ଜିଲା ବିଧୁନା ଥାନା ଜାଗିରପୁରର ବିପିନ କୁମାର ଓ ମୋନୁ କୁମାର ପାଲ୍କୁ ଜେରାପରେ ଏମାନେ ରାଇପଙ୍କା ଅଞ୍ଚଳରୁ ଉତ୍ତରପ୍ରଦେଶ ଗଞ୍ଜେଇ ଚାଲାଣ କରୁଥିବା ପୋଲିସକୁ କହିଥିଲେ। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ତପନ କୁମାର ପତି ସୂଚନା ଦେଇଛନ୍ତି।

## ବାପା ପକ୍ଷାଘାତ, ପୁଅ କର୍କଟରେ ପୀଡିତ

ବୈଦ୍ୟନାଥ ବେହେରା
ଖଜୁରିପଡ଼ା,୨୫।୮(ଡି.ଏନ୍.ଏ.)

ବାପା ପକ୍ଷାଘାତ, ପୁଅ କର୍କଟରେ ପୀଡିତ, ଦୁହେଁ ବିଛଣାରେ ପଡି ରହିଛନ୍ତି। ଚିକିତ୍ସା ପାଇଁ ଜମିବାଡ଼ି, ଗୋରୁ ଠାରୁ ଆରମ୍ଭ କରି ଘରେ ଥିବା କଂସାବାସନ ପର୍ଯ୍ୟନ୍ତ ବିକି ତଳିତଳାନ୍ତ ହୋଇଗଲେଣି। ତଥାପି ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ଆସୁନି। ଏବେ ଇଶ୍ୱରଙ୍କ ଭରଷାରେ ସୁଦ୍ରୁକୁମ୍ପା ପଞ୍ଚାୟତ ନେଡିଗୁଡ଼ା ଗ୍ରାମର କୁଞ୍ଜବିହାରୀ ବେହେରା (୬୫) ଓ ବଡ଼ପୁଅ ଭାଗୀରଥି (୩୦)। କୁଞ୍ଜବିହାରୀଙ୍କ ସ୍ତ୍ରୀ ମୂଳାବତୀଙ୍କ କହିବା ପ୍ରକାରେ, ଦୀର୍ଘ ୪ ବର୍ଷ ତଳେ ହଠାତ୍ ସ୍ୱାମୀ ପକ୍ଷାଘାତରେ ଆକ୍ରାନ୍ତ ହୋଇଥିଲେ। ଗୋଡହାତ କାମ ନ କରିବାରୁ ଅକର୍ମଣ୍ୟ ହୋଇଯାଇଥିଲେ। ୨ ବର୍ଷ ତଳେ ପୁଅ ଭାଗୀରଥିଙ୍କ ପାଟିରେ ଘା' ହୋଇଥିଲା। ପରେ ପରୀକ୍ଷା କରିବାରୁ କର୍କଟ ହୋଇଥିବା ଜଣାପଡିଲା। ଗାଲ ବାହାର ପଟରୁ ଗର୍ତ୍ତ ହୋଇ ମୁଣ୍ଡ ପର୍ଯ୍ୟନ୍ତ ନଷ୍ଟ ହୋଇଗଲାଣି। ବଡ ବୋହୁ ଓ ତାଙ୍କର ବର୍ଷକର ଝିଅ, ସାନପୁଅ ଓ ଶଯ୍ୟାଶାୟୀ ବାପା ପୁଅଙ୍କୁ ନେଇ ୬ ପ୍ରାଣୀ କୁଟୁମ୍ବ ଚଳିବା କଷ୍ଟକର ହୋଇପଡୁଛି। ସରକାରୀ ସହାୟତା କହିଲେ, କୁଞ୍ଜବିହାରି ଓ ମୂଳାବତୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳୁଥିବାବେଳେ ରାଶନ କାର୍ଡରେ ୨୫ କେଜି ଚାଉଳ ମିଳୁଛି। ୨୦୧୯ରେ ଭାଗୀରଥିଙ୍କ ଅପରେସନ ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସହାୟତା ମିଳିଥିଲା। ହେଲେ ଏହା ସଫଳ ହେଲାନାହିଁ। ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟିଦେଇ ଭାଗୀରଥିଙ୍କ ଚିକିତ୍ସା ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



କୁଞ୍ଜ ବିହାରୀ ବେହେରା



ଭାଗୀରଥି ବେହେରା।

- ଚିକିତ୍ସାରେ ବାଧକ ସାଜିଛି ଅର୍ଥ
- ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେବାକୁ ଗ୍ରାମବାସୀଙ୍କ ଦାବି

# DISTRICT OFFICE, KHORDHA

**SPECIAL LAND ACQUISITION (NH) CELL, Land Acquisltion Officer (NH) and Competent Authority, Plot No. 318 (Dharakote House), Kharavela Nagar, Unit-III, BHUBANESWAR-1, Tel. No.: (0674)-2394492**

## PUBLIC NOTICE

**No.: 348** **Date: 24.08.2020**

In exercise of powers vested under Section -3D(1) and (2) of National Highways Act. 1956 (48 of 1956) the Central Government vide their Notification No. S.O.1988(E) Dated 20th June, 2020 have acquired the lands indicated in the Schedule hereunder for building (widening / two lane with paved shoulder / four laning etc.), maintenance, management and operation of National Highway No. 57, in the Stretch of land from Km.294.2 to Km.300.3 (Khordha Bypass) in the districts of Khordha in the State of Odisha.

Under the provisions of Section- 3G(1), (2), (3) & (4) of the National Highways Act., 1956 (48 of 1956) it is hereby informed to the landowners and other interested persons whose lands are published in the Gazette of India No. 1768 on dt.22.06.2020 acquired for building (widening / two lane with paved shoulder / four laning etc.), maintenance, management and operation of National Highway No. 57, in the Stretch of land from Km.294.2 to km.300.3 (Khordha Bypass) in the districts of Khordha in the State of Odisha; to appear and submit their claims alongwith the copies of relevant documents viz, (1) Sale/Partition/Other Deeds of Title, (2) Mutation orders and Rent Receipt, (3) Conversion Certificate etc. in person / through Agents / Advocates in the place and date as indicated hereunder to the Land Acquisition Officer and Competent Authority, (N.H.), Khordha at Bhubaneswar and to state their respective interests on such lands.

**Sd/-**
**Land Acquisition Officer (NH) &**
**Competent Authority, Khordha, Bhubaneswar**

| Sl. No. | Name of the District | Name of the Tahasil | Name of the Villige | Date & Time | The place where the land owners/ interested persons have to appear and submit their claims |
|---|---|---|---|---|---|
| 01. | Khordha | Khordha | 1. Gurujang<br>2. Kanjiama<br>3. Kumbharbasta<br>4. Saradhapur<br>5. Taratua<br>6. Willkinsonnagar | On or before 25.09.2020 during working hours | Special Land Acquisition (NH) Cell, Plot No. 318 (Dharakote House), Kharavela Nagar, Unit-III, Bhubaneswar-1, Tel. No.: (0674)-2394492 |

**MINISTRY OF ROAD TRANSPORT AND HIGHWAYS**

## NOTIFICATION

**New Delhi, the 20th June, 2020**

**S.O: 1988(E).**- Whereas by the notification of the Government of India in the Ministry of Road Transport and Highways number S.O. 2019(E) dated 20th June 2019, published in the Gazette of India, Extraordinary, Part II, Section 3, Sub-section (ii) issued under sub-section (1) of section 3A of the National Highway Act, 1956 (48 of 1956) (hereinafter referred to as the said Act), the Central Government declared its intention to acquire the land specified in the Schedule annexed to the said notification for building (widening/two lane with paved shoulder/ four laning etc.) maintenance, management and operation of NH57 in the stretch of land from Km.294.2 to Km.300.3 (Khordha Bypass) in the district of KHORDHA in the state of ODISHA

And whereas the substance of the said notification has been published in **"Sambad"** and **"Dharitri"** both **dated 20.07.2019;** under sub-section (3) of section 3A of the said Act;

And whereas objections have been received and the same have been considered and disallowed by the competent Authority; And whereas, in pursuance of sub-section (1) of section 3D of the said Act, the competent authority has submitted its report to the Central Government;

Now, therefore, upon receipt of the said report of the competent authority and in exercise of the powers conferred by the sub-section (1) of section 3D of the said Act, the Central Government hereby declares that the land specified in the said Schedule should be acquired for the aforesaid purpose;

And further, in pursuance of sub-section (2) of section 3D of the said Act, the Central Government hereby declares that on publication of this notification in the Official Gazette, the land specified in the said Schedule shall vest absolutely in the Central Government, free from all encumbrances.

**SCHEDULE**

**Brief description of the land to be acquired, with or without structure, falling within the NH57 in the stretch of land from Km.294.2 to Km.300.3 (Khordha Bypass) in the district of KHORDHA in the State of ODISHA.**

**State: ODISHA District: KHORDHA**

| Sl. No. | Survey Number | Type of Land | Nature of Land | Area in Hectare | Name of the Land Owner/Interested person Part Survey No: |
|---|---|---|---|---|---|
| 1 | 2 | 3 | 4 | 5 | 6 |
| | **Taluk : Khordha** | | | | |
| | **Village: Gurujanga** | | | | |
| 1. | 1053 | Government | Sadak | 0.0243 | Jilla Board |
| 2. | 1079 | Private | Sarad - 3 | 0.1983 | Duryodhan Jena, S/o: Antarayami Jena, (2) Sasmita Sahani, W/o: Himanshu Kumar Sahani, (3) Ratani Jena, W/o: Bankanidhi Jena, (4) Dhirendra Kumar Pattnaik, S/o: Jagadish Pattnaik, (5) Abhalaxmi Singh, D/o: Lala Aswini Kumar Singh, (6) Basant Kumar Sahoo, Prasant Kumar Sahoo, S/o: Sankar Sahoo, (7) Sailabala Dash, W/o: Nirmal Chandra Dash, (8) Biswapratap Swain, S/o: Ajaya Kumar Swain, Bibhupratap Swain, S/o: Bijaya Kumar Swain, (9) Bijay Krushna Samantara, S/o: Chandra Sekhar Samantara, (10) Parthasarathi Dalai, S/o: Pitambar Dalai. |
| 3. | 1080 | Private | Sarad - 2 | 0.089 | Shree Dhabaleswar Dev Bije, Gurujang Marfat Trustee Board, Dakhal Ashamani Samantaray, W/o: Purna Chandra Samantaray, Harapriya Samantray, W/o: Narayan Roul, Bishnupriya Samantaray, W/o: Sudarsan Rana, (for daily seva puja of the deity). |
| 4. | 1081 | Private | Sarad - 2 | 0.1659 | Bijya Krushna Samantaray, S/o: Chandra Sekhar Samantaray, (2) Parthasarathi Dalai, S/o: Pitambar Dalai, (3) Swagatika Baral, W/o: Prabal Ranjan Chhotaray, (4) Sanjay Kumar Samantaray, Chinmaya Mohapatra, S/o: Bijaya Krushna Samantaray, (5) Bishnupriya Manasingh, W/o: Ashok Kumar Manasingh, (6) Bharat Kumar Sahoo, Satrughana Sahoo, S/o: Sanatan Sahoo, (7) Subhanjan Mohapatra, S/o: Ugresen Rana, (8) Rajkishore Mohapatra, S/o: Agadhu Mohapatra, (9) Chandrakanti Sahoo, W/o: Sunil Kumar Sahoo, (10) Rosalin Sahoo, W/o: Anil Kumar Sahoo. |
| 5. | 1082 | Private | Sarad - 2 | 0.0243 | Shree Dhabaleswar Dev Bije, Gurujang Marfat Trustee Board, Dakhal Ashamani Samantaray, W/o: Purna Chandra Samantaray, Harapriya Samantray, W/o: Narayan Roul, Bishnupriya Samantaray, W/o: Sudarsan Rana, (for daily seva puja of the deity). |
| 6. | 1095 | Private | Sarad Dofasli - 2 | 0.004 | Jogendra Kumar Sahoo, Dasarathi Sahoo, S/o: Jambeswar Sahoo. |
| 7. | 1096 | Private | Sarad - 2 | 0.2104 | Shree Dhabaleswar Dev Bije, Gurujang Marfat Trustee Board, Dakhal Ashamani Samantaray, W/o: Purna Chandra Samantaray, Harapriya Samantray, W/o: Narayan Roul, Bishnupriya Samantaray, W/o: Sudarsan Rana, (for daily seva puja of the deity). |
| 8. | 1096/1800 | Private | Sarad - 2 | 0.0324 | Bijya Krushna Samantaray, S/o: Chandra Sekhar Samantaray. |
| 9. | 1097 | Private | Sarad - 2 | 0.004 | Ashamani Samantaray, W/o: Purna Chandra Samantaray, Harapriya Samantray, W/o: Narayan Roul, Bishnu Priya Samantaray, W/o: Sudarsan Rana. |
| 10. | 1098 | Private | Sarad Dofasli - 2 | 0.1457 | Raghunath Dash, Prasanna Kumar Dash, S/o: Balaram Dash. |
| 11. | 1099 | Private | Sarad Dofasli - 2 | 0.1862 | Biswambar Sundara, S/o: Madhusudan Sundara. |
| 12. | 1101 | Private | Sarad Dofasl - 2 | 0.1659 | Rabindra Kumar Barad, S/o: Kunjabihari Barad. |
| 13. | 1102 | Private | Sarad Dofasli - 2 | 0.0809 | Shree Gopal Jew Bije, Jajarsingh Marfat Gokulanand Chhotara, S/o: Sadananda Chhotara. |
| 14. | 1103 | Private | Sarad - 2 | 0.2104 | Jagannath Sundara, S/o: Dhobali Sundara, (2) Bhagaban Sundaraya, S/o: Muralidhar Sundaraya. |
| 15. | 1104 | Private | Sarad Dofasli - 2 | 0.1012 | Rajesh Chandra Mohanty, S/o: Rabindra Nath Mohanty |
| 16. | 1105 | Private | Sarad Dofasl - 2 | 0.0546 | Dinabandhu Sahoo, S/o: Baji Sahoo. |
| 17. | 1133 | Private | Sarad Dofasli - 2 | 0.2995 | Purna Chandra Sundara, S/o: Gobinda Sundara. |
| 18. | 1134 | Private | Sarad Dofasli - 2 | 0.0405 | Haramani Dei, W/o: Chintamani Sahoo. |
| 19. | 1135 | Private | Sarad - 2 | 0.1619 | Jagannath Sundara, S/o: Dhobali Sundara. |
| 20. | 1136 | Private | Sarad Dofasli - 2 | 0.1093 | Bhaig Moharana S/o Dinabandhu Moharana. |
| 21. | 1137 | Private | Sarad Dofasli - 2 | 0.3683 | Dambarudhar Nageswar Rao, Trilochan Rao, S/o: Jitendriya Senapati. |
| 22. | 1138 | Private | Sarad - 2 | 0.004 | Bansidhar Jena, S/o: Jagannath Jena. |
| 23. | 1139 | Private | Sarad Dofasli - 2 | 0.1821 | Fagu Ram, S/o: Ram Birichhi Ram, (2) Srimati Renuka Sahoo, W/o: Raghunath Sahoo. |
| 24. | 1140 | Private | Sarad Dofasli - 2 | 0.0607 | Raghunath Sahoo, S/o: Chintamani Sahoo. |
| 25. | 1141 | Private | Sarad - 2 | 0.0567 | Raghunath Sahoo, S/o: Chintamani Sahoo. |
| 26. | 1142 | Private | Sarad - 2 | 0.0526 | Laxmidhar Mishra, S/o: Krushna Chandra Mishra. |
| 27. | 1143 | Private | Sarad - 2 | 0.0445 | Laxmi Dei, W/o: Uchhab Sahoo. |
| 28. | 1144 | Private | Sarad - 2 | 0.0162 | Laxmidhar Mishra, S/o: Krushna Chandra Mishra. |
| 29. | 1147 | Private | Sarad Dofasli - 2 | 0.0607 | Purna Chandra Das, S/o: Banabihari Das. |
| 30. | 1148 | Private | Sarad Dofasli - 2 | 0.0243 | Shree Dhabaleswar Dev Bije, Gurujang Marfat Trustee Board, Dakhal, Surendra Routara, S/o: Buli Routara, (for daily seva puja of the deity). |
| 31. | 1198 | Private | Sarad - 2 | 0.0971 | Chakradhar Mohapatra, S/o: Dhobali Mohapatra. |
| 32. | 1199 | Private | Sarad - 2 | 0.1497 | Biswanath Sahoo, Kasinath Sahoo, S/o: Bhagabat Sahoo. |
| 33. | 1200 | Private | Sarad - 2 | 0.1052 | Rabinarayan Jena, S/o: Musi Jena. |
| 34. | 1201 | Private | Sarad - 2 | 0.004 | Sailabala Sahoo, W/o: Lokanath Sahoo. |
| 35. | 1202 | Government | Paninal | 0.0567 | Rakshit Anabadi, (this plot belongs to Village Kumbharabasta, PS: Khordha, 50% in both village) |
| 36. | 30 | Government | Puratan Patit | 0.947 | Anabadi. |
| 37. | 32 | Private | Sarad - 3 | 0.004 | Giridhari Mohapatra, S/o: Gopinath Mohapatra, Damayanti Dei, W/o: Bhramar Pradhan. |
| 38. | 53 | Private | Sarad - 3 | 0.006 | Maguni Jena, S/o: Bhima Jena. |
| 39. | 56 | Private | Sarad - 3 | 0.051 | Dusashan Behera, S/o: Kailash Behera, (2) Susanta Kumar Rout, S/o: Hadibandhu Rout, (3) Saritamayee Sahoo, W/o: Abhimanyu Sahoo. |
| 40. | 57 | Private | Sarad - 3 | 0.0506 | Dami Bewa, W/o: Aparti Prusty. |
| 41. | 58 | Private | Puratan Patit | 0.1979 | Giridhari Mohapatra, S/o: Gopinath Mohapatra, Damayanti Dei, W/o: Bhramar Pradhan. |
| 42. | 62 | Government | Puratan Patit | 0.346 | Anabadi. |
| 43. | 69 | Private | Sarad - 3 | 0.0121 | Lokanath Sahoo, S/o: Keshaba Sahoo. |
| 44. | 70 | Private | Sarad - 3 | 0.085 | Bainsidhar Jena, S/o: Jagannath Jena. |
| 45. | 71 | Private | Sarad - 3 | 0.0607 | Sibanarayan Ray, S/: Mrutunjaya Senapati, (2) Prabhasini Dei, W/o: Rama Chandra Behera. |
| 46. | 72 | Private | Sarad - 3 | 0.0486 | Laxmidhar Sahoo, S/o: Hata Kishore Sahoo. |
| 47. | 73 | Private | Sarad - 3 | 0.1133 | Puni Bewa, W/o: Subas Sahoo. |
| 48. | 74 | Private | Sarad - 3 | 0.0567 | Rohit Kumar Biswal, Purna Chandra Biswal, S/o: Nilamani Biswal. |
| 49. | 74/1938 | Private | Sarad - 3 | 0.0486 | Bainsidhar Jena, S/o: Jagannath Jena. |
| 50. | 75 | Private | Sarad - 3 | 0.0526 | Muralidhar Pradhan, S/o: Prananath Pradhan. |
| 51. | 891 | Government | Puratan Patit | 1.546 | Anabadi. |
| 52. | 895 | Private | Puratan Patit | 0.0506 | Pradyumna Kumar Mohanty, Pratyus Kumar Mohanty, S/o: Prafulla Kumar Mohanty, Sabita Mohanty, W/o: Prafulla Kumar Mohanty, (2) Odisha State Brigred School, Sampadak Sk. Jaharu, S/o: Sk. Abdul Majid, (3) Mahefuj Rahamana, S/o: Ataur Rahamana, (4) Nilima Pattnaik, W/o: Aruna Kumar Mohanty, (5) Saroj Kumar Pattnaik, Sanjay Kumar Pattnaik, S/o: Sachidananda Pattnaik, (6) Bidyutprava Jena, W/o: Prasanna Biswal, (7) Umar Alli Khan, S/o: Golam Alli Khan, (8) Rasmita Paikaray, W/o: Dhiren Kumar Paikray, (9) Biranchi Narayan Mishra, S/o: Lingaraj Mishra, (10) Afjal Khan, W/o: Sahaban Khan, (11) Mamata Sahoo, W/o: Nabakishore Sahoo, Sasmita Sahoo, W/o: Panchanan Sahoo, (12) Satrughna Chhotaray, S/o: Janardan Chhatoi, (13) Urmilabala Sahoo, W/o: Sadhu Charan Sahoo. |
| 53. | 896 | Government | Gochar | 0.9349 | Rakshit Anabadi. |
| 54. | 897 | Government | Sadak | 0.0283 | Jilla Board. |
| 55. | 897/1791 | Government | Nayanjori | 0.0162 | Jilla Board. |
| 56. | 897/1792 | Government | Nayanjori | 0.0121 | Jilla Board. |
| 57. | 898 | Government | Gochar | 1.7038 | Rakshit Anabadi. |
| 58. | 90 | Government | Puratan Patit | 0.1263 | Anabadi. |
| 59. | 91 | Private | Puratan Patit | 0.1886 | Sriharsha Routaray, S/o: Sachitananda Routaray, (2) P. Nandakishore, S/o: P. Purnachandra, (3) Subhadarsani Devi, W/o: Chittaranjan Kar, (4) Sarojini Sahoo, W/o: Gobinda Chandra Sahoo, (5) Minika Barik, W/o: Sarat Barik, (6) Tikina Senapati, W/o: Pravat Kumar Senapati, (7) Kadar Khan, S/o: Shadi Khan, (8) Ujjala Mukharjee, W/o: Subhendu Kumar Mukharjee, (9) Rasmirekha Dei, W/o: Jadunath Dhala, (10) Snehalata Bahubalendra, W/o: Suresh Chandra Bahubalendra, (11) Mamata Panda, W/o: Sanjay Panda, (12) Ashok Ranjan Mallik, S/o: Kartik Mallik, (13) Chitrasen Pradhan, S/o: Harihar Pradhan, (14) Nurjhan Begam, W/o: Munir Khan, (15) Manas Baliarsingh, S/o: Padma Charan Baliarsingh. |
| 60. | 916 | Private | Bagayat - 2 | 0.0971 | Dharmanand Ray, Bhaskar Ray, S/o: Gopal Chandra Ray, (2) Kanhu Charan Behera, S/o: Batakrushna Behera, (3) Pratap Chandra Baliarsingh, S/o: Sudarsan Baliarsingh, (4) Bhubanananda Rout, S/o: Biswanath Rout, (5) Santosh Prasanna Paschimakabat, S/o: Satyapir Paschimakabat, (6) K. Kamal Dora, W/o: K. Durga Dora, (7) Bijay Kumar Sahoo, Ajaya Kumar Sahoo, Tophan Kumar Sahoo, S/o: Shyam Sundar Sahoo, (8) Kalyani Bhujabal, W/o: Benudhar Bijayasingh, (9) Bipin Kumar Sahoo, S/o: Pranabandhu Sahoo, (10) Rebati Das, W/o: Abhiram Das, (11) Babuli Bhujabal, S/o: Dutiya Bhujabal, (12) Santosh Palai, S/o: Nilamani Palai, (13) Rambharani Mohapatra, W/o: Bipin Kumar Mohapatra, (14) Umi Sahoo, W/o: Somanath Sahoo, (15) Mina Kumari Singh, W/o: Sarat Kumar Pattnaik. |
| 61. | 917 | Government | Gochar | 0.259 | Rakshit Anabadi. |
| 62. | 918 | Private | Puratan Patit | 0.1133 | Shree Pareswar Mohadev Bije, Nijagruha Marfat Y. Purna Chandra Senapati, S/o: Y. Lingaraj Senapati. |
| 63. | 919 | Private | Puratan Patit | 0.085 | Sashikala Mohapatra, W/o: Krushna Chandra Mohapatra. |
| 64. | 921 | Private | Sarad - 3 | 0.0081 | Brundaban Biharilal Jew Bije, Jajarsingh Marfat Sashikala Mohapatra, W/o: Krushna Chandra Mohapatra. |
| 65. | 922 | Private | Sarad - 3 | 0.0648 | Sashikala Mohapatra, W/o: Krushna Chandra Mohapatra. |
| 66. | 923 | Private | Sarad - 3 | 0.0324 | Bainsidhar Jena, S/o: Jagannath Jena. |
| 67. | 923/1916 | Private | Sarad - 3 | 0.0931 | Mathura Prasad Ram, S/o: Guljar Ram |
| 68. | 924 | Private | Sarad - 3 | 0.087 | Sashikala Mohapatra, W/o: Krushna Chandra Mohapatra, (2) Pranabandhu Sahoo, S/o: Dasarathi Sahoo, (3) Basanti Rath, W/o: Padmanav Rath. |
| 69. | 925 | Private | Sarad - 3 | 0.0567 | Brundaban Biharilal Jew Bije, Jajarsingh Marfat Laxmidhar Sundara, S/o: Duryodhan Sundara. |
| 70. | 926 | Private | Puratan Patit | 0.0081 | Brundaban Biharilal Jew Bije, Jajarsingh Marfat Laxmidhar Sundara, S/o: Duryodhan Sundara. |
| 71. | 928 | Private | Sarad - 3 | 0.004 | Shree Pareswar Mohadev Bije, Nijagruha Marfat Y. Purna Chandra Senapati, S/o Y. Lingaraj Senapati, (2) Banalata Mohapatra, W/o: Trilochan Mohapatra, (3) Madhumati Mishra, W/o: Kunjabihari Mishra, (4) Basanti Behera, W/o: Ajit Behera, (5) Subarna Jena, W/o: Bauribandhu Jena, (6) Benudhar Sahoo, Dukhishyam Sahoo, S/o: Chakradhar Sahoo, (7) Gourisankar Jena, Purna Chandra Jena, S/o: Bauribandhu Jena. |
| 72. | 93 | Government | Puratan Patit | 0.9915 | Anabadi. |
| 73. | 97 | Private | Sarad - 3 | 0.0121 | Pradipta Kumar Pradhan, Sudipta Kumar Pradhan, Niladri Kumar Pradhan, Himadri Kumar Pradhan, Debendra Kumar Pradhan, S/o: Bhramarabar Pradhan. |
| 74. | 98 | Government | Puratan Patit | 0.0526 | Anabadi. |
| | **Village: Kanjiama** | | | | |
| 75. | 242 | Government | Sarad - 2 | 0.0607 | Anabadi. |
| 76. | 243 | Private | Sarad - 3 | 0.0364 | Bhabeni Behera, W/o: Krushna Chandra Behera. |
| 77. | 244/789 & 244/955 | Private | Sarad - 2 | 0.1052 | Mek Developers Marfat Sukadev Munda, S/o: Karam Munda. |
| 78. | 247 | Private | Sarad - 2 | 0.0243 | Premalata Mishra, W/o: Ramesh Kumar Mishra. |
| 79. | 248 | Private | Sarad - 2 | 0.0963 | Netra Bewa, W/o: Maheswar Sahoo, Kharadi sutre dakhal Shree Gopinath Dev Bije, Mukundaprasad marfat Dhaneswar Pattnaik, S/o: Radhakrushna Pattnaik, Bhikari Charan Pattnaik, S/o: Jayakrushna Pattnaik, Binod Bihari Pattnaik, S/o: Rasabihari Pattnaik, Gobinda Chandra Mohanty, S/o: Ray Bahadur Bhagabat Mohanty, Manohar Das (Guru), Gobind Charan Das, consideration money Rs.200/-. |
| 80. | 249 | Private | Sarad - 2 | 0.1052 | Premalata Mishra, W/o: Ramesh Kumar Mishra. |
| 81. | 258 | Private | Sarad - 2 | 0.2104 | Banchha Padhan, Arakshita Padhan, S/o: Chaitan Padhan, (2) Srinibash Sahoo, S/o: Gadadhar Sahoo. |
| 82. | 261 | Private | Sarad - 2 | 0.1093 | Gobinda Behera, Gopal Behera, S/o: Chaitanya Behera, (2) M/s Asthabinayak Motors Pvt. Ltd., Office-4, Ballavdas Street, Kolkota taraf Director Rakesh Kumar Agarwala, S/o: Muralidhar Agarwala, (3) M/s RND Builders Pvt. Ltd., Director, Rajesh Kumar Mota, S/o: Makhanlal Mota, (4) Bhabeni Behera, W/o: Krushna Chandra Behera. |
| 83. | 262 | Private | Gharabari | 0.0081 | M/s Asthabinayak Motors Pvt. Ltd., Office-4, Ballavdas Street, Kolkota taraf Director Rakesh Kumar Agarwala, S/o: Muralidhar Agarwala. |
| 84. | 263 | Private | Sarad - 3 | 0.0688 | Iswar Behera, S/o: Dadhi Behera. |
| 85. | 264 | Private | Sarad - 2 | 0.1295 | Gokulananda Chhotara, S/o: Sadananda Chhotara, (2) Pearls Tourism Ltd. & Mek Developers Marfat, Sukadev Munda, S/o: Karama Munda, (3) Jogi Behera, S/o: Giridhari Behera. |
| 86. | 265 | Private | Sarad - 2 | 0.1497 | Maidar Khan, S/o: Sadulla Khan. |
| 87. | 267 | Private | Sarad - 2 | 0.0081 | Sabdar Alli, S/o: Umiri Alli. |
| 88. | 268 | Private | Sarad - 2 | 0.3399 | Bidyadhar Sahoo, Bhramarabar Sahoo, S/o: Duryodhan Sahoo, Sita Bewa, W/o: Duryodhan Sahoo. |
| 89. | 271 | Private | Sarad - 2 | 0.4654 | Gokulananda Chhotara, S/o: Sadananda Chhotara, (2) Pearls Tourism Ltd., Sukadev Munda, S/o: Karama Munda. |
| 90. | 273 | Private | Sarad - 2 | 0.0971 | Munsi Habu Khan, S/o: Sardar Khan. |
| 91. | 273/486 | Private | Sarad - 2 | 0.0052 | Ishak Mahammad, S/o: Fate Khan. |
| 92. | 274 | Private | Sarad - 2 | 0.2914 | Shree Gopal Jew Bije, Brundaban, Jilla - Mathura marfat Achutanand Das (Guru), Ghanashyam Das, Prasanna Kumar Nayak, S/o: Makaradhwoja Nayak. |
| 93. | 275 | Private | Sarad - 2 | 0.0243 | Ishak Mahammad, S/o: Fate Khan. |
| 94. | 276 | Private | Sarad - 2 | 0.0769 | Champabati Dei, W/o: Mathura Prasad Ram, (2) M/s RND Builders Pvt. Ltd., Director, Rajesh Kumar Mota, S/o: Makhanlal Mota. |
| 95. | 277 | Government | Sarad - 2 | 0.0486 | Anabadi. |
| 96. | 278 | Private | Sarad - 2 | 0.0809 | Shree Radhaballav Dev Bije, Jajarsingh marfat Moursi Trustee, Banabihari Das, S/o: Bidyadhar Das. |
| 97. | 279 | Private | Sarad - 2 | 0.0202 | Mek Developers Marfat Sukadev Munda, S/o: Karam Munda. |
| 98. | 280 | Private | Sarad - 2 | 0.0004 | Tarakanath Chakrabarti Debendranath Chakrabarti, S/o: Sukumar Chakrabarti, (2) Sikim Dakhal Agadhu Mohapatra, S/o: Dhaneswar Mohapatra, (3) Mek Developers Marfat Sukadev Munda, S/o: Karam Munda |
| | **Village: Kumbharbasta** | | | | |
| 99. | 1178 | Private | Sarad - 2 | 0.0364 | Benudhar Pradhan, S/o: Biswamber Pradhan. |
| 100. | 1179 | Private | Sarad - 2 | 0.0162 | Shree Grama Barunei Thakurani Bije, Jajarsingh marfat Gokulananda Chhotara, S/o: Sadananda Chhotara. |
| 101. | 1180 | Private | Sarad - 2 | 0.0121 | Sanjay Kumar Routaray, S/o: Laxmidhar Routaray. |
| 102. | 1215 | Private | Sarad - 2 | 0.0405 | Kulamani Padhan, Dukhishyam Padhan, S/o: Banamber Padhan, Dibakar Pradhan, S/o: Benudhar Pradhan. |
| 103. | 1226 | Private | Sarad - 3 | 0.0445 | Shree Dadhibaban Dev Bije, Mukundaprasad marfat Radhakrushna Das, S/o: Giridhari Das. |
| 104. | 1227 | Private | Sarad - 2 | 0.0728 | Lingaraj Parida, S/o: Dhani Parida. |
| 105. | 1229 | Private | Sarad - 2 | 0.0607 | Ram Chandra Routaray, S/o: Guru Charan Routaray, (2) Garba Builders Pvt. Ltd., S-561, Bhagabati Business Center 122, School Block, Sankarpur, Delhi-110092, Reg. Office Marfat Director Harihar Pattnaik, S/o: Harish Chandra Pattnaik. |
| 106. | 1230 | Private | Sarad - 2 | 0.0486 | Dibakar Pradhan, S/o: Benudhar Pradhan. |
| 107. | 1231 | Private | Sarad - 3 | 0.0567 | Balakrushna Padhan, S/o: Gadadhar Padhan. |
| 108. | 1232 | Private | Sarad - 2 | 0.0405 | Dharanidhar Mangaraj, S/o: Lokanath Mangaraj. |
| 109. | 1233 | Private | Sarad - 2 | 0.0243 | Garba Builders Pvt. Ltd., Regd. Office, S-561, Bhagabati Business Center 122, School Block, Sankarpur, Delhi-110092 by, Reg. Office Director Jatindra Das, S/o: Basudev Das. |
| 110. | 1234 | Private | Sarad - 2 | 0.0769 | Radha Charan Mohanty, S/o: Behari Mohanty. |

Cont.....

| Sl. No. | Survey Number | Type of Land | Nature of Land | Area in Hectare | Name of the Land Owner/Interested person Part Survey No: |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 111. | 1235 | Private | Sarad - 2 | 0.0324 | Garba Builders Pvt. Ltd., Regd. Office, S-561, Bhagabati Business Center 122, School Block, Sankarpur, Delhi-110092 by, Reg. Office Director Jatindra Das, S/o: Basudev Das. |
| 112. | 1237 | Private | Sarad - 2 | 0.1012 | Netramani Bewa, W/o: Kulamani Jena, Bhikari Charan Jena, Parikshit Jena, Bipini Bihari Jena, Duryodhan Jena, Jayakrushna Jena, S/o: Kulamani Jena, (2) Bhagirathi Pradhan, S/o: Sankar Pradhan, (3) Pravasini Mangaraj, W/o: Ananta Mangaraj. |
| 113. | 1238 | Private | Sarad - 2 | 0.002 | Gouranga Patra, S/o: Ram Patra. |
| 114. | 1239 | Private | Sarad - 2 | 0.0324 | Raghunath Mangaraj, S/o: Bidyadhar Mangaraj. |
| 115. | 1241 | Private | Sarad - 2 | 0.1902 | Shree Laxminarayan Dev Bije, Jajarsingh Marfat Jagannath Prasad Ram, S/o: Shyamsundar Ram, (2) Sankar Pradhan, S/o Ananda Pradhan. |
| 116. | 1243 | Private | Sarad - 2 | 0.0809 | Shree Dadhibaban Dev Bije, Mukundprasad marfat Radhakrushna Dash, S/o: Giridhari Dash. |
| 117. | 1244 | Private | Sarad - 2 | 0.0445 | Kirtan Patra, S/o: Ram Patra. |
| 118. | 1246 | Private | Sarad - 2 | 0.1578 | Ram Chandra Routaray, S/o: Guru Charan Routaray, (2) Garba Builders Pvt. Ltd., S-561, Bhagabati Business Center 122, School Block, Sankarpur, Delhi-110092, Reg. Office Marfat Director Harihar Pattnaik, S/o: Harish Chandra Pattnaik. |
| 119. | 1572 | Government | Paninal | 0.0283 | Rakshit Anabadi (50% area of this plot and plot no.1599 is related to village Gurujang, PS No.-119 , Plot No . 1247 & 1202 are same, 50% of its area merged in each village). |
| 120. | 1573 | Private | Sarad - 2 | 0.0688 | Sanjay Paikaray, S/o: Sagar Paikaray |
| 121. | 1574 | Private | Sarad - 2 | 0.0121 | Natabar Routara, S/o: Minaketan Routara. |
| 122. | 1577 | Private | Sarad - 2 | 0.004 | Natabar Routara, S/o: Minaketan Routara, (2) Biswanath Sahoo, S/o: Narasingh Sahoo, (3) Sunil Kumar Sahoo, S/o: Gangadhar Sahoo, (4) Dillip Kumar Bir, S/o: Bhimasen Bir (5) Susama Sahoo, W/o: Dhobei Sahoo. |
| 123. | 1578 | Private | Sarad - 2 | 0.0283 | Charan Barada, S/o: Balaram Barad. |
| 124. | 1579 | Private | Sarad - 2 | 0.0162 | Bisi Barada, S/o: Bidya Barada. |
| 125. | 1580 | Private | Sarad - 2 | 0.0121 | Diga Barada, S/o: Bidya Barad. |
| 126. | 1581 | Private | Sarad - 2 | 0.0142 | Bisi Barada, S/o: Bidya Barad. |
| 127. | 1582 | Private | Sarad - 2 | 0.0081 | Diga Barada, S/o: Bidya Barad. |
| 128. | 1583 | Private | Sarad - 2 | 0.004 | Paramananda Barada, S/o: Gadei Barad. |
| 129. | 1585 | Private | Sarad - 2 | 0.0567 | Dushasan Barada, S/o: Das Barada. |
| 130. | 1586 | Private | Sarad - 2 | 0.089 | Paramananda Barada, S/o: Gadei Barad. |
| 131. | 1587 | Private | Sarad - 2 | 0.0648 | Bamadev Barada, S/o: Gadei Barad. |
| 132. | 1588 | Private | Sarad - 2 | 0.004 | Sukadev Barada, S/o: Gadei Barada, (2) Susama Sahoo, W/o: Dhobei Sahoo |
| 133. | 1590 | Private | Sarad - 2 | 0.004 | Diga Barad, S/o: Bidya Barad, (2) Gitanjali Bhuyan, W/o: Ajaya Kumar Bhuyan, Kumuduni Bhuyan, W/o: Antarajyami Bhuyan, Saraswati Bhuyan, W/o: Ashok Kumar Bhuyan, (3) Priti Samantasinghar, W/o: Lalatendu Samantasinghar. |
| 134. | 1591 | Private | Sarad - 2 | 0.0809 | Sanjukta Kahalsingh, W/o: Sarat Chandra Kahalsingh. |
| 135. | 1592 | Private | Sarad - 2 | 0.0648 | Paramananda Barad, S/o: Gadei Barad, (2) Akshya Kumar Behera, S/o: Kasinath Behera, (3) Swarnalata Kahalsingh, W/o: Manoj Kahalsingh, (4) Sudhir Kumar Srichandan, S/o: Shyamsundar Srichandan. |
| 136. | 1593 | Private | Sarad - 2 | 0.0344 | Balaram Barad, S/o: Saita Barad, (2) Swarnalata Kahalsingh, W/o: Manoj Kahalsingh. |
| 137. | 1594 | Private | Sarad - 2 | 0.0728 | Bamadev Barada, S/o: Gadei Barada. |
| 138. | 1595 | Private | Sarad - 2 | 0.0607 | Bainshi Barad, Narahari Barad, Laxmidhar Barad, S/o: Sauri Barad, Gourang Barad, Bhaskar Barad, Ram Chandra Barad, S/o: Sadei Barad, (2) Sanjukta Kahalsingh, W/o: Sarat Chandra Kahalsingh, (Kabzawari possession Rama Chandra Barad) |
| 139. | 1596 | Private | Sarad - 2 | 0.0223 | Bainshi Barad, Narahari Barad, Laxmidhar Barad, S/o: Sauri Barad, Gourang Barad, Bhaskar Barad, Ram Chandra Barad, S/o: Sadei Barad, (Kabzawari possession Bhaskar Barad) |
| 140. | 1597 | Private | Sarad - 2 | 0.0121 | Balaram Barad, S/o: Saita Barad, (2) Namita Sethi, W/o: Jaydev Sethi, (3) Swarnalata Kahalsingh, W/o: Manoj Kahalsingh, (4) Swetapadma Nayak, D/o: Manoj Kumar Nayak. |
| 141. | 1599 | Government | Paninal | 0.0324 | Rakshit Anabadi (50% area of this plot and plot no.1599 is related to village Gurujang, PS No.-119 , Plot No . 1247 & 1202 are same, 50% of its area merged in each village). |
| 142. | 1601 | Private | Sarad - 2 | 0.0567 | Bamdev Barad, S/o: Gadei Barad, (2) Akshya Kumar Behera, S/o: Kasinath Behera, (3) Basant Kumar Panda , Jagannath Panda, Narayan Panda, Sankar Prasad Panda, S/o: Surendranath Panda. |
| 143. | 1603 | Private | Sarad - 2 | 0.0688 | Madan Mohan Dora, Gobinda Chandra Dora, Harihar Dora, S/o: Lingaraj Dora, (Kabzawari dakhal ismali). |
| 144. | 1604 | Private | Sarad - 2 | 0.1214 | Shree Bhagabat Dev Bije, Kumbharbasta, marfat Sulakshyana Dei, W/o: Sambhunath Routray. |
| 145. | 1608 | Private | Sarad - 2 | 0.0486 | Panu Badajena, S/o: Chakradhar Badajena, (2) Chhabi Balabantaray, W/o: Bhubanananda Balabantaray, (3) Alladini Barik, W/o: Niranjan Barik. |
| 146. | 1609 | Private | Sarad - 2 | 0.1659 | Sambhunath Routara, S/o: Jambeswar Routara. |
| 147. | 1609/2062 | Private | Sarad - 2 | 0.1943 | Sanjay Paikaray, S/o: Sagar Paikaray. |
| 148. | 1610 | Private | Sarad - 2 | 0.0931 | Arjun Barad, S/o: Ananta Barad. |
| 149. | 1614 | Private | Sarad - 2 | 0.085 | Rashabati Dei, W/o Jagu Jena, (2) Nibas Badajena, Ramesh Chandra Badajena, S/o: Souri Badajena. |
| 150. | 1615 | Private | Sarad - 2 | 0.1902 | Sankar Pradhan, S/o: Anand Pradhan. |
| 151. | 1616 | Private | Sarad - 2 | 0.1133 | Suruchi Dalai, W/o: Kishore Chandra Baral. |
| 152. | 1617 | Private | Sarad - 2 | 0.0405 | Sudarsan Patra, S/o: Banamali Patra, (2) Abhinna Paikara, S/o: Ram Chandra Paikara. |
| 153. | 1621 | Private | Sarad - 2 | 0.0405 | Ram Chandra Mangaraj, S/o: Dharanidhar Mangaraj. |
| 154. | 1622 | Private | Sarad - 2 | 0.1093 | Dhuli Badajena, S/o: Kapil Badajena. |
| 155. | 1623 | Private | Sarad - 2 | 0.0324 | Binod Badajena, S/o: Chakradhar Badajena. |
| 156. | 1624 | Private | Sarad - 2 | 0.1497 | Banchhanidhi Sahoo, S/o: Uchhab Sahoo. |
| 157. | 1625 | Private | Sarad - 2 | 0.0202 | Arjun Barad, S/o: Ananta Barad. |
| 158. | 1625/1937 | Private | Sarad - 2 | 0.0081 | Sashi Samantaray, W/o: Nabakishore Samantaray. |
| 159. | 1625/2058 | Private | Sarad - 2 | 0.0081 | Sashi Dei, W/o: Nabakishore Samantara. |
| 160. | 1626 | Private | Sarad - 2 | 0.1093 | Nabakishore Samantaray, S/o: Parikshit Samantaray. |
| 161. | 1691 | Private | Sarad - 2 | 0.004 | Balakrushna Padhan, S/o: Gadadhar Padhan. |
| 162. | 1710 | Private | Sarad - 2 | 0.0445 | Sudarsan Patra, S/o: Banamali Patra, (2) Balunki Behera, S/o: Mani Behera. |
| 163. | 1711 | Private | Sarad - 2 | 0.0445 | Madan Mohan Dora, Gobinda Chandra Dora, Harihar Dora, S/o: Lingaraj Dora, (Kabzawari dakhal Harihar Dora). |
| 164. | 1712 | Private | Sarad - 2 | 0.0971 | Shree Grama Barunei Thakurani Bije, Jajarsingh marfat Gokulananda Chhotara, S/o: Sadananda Chhotara. |
| 165. | 1734 | Private | Sarad - 2 | 0.0931 | Madan Mohan Dora, Gobinda Chandra Dora, Harihar Dora, S/o: Lingaraj Dora, (Kabzawari dakhal ismali). |
| 166. | 1735 | Private | Sarad - 2 | 0.1133 | Harekrushna Godi, Paramananda Godi, Dhulibandhu Godi, S/o: Dinabandhu Godi. |
| 167. | 1746 | Private | Sarad - 2 | 0.0243 | Nabaghan Rana, S/o Nityananda Rana, (2) Jatindra Das, S/o: Basudev Das. |
| 168. | 1747 | Private | Sarad - 2 | 0.1012 | Ram Chandra Routaray, S/o: Guru Charan Routaray, (2) Garba Builders Pvt. Ltd., S-561, Bhagabati Business Center 122, School Block, Sankarpur, Delhi-110092, Reg. Office Marfat Director Harihar Pattnaik, S/o: Harish Chandra Pattnaik. |
| 169. | 1748 | Private | Sarad - 2 | 0.0809 | Kuntala Kumari Pradhan, W/o: Bhagirathi Pradhan. |
| 170. | 1749 | Private | Sarad - 2 | 0.0486 | Duba Padhan, S/o: Kela Padhan. |
| 171. | 1756 | Private | Sarad - 2 | 0.1416 | Lingaraj Parida, S/o: Dhani Parida, (2) Jasu Bibi, W/o: Sk Bakar, Jani Bibi, W/o: Nadar Khan, (3) Fakara Begam, W/o: Umar Alli Khan, (4) Sk. Jakar, S/o: Sk Saiful, (5) Sarojini Dash, W/o: Purna Chandra Dash, (6) Mek Developers Limited taraf Prasant Chaturvedi, S/o: Nirmal Kumar Chaturvedi, (7) Gagan Bihari Pradhan, S/o: Biswambar Pradhan, (8) Ibrahim Khan, Ishraeli Khan, S/o: Abdul Rasid Khan. |
| 172. | 1812 | Private | Sarad - 2 | 0.0364 | Jatindra Das, S/o: Basudev Das. |
| 173. | 1813 | Private | Sarad - 2 | 0.089 | Uchhab Patra, Kelei Patra, S/o: Madhu Patra, (2) Jatindra Das, S/o: Basudev Das. |
| 174. | 1814 | Private | Sarad - 2 | 0.0243 | Ram Chandra Routaray, S/o: Guru Charan Routaray, (2) Garba Builders Pvt. Ltd., S-561, Bhagabati Business Center 122, School Block, Sankarpur, Delhi-110092, Reg. Office Marfat Director Harihar Pattnaik, S/o: Harish Chandra Pattnaik. |
| 175. | 1815 | Private | Sarad - 2 | 0.0607 | Shree Bhagabat Dev Bije, Mukundprasad marfat, Satyabadi Nanda, S/o: Gopi Nanda. |
| 176. | 1816 | Private | Sarad - 2 | 0.1174 | Shree Gopal Jew Bije, Mukundaprasad marfat, Manohar Das, S/o: Banamali Das, (2) Balabhadra Das, Guru Paramanand Das. |
| 177. | 1823 | Private | Sarad - 2 | 0.1174 | Somnath Bijaysingh, S/o: Banchhanidhi Bijaysingh, (2) Benudhar Bijaysingh, S/o: Narayan Bijaysingh. |
| 178. | 1824 | Private | Sarad - 2 | 0.1214 | Ram Chandra Routaray, S/o: Guru Charan Routaray, (2) Garba Builders Pvt. Ltd., S-561, Bhagabati Business Center 122, School Block, Sankarpur, Delhi-110092, Reg. Office Marfat Director Harihar Pattnaik, S/o: Harish Chandra Pattnaik. |
| 179. | 1825 | Private | Sarad - 2 | 0.0931 | Haji Shaid Abdula Hai, S/o: Shaid Haidar. |
| 180. | 1827 | Private | Sarad - 2 | 0.1012 | Chintamani Mishra, Bidubhusan Mishra, Pranakrushna Mishra, Sashibhusan Mishra, Damodar Mishra, S/o: Baikuntha Mishra, Nanda Kishore Mishra, S/o: Raghunath Mishra. |
| 181. | 1828 | Private | Sarad - 2 | 0.0405 | Nanda Kishore Mishra, S/o: Raghunath Mishra, Baikunthanath Mishra, S/o: Bhagaban Mishra. |
| 182. | 1829 | Private | Sarad - 2 | 0.1214 | Laxmi Dei, W/o: Uchhab Sahoo. |
| 183. | 1830 | Private | Sarad - 2 | 0.0364 | Suranarayan Mohanty, S/o: Anand Chandra Mohanty, Rabindra Narayan Mohanty, Aditya Narayan Mohanty, Mihir Narayan Mohanty, S/o: Bira Narayan Mohanty. |
| 184. | 1831 | Private | Sarad - 2 | 0.004 | Mahammad Isahaq, S/o: Fate Mahammad. |
| 185. | 1835 | Private | Sarad - 2 | 0.0101 | Samim Khan, S/o: Ibrahim Khan. |
| 186. | 1836 | Private | Sarad - 2 | 0.0971 | Mahammad Isahaq, S/o: Fate Mahammad. |
| 187. | 1837 | Private | Sarad - 2 | 0.1093 | Babu Khan, S/o: Hayat Khan, Guljar Khan, S/o: Ara Khan, Hajif Khan, S/o: Sajat Khan, Ibrahim Khan, S/o: Kasim Khan, Soram Bibi, W/o: Musaf Khan, Maharam Khan, Akabar Khan, S/o: Mahiman Khan. |
| 188. | 1842 | Private | Sarad - 2 | 0.085 | Intilo Laxmi Amma, W/o: Madan Mohan Dora, (2) Dibyasing Gajendra, S/o: Bula Gajendra, (3) Bibhu Bikash Badajena, S/o: Kumar Badajena. |
| 189. | 1843 | Private | Sarad - 2 | 0.1093 | Shree Ichhaswar Dev Bije, Mukundaprasad marfat Bhagabati Bewa, W/o: Ram Pujan Ram. |
| 190. | 1870 | Private | Sarad - 2 | 0.0769 | Pravati Nalini Patra, W/o: Jugal Patra. |
| 191. | 1871 | Private | Sarad - 2 | 0.0121 | Ishaq Mohammad, S/o: Fate Mohammad. |
| 192. | 1872 | Private | Sarad - 2 | 0.0182 | Jatindra Das, S/o: Basudev Das. |
| 193. | 1873 | Private | Sarad - 2 | 0.0567 | Sri Mahant Balabhadra Das, Guru Paramananda Das, (2) Charan Barad, Krushna Chandra Barad, S/o: Balaram Barad. |
| 194. | 1874 | Private | Sarad - 2 | 0.1012 | Prafulla Chandra Dora, S/o: Radhamohan Dora, (2) Bhagirathi Pradhan, S/o: Sankar Pradhan. |
| 195. | 1883 | Private | Sarad - 2 | 0.0486 | Masjid Bije, Makundprasad marfat Chhaku Khan, S/o: Panchu Khan, Sultan Mohammad, S/o: Damasu Mohammad, Ibrahim Khan, S/o: Kasim Khan, Niyammat Khan, Habu Khan, S/o: Sardar Khan, Niyammad Abu Khan, Umar Alli Khan, S/o: Megha Khan, Sk. Golam Khan, S/o: Sk. Baxi. |
| 196. | 1884 | Private | Sarad - 2 | 0.0405 | Pravati Nalini Patra, W/o: Jugal Patra. |
| 197. | 1888 | Private | Sarad - 2 | 0.1902 | Gobinda Behera, Gopal Behera, S/o: Chaitan Behera, (2) Aparti Behera, S/o: Gobinda Behera, Laxman Mishra, S/o: Hadu Mishra, (3) Jatindra Das, S/o: Basudev Das. |
| 198. | 1889 | Private | Sarad - 2 | 0.1012 | Champabati Dei, W/o: Mathura Prasad Ram. |
| 199. | 1890 | Private | Sarad - 2 | 0.0486 | Shree Gopinath Dev Bije, Mukundaprasad marfat Ba. Manohar Das, Guru Gobind Charan Das, Dhaneswar Pattnaik, S/o Radhakrushna Pattnaik, Gobind Chandra Mohanty, S/o: Bhagabat Mohanty, Bhikari Charan Pattnaik, S/o: Jaikrushna Pattnaik, Binod Bihari Pattnaik, S/o: Rahas Bihari Pattnaik. |
| 200. | 1894 | Private | Sarad - 2 | 0.0263 | Raghunath Moharana S/o Kunja Moharana. |
| 201. | 1895 | Private | Sarad - 2 | 0.0809 | Mek Developers Limited taraf Sukadev Munda, S/o: Karam Munda. |
| 202. | 1898 | Private | Sarad - 2 | 0.0121 | Fakir Mohan Pattnaik, S/o: Banchhanidhi Pattnaik. |
| 203. | 1898/2069 | Private | Sarad - 2 | 0.1619 | Nimai Charan Badajena, S/o: Banamber Badajena. |
| 204. | 1899 | Private | Sarad - 1 | 0.0445 | Benu Prasad Bhagat, S/o: Ram Prasad Bhagat. |
| 205. | 1910 | Private | Sarad - 2 | 0.089 | Fakir Mohan Pattnaik, S/o: Banchhanidhi Pattnaik. |
| 206. | 1911 | Private | Sarad - 2 | 0.0769 | Laxmipriya Dei, W/o: Nimei Charan Badajena, (2) Lehuru Patra, S/o: Bansidhar Patra. |
| 207. | 1913 | Private | Sarad - 2 | 0.1821 | Parsu Ram, S/o: Ram Biriji Ram. |
| 208. | 1914 | Private | Sarad - 2 | 0.1416 | Khetrabasi Mohapatra, S/o: Haribandhu Mohapatra, (2) Laxmidhar Parida, S/o: Lokanath Parida, (3) Babuli Parida, S/o: Laxmidhar Parida. |
| 209. | 1915 | Private | Sarad - 2 | 0.0202 | Hata Behera, S/o: Raghab Behera |
| **Village: Saradhapur** | | | | | |
| 210. | 297 | Government | Panimahara | 0.0648 | Rakshit. |
| 211. | 298 | Private | Chak | 0.1052 | Rabindra Kumar Mohanty, S/o: Brajamohan Mohanty. |
| 212. | 299 | Private | Gharabari | 0.2914 | Sisir Kumar Mohanty, S/o: Brajamohan Mohanty. |
| 213. | 300 | Private | Chak | 0.0688 | Gyanendra Kumar Das, S/o: Krupasindhu Das. |
| 214. | 301 | Private | Gharabari | 0.0243 | Haji Nasimuddin Khan, S/o: Meherban Khan. |
| 215. | 302 | Private | Sarad Jalasechita Ekafasali | 0.0971 | Manorama Sahoo, W/o: Suresh Kumar Sahoo. |
| 216. | 303 | Private | Sarad Jalasechita Ekafasali | 0.0728 | Mohammad Imdad Hosen, S/o: Mohammad Abdul Rahim. |
| 217. | 304 | Private | Chak | 0.0526 | Sulakhyana Badajena, W/o: Rajkishore Badajena. |
| 218. | 305 | Private | Chak | 0.1214 | Nilamani Paikaray, S/o: Prahallad Paikaray. |
| 219. | 329 | Private | Chak | 0.1174 | Amar Nayak, Prabir Nayak, S/o: Jugal Nayak, Sukanti Nayak, W/o: Jugal Nayak. |
| 220. | 330 | Private | Chak | 0.1012 | Satyanarayan Paikaray, Manabhanjan Paikaray, S/o: Chaitanya Paikaray. |
| 221. | 331 | Private | Chak | 0.4249 | Basanti Singh, W/o: Sarat Chandra Singh. |
| 222. | 332 | Private | Chak | 0.1214 | Pradipta Kumar Pradhan, Sudipta Kumar Pradhan, Niladri Pradhan, Himadri Pradhan, Debendra Kumar Pradhan, S/o: Bhramarabar Pradhan. |
| 223. | 335 | Private | Chak | 0.0081 | Shree Gopal Jew Bije, Jajarsingh, marfat Gokulananda Chhotaray, S/o: Sadananda Chhotaray. |
| 224. | 342 | Private | Chak | 0.0202 | Suna Paikaray, W/o: Brajamohan Paikaray. |
| 225. | 343 | Private | Chak | 0.0004 | Jayanta Kumar Badajena, Sukanta Badajena, Umakant Badajena, S/o: Bainsidhar Badajena, Rabindra Kumar Badajena, Sarangadhar Badajena, Jitendra Kumar Badajena, S/o: Brajakishore Badajena, Purastam Badajena, Banamber Badajena, S/o: Kanduri Badajena, Suna Paikaray, W/o: Brajamohan Paikaray. |
| 226. | 345 | Private | Chak | 0.1336 | Pradipta Kumar Pradhan, Sudipta Kumar Pradhan, Niladri Pradhan, Himadri Pradhan, Debendra Kumar Pradhan, S/o: Bhramarabar Pradhan. |
| 227. | 346 | Private | Chak | 0.3319 | Jayanta Kumar Badajena, Sukanta Badajena, Uma Badajena, S/o: Bainsidhar Badajena, Rabindra Kumar Badajena, Sarangadhar Badajena, Jitendra Kumar Badajena, S/o: Brajakishore Badajena, Purastam Badajena, Banamber Badajena, S/o: Kanduri Badajena. |
| 228. | 347 | Private | Chak | 0.0283 | Pradipta Kumar Pradhan, Sudipta Kumar Pradhan, Niladri Pradhan, Himadri Pradhan, Debendra Kumar Pradhan, S/o: Bhramarabar Pradhan. |
| 229. | 348 | Private | Gharabari | 0.0445 | Pradipta Kumar Pati, S/o Keshab Charan Pati, (2) Pratap Kumar Das, S/o: Pathani Das. |
| 230. | 349 | Private | Sarad Jalasechit Ekafasali | 0.2266 | Pradipta Kumar Pradhan, Sudipta Kumar Pradhan, Niladri Pradhan, Himadri Pradhan, Debendra Kumar Pradhan, S/o: Bhramarabar Pradhan. |
| 231. | 350 | Private | Sarad Jalasechit Ekafasali | 0.0121 | Amrutlal Jachak, Manikalal Jachak, S/o: Kunilal Jachak, (2) Jhuna Baliarsingh, W/o: Subas Chandra Baliarsingh, (3) Pratap Kumar Rath, S/o: Kanhu Charan Rath, (4) Jayashree Rath, W/o: Pratap Kumar Rath. |
| 232. | 356 | Government | Nayanjori | 0.0911 | Public Works Department. |
| 233. | 385 | Private | Gharabari | 0.004 | Somnath Palai, S/o: Sudarsan Palai, (2) Sarbeswar Sahoo, Brajakishore Sahoo, Rajkishore Sahoo, Surendra Kumar Sahoo, S/o: Satrughan Sahoo, (3) Laxmipriya Mohapatra, W/o: Basant Kumar Mohapatra, (4) Sudhamani Tripathy, W/o: Santanu Kumar Acharya, (5) Manoranjan Rana, S/o: Khetrabasi Rana, (6) Krupasindhu Sahoo, S/o: Udaynath Sahoo, (7) Sukanta Kumar Sahoo, S/o: Jayadev Sahoo, (8) Mustak Husen, S/o: Abdul Atif Khan, (9) Maa Sarala Education & Health Trust, Chairman Pathani Chandra Moharana, S/o: Duryodhan Moharana. |
| **Village: Taratua** | | | | | |
| 234. | 547 | Private | Chak | 0.0769 | Swagatika Harichandan, W/o: Sanjaya Kumar Pattnaik. |
| 235. | 548 | Government | Patit | 1.0805 | Rakshit (Reserved for Gramya Jungle ). |
| 236. | 550 | Government | Patit | 0.1133 | Rakshit (Reserved for Gramya Jungle ). |
| 237. | 552 | Private | Chak | 0.0101 | Jadumani Barik, Madhusudan Barik, S/o: Kelu Barik, (2) Chandrama Bhujabal, W/o: Bhagirathi Bhujabal. |
| **Village: Willkinsonnagar** | | | | | |
| 238. | 540 | Private | Sarad - 3 | 0.0971 | Sakuntala Mohapatra, W/o: Nabakishore Mohapatra. |
| 239. | 541 | Private | Sarad - 3 | 0.0506 | Dhirendranath Sundara, S/o Baban Pradhan. |
| 240. | 542 | Private | Sarad - 3 | 0.0202 | Gouranga Mohapatra, S/o: Ram Mohapatra. |
| 241. | 543 | Private | Sarad - 3 | 0.1093 | Satyanarayan Singh, S/o: Kapil Singh, (2) Tikina Senapati, W/o: Pravat Kumar Senapati. |
| 242. | 544 | Private | Chua | 0.004 | Tikina Senapati, W/o: Pravat Kumar Senapati. |
| 243. | 545 | Private | Sarad - 2 | 0.0324 | Satyanarayan Singh, S/o: Kapil Singh, (2) Tikina Senapati, W/o: Pravat Kumar Senapati. |
| 244. | 555 | Private | Sarad - 2 | 0.0931 | Nalinipravа Mishra, W/o: Sudarsan Mishra. |
| 245. | 556 | Private | Sarad - 1 | 0.0688 | Satrughan Baliarsingh, S/o: Madan Baliarsingh. |
| 246. | 557 | Private | Sarad - 1 | 0.004 | Satrughan Baliarsingh, S/o: Madan Baliarsingh. |
| 247. | 558 | Private | Sarad - 1 | 0.1497 | Shree Kunjabihari Dev Bije, Gadakhordha, marfat Trustee Board, (Sikim dakhal Satrughan Baliarsingh, S/o: Madan Baliarsingh, Sikim Khata No. 3). |
| 248. | 560 | Private | Sarad - 2 | 0.255 | Shree Laxminarayan Dev Bije, Jajarsingh, marfat Trustee Board. |
| 249. | 790 | Government | Sadak | 0.0202 | Jilla Board. |
| | | | TOTAL | 26.8736 | |

[F. No. RO/BBSR/11017/By-passes/100/2018/3A/3D]
**RAJESH GUPTA, Dy. Secy.**

**ରାଧାଷ୍ଟମୀ ପାଳିତ**

ଦାମନଯୋଡି, (ଡି.ଏନ୍.ଏ.)-ଦାମନଯୋଡିରେ ରାଧାଷ୍ଟମୀ ପାଳନ କରାଯାଇଛି। କୋଭିଡ୍ କଟକଣା ଯୋଗୁ ଶ୍ରଦ୍ଧାଳୁଙ୍କ ବିନା ଏହି ପୂଜା ରାଯାଇଥିଲା। ସେକ୍ଟର-୧ ଜଗନ୍ନାଥ ମନ୍ଦିର, ସେକ୍ଟର-୩ ମନ୍ଦିର ଓ ମାଥାଲପୁଟ ଶ୍ରୀ ରାଧାକୃଷ୍ଣଙ୍କ ମନ୍ଦିରରେ ଏହି ଅବସରରେ ସ୍ୱତନ୍ତ୍ର ପୂଜାନୀତି କରାଯାଇଥିଲା। ଟାଉନଶିପ ମନ୍ଦିରରେ ପୂଜକ ବିଜୟ କୁମାର ପଣ୍ଡା, କୈଳାସ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପଣ୍ଡା, ନୀଳାଞ୍ଚଳ ମହାପାତ୍ର, ଅମୀୟ କୁମାର ସାମନ୍ତରାୟ ଓ ପ୍ରଭାତ ରଥ ପ୍ରମୁଖ ପୂଜାକାର୍ଯ୍ୟ ସମ୍ପନ୍ନ କରିଥିଲେ। ମାଥଲପୁଟରେ ପୂଜକ ପ୍ରତାପ ପଣ୍ଡା ଓ ପ୍ରତାୟ ଦେବତାଙ୍କ ଦ୍ୱାରା ପୂଜା କରାଯାଇଥିଲା।

## ସଂକ୍ଷେପରେ

### କୋରାପୁଟ ଜିଲାରୁ ୧୭୩ ପଜିଟିଭ

**କୋରାପୁଟ,୨୫।୮,(ସ୍ୱ.ପ୍ର.):** କୋରାପୁଟ ଜିଲାରେ ମଙ୍ଗଳବାର ୧୭୩ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କୁ ମିଶାଇ ଜିଲାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୮୭୯କୁ ବୃଦ୍ଧି ପାଇଛି। ଚିହ୍ନଟ ପଜିଟିଭଙ୍କ ମଧ୍ୟରେ ଟିଏମ୍‌ସିରୁ ୧୫, ପୂର୍ବ ପଜିଟିଭଙ୍କ ସଂସ୍ପର୍ଶରେ ଆସି ୮୦ ଓ ୭୮ ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଜୟପୁରରୁ ୪୭, କୋରାପୁଟରୁ ୪୪, ସୁନାବେଡ଼ାରୁ ୧୦ ଜଣ ଓ କୋଟପାଡ୍ ମ୍ୟୁନିସିପାଲିଟିରୁ ୨ଜଣ ରହିଛନ୍ତି। ବନ୍ଧୁଗାଁ ବ୍ଲକରୁ ୧୪, ବୈପାରିଗୁଡ଼ାରୁ ୧୧, ବୋରିଗୁମ୍ମାରୁ ୬, ଦଶମନ୍ତପୁରରୁ ୫, ଜୟପୁରରୁ ୬, କୋରାପୁଟରୁ ୭, କୋଟପାଡ୍‌ରୁ ୩, କୁନ୍ଦୁରା ଓ ନାରାୟଣପାଟଣାରୁ ୪ ଲେଖାଏ, ଲମତାପୁଟ, ଲକ୍ଷ୍ମୀପୁର, ନନ୍ଦପୁର, ପଟ୍ଟାଙ୍ଗୀ ଓ ସେମିଳିଗୁଡ଼ା ବ୍ଲକରୁ ୨ଜଣ ଲେଖାଏ ଆକ୍ରାନ୍ତ ରହିଛନ୍ତି। ପ୍ରକାଶ ଯେ, ଜିଲାରେ କିଛିଦିନ ହେଲା କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି। ଏହାକୁ ନଜରରେ ରଖି ଗତ ୨୭ ତାରିଖରେ କୋରାପୁଟ ମେଡିକାଲରେ ପ୍ଲାଜ୍‌ମା ବ୍ୟାଙ୍କ ପ୍ରତିଷ୍ଠା କରାଯିବ ବୋଲି ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ମେଡିକାଲରେ ପ୍ଲାଜ୍‌ମା ସଂଗ୍ରହ ପାଇଁ ମେଶିନ ସ୍ଥାପନ କାର୍ଯ୍ୟ ଶେଷ ହୋଇଥିବା ଡାକ୍ତରଖାନା କର୍ତ୍ତୃପକ୍ଷଙ୍କଠାରୁ ସୂଚନା ମିଳିଛି।

### ମାଲକାନଗିରି: ଦିନକରେ ୧୦୧ ସଂକ୍ରମିତ ଚିହ୍ନଟ

**ମାଲକାନଗିରି,୨୫।୮(ଡି.ଏନ୍.ଏ.):** ମାଲକାନଗିରି ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏ ପର୍ଯ୍ୟନ୍ତ ଗୋଟିଏ ଦିନରେ ଶହେରୁ ଊର୍ଦ୍ଧ୍ୱ ସଂକ୍ରମିତ ଚିହ୍ନଟ ହୋଇ ନ ଥିବାବେଳେ ମଙ୍ଗଳବାର ଜିଲାରୁ ୧୦୧ ସଂକ୍ରମିତ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ନୂତନ ୧୦୧ ସଂକ୍ରମିତଙ୍କ ମଧ୍ୟରେ ମାଲକାନଗିରି ପୌରାଞ୍ଚଳରୁ ସର୍ବାଧିକ ୩୪ ଜଣ, ବାଲିମେଳା ଏନ୍ଏସି ଅଞ୍ଚଳରୁ ୪, କୋରୁକୋଣ୍ଡାରୁ ୧୨, ଖଇରପୁଟରୁ ୭, ମାଲକାନଗିରି ବ୍ଲକ୍ ଅଞ୍ଚଳରୁ ୧୯, ମାଥିଲିରୁ ୧୨, ଚିତ୍ରକୋଣ୍ଡାରୁ ୬ ଏବଂ କାଲିମେଳାରୁ ୭ଜଣ ରହିଛନ୍ତି। ଏଥିସହ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୯୫୯ରେ ପହଞ୍ଚିଛି। ସେଥିମଧ୍ୟରୁ ୧୨୭୧ ଜଣ ସୁସ୍ଥହୋଇ ଫେରିଥିବାବେଳେ ୬୮୪ ସକ୍ରିୟ ମାମଲା ରହିଛି। ସେହିପରି ଜିଲାରୁ ୪ଜଣଙ୍କ କରୋନାଜନିତ ମୃତ୍ୟୁ ଘଟିଥିବା ମାଲକାନଗିରି ଜିଲାପାଳ ମନୀଷ୍ ଅଗ୍ରୱାଲ ସୂଚନା ଦେଇଛନ୍ତି।

### ନବରଙ୍ଗପୁରରୁ ୨୭ ଆକ୍ରାନ୍ତ

**ନବରଙ୍ଗପୁର,୨୫।୮(ବି.ପ୍ର.)** ନବରଙ୍ଗପୁର ଜିଲାରେ ମଙ୍ଗଳବାର ୨୭ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଉମରକୋଟ ପୌରାଞ୍ଚଳରୁ ୧୧, ଉମରକୋଟ ବ୍ଲକରୁ ୧୨, ନନ୍ଦାହାଣ୍ଡି, ନବରଙ୍ଗପୁର, ରାଇଘର ଓ ପାପଡାହାଣ୍ଡି ବ୍ଲକରୁ ଜଣେ ଲେଖାଏ ସଂକ୍ରମିତ ଚିହ୍ନଟ ହୋଇଥିବା ଜିଲାପାଳ ଅଜିତ କୁମାର ମିଶ୍ର ସୂଚନା ଦେଇଛନ୍ତି। ଜିଲାର ୯୨୦ ପଜିଟିଭଙ୍କ ମଧ୍ୟରୁ ୫୩୬ ଜଣ ସୁସ୍ଥ ହୋଇ ସାରିଲେଣି। ୩୮୧ ଜଣ ଚିକିତ୍ସାଧୀନ ଅଛନ୍ତି। ଜିଲାରେ ୩୮ ହଜାର ୯୬୫ ସ୍ୱାବ ପରୀକ୍ଷା ହୋଇଛି।

# ମଦ ବିକ୍ରି ବିରୋଧରେ ବର୍ଷିଲେ ମହିଳା

**କୋଟପାଡ୍, ୨୫।୮(ଡି.ଏନ୍.ଏ.)**



ମଦଦୋକାନ ଭାଙ୍ଗିବାକୁ ଆସିଥିବା ମହିଳାମାନେ।

- ଭାଙ୍ଗିଲେ ଦୋକାନ, ନଷ୍ଟ କଲେ ମଦ
- ପୋଲିସ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ
- ଜଣେ ବେଆଇନ ମଦ ବେପାରୀ ଗିରଫ

କୋରାପୁଟ ଜିଲା କୋଟପାଡ୍ ବ୍ଲକ ସର୍ଗିଗୁଡ଼ା ପଞ୍ଚାୟତ ମିରିଗୁଡ଼ାରେ ବେଆଇନ ଦେଶୀମଦ କାରବାର ଦିନକୁ ଦିନ ବଢିବାରେ ଲାଗିଛି। ଏହା ବିରୋଧରେ ମିରିଗୁଡା ଗ୍ରାମର ଶତାଧିକ ମହିଳା ଏକତ୍ରିତ ହୋଇ ମଦ ବିକ୍ରି କରୁଥିବା ଦୋକାନଗୁଡିକ ଭଙ୍ଗାରୁଜା କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଚୋରାରେ ମଦ ବିକ୍ରି କରୁଥିବା ୨ଜଣଙ୍କୁ ଗିରଫ କରିଛି।

ପ୍ରକାଶ ଯେ, ମହିଳାମାନେ ମିରିଗୁଡାସ୍ଥିତ ଏକ ବେଆଇନ ମଦ ଦୋକାନରେ ଭଙ୍ଗାରୁଜା କରିଥିଲେ। ସେଠାରେ ଥିବା ମଦ ପ୍ୟାକେଟକୁ ନଷ୍ଟ କରିବା ସହ ଦୋକାନୀ ସହ ଅନ୍ୟମାନଙ୍କୁ ଠେଙ୍ଗାବାଡିରେ ମାଡ ମାରିଥିଲେ। ସର୍ଗିଗୁଡା ପଞ୍ଚାୟତ ସଦର, ବଟାସନା,ମିରିଗୁଡା,ପତ୍ରଗୁଡା ଅଞ୍ଚଳରେ ଦେଶୀ ଚୋରା ମଦ ବ୍ୟାପକ ପରିମାଣରେ ବିକ୍ରି ହେଉଛି। ପୋଲିସ କିମ୍ବା ଅବକାରୀ ବିଭାଗ ଏ ଦିଗରେ କୌଣସି ପଦକ୍ଷେପ ନେଉ ନ ଥିବାରୁ ସେସବୁ ସ୍ଥାନରେ ମଦ୍ୟପମାନେ ଆଡ୍ଡାକରି ଅସାମାଜିକ ପରିବେଶ ସୃଷ୍ଟି କରୁଛନ୍ତି। ତେଣୁ ଏପରି ଆନ୍ଦୋଳନ କରିବାକୁ ବାଧ୍ୟହେଲୁ ବୋଲି ମହିଳାମାନେ କହିଛନ୍ତି। ଖବରପାଇ ଏସ୍ଆଇ ଏସ୍.କେ. ସ୍ୱାଇଁ, ପି.କେ. ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ବେଆଇନ ମଦ ବିକ୍ରି କରୁଥିବା ବାସୁଦେବ ଭତରାଙ୍କୁ ପୋଲିସ ଗିରଫ କରିଛି। ପୋଲିସ ୧୨୪/୨୦ରେ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

# ରାୟଗଡ଼ାରେ ପୁଣି ବଢ଼ିଲେ ସଂକ୍ରମିତ

**ରାୟଗଡ଼ା ଅଫିସ,୨୫।୮**

- ଦିନକରେ ୧୭୭ ପଜିଟିଭ
- ପଦ୍ମପୁର, ଗୁଣପୁର, ରାମନାଗୁଡ଼ାରେ କମୁଛି ପଜିଟିଭ

ରାୟଗଡ଼ା ଜିଲାରେ କରୋନା ସ୍ଥିତି ଅଣାୟତ୍ତ ହେବାରେ ଲାଗିଛି । ଦିନକୁ ଦିନ ସଂକ୍ରମିତଙ୍କ ସଖ୍ୟା ବଢୁଥିବାବେଳେ କମିବାର ନାଁ ଧରୁନି। ଗତ ୨୪ ଘଣ୍ଟାରେ ଜିଲାରୁ ଆଉ ୧୭୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ନୂତନ ସଂକ୍ରମିତଙ୍କ ମଧ୍ୟରେ ଚନ୍ଦ୍ରପୁରରୁ ସର୍ବାଧିକ ୬୯ଜଣ, କୋଲନରାରୁ ୧୮, ଗୁଡାରିରୁ ୧୭, କାଶୀପୁରରୁ ୧୫, ବିଷମକଟକରୁ ୧୩, ରାୟଗଡ଼ା ଗ୍ରାମାଞ୍ଚଳରୁ ୧୩, ରାୟଗଡ଼ା ସହରାଞ୍ଚଳରୁ ୧୧, ମୁନିଗୁଡ଼ାରୁ ୧୧ ଏବଂ ରାମନାଗଗୁଡ଼ାରୁ ୧୦ ଜଣ ଚିହ୍ନଟ ହୋଇଛନ୍ତି। ସଂକ୍ରମଣକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ରାୟଗଡ଼ା ଉପଜିଲାପାଳଙ୍କ କାର୍ଯାଳୟକୁ ୨୫ରୁ ୨୭ ପର୍ଯ୍ୟନ୍ତ ଏବଂ ଏଚ୍‌ଡିବି ଫାଇନାନ୍‌ସିଆଲ ସର୍ଭିସେସ୍‌କୁ ୨୫ରୁ ୩୧ ପର୍ଯ୍ୟନ୍ତ ବନ୍ଦ ଘୋଷଣା କରାଯାଇଛି। ଅନ୍ୟପକ୍ଷରେ ଜିଲାରେ କରୋନା ସ୍ଥିତି ନିୟନ୍ତ୍ରଣକୁ ଆଣିବା ପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ସାଜାଗ ରହିଛି। ପ୍ରତ୍ୟେକ ବ୍ଲକ୍ ସ୍ତରରେ ଉଦ୍ୟମ ଜାରି ରହିଛି। କଣ୍ଟାକ୍ଟ ଟ୍ରେସିଂ ଏବଂ ଅଧିକ ଟେଷ୍ଟିଂ କରାଯାଉଛି। ତେଣୁ ପଜିଟିଭ ସଂଖ୍ୟା ବଢୁଛି ବୋଲି ଡିଆର୍‌ଡିଏ ପିଡି ଅମ୍ରିତ ରୁତୁରାଜ ସୂଚନା ଦେଇଛନ୍ତି। ସନ୍ଦିଗ୍ଧ ଅଞ୍ଚଳଗୁଡ଼ିକରୁ ଲୋକଙ୍କୁ ଚିହ୍ନଟ କରି ପରୀକ୍ଷା କରାଯାଉଛି। ପଦ୍ମପୁର, ଗୁଣପୁର ଏବଂ ରାମନାଗୁଡ଼ାରେ ଧିରେ ଧିରେ ପଜିଟିଭ ସଂଖ୍ୟା କମୁଛି। ଏହି ଅଞ୍ଚଳରେ ଆଇସୋଲେଶନ ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଛି। ତେବେ ପଛରେ କରୋନା ଦ୍ୱାରା ପ୍ରଭାବିତ ହୋଇଥିବା ଅଞ୍ଚଳରେ ପଜିଟିଭ କମିବା ପାଇଁ କିଛିଦିନ ସମୟ ଲାଗିବ ବୋଲି ପିଡି କହଛନ୍ତି। ତେବେ ଯେଉଁମାନଙ୍କ ସନ୍ଦେହ ରହୁଛି, ସେମାନେ ନିଜେ ଆସି ପରୀକ୍ଷା କରାଇପାରିବେ ବୋଲି କୁହାଯାଇଛି।

# କୋଭିଡ୍ ସ୍ଥିତି ସମୀକ୍ଷା କଲେ ମନ୍ତ୍ରୀ



ମନ୍ତ୍ରୀ ଜଗନ୍ନାଥ ସାରକା ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

**ବିଷମକଟକ,୨୫।୮**

**କଟକଣାକୁ ବାଧ୍ୟତାମୂଳକ, ଅଧିକ ପରୀକ୍ଷାକୁ ଗୁରୁତ୍ୱ**

ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍‌ରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ୨ମାସ ମଧ୍ୟରେ ବ୍ଲକ୍ ଅଞ୍ଚଳରୁ ୧୦୦ରୁ ଊର୍ଦ୍ଧ୍ୱ ସଂକ୍ରମିତ ଚିହ୍ନଟ ହେଲେଣି। ଏଥିରେ ବିଷମକଟକ ସହରରୁ ସର୍ବାଧିକ ରହିଛନ୍ତି। ତେଣୁ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା ମଙ୍ଗଳବାର ବିଷମକଟକଠାରେ କରୋନାସ୍ଥିତିର ସମୀକ୍ଷା କରିଛନ୍ତି। ବିଭିନ୍ନ ସରକାରୀ ଓ ବେସରକାରୀ କର୍ମଚାରୀଙ୍କୁ ନେଇ ମନ୍ତ୍ରୀ ଆଲୋଚନା କରିଥିଲେ। ଅଧିକରୁ ଅଧିକ ପରୀକ୍ଷା କରି କରୋନାକୁ କିପରି ନିୟନ୍ତ୍ରଣ କରାଯାଇପାରିବ ଏବଂ ଲୋକଙ୍କ ମନରୁ ଭୟ ଦୂର ହୋଇପାରିବ, ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ମାସ୍କ ବ୍ୟବହାର କରିବା ଏବଂ ସାମାଜିକ ଦୂରତ୍ୱ ନିୟମ ପାଳନକୁ ବାଧ୍ୟତାମୂଳକ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ମନ୍ତ୍ରୀଙ୍କ ସମେତ ନବନିଯୁକ୍ତ ବିଜେଡି ରାଜ୍ୟ ଯୁଗ୍ମ ସମ୍ପାଦକ ପୃଥ୍ୱୀରାଜ ସାହୁ, ତହସିଲଦାର ଶୁଭେନ୍ଦୁ କୁମାର ଜେନା, ବିଡିଓ ଆଲବର୍ଟ ଲାକ୍ରା, ବିଷମକଟକ ଥାନା ଆଇଆଇସି ଯଶୋବନ୍ତ ହିଆଲ, କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ କୁମାର ପାଣିଗ୍ରାହୀ, ବଣିକ ସଂଘର ସଭାପତି ଶୁଭେନ୍ଦୁ ଚୌଧୁରୀ, ଖ୍ରୀଷ୍ଟିଆନ ହସ୍ପିଟାଲ ଡାକ୍ତର ଜନି, ଆୟୁର୍ବେଦିକ ଡାକ୍ତର ରମେଶ ଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଗୁଣପୁର କୋର୍ଟ କଣ୍ଟେନ୍‌ମେଣ୍ଟ ଜୋନ୍

## ଆରଏମ୍‌ସି, ଗୁଡାରି ବ୍ଲକ୍ ଅଫିସ ୨୭ ପର୍ଯ୍ୟନ୍ତ ବନ୍ଦ

**ଗୁଣପୁର,୨୫।୮(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଗୁଣପୁର କୋର୍ଟରେ ଜଣେ କର୍ମଚାରୀ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାପରେ ଗୁଣପୁର ଉପଜିଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦର କୋର୍ଟ ପରିସରକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିଛନ୍ତି। ଏଥିସହ କଣ୍ଟେନମେଣ୍ଟ ଜୋନ୍ ମଧ୍ୟରେ ରହିଥିବା ସମସ୍ତ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନଗୁଡ଼ିକ ମଧ୍ୟ ବନ୍ଦ ରହିବ ବୋଲି ସୂଚନା ମିଳିଛି। ସେହିପରି ଗୁଣପୁର ନିୟନ୍ତ୍ରିତ ବଜାର କମିଟି(ଆର୍‌ଏମ୍‌ସି)ର ଜଣେ କର୍ମଚାରୀ ସଂକ୍ରମିତ ଚିହ୍ନଟ ପରେ ଏହାକୁ ମଧ୍ୟ ଉପଜିଲାପାଳ ତଥା ନିୟନ୍ତ୍ରିତ ବଜାର କମିଟିର ଅଧ୍ୟକ୍ଷ ୨୭ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଜିଲାର ଗୁଡାରି ବ୍ଲକ୍ କାର୍ଯ୍ୟାଳୟର କର୍ମଚାରୀ ପଜିଟିଭ ଚିହ୍ନଟ ପରେ ଉକ୍ତ କାର୍ଯ୍ୟାଳୟକୁ ମଧ୍ୟ ୨୭ ପର୍ଯ୍ୟନ୍ତ ବନ୍ଦ କରାଯାଇଥିବା ଉପଜିଲାପାଳଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶନାମାରୁ ସୂଚନା ମିଳିଛି।

# ୨୨ ଦାଦନ ଶ୍ରମିକଙ୍କୁ ଉଦ୍ଧାରକଲା ଶ୍ରମ ବିଭାଗ

**ନବରଙ୍ଗପୁର,୨୫।୮(ବି.ପ୍ର.)**

ରାଜ୍ୟରେ କାମର ଅଭାବ ଓ ଦକ୍ଷତା ଅନୁଯାୟୀ କାମ ମିଳୁ ନ ଥିବା ଯୋଗୁ ଦାଦନ ଖଟିବାକୁ ଯାଉଥିବା ୨୨ଜଣ(୧୬ ଯୁବତୀ, ୬ ଯୁବକ)ଙ୍କୁ ନବରଙ୍ଗପୁର ଶ୍ରମ ବିଭାଗ ଉଦ୍ଧାର କରିଛି। ଉଦ୍ଧାର ଶ୍ରମିକଙ୍କ ମଧ୍ୟରେ ନବରଙ୍ଗପୁରରୁ ୧୦, କୋରାପୁଟରୁ ୩, ମାଲକାନଗିରିରୁ ୫ ଓ କଳାହାଣ୍ଡି ଜିଲାରୁ ୪ଜଣ ରହିଛନ୍ତି। ସମସ୍ତେ ତାମିଲନାଡୁକୁ ଦାଦନ ଖଟିବାକୁ ଯାଉଥିଲେ ବୋଲି ସୂଚନା ମିଳିଛି।

ପ୍ରକାଶ ଯେ, ଏହି ଦାଦନ ଶ୍ରମିକମାନେ ପୂର୍ବରୁ ତାମିଲନାଡୁରେ କାମ କରୁଥିଲେ। ଲକ୍‌ଡାଉନରେ ସେମାନେ ଓଡ଼ିଶା ଫେରିଆସିଥିଲେ। ଲେବର କାର୍ଡ ଥିବା ସତ୍ତ୍ୱେ ଦକ୍ଷତା ଅନୁଯାୟୀ କିଛି କାମ ମିଳୁ ନ ଥିଲା। ତେଣୁ ପୂର୍ବରୁ କାମ କରୁଥିବା କମ୍ପାନୀ ସହ ଯୋଗାଯୋଗ କରି ସେମାନେ ମଙ୍ଗଳବାର ଶକ୍ତି ମୁରିଗାନ ନାମକ ବସ୍ (ଟିଏନ୍-୧୯ଏସ୍-୫୮୩୮)ଯୋଗେ ତାମିଲନାଡୁର ତିରିପୁରାକୁ ଯାଉଥିଲେ। ଖବର ପାଇ ନବରଙ୍ଗପୁର ଶ୍ରମ ବିଭାଗ ତାଙ୍କୁ ଅଟକାଇଥିଲା। ସେମାନଙ୍କ ଶ୍ରମିକ ପଞ୍ଜୀକରଣ ପରେ ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ଯିବାକୁ ଦିଆଯିବ ବୋଲି ଜିଲା ଶ୍ରମ ଅଧିକାରୀ ନରେନ୍ଦ୍ର ଗୋଇପାଇ କହିଛନ୍ତି।

# ସାପ୍ତାହିକ ହାଟ ଖୋଲିବାକୁ ବ୍ୟବସାୟୀଙ୍କ ଦାବି



ବ୍ୟବସାୟୀମାନେ ଦାବିପତ୍ର ଦେଉଛନ୍ତି।

**କୋରାପୁଟ,୨୫।୮(ସ୍ୱ.ପ୍ର.)**

କୋଭିଡ୍-୧୯ ଯୋଗୁ ୬ମାସ ହେବ କୋରାପୁଟ ଜିଲାର ସାପ୍ତାହିକ ହାଟଗୁଡିକ ବନ୍ଦ ରହିଛି। ଏହି ହାଟଗୁଡିକୁ ଖୋଲିବାକୁ ବ୍ୟବସାୟୀମାନେ ମଙ୍ଗଳବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସାପ୍ତାହିକ ହାଟ ବନ୍ଦ ଯୋଗୁ ଖୁଚୁରା ବେପାରୀମାନେ ପ୍ରଭାବିତ ହେଉଛନ୍ତି। ସେମାନେ ଏବେ ଋଣଗ୍ରସ୍ତ ହୋଇ ପରିବାର ପ୍ରତିପୋଷଣ କରୁଛନ୍ତି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଜିଲାରେ ଛୋଟ ବଡ ହୋଇ ୪୦ଟି ହାଟ ରହିଛି। ସେଠାରେ ବ୍ୟବସାୟ କରି ଆଦିବାସୀମାନେ ସେମାନଙ୍କ ଜୀବିକା ଚଳାଇଥାନ୍ତି। ଜିଲାର ନନ୍ଦପୁର, ଲକ୍ଷ୍ମୀପୁର, ଦଶମନ୍ତପୁର, କୋରାପୁଟ ବ୍ଲକର ହାଟ ସବୁ ବନ୍ଦ ହେବାରୁ କ୍ଷୁଦ୍ର ଚାଷୀ ଓ ବ୍ୟବସାୟୀ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ତେଣୁ ଜିଲାର ସମସ୍ତ ସାପ୍ତାହିକ ହାଟଗୁଡିକ ତୁରନ୍ତ ଖୋଲାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି।

# ଦୀର୍ଘଦିନ ପରେ ହଟିଲା କଣ୍ଟେନ୍‌ମେଣ୍ଟ ଜୋନ୍

**ଚିତ୍ରକୋଣ୍ଡା,୨୫।୮(ଡି.ଏନ୍.ଏ.)**

**କୋଭିଡ୍ ନିୟମ ମାନି ବ୍ୟବସାୟ ପାଇଁ ନିର୍ଦ୍ଦେଶ**

ଚିତ୍ରକୋଣ୍ଡା ସହରାଞ୍ଚଳରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିବା ପରେ ପ୍ରଶାସନ ପକ୍ଷରୁ ଜୁଲାଇ ୨୯ରୁ ସହରକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଥିଲା। ଫଳରେ ସମସ୍ତ ଦୋକାନ ବଜାର ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। କେବଳ ତେଜରାତି ସାମଗ୍ରୀ ହୋମ୍ ଡେଲିଭରି କରାଯାଉଥିଲା। ଦୋକାନ ବଜାର ବନ୍ଦ ଯୋଗୁ ବ୍ୟବସାୟୀମାନଙ୍କ ଆର୍ଥିକ ସ୍ଥିତି ଖରାପ ହୋଇଥିଲା। ଚିତ୍ରକୋଣ୍ଡା ଦୈନିକ ବଜାରର ବ୍ୟବସାୟୀ ସଂଘ ପକ୍ଷରୁ ଚିତ୍ରକୋଣ୍ଡା ବିଡିଓ ଲରିମନ ଖରସେଲ ଏବଂ ତହସିଲଦାର ଟି. ପଦ୍ମନାଭ ଦୋରାଙ୍କୁ ଭେଟି ସମସ୍ୟା ବିଷୟରେ ଅବଗତ କରାଯାଇଥିଲା। ଅଧିକାରୀମାନେ ଏହାର ବିଚାର କରି ଜିଲା ପ୍ରଶାସନର ଅନୁମତି କ୍ରମେ ସହରରୁ କଣ୍ଟେନ୍‌ମେଣ୍ଟ ଉଠାଇଛନ୍ତି। ତେବେ କୋଭିଡ୍ ନିୟମ ମାନି ସକାଳ ୭ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବ୍ୟବସାୟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳିଛି।

# ଗାଡ଼ି ମାଲିକମାନଙ୍କ ନାଁରେ ମାମଲା, ଜରିମାନା

**ଜୟପୁର,୨୫।୮(ଡି.ଏନ୍.ଏ.)**

**ଗୋଟିଏ ନମ୍ବରରେ ୩ଟି ଟ୍ରେଲର ଥିବା ମାମଲା**

ଜୟପୁର ସହରରେ ଗୋଟିଏ ନମ୍ବରରେ ୩ ଟ୍ରେଲର ଚାଲୁଥିବା ନେଇ ଖବର ପ୍ରକାଶ ପାଇବା ପରେ ଜିଲା ପରିବହନ ବିଭାଗ ସେଠାରେ ପହଞ୍ଚି ଟ୍ରେଲରଗୁଡିକୁ ଯାଞ୍ଚ କରିଛି। ଏହାପରେ ଟ୍ରେଲର ମାଲିକଙ୍କ ବିରୋଧରେ ମାମଲା ରୁଜୁ କରାଯିବା ସହ ସେମାନଙ୍କୁ ୧୮ହଜାର ୫୦୦ ଟଙ୍କା ଜରିମାନା କରାଯାଇ ଥିବା ଜିଲା ପରିବହନ ଅଧିକାରୀ ପି.ଏନ୍. ଦାଶ କହିଛନ୍ତି। ସୂଚନା ଯୋଗ୍ୟଯେ, ସମାନ ନମ୍ବର ବଶିଷ୍ଟ ଏହି ଟ୍ରେଲର ମଧ୍ୟରୁ ଗତ ରବିବାର ଦୁଇଟି ଏମ୍.ଜି ରୋଡରେ ଓ ଅନ୍ୟଟି କେନାଲ ବାଇପାସ ରୋଡ ନିକଟ ରାସ୍ତାରେ ପାର୍କିଂ କରାଯାଇଥିଲା। ଖବରପାଇ ଟାଉନଥାନା ପୋଲିସ ଟ୍ରେଲର କର୍ମଚାରୀଙ୍କୁ ଅଟକାଇ ପଚରାଉଚରା କରିଥିଲା।

# ସ୍ୱାସ୍ଥ୍ୟସେବାରେ ବାଧକ ସାଜୁଛି କାଦୁଅ ରାସ୍ତା

**ଜୟପୁର, ୨୫।୮(ନି.ପ୍ର.)**

**ଡାକ୍ତରଖାନାକୁ ସଂଯୋଗ କରୁଥିବା କାଦୁଅ ରାସ୍ତା**

ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ସରକାର ଯୋଜନା ପରେ ଯୋଜନା କରୁଛନ୍ତି। କିନ୍ତୁ ତାହା ଲୋକଙ୍କ ପାଖରେ ତୃଣମୂଳସ୍ତରରେ ପହଞ୍ଚି ପାରୁନାହିଁ। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି କୋରାପୁଟ ଜିଲା ଜୟପୁର ପୌର ପରିଷଦ ଅଧୀନ ୧୭ ନମ୍ବର ୱାର୍ଡରେ। ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ସରକାର ସେଠାରେ ଏକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଖୋଲିଥିଲେ। କିନ୍ତୁ ଏହି ଡାକ୍ତରଖାନା ସଂଲଗ୍ନ ରାସ୍ତା ମରାମତି କଥା ଭୁଲିଗଲେ। ବର୍ଷାଦିନେ ରାସ୍ତା ଅବସ୍ଥା ଏପରି ଶୋଚନୀୟ ହୋଇଉଠୁଛି ଯେ, ଲୋକମାନେ ସେଠାକୁ ଚାଲିଚାଲି ଯିବା ମଧ୍ୟ କଷ୍ଟକର। ଜୟପୁର ପୌର ପରିଷଦ ଅଧୀନ ୧୭ ନମ୍ବର ୱାର୍ଡର ହାତିଶାଳ ନିକଟରେ୫ ବର୍ଷ ପୂର୍ବେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରଟିଏ ଖୋଲାଯାଇଥିଲା। ଏହା ଉପରେ ଝିଙ୍କରଡୋଟା ଏବଂ ଲାଲ୍‌ଗୁଡା ଗ୍ରାମବାସୀ ମୁଖ୍ୟତଃ ନିର୍ଭର କରନ୍ତି। କିନ୍ତୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ସଂଯୋଗ କରୁଥିବା ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ଡାକ୍ତରଖାନାକୁ ଆସିବାକୁ ହେଲେ ବିଲ ଜମି ଦେଇ କାଦୁଅ ପଚପଚ ରାସ୍ତାରେ ଆସିବାକୁ ପଡେ। ତେଣୁ ଲୋକେ ପ୍ରାୟ ଏଠାକୁ ଯିବାକୁ ନାପସନ୍ଦ କରନ୍ତି। ଜରୁରିକାଳୀନ ସମୟରେ ରୋଗୀ ଓ ଗର୍ଭବତୀଙ୍କୁ ଖଟିଆରେ ବୋହି ଡାକ୍ତରଖାନା ନେବାକୁ ପଡେ। ଦୀର୍ଘ ବର୍ଷ ଧରି ଏହି ସମସ୍ୟା ଲାଗି ରହିଥିଲେ ସୁଦ୍ଧା ଏହାର କୌଣସି ସମାଧାନ ହୋଇପାରୁନାହିଁ। ତୁରନ୍ତ ଏହି ସମସ୍ୟାର ସମାଧାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମକାନ୍ତ ସାଏଙ୍କ ସହ ଯୋଗାଯୋଗ ହୋଇପାରିନାହିଁ।



ଡାକ୍ତରଖାନାକୁ ସଂଯୋଗ କରୁଥିବା ରାସ୍ତା।

# କରୋନା ସ୍ଥିତି ଉପରେ ନଜର ରଖିବ ୩ ଜଣିଆ ଟିମ୍

**ପଟ୍ଟାଙ୍ଗୀ, ୨୫।୮(ଡି.ଏନ୍.ଏ.)**



ଅଧିକାରୀମାନେ ସଂକ୍ରମିତଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝୁଛନ୍ତି।

**କୋଭିଡ୍ ପରିଚାଳନା ବୈଠକ**

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ କୋଭିଡ ପରିଚାଳନା ଦାୟିତ୍ୱରେଥିବା ନୋଡାଲ ଅଧିକାରୀ ତଥା ଉପଜିଲାପାଳ ଲଳିତ କୁମାର କଅଁର ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟରେ କରୋନା ସ୍ଥିତିକୁ ନେଇ ଏକ ସମୀକ୍ଷା ବୈଠକ କରିଛନ୍ତି। ବ୍ଲକରେ କରୋନା ସଂକ୍ରମଣକୁ କିପରି ନିୟନ୍ତ୍ରଣ କରାଯାଇପାରିବ ସେ ନେଇ ଆଲୋଚନା ହୋଇଥିଲା। କୋଭିଡ୍ ମ୍ୟାନେଜମେଣ୍ଟ ପାଇଁ ଏବିଡିଓ କୃଷ୍ଣଚନ୍ଦ୍ର ବିଶ୍ୱାସ ରାଏ, ଜିପିଇଓ ଦାୟିତ୍ୱରେ ରହିଥିବା ମାଳିପୁଟ ପଞ୍ଚାୟତ ପିଇଓ ଦିବାକର ପୁରୋହିତ ଓ ରଶ୍ମିରଞ୍ଜନ ସାହୁଙ୍କୁ ନେଇ ୩ଜଣିଆ କମିଟି ଗଠନ କରାଯାଇଥିଲା। ଉକ୍ତ କମିଟି ସହ ସବୁବେଳେ ଯୋଗାଯୋଗ ରଖିବାକୁ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। କରୋନା ସଂକ୍ରମିତ ବ୍ୟକ୍ତି ବିଶେଷଙ୍କ ତଥ୍ୟ ସଂଗ୍ରହ କରି ରିପୋର୍ଟ ପ୍ରସ୍ତୁତ କରିବାକୁ ଉପଜିଲାପାଳ କୋଭିଡ୍ ମ୍ୟାନେଜମେଣ୍ଟ ଟିମ୍‌କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ବିଡିଓ ମୋନାଲିସା ଦେବତା,ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଭାଗବତ ମୁର୍ମୁ, ଆୟୁଷ ଡାକ୍ତର ଅଶୋକ ପ୍ରଧାନଙ୍କ ସମେତ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ପରେ ଉପଜିଲାପାଳ, କୋଭିଡ୍ ମ୍ୟାନେଜମେଣ୍ଟ ଟିମ୍, ଏଏସ୍ଆଇ ମଧୁ ନାୟକ, ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଆୟୁଷ ଡାକ୍ତର ପ୍ରମୁଖ ହୋମ୍ ଆଇସୋଲେଶନରେ ଥିବା ୨୦ ଜଣ ସଂକ୍ରମିତଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ପ୍ରକାଶ ଯେ, ପଟ୍ଟାଙ୍ଗୀ ବ୍ଲକରେ ୯୫ କରୋନା ସଂକ୍ରମଣ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୪୫ରୁ ଊର୍ଦ୍ଧ୍ୱ ସୁସ୍ଥ ହୋଇ ସାରିଲେଣି।

**ନର୍ସିଂହୋମ୍ ୪୮ ଘଣ୍ଟା ସିଲ୍**

ଜଟଣୀ,(ଡି.ଏନ୍.ଏ.): ଜଟଣୀ ମ୍ୟୁନିସିପାଲିଟି ଅନ୍ତର୍ଗତ କୁଦିଆରୀ ବଜାରରେ ଥିବା ଏକ ଘରୋଇ ନର୍ସିଂହୋମ୍‌କୁ ୪୮ ଘଣ୍ଟା ପର୍ଯ୍ୟନ୍ତ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି। ମଙ୍ଗଳବାର ସନ୍ଧ୍ୟା ୬ଟାରୁ ଗୁରୁବାର ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ଏହି ନର୍ସିଂହୋମ୍‌ର ୪ କର୍ମଚାରୀ କରୋନା ସଂକ୍ରମିତ ହେବା ପରେ ଏହି ପଦକ୍ଷେପ ନିଆଯାଇଛି ବୋଲି ଜଟଣୀ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ତଥା ଏନଫୋର୍ସମେଣ୍ଟ ଅଫିସର ତପନ କୁମାର ମହାପାତ୍ର କହିଛନ୍ତି।

## ସଂକ୍ଷେପରେ

### ପୋଖରୀରୁ କିରାଣିଙ୍କ ମୃତଦେହ ଉଦ୍ଧାର

**ଜଟଣୀ,୨୫।୮(ଡି.ଏନ୍.ଏ.):** ଜଟଣୀ ଥାନା ଅଧୀନ ଗୋଡ଼ାଧର୍ମସାଗର ମୌଜାର ମିଲ୍ ପୋଖରୀରୁ ମଙ୍ଗଳବାର ଜଣେ କନିଷ୍ଠ କିରାଣିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ ଜଟଣୀ ମ୍ୟୁନିସିପାଲିଟିର କନିଷ୍ଠ କିରାଣି ହରି ବାହାଦୁର ବିସ୍ତା(୩୮)। ସୂଚନା ଅନୁଯାୟୀ, ଅପରାହ୍ଣରେ ହରି ବାହାଦୁର ପୋଖରୀରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ମେଡିକାଲକୁ ପଠାଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

### ସାହିତ୍ୟ ଏକାଡେମୀର ଯୁବ ସାହିତି କାର୍ଯ୍ୟକ୍ରମ

**କଟକ ଅଫିସ,୨୫।୮:** କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଓଡ଼ିଆ ଯୁବ ଲେଖକମାନଙ୍କର କବିତା ଓ ଗଳ୍ପ ପାଠୋତ୍ସବ 'ଯୁବ ସାହିତି' କାର୍ଯ୍ୟକ୍ରମ ମଙ୍ଗଳବାର ଅନ୍‌ଲାଇନ ମାଧ୍ୟମରେ ଅନୁଷ୍ଠିତ ହୋଇଛି। ରାଜ୍ୟର ୩ ଜଣ ଲେଖକ ଉକ୍ତ କାର୍ଯ୍ୟକ୍ରମରେ ସେମାନଙ୍କର ସ୍ୱରଚିତ ରଚନା ପାଠ କରିଥିଲେ। ଜଗନ୍ନାଥ ସାହୁ ଓ ସୁଭଦ୍ରା ପ୍ରିୟଦର୍ଶିନୀ ନାୟକ ଗଳ୍ପ ପାଠ କରିଥିବାବେଳେ ନିହାର ରଞ୍ଜନ ପରିଡ଼ା କବିତା ପାଠ କରିଥିଲେ। ରଚନାଗୁଡ଼ିକ ସମକାଳୀନ ଯୁବ ଭାବନା ଓ ଚେତନାରେ ପରିପୂର୍ଣ୍ଣ ବୋଲି ସାହିତ୍ୟ ଏକାଡେମୀର ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ଡ. ବିଜୟାନନ୍ଦ ସିଂହ ମତ ଦେଇଥିଲେ। ସାହିତ୍ୟ ଏକାଡେମୀର ପୂର୍ବାଞ୍ଚଳ ଆଞ୍ଚଳିକ ସଚିବ ଦେବେନ୍ଦ୍ର କୁମାର ଦେବତା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଦଶହରା ପୂଜାକୁ ନେଇ ବଢ଼ିଲା ଦ୍ୱନ୍ଦ୍ୱ

**କଟକ ଅଫିସ,୨୫।୮**



■ସାର୍ବଜନୀନ ପୂଜା ଉପରେ କଟକଣା: ଜିଲାପାଳ

■ବୈଠକରେ ହିଁ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ: ଡିସିପି

କରୋନା କଟକଣା ଯୋଗୁ ଚଳିତବର୍ଷ କଟକ ସହରରେ ପ୍ରସିଦ୍ଧ ଦୁର୍ଗାପୂଜା ହେବ କି ନାହିଁ, ତାହାକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ଭାଇଚାରାର ସହରରେ ସବୁଠୁ ବଡ଼ ପର୍ବକୁ ନେଇ ସହରବାସୀ ଅନେକ ଆଶା ବାନ୍ଧି ବସିରହିଛନ୍ତି। ଏଭଳି ସ୍ଥିତିରେ ଜିଲାପାଳଙ୍କ ସୂଚନା କଟକବାସୀ, ପୂଜା କମିଟି ସମସ୍ତଙ୍କୁ ଦ୍ୱନ୍ଦ୍ୱରେ ପକାଇଛି।

ଚଳିତବର୍ଷ ସାର୍ବଜନୀନ ଦଶହରା ପୂଜା ଉପରେ କଟକଣା ଲଗାଯିବ। କୌଣସି ପୂଜା ମଣ୍ଡପରେ ସାଜସଜ୍ଜା କିମ୍ବା ଗହଳି କରିବାକୁ ଦିଆଯିବ ନାହିଁ ବୋଲି କଟକ ଜିଲାପାଳ ଭବାନୀଶଙ୍କର ଚୟନୀ ମଙ୍ଗଳବାର ଗଣମାଧ୍ୟମକୁ କହିଛନ୍ତି। ପୂଜା ସମୟରେ କିପରି ଭିଡ଼ ନ ହେବ, ତାହାକୁ ଦୃଷ୍ଟିରେ ରଖି ସାର୍ବଜନୀନ ପୂଜା ଉପରେ କଟକଣା ଲାଗିଛି ବୋଲି ଜିଲାପାଳ ଚୟନୀ ମତ ଦେଇଛନ୍ତି। ଅନ୍ୟପକ୍ଷରେ ଏ ପର୍ଯ୍ୟନ୍ତ ପୂଜା ଆୟୋଜନ ନେଇ କୌଣସି ବୈଠକ ଡକାଯାଇ ନାହିଁ। କଟକ ମହାନଗର ଶାନ୍ତି କମିଟି, ପୂର୍ବାଞ୍ଚଳ ଶାନ୍ତି କମିଟି ଓ କଟକ ମହାନଗର ପୂଜା କମିଟି ବୈଠକରେ ଏ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ହେବ। ଏ ସମ୍ପର୍କରେ ଡିସିପି ପ୍ରତୀକ ସିଂ କହିଛନ୍ତି, ବୈଠକ ନ ହେବା ପର୍ଯ୍ୟନ୍ତ ଦଶହରା ସମ୍ପର୍କରେ କୌଣସି ମତାମତ ଦେଇ ହେବନାହିଁ। ଉଲ୍ଲେଖଯୋଗ୍ୟ, ଗତ ଜନ୍ମାଷ୍ଟମୀ ତିଥିରୁ ମୃଣ୍ମୟୀ ଦେବୀଙ୍କ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ବିଭିନ୍ନ ପୂଜା କମିଟି ମାଟି ଅନୁକୂଳ କରିସାରିଛନ୍ତି। ଡିସିପିଙ୍କ କଟକଣା ଅନୁଯାୟୀ ମାତ୍ର ୪/୫ ଜଣ କର୍ମକର୍ତ୍ତାଙ୍କୁ ନେଇ ବିନା ପଟୁଆର କିମ୍ବା ଶୋଭାଯାତ୍ରାରେ ଏହି ରୀତି ସମ୍ପନ୍ନ ହୋଇଛି। ମାଟି ଅନୁକୂଳ ହୋଇଛି ସତ; କିନ୍ତୁ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ଗଢ଼ା ନେଇ ଏଯାବତ୍ ଆଶା ଆଶଙ୍କାରେ ରହିଛନ୍ତି ବିଭିନ୍ନ ପୂଜା କମିଟି ଓ କାରିଗର।

### ପୂଜା ଅନୁମତି ପାଇଁ ହାଇକୋର୍ଟରେ ମାମଲା

କଟକ ସହରରେ ଦୁର୍ଗାପୂଜା ପାଇଁ ଅନୁମତି ଦେବାକୁ ମଙ୍ଗଳବାର ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର ହୋଇଛି। ବାଲୁ ବଜାର ପୂଜା କମିଟି ପକ୍ଷରୁ ସଭାପତି ତଥା ଆଇନଜୀବୀ ସୂର୍ଯ୍ୟକାନ୍ତ ସାଙ୍ଗନେରିଆ, ସମ୍ପାଦକ ରାଜେନ୍ଦ୍ର ସାମଲ ଓ ରମେଶ ଚନ୍ଦ୍ର ବେହେରା ଏହି ମାମଲା ରୁଜୁ କରିଛନ୍ତି। ୧୫୦୯ ମସିହାରୁ ବାଲୁବଜାରରେ ଦୁର୍ଗା ପୂଜା ହେଉଛି। ଅନେକ ବିପଦ ସତ୍ତ୍ୱେ ପୂର୍ବରୁ କେବେ ପୂଜା ବନ୍ଦ ହୋଇନାହିଁ। ଚଳିତ ବର୍ଷ କରୋନା ପାଇଁ କଟକ ଡିସିପିଙ୍କ ନିର୍ଦ୍ଦେଶ ପରେ ମାତ୍ର ୪ଜଣ କର୍ମକର୍ତ୍ତାଙ୍କୁ ନେଇ ମାଟି ଅନୁକୂଳ କରାଯାଇଛି। କିନ୍ତୁ ମା'ଙ୍କ ପୂଜା ବନ୍ଦ ହେଲେ ଭକ୍ତଙ୍କୁ ଗଭୀର ଆଘାତ ଲାଗିବ। ପୂର୍ବରୁ କୋର୍ଟଙ୍କ ନିର୍ଦ୍ଦେଶ ପରେ ପୁରୀରେ ରଥଯାତ୍ରା ଶୃଙ୍ଖଳାରେ ସମ୍ପନ୍ନ ହୋଇଛି। ମହାରାଷ୍ଟ୍ରରେ ଜୈନଙ୍କ ଉତ୍ସବ ପାଇଁ ୩ଟି ମନ୍ଦିର ଖୋଲିବା ପାଇଁ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅଯୋଧ୍ୟାରେ ଶ୍ରୀରାମ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜା କାର୍ଯ୍ୟକ୍ରମ ହୋଇଛି। ଏଣୁ ପରମ୍ପରା ବଜାୟ ରଖିବାକୁ ଦୁର୍ଗା ପୂଜା ଆୟୋଜନ ପାଇଁ ଅନୁମତି ପ୍ରାର୍ଥନା କରାଯାଇଛି। ମାମଲାରେ ରାଜ୍ୟ ମୁଖ୍ୟ ଶାସନସଚିବ, ଗୃହ ବିଭାଗ ସଚିବ, କଟକ ଜିଲାପାଳ, ପୋଲିସ କମିଶନରଙ୍କୁ ପକ୍ଷଭୁକ୍ତ କରାଯାଇଛି।

# ଶୟନମୁଦ୍ରାରେ ମା' କଟକଚଣ୍ଡୀ

**କଟକ ଅଫିସ,୨୫।୮**

**ଚଣ୍ଡୀମନ୍ଦିରରେ ଏଥର ଦଶହରା ପୂଜା ୪୭ ଦିନ**

ମା'ଙ୍କ ପାଇଁ ଆସିଛି ନୂତନ ଗଦି, ତକିଆ ଓ ଶଯ୍ୟା ଉପକରଣ। ଏବେ ଗୋଟିଏ ପକ୍ଷ ଅର୍ଥାତ୍ ୧୫ଦିନ ଯାଏ ଶୟନମୁଦ୍ରାରେ ରହିବେ କଟକର ଆରାଧ୍ୟା ମା' କଟକଚଣ୍ଡୀ। ପୀଠରେ ମଙ୍ଗଳବାର ଶୟନଉତ୍ସବ ପାଳନ ହେବା ସହ ସ୍ୱତନ୍ତ୍ର ଉପଚାର କରାଯାଇଛି। ଆସନ୍ତା ମୂଳାଷ୍ଟମୀ ତିଥିରେ ମା'ଙ୍କୁ ଶୟନରୁ ଜାଗ୍ରତ କରାଯିବା ସହ ଧରାପୃଷ୍ଠକୁ ଆବାହନ କରାଯିବ ବୋଲି ପୂଜକ ମନୋଜ ପଣ୍ଡା କହିଛନ୍ତି।

ଆଗକୁ ପାର୍ବଣ। ପାର୍ବଣରେ ସବୁରି କେନ୍ଦ୍ରବିନ୍ଦୁ ପାଲଟନ୍ତି ମା' କଟକଚଣ୍ଡୀ। ମା'ଙ୍କ ଷୋଡ଼ଶ ଉପଚାର ପୂଜାଠାରୁ ଆରମ୍ଭ କରି ବିଭିନ୍ନ ବେଶ ଦର୍ଶନ କରିବାକୁ ରାଜ୍ୟ ତଥା ବାହାରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମେ। ମଙ୍ଗଳବାର ରାଧାଷ୍ଟମୀ ତିଥିରେ ମା'ଙ୍କ ଶୟନ ଉତ୍ସବ ସମ୍ପନ୍ନ ହୋଇଛି। ଏବେ ଗୋଟିଏ ପକ୍ଷ ପର୍ଯ୍ୟନ୍ତ ମା' ଶୟନମୁଦ୍ରାରେ ରହିବେ। ୭ ଦିନ ପରେ ମା'ଙ୍କ ପାର୍ଶ୍ୱ ପରିବର୍ତ୍ତନ କରାଯିବ। ମା'ଙ୍କୁ ଜାଗ୍ରତ କରିବା ପାଇଁ ମୂଳାଷ୍ଟମୀ ତିଥି ସକାଳେ ସହସ୍ର କୁମ୍ଭରେ ଅଭିଷେକ କରାଯିବ। ଏହି ଦିନ ଅପରାହ୍ଣରେ ଗଡ଼ଗଡ଼ିଆ ଘାଟରୁ ଆସିବ ଘଟ। ସଂସ୍କୃତରେ ଏକ ଶ୍ଳୋକ ରହିଛି, 'ମୂଳାୟାମ ଆବାହ୍ୟାମୀ, ଶ୍ରବଣାମ ସମର୍ପୟାମୀ।' ଅର୍ଥାତ୍ ମୂଳାଷ୍ଟମୀ ତିଥି ଦିନ ହିଁ ମା'ଙ୍କୁ ଧରାପୃଷ୍ଠକୁ ଆବାହନ କରାଯାଏ ଓ ଏହିଦିନ ରାତିରୁ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହୁଏ। ମାତ୍ର ଚଳିତବର୍ଷ ମଳମାସ ପଡୁଛି। ଫଳରେ ଗୋଟିଏ ମାସ ପରେ ଆରମ୍ଭ ହେବ ନବରାତ୍ର। ଏଣୁ ମୂଳାଷ୍ଟମୀ ଦିନଠାରୁ ୪୭ ଦିନ ଧରି ଚଳିତବର୍ଷ ମା'ଙ୍କ ଦଶହରା ପୂଜା କରାଯିବ ବୋଲି ପୂଜକମାନେ କହିଛନ୍ତି। ପ୍ରତ୍ୟେକ ଦିନ ମା' ସୁନାବେଶରେ ଦର୍ଶନ ଦେବେ। ମଳମାସ ଅତିକ୍ରାନ୍ତ ହେଲେ ରୀତିନୀତି ଅନୁଯାୟୀ ମା'ଙ୍କ ବିଭିନ୍ନ ବେଶ ହେବ। ଷୋଡ଼ଶ ଉପଚାର ସମୟରେ ସବୁଠାରୁ ଅଧିକ ଭିଡ଼ ହୁଏ। କିନ୍ତୁ କରୋନା କଟକଣା ଯୋଗୁ ଚଳିତବର୍ଷ ମା'ଙ୍କ ଦର୍ଶନ ବ୍ୟବସ୍ଥା ନେଇ ମନ୍ଦିରର ଟ୍ରଷ୍ଟି ଓ ପୂଜକ ଦୋଛକିରେ ରହିଛନ୍ତି।

# ଅକ୍ଟୋବର ୧ରୁ ବିମାନବନ୍ଦର ରନ୍‌ୱେ କାର୍ପେଟିଂ କାମ

**ଭୁବନେଶ୍ୱର,୨୫।୮(ବ୍ୟୁରୋ):**

ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଆସନ୍ତା ଅକ୍ଟୋବର ୧ତାରିଖରୁ ରନ୍‌ୱେର କାର୍ପେଟିଂ କାମ ଆରମ୍ଭ ହେବ। ୪ମାସ ଧରି କାର୍ପେଟିଂ କାମ ଚାଲିବ। ପ୍ରତିଦିନ ରାତି ୧୧ଟାରୁ ସକାଳ ୭ଟା ପର୍ଯ୍ୟନ୍ତ କାମ ହେବ। ଏଥିପାଇଁ ଏହି ସମୟରେ ବିମାନ ଯାତାୟାତ ବନ୍ଦ ରହିବ ବୋଲି ବିମାନବନ୍ଦର ନିର୍ଦ୍ଦେଶକ ଭି.ଭି. ରାଓ ସୂଚନା ଦେଇଛନ୍ତି। ଲକ୍‌ଡାଉନ୍ ସମୟରେ ବିମାନବନ୍ଦର ୫୦ ପ୍ରତିଶତରୁ ଅଧିକ କ୍ଷତି ସହିଛି। ଏହି ସମୟରେ ୭୫ ପ୍ରତିଶତ ଯାତ୍ରୀଙ୍କ ସଂଖ୍ୟା କମିଯାଇଛି। ମେ' ଓ ଜୁନ୍ ମାସରେ ଅଧିକ ଯାତ୍ରୀ ଆସୁଥିଲେ ଏବଂ କମ୍ ଯାତ୍ରୀ ଯାଉଥିଲେ। ବର୍ତ୍ତମାନ କିନ୍ତୁ ଯାତ୍ରୀ କମ୍ ଆସୁଛନ୍ତି ଏବଂ ଅଧିକ ଯାଉଛନ୍ତି। କରୋନା ପୂର୍ବରୁ ଦୈନିକ ପ୍ରାୟ ୪୫ଟି ବିମାନ ଉଡ଼ାଣ କରୁଥିଲା। ମାତ୍ର କରୋନା ଯୋଗୁ ଏବେ ପ୍ରାୟ ଦୈନିକ ୧୬ରୁ ୧୭ଟି ବିମାନ ଉଡ଼ାଣ କରୁଛି। ପୂର୍ବରୁ ପ୍ରତିଦିନ ୧୧ରୁ ୧୨ହଜାର ଯାତ୍ରୀ ଯିବା ଆସିବା କରୁଥିଲେ। ବର୍ତ୍ତମାନ ପ୍ରାୟ ୩ ହଜାର ଯାତ୍ରୀ ଯିବା ଆସିବା କରୁଛନ୍ତି। ଏଥିରୁ ପାଖାପାଖି ୨ହଜାର ଯାତ୍ରୀ ଯାଉଛନ୍ତି ଏବଂ ଏକ ହଜାର ଯାତ୍ରୀ ଆସୁଛନ୍ତି ବୋଲି ବିମାନବନ୍ଦର କର୍ତ୍ତୃପକ୍ଷ କହିଛନ୍ତି।



ରାଜଧାନୀ ଭୁବନେଶ୍ୱରରେ ମଙ୍ଗଳବାର ଲଘୁଚାପଜନିତ ବର୍ଷା ଫଳରେ ରାଜମହଲ ଛକରେ ଜମିଥିବା ବର୍ଷା ପାଣି।

# ଏନ୍‌ଏଚ୍‌ଆର୍‌ସିଙ୍କ ପାଖରେ ରିପୋର୍ଟ ଦାଖଲ ହୋଇନି

**ଭୁବନେଶ୍ୱର,୨୫।୮(ବ୍ୟୁରୋ)**

**କେନ୍ଦ୍ରାପଡ଼ାରେ ମହିଳାଙ୍କୁ ଗଣବଳାତ୍କାର ମାମଲା**

■ଡିସେମ୍ବର ୨୨ ସୁଦ୍ଧା ଏସ୍‌ପି, ଜିଲାପାଳଙ୍କୁ ହାଜର ନିର୍ଦ୍ଦେଶ

କେନ୍ଦ୍ରାପଡ଼ା ଜିଲା ନିକିରାଇ ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଗତବର୍ଷ ଜୁନ୍‌ରେ ଗଣବଳାତ୍କାର କରାଯାଇଥିଲା। ଏହି ମାମଲାକୁ ନେଇ ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଜାତୀୟ ମାନବିକ ଅଧିକାର କମିଶନ (ଏନ୍‌ଏଚ୍‌ଆରସି)ଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ପୀଡ଼ିତାଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ କେନ୍ଦ୍ରାପଡ଼ା ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେବା ପାଇଁ ନିବେଦନ ଜଣାଇଥିଲେ। କମିଶନ ଏହି ଅଭିଯୋଗକୁ ପଞ୍ଜୀକୃତ କରିବା ସହ ସମସ୍ତ ତଦନ୍ତ ରିପୋର୍ଟ ଏବଂ ପୀଡ଼ିତାଙ୍କୁ କ୍ଷତିପୂରଣ ଦିଆଯାଇଛି କି ନାହିଁ ସେ ସଂକ୍ରାନ୍ତ ରିପୋର୍ଟ ଦେବାକୁ କେନ୍ଦ୍ରାପଡ଼ା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର କେନ୍ଦ୍ରାପଡ଼ା ଜିଲାପାଳ ଏବଂ ଏସ୍‌ପି ନିର୍ଦ୍ଧାରିତ ସମୟ ମଧ୍ୟରେ ରିପୋର୍ଟ ପ୍ରଦାନ କରି ନ ଥିଲେ। ଫଳରେ ଏ ନେଇ କମିଶନ ଉଦ୍‌ବେଗ ପ୍ରକାଶ କରିବା ସହ ତାଙ୍କ କାର୍ଯ୍ୟାଳୟରେ ଆଗାମୀ ଡିସେମ୍ବର ୨୨ ତାରିଖ ସୁଦ୍ଧା ବ୍ୟକ୍ତିଗତ ଭାବେ ହାଜର ହେବାକୁ ଜିଲାପାଳ ଏବଂ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ କମିଶନ ସର୍ତ୍ତ ରଖିଛନ୍ତି ଯେ, ଏହି ସମୟ ମଧ୍ୟରେ ଯଦି ସେମାନେ ମାମଲାର ସମସ୍ତ ତଦନ୍ତ ରିପୋର୍ଟ ଦାଖଲ କରନ୍ତି ତେବେ ବ୍ୟକ୍ତିଗତ ହାଜର ହେବାର ଆବଶ୍ୟକତା ନାହିଁ। ସୂଚନା ଅନୁଯାୟୀ, ପୀଡ଼ିତାଙ୍କ ଘର ଆଳି ଥାନା ଅଞ୍ଚଳରେ ହୋଇଥିବା ବେଳେ କିଛି ବର୍ଷ ହେବ ତାଙ୍କ ପରିବାର ଲୋକେ ନିକିରାଇ ଥାନା ଅଞ୍ଚଳରେ ଜାଗା କିଣି ରହୁଛନ୍ତି। ଗତ ବର୍ଷ ଜୁନ ମାସର ଏକ ରାତିରେ ତାଙ୍କ ଘର ଦେଇ ବରଯାତ୍ରୀ ଦଳ ଶୋଭାଯାତ୍ରାରେ ଯାଉଥିଲେ। ଏହି ସମୟରେ ୩ଜଣ ଦୁର୍ବୃତ୍ତ ମହିଳାଙ୍କ ଘର ଗ୍ରୀଲ ଭାଙ୍ଗି ଘର ଭିତରକୁ ପଶିଥିଲେ। ସେମାନେ ପ୍ରଥମେ ପରିବାର ସଦସ୍ୟଙ୍କୁ ଲୁହା ରଡ଼ରେ ପିଟିଥିଲେ। ପରେ ଅନ୍ୟ ସଦସ୍ୟଙ୍କ ଆଗରେ ମହିଳାଙ୍କୁ ଜଣଙ୍କ ପରେ ଜଣେ ବଳାତ୍କାର କରିଥିଲେ। ଏ ନେଇ ଥାନାରେ ମାମଲା କଲେ ହତ୍ୟା କରିବାକୁ ଧମକ ଦେଇ ଫେରାର ହୋଇଯାଇଥିଲେ। ପରେ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ କେସ୍ (ନଂ. ୭୩/୧୯) ରୁଜୁ କରି ତଦନ୍ତ କରିଥିଲା।

### ବିଦ୍ୟୁତ୍ ଆଘାତରେ ମହିଳାଙ୍କ ମୃତ୍ୟୁ

**ଖୋର୍ଦ୍ଧା ଅଫିସ,୨୫।୮:** ବିଦ୍ୟୁତ୍ ଆଘାତରେ ସୋମବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅନ୍ତର୍ଗତ ଡାଳତୋଳା ଗ୍ରାମର କନକଲତା ସାହୁ(୩୮)। କନକଲତା ଗାଧୋଇସାରିବା ପରେ ପାଣି ପମ୍ପ ମୋଟର ସୁଇଚ୍ ବନ୍ଦ କରୁଥିବା ବେଳେ ହଠାତ୍ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ତଳେ ପଡ଼ିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଓଏସ୍‌ଆର୍‌ଟିସିକୁ ଟେକ୍ନୋଲୋଜି ସଭା ପୁରସ୍କାର

**ଭୁବନେଶ୍ୱର, ୨୫।୮(ବ୍ୟୁରୋ):** ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆର୍‌ଟିସି) ସମ୍ମାନଜନକ ଇଣ୍ଡିଆନ୍ ଏକ୍ସପ୍ରେସ୍ ଟେକ୍ନୋଲୋଜି ସଭା ପୁରସ୍କାର-୨୦୨୦ ହାସଲ କରିଛି। ପରିଚାଳନା ଓ ଦକ୍ଷତାରେ ଉନ୍ନତି ପାଇଁ ଡିପୋ ମ୍ୟାନେଜମେଣ୍ଟ ସିଷ୍ଟମରେ ଆଇଟି ବ୍ୟବହାର ଯୋଗୁ ଏହି ସଫଳତା ମିଳିଛି। ମୁଖ୍ୟତଃ ଏହି ଟେକ୍ନୋଲୋଜି ଦ୍ୱାରା ଓଏସ୍‌ଆର୍‌ଟିସି ଦୈନିକ ତଥା ମାସିକ ଭାବେ ଆୟ, ବ୍ୟୟ, ଯାତ୍ରୀ ଓ ଲଗେଜ୍ ସମ୍ପର୍କିତ ତଥ୍ୟ ସଂଗ୍ରହ କରିଥାଏ। ଏଥିସହ ଯାତ୍ରା ବାତିଲ, ଆଗମନ ଏବଂ ଗନ୍ତବ୍ୟରେ ବିଳମ୍ବ ସହ ରିପୋର୍ଟ ପ୍ରଦାନ, ବିଶ୍ଳେଷଣ ଓ ଦୁର୍ଘଟଣା ବିବରଣୀ ମଧ୍ୟ ଉପସ୍ଥାପନ କରିଥାଏ। ବର୍ତ୍ତମାନ ଓଡ଼ିଶାରେ ଓଏସ୍‌ଆର୍‌ଟିସିର ୨୩ଟି ବସ୍ ଡିପୋ ରହିଛି। ଯାହାକୁ ପରିଚାଳନା କରିବା ଓଏସ୍‌ଆର୍‌ଟିସି ପାଇଁ ଏକ ବଡ଼ ଆହ୍ୱାନ। ଏବେ ସମସ୍ତ ଡିପୋରେ ଏହି ଟେକ୍ନୋଲୋଜି ଉପଯୋଗ କରିବା ପାଇଁ ଆମେ ଚେଷ୍ଟିତ ବୋଲି ଓଏସ୍‌ଆର୍‌ଟିସିର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଅରୁଣ ବୋଥ୍ରା କହିଛନ୍ତି। ଉଲ୍ଲେଖଯୋଗ୍ୟ, କୌଣସି ସରକାରୀ ବିଭାଗକୁ ଭାରତୀୟ ଏକ୍ସପ୍ରେସ୍ ଟେକ୍ନୋଲୋଜି ସଭା ପୁରସ୍କାର ପ୍ରଦାନ କରାଯାଏ। ଉକ୍ତ ବିଭାଗ ଏକ ନିର୍ଦ୍ଦିଷ୍ଟ ଟେକ୍ନୋଲୋଜିର ପ୍ରୟୋଗ କରି ହିତାଧିକାରୀଙ୍କ ପାଇଁ ବ୍ୟବହାର କରିଥାଏ। ଏହି କ୍ଷେତ୍ରରେ ଓଏସ୍‌ଆର୍‌ଟିସି ଚଳିତ ବର୍ଷ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବାରୁ ଉକ୍ତ ପୁରସ୍କାର ହାତେଇଥିବା ଜଣାପଡ଼ିଛି।

### ଯୁବକଙ୍କ ମୃତ୍ୟୁ ପରେ ରିପୋର୍ଟ ପଜିଟିଭ୍

**ଖୋର୍ଦ୍ଧା ଅଫିସ,୨୫।୮:** ଖୋର୍ଦ୍ଧା ଜିଲା ମୁଖ୍ୟ ଡାକ୍ତରଖାନାକୁ ଚିକିତ୍ସା ଲାଗି ଆସିଥିବା ଜଣେ ଯୁବକଙ୍କ ମୃତ୍ୟୁ ପରେ ତାଙ୍କ ରିପୋର୍ଟ ପଜିଟିଭ୍ ଆସିଥିବା ଜଣାପଡ଼ିଛି। ମୃତ ଯୁବକ ହେଲେ ବୋଲଗଡ଼ ଥାନା ଅଞ୍ଚଳର। କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ଭୁବନେଶ୍ୱର ସତ୍ୟନଗର ଶ୍ମଶାନରେ ତାଙ୍କ ମୃତଦେହ ସତ୍କାର କରାଯାଇଛି। ସୂଚନା ଅନୁଯାୟୀ, ଯୁବକ ଜଣକ କିଛିଦିନ ହେବ ଜ୍ୱରରେ ପୀଡ଼ିତ ହୋଇ ଘରେ ଚିକିତ୍ସିତ ହେଉଥିଲେ। ମଙ୍ଗଳବାର ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପୂର୍ବରୁ ତାଙ୍କର କୋଭିଡ୍ ପରୀକ୍ଷା କରାଯାଇଥିଲା। ରିପୋର୍ଟ ପଜିଟିଭ୍ ଆସିବା ପରେ ଭାରପ୍ରାପ୍ତ ଡିଏମଓ ରଘୁନାଥ ନାୟକ ଏନେଇ ଜିଲା ପ୍ରଶାସନକୁ ଅବଗତ କରାଇଥିଲେ। ଜିଲା ପ୍ରଶାସନ ପକ୍ଷରୁ ଏକ କୋଭିଡ୍ ଟିମ୍ ପହଞ୍ଚି ତାଙ୍କୁ ଭୁବନେଶ୍ୱର ନେଇଥିଲେ।

**OFFICE OF THE TAHASILDAR DABUGAON**
Email: tah.dabugaon-od@nic.in
No.1235/2020 Date:24.08.2020
**ଇସ୍ତାହାର**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ବିଭାଗ ଅଧୀନସ୍ଥ ଡାବୁଗାଁ ତହସିଲ ଅନ୍ତର୍ଗତ ଲଘୁ ଖଣିଜ ଦ୍ରବ୍ୟ (ପଥର ଓ ବାଲି ଖାଦାନ)ଗୁଡ଼ିକର ଆସନ୍ତା 5 ବର୍ଷ ନିମନ୍ତେ ଲିଜ୍ ସକାଶେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଏହି ସମ୍ବନ୍ଧୀୟ ସମସ୍ତ ତଥ୍ୟ ନବରଙ୍ଗପୁର ଜିଲ୍ଲା Website-nabarangpur.nic.inରେ ଉପଲବ୍ଧ ଅଟେ। ଇଚ୍ଛୁକ ବ୍ୟକ୍ତିବିଶେଷ ଏହି Websiteରୁ Download କରି ଆସନ୍ତା ତା11.09.2020ରିଖ ଦିବା 01.00 ଘଟିକା ମଧ୍ୟରେ ଆବେଦନ କରିପାରିବେ।
ସ୍ୱା./-ତହସିଲଦାର, ଡାବୁଗାଁ

**GOVERNMENT OF ODISHA**
**RURAL WATER SUPPLY & SANITATION ORGANISATION**
**OFFICE OF THE EXECUTIVE ENGINEER**
**RWS&S DIVISION, ANGUL, AT: TALCHER**
**At- Baghuabole, Po.- Hatatota, Talcher, Dist.- Angul, Pin- 759100**
**(Ph. No./ Fax - 06760-240762, E-mail : eerwssang@gmail.com)**
**National Competitive Bidding through e-procurement**
**Bid Identification No. 03/EE/RWSS/ANGUL/2020-21 Dt. 21.08.2020 (DMF)**
No.O-273:- The Executive Engineer, RWS&S Division, Angul: At:Talcher on behalf of Governor of Odisha invites Item Rate/ Percentage bid through e-procurement in double/single cover system according to norm of e-Procurement system in on-line mode.
Nature of Work : Rural Piped Water Supply Schemes.
1. No. of Tenders : 1 No.
2. Tender Paper Cost : Rs. 6,000.00
3. Value of work : Rs. 48.89 Lakhs
4. Class of Contractor : "B" & "A" Class
5. Date & time of availability of bid document in portal : 01.09.2020 at 13.00 hours to 10.09.2020 upto 17.00 hours
6. Date & time of seeking tender clarification : 05.09.2020 upto 17.00 hours
7. Date & time of opening of tender & verification of original document : 11.09.2020 at 15.00 hours in the office of the Executive Engineer, RWS&S Division, Angul, At:Talcher
8. Time of completion : 5 (Five) Calendar Months
9. The bidders have to participate in online bidding only. Further details can be seen from the website https://www.tendersodisha.gov.in.
10. Corrigendum if any shall be published in the above website only.
**Sd./- Executive Engineer, RWS&S Division, Angul at Talcher**
OIPR-25019/11/0008/2021

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
No. CAD-401:-
**OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, JANPATH, BHUBANESWAR-751022**
**Tender Call Notice No. IDCO:H.O./P&C/EST/E-5854/03/2009/V-II/11483, Dt:- 17.08.2020**
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**
1. Name of the Work :- Construction of 3 Nos. new road and 1 No. widening of road at Growth Centre, Phase-I, Bolangir.
2. Estimated cost :- Rs.107.42 lakhs (Approx.)
3. Period of completion :- 03 (Three) Calendar Months.
4. Other details :-

| Procurement Officer | Bid/Tender reference No. | Availability of Tender on-line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Tender/Bid reference No. PC/ EST/ E-27/ 2020-21 | 28.08.2020 at 16.00 hrs. | 14.09.2020 up to 17.00 hrs. |

Further details can be seen from the e-Procurement Portal **www.tendersodisha.gov.in** and Corrigendum if any will not be published in newspapers and can only be seen in the e-procurement portal **www.tenderodisha.gov.in** and **www.idco.in**.
**Sd./- Chief General Manager (P&C), IDCO, Bhubaneswar**
OIPR-14003/11/0049/2021

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
ISO 9001 & 14001 CORPORATION
**OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR**
**File No.- HO/P&C/EST-E-1425/02/2020/ Part-I/11536, Date: 18/08/2020**
**REQUEST FOR PROPOSAL**
**No. CAD-404:-** Odisha Industrial Infrastructure Development Corporation invites Request for Proposal from renowned Firms/ Agencies through e-procurement portal of Government of Odisha for **"Procurement of Total Station Survey Instrument and Differential Global Positioning System (DGPS)".**
Firms/ Agencies those having experience in similar work can submit their bids for this proposal. The Bid Document comprising of eligibility criteria, Instruction to Bidders, Scope of the work, BOQ etc. can be seen in e-procurement portal of Government of Odisha **from 17:00 hours of Dt.31.08.2020 to 17:00 hours of Dt.15.09.2020.**
Interested firms who may like to visit the site may seek clarification from Chief General Manager (P&C), IDCO Towers, Janpath, Bhubaneswar-751022, Odisha on any working day during office hours.
Bid for the above mentioned work should be uploaded to e-procurement portal between **from 17:00 hours of Dt. 31.08.2020 to 17:00 hours of Dt. 15.09.2020.** The Technical Bid should consist of Credentials of the firm, completed/ substantially completed works of similar nature, turn over, PAN, GST Registration Number and all other documents as mentioned in the bid document, **Cost of Bid Document amounting to Rs.7,080/- (Including GST 18% Non-Refundable)** online only and **EMD/ Bid Security** amounting to **Rs. 50,000/-** online only.
The Technical Bid will be opened online on **Dt.16.09.2020 at 11:30 hours** at IDCO Tower, Bhubaneswar in presence of the bidder or their authorized representatives who choose to be present. After evaluation of the Technical Bids the date of opening of the financial bid will be uploaded in e-procurement site in due course.
Any addendum/ corrigendum/ cancellation notice of RFP can also be seen in the IDCO website **www.idco.in** as well as in e-procurement site **www.tendersodisha.gov.in** and will not be published in newspapers.
IDCO has the right to accept or reject any or all the RFP without assigning any reason thereof.
**Sd./- Chief General Manager (P&C)**
OIPR-14003/11/0052/2021

**ଓଡ଼ିଶା ସରକାର**
**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ**
**ସଂଖ୍ୟାଲଘୁ ଛାତ୍ରବୃତ୍ତି ପାଇଁ ଆବେଦନ**
No. V-୪:- ଏତଦ୍ୱାରା ରାଜ୍ୟରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନମାନଙ୍କରେ ଅଧ୍ୟୟନ କରୁଥିବା ସଂଖ୍ୟାଲଘୁ (ମୁସଲିମ୍, ଖ୍ରୀଷ୍ଟିୟାନ, ବୌଦ୍ଧ, ଶିଖ ଓ ଜୈନ) ଛାତ୍ରଛାତ୍ରୀମାନଙ୍କର ଅବଗତି ନିମନ୍ତେ ଜଣାଇଦିଆଯାଉଛି କି, ଭାରତ ସରକାରଙ୍କ ସଂଖ୍ୟାଲଘୁ ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ ପ୍ରାକ୍-ମାଟ୍ରିକ (Pre-Matric), ମାଟ୍ରିକ-ପରବର୍ତ୍ତୀ (Post-Matric) ଓ ମେଧା-ତଥା-ସମ୍ବଳଭିତ୍ତିକ (Merit-cum-Means) ସଂଖ୍ୟାଲଘୁ ଛାତ୍ରବୃତ୍ତି ପାଇଁ ଚଳିତ ଶିକ୍ଷା ବର୍ଷ ୨୦୨୦-୨୧ ନିମନ୍ତେ ସଂଖ୍ୟାଲଘୁ ସମ୍ପ୍ରଦାୟର ଛାତ୍ରଛାତ୍ରୀମାନଙ୍କଠାରୁ ଅନ୍-ଲାଇନ୍ ଦରଖାସ୍ତ/ଆବେଦନ ପତ୍ର ଭାରତ ସରକାରଙ୍କ ଜାତୀୟ ଛାତ୍ରବୃତ୍ତି ପୋର୍ଟାଲ (National Scholarship Portal) ଯଥା:- www.scholarships.gov.in ଓ Mobile App - National Scholarships (NSP) ମାଧ୍ୟମରେ ୧୬.୦୮.୨୦୨୦ରୁ କେବଳ ଅନ୍-ଲାଇନ୍ ପ୍ରକ୍ରିୟାରେ ଗ୍ରହଣ କରାଯାଉଅଛି।
ଜାତୀୟ ସଂଖ୍ୟାଲଘୁ ଛାତ୍ରବୃତ୍ତି ପାଇଁ, ଛାତ୍ରଛାତ୍ରୀମାନେ ଜାତୀୟ ଛାତ୍ରବୃତ୍ତି ପୋର୍ଟାଲରେ ନିଜର ନାମ ପଞ୍ଜୀକରଣ ଓ ଦାଖଲ କରାଇବେ। ଉପରୋକ୍ତ ଛାତ୍ରବୃତ୍ତିଗୁଡ଼ିକର ଅନ୍-ଲାଇନ୍ ଆବେଦନ ପତ୍ର ଦାଖଲ କରିବାର ଶେଷ ତାରିଖ ୩୧.୧୦.୨୦୨୦ କୁ ଧାର୍ଯ୍ୟ କରାଯାଇଛି।
**ଛାତ୍ରବୃତ୍ତି ପାଇବା ପାଇଁ ଆବଶ୍ୟକ ଯୋଗ୍ୟତା:-**
କ) ସେ ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ।
ଖ) ସମସ୍ତ ଉତ୍ସରୁ ତାଙ୍କ ପରିବାରର ବାର୍ଷିକ ଆୟ, ପ୍ରାକ୍-ମାଟ୍ରିକ, ମାଟ୍ରିକ-ପରବର୍ତ୍ତୀ ଓ ମେଧା-ତଥା ସମ୍ବଳଭିତ୍ତିକ ଛାତ୍ରବୃତ୍ତି ପାଇଁ ଯଥାକ୍ରମେ ଏକ ଲକ୍ଷ, ଦୁଇ ଲକ୍ଷ ଓ ଦୁଇ ଲକ୍ଷ ପଚାଶ ହଜାରରୁ ଅଧିକ ହୋଇ ନ ଥିବ।
ଗ) ପୂର୍ବ ବାର୍ଷିକ ପରୀକ୍ଷାରେ ଅତି କମରେ ଶତକଡ଼ା ୫୦ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବେ।
ଘ) ଗୋଟିଏ ପରିବାରରୁ ସର୍ବାଧିକ ଦୁଇଜଣ ହିତାଧିକାରୀ ଉକ୍ତ ଛାତ୍ରବୃତ୍ତିଗୁଡ଼ିକରେ ସୁବିଧା ପାଇପାରିବେ।
**ଛାତ୍ରଛାତ୍ରୀମାନଙ୍କ ପାଇଁ ଅନୁଦେଶ:-**
- National Scholarship Portal ରେ ଦିଆଯାଇଥିବା ମାର୍ଗଦର୍ଶିକା (guideline) କୁ ଅନୁଧ୍ୟାନ କରି ଆବେଦନୀୟ ତଥ୍ୟ ଦରଖାସ୍ତରେ ଉଲ୍ଲେଖ କରିବେ।
- ଆବେଦନକାରୀମାନେ ନିଜ ନିଜର ବ୍ୟାଙ୍କ ସମ୍ବନ୍ଧୀୟ ତଥ୍ୟ ଯଥା ଆକାଉଣ୍ଟ ନମ୍ବର, IFSC Code, ଶାଖା ନାମ ଇତ୍ୟାଦି NSP ପୋର୍ଟାଲର ନିର୍ଦ୍ଧାରିତ box ରେ ପ୍ରଦାନ କଲାବେଳେ ଯତ୍ନବାନ୍ ହେବେ। ବ୍ୟାଙ୍କ ତଥ୍ୟ ପ୍ରଦାନବେଳେ କୌଣସି ତ୍ରୁଟିବିଚ୍ୟୁତି ପାଇଁ ଏହି ବିଭାଗ ଦାୟୀ ରହିବେ ନାହିଁ ।
- ଯେହେତୁ ଭାରତ ସରକାର ଆଧାର ନମ୍ବର ସଂଯୋଗୀକରଣକୁ ଛାତ୍ରବୃତ୍ତି ପ୍ରଦାନ ନିମନ୍ତେ ପ୍ରାଧାନ୍ୟ ଦେଉଛନ୍ତି, ତେଣୁ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଆଧାର ନମ୍ବର ପ୍ରଦାନ କରିବା ନିତାନ୍ତ ଆବଶ୍ୟକ। ଯେଉଁମାନଙ୍କର ଆଧାର ନମ୍ବର ନାହିଁ, ସେମାନେ ଯଥାଶୀଘ୍ର ଆଧାର ପାଇଁ ପଞ୍ଜୀକରଣ କରି ପଞ୍ଜୀକରଣ ନମ୍ବର / ଆଧାର ନମ୍ବର ଦ୍ୱାରା ଅନ୍-ଲାଇନ୍ ପୋର୍ଟାଲରେ ଆବେଦନ କରିବେ।
- ଛାତ୍ରଛାତ୍ରୀମାନେ online ଦରଖାସ୍ତ ଆବେଦନ ସମୟରେ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ସେମାନେ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲା ମଙ୍ଗଳ ଅଧିକାରୀ କିମ୍ବା e-Mail id- dirobc@gmail.com କିମ୍ବା ଟୋଲ ଫ୍ରି ନମ୍ବର- 1800-11-2001 ରେ ଯୋଗାଯୋଗ କରିପାରିବେ। ଏହା ବ୍ୟତୀତ, କୌଣସି ସ୍ପଷ୍ଟୀକରଣ ନିମନ୍ତେ Mobile No. 9438387487 କୁ ଯୋଗାଯୋଗ କରିପାରିବେ।
**ବିଶ୍ୱବିଦ୍ୟାଳୟ/ମହାବିଦ୍ୟାଳୟ/ବିଦ୍ୟାଳୟ/ଅନୁଷ୍ଠାନ ପାଇଁ ଅନୁଦେଶ:-**
ସଂଖ୍ୟାଲଘୁ ଛାତ୍ରଛାତ୍ରୀମାନେ ପଢୁଥିବା ସମସ୍ତ ବିଶ୍ୱବିଦ୍ୟାଳୟ/ମହାବିଦ୍ୟାଳୟ/ବିଦ୍ୟାଳୟ/ଅନୁଷ୍ଠାନମାନଙ୍କୁ ଜଣାଇଦିଆଯାଉଛି କି, ଯଦି ସେମାନେ NSP ପୋର୍ଟାଲରେ ପଞ୍ଜୀକରଣ କରାଇନାହାନ୍ତି, ତେବେ ଯଥାଶୀଘ୍ର ପଞ୍ଜୀକରଣ କରି KYC ପ୍ରମାଣୀକରଣ କରାଇନିଅନ୍ତୁ ।
**ଅଧିକ ଜାଣିବା ପାଇଁ www.minorityaffairs.gov.in / www.scholarships.gov.in ରେ ପରିଦର୍ଶନ କରନ୍ତୁ ।**
ସ୍ୱା./- ନିର୍ଦ୍ଦେଶକ, ଅନ୍ୟାନ୍ୟ ପଛୁଆବର୍ଗ
OIPR-26003/11/0001/2021

ଧରିତ୍ରୀ
DHARITRI
ବୁଧବାର, ୨୬ ଅଗଷ୍ଟ, ୨୦୨୦



# ସନ୍ଦେହରେ ଚଣ୍ଡିଖୋଲ ତୈଳଭଣ୍ଡାର ପ୍ରତିଷ୍ଠା

**ଯାଜପୁର ଅଫିସ୍/ଧର୍ମଶାଳା/ଜେନାପୁର, ୨୫।୮ (ଡି.ଏନ୍.ଏ.)**

ଦେଶର ୪ର୍ଥ ସର୍ବବୃହତ୍ ଚଣ୍ଡିଖୋଲ ତୈଳ ଭଣ୍ଡାର ପ୍ରତିଷ୍ଠା କରିବାକୁ ପ୍ରାୟତଃ ପଦକ୍ଷେପ ସମ୍ପନ୍ନ ହୋଇସାରିଛି। ପ୍ରକଳ୍ପକୁ ୨୦୧୮ ଜୁନ ୨୭ତାରିଖରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟରେ ମଞ୍ଜୁରୀ ମିଳିସାରିଛି। ହେଲେ ମଙ୍ଗଳବାର ଡଙ୍କାରୀ, ରାହାଡ଼ପୁର, ବରଡ଼ା ଓ ବାରମାଣ ପାହାଡ଼ର ୩୪୭.୯୬ ଏକର ପରିମିତ ଅଞ୍ଚଳରେ ୩୬ଟି ପଥର ଖାଦାନ ଲିଜ୍ ପାଇଁ ମହିଶରା ପଞ୍ଚାୟତ କାର୍ଯ୍ୟାଳୟଠାରେ ଜନଶୁଣାଣି ଅନୁଷ୍ଠିତ ହୋଇଛି। ଫଳରେ ଚଣ୍ଡିଖୋଲ ତୈଳ ଭଣ୍ଡାର ପ୍ରତିଷ୍ଠା ହେବା ନେଇ ସାଧାରଣରେ ସନ୍ଦେହ ଉପୁଜିଛି। ପ୍ରସ୍ତାବିତ ତୈଳ ଭଣ୍ଡାର ନିକଟରେ ବିସ୍ଫୋରଣ କରି କଳାପଥର ଉତ୍ତୋଳନ କଲେ ତୈଳ ଭଣ୍ଡାର ପ୍ରକଳ୍ପ ପ୍ରତିଷ୍ଠା ଅସମ୍ଭବ ବୋଲି ମତପ୍ରକାଶ ପାଇଛି। ଏହାବାଦ ଡଙ୍କାରୀରେ ନିର୍ଦ୍ଧାରିତ ପରିମାଣଠାରୁ ବହୁଗୁଣରେ ଅଧିକ କଳାପଥର ଖନନ ଅଭିଯୋଗରେ ସୁପ୍ରିମକୋର୍ଟ, ହାଇକୋର୍ଟ ଓ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ରେ ମାମଲା ବିଚାରାଧୀନ ଥିଲେ ହେଁ କରୋନା ସଂକ୍ରମଣ ସମୟରେ ପଥର ଖାଦାନ ଲିଜ୍ ପାଇଁ କିଭଳି ଜନଶୁଣାଣି ଅନୁଷ୍ଠିତ ହେଲା ସେ ନେଇ ଅନେକେ ପ୍ରଶ୍ନ କରିଛନ୍ତି।

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନ ଡଙ୍କାରୀଠାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଚଣ୍ଡିଖୋଲ ଭୂତଳ ତୈଳ ସଂରକ୍ଷଣ ଭଣ୍ଡାର ପ୍ରତିଷ୍ଠା ପ୍ରସ୍ତାବ ରହିଛି। ୨ ବର୍ଷ ତଳେ ଭାରତୀୟ ତୈଳ ନିଗମ ଲିଃ(ଆଇଓସିଏଲ୍)ର ସିଇଓ ଅଜୟ ଦାସରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଡଙ୍କାରୀ ଗସ୍ତ କରି ଚିହ୍ନଟ ହୋଇଥିବା ଜମି ଅନୁଧ୍ୟାନ କରିଥିଲେ। ହେଲେ ରାଜ୍ୟ ସରକାରଙ୍କ ପକ୍ଷରୁ ଆବଶ୍ୟକ ଜମି ଯୋଗାଇବାରେ ବିଳମ୍ବ ହେଉଥିବାରୁ ପ୍ରକଳ୍ପ କାର୍ଯ୍ୟ ଅଟକି ରହିଥିଲା। ଜରୁରିକାଳୀନ ସମୟରେ ପେଟ୍ରୋଲିୟମ ଦ୍ରବ୍ୟ ଯୋଗାଇଦେବାକୁ ୩.୭ ମିଲିୟନ ମେଟ୍ରିକ ଟନ୍ (ଏମ୍ଏମ୍‌ଟି) କ୍ଷମତା ବିଶିଷ୍ଟ ସଂରକ୍ଷଣ ଭଣ୍ଡାରର ନିର୍ମାଣ ଯୋଜନା ରହିଛି। କେନ୍ଦ୍ର ସରକାରଙ୍କ ପେଟ୍ରୋଲିୟମ ମନ୍ତ୍ରଣାଳୟର ଏହି ଐତିହାସିକ ପ୍ରସ୍ତାବକୁ ସବୁ ମହଲରୁ ସ୍ୱାଗତ କରାଯାଇଛି। ରାଜ୍ୟ ମୁଖ୍ୟ ଶାସନ ସଚିବ ତାଙ୍କ ପତ୍ର ସଂଖ୍ୟା ୦୦୦୬୩-ସିଏସପିଜି/୨୦।୩।୨୦୧୮ରେ

**କ୍ୟାବିନେଟ ମଞ୍ଜୁରୀର ୨ ବର୍ଷ ପରେ**
- ଜମି ଯୋଗାଇବା ବଦଳରେ ପଥର ଖାଦାନ ପାଇଁ ଜନଶୁଣାଣି
- ୩୪୭.୯୬ ଏକରରେ ୩୬ ପଥର ଖାଦାନ ଲିଜ୍
- ସୁପ୍ରିମକୋର୍ଟ, ହାଇକୋର୍ଟ, ଏନ୍‌ଜିଟିରେ ମାମଲା ବିଚାରାଧୀନ

ପ୍ରସ୍ତାବିତ ସ୍ଥାନ ଓ ଏହାର ଆଖପାଖରେ ଚାଲିଥିବା ପଥର ଖାଦାନଗୁଡ଼ିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଧର୍ମଶାଳା ତହସିଲଦାର ତାଙ୍କ ପତ୍ର ସଂଖ୍ୟା ୧୧୮୬/୧୨।୪।୨୦୧୮ରେ ଡଙ୍କାରୀରେ ଚାଲିଥିବା ସମସ୍ତ ପଥର ଖାଦାନକୁ ବନ୍ଦ କରିବାକୁ ଯାଜପୁର ଏସ୍‌ପିଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ଏହାକୁ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ପଥର ଖାଦାନ ଲିଜ୍ ଦେବାକୁ ପରିବେଶ ମଞ୍ଜୁରୀ ସକାଶେ ଜନଶୁଣାଣି କରାଯିବା କାର୍ଯ୍ୟକ୍ରମକୁ ଅଞ୍ଚଳବାସୀ ସହଜରେ ଗ୍ରହଣ କରିପାରିନାହାନ୍ତି। ଜନଶୁଣାଣିରେ ହାତଗଣତି କେତେଜଣ ଲୋକ ଏହାକୁ ସମର୍ଥନ କରିଛନ୍ତି। ଏହା ପ୍ରଯୋଜିତ ବୋଲି ସାମାଜିକ କର୍ମୀ ସର୍ବେଶ୍ୱର ବେହୁରା, ନାରୀ ଜାଗରଣ ସମିତିର ସଭାନେତ୍ରୀ ସାବିତ୍ରୀ ସାହୁ, ସତୀଶ ବିଶ୍ୱାଳ ପ୍ରମୁଖ କହିବା ସହ ଜନଶୁଣାଣିକୁ ବିରୋଧ କରିଛନ୍ତି। ଏପରିକି ସାମାଜିକ କର୍ମୀ ବେହୁରା ଏହି ଜନଶୁଣାଣି ବିରୋଧରେ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିବା ସୂଚନା ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ତୈଳ ଭଣ୍ଡାର ପାଇଁ ଆବଶ୍ୟକ ୪୦୦ ଏକର ଜମି ଯୋଗାଇଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ହୋଇଥିଲା। ଜମି ଯୋଗାଇ ଦେବା ବଦଳରେ ଖାଦାନ ଚାଲିବା ଅଭିଯୋଗ କରି ସ୍ଥାନୀୟ ସାମାଜିକ କର୍ମୀ ବେହୁରା ହାଇକୋର୍ଟ ଓ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନଜିଟି)ର ଦ୍ୱାରସ୍ଥ ହୋଇଥିଲେ। ୨୦୦୨ରୁ ପରିବେଶଗତ ଅନୁମତି ନ ଥାଇ ବେଆଇନ ଭାବେ କୋଟି କୋଟି ଟଙ୍କାର କଳାପଥର ଉତ୍ତୋଳନ ଉପରେ ଏନ୍‌ଜିଟିରେ ମାମଲା ରୁଜୁ ହେବା ପରେ ପ୍ରଶାସନ ପକ୍ଷରୁ ସେଠାରେ ୧୪୪ ଧାରା ଜାରି ହୋଇଥିଲା। ଏନ୍‌ଜିଟି ରାଜ୍ୟ ସରକାରଙ୍କୁ ଦାୟୀ କରି ମଧ୍ୟବର୍ତ୍ତିକାଳୀନ କ୍ଷତିପୂରଣ ବାବଦକୁ ୨୫ କୋଟି ଟଙ୍କା ଜମା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ବିରୋଧରେ ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାୟର ହୋଇଛି। ଏହାବାଦ ଚଣ୍ଡିଖୋଲ ତହସିଲ କୋର୍ଟରେ ପ୍ରାୟ ୫୯ କୋଟି ଟଙ୍କାର ଡିମାଣ୍ଡ ନୋଟିସ୍ ଉପରେ ମାମଲା ବିଚାରାଧୀନ ରହିଛି। ରାଜ୍ୟ ସରକାର ତୈଳ ଭଣ୍ଡାର ପାଇଁ ଜମି ଯୋଗାଇ ନ ଦେଇ ପ୍ରଥମେ ପଥର ଖାଦାନ ପାଇଁ ପ୍ରସ୍ତୁତି ଚଳାଇଥିବା ସାଧାରଣରେ ସନ୍ଦେହ ଦୃଢ଼ୀଭୂତ ହୋଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ପଥର ଖାଦାନ ପାଇଁ ଜନଶୁଣାଣି ଅନୁଷ୍ଠିତ ହୋଇଛି। ତୈଳ ଭଣ୍ଡାର ପ୍ରତିଷ୍ଠା ଆରମ୍ଭ ହେବା ପରେ ସରକାର ଯାହା ନିର୍ଦ୍ଦେଶ ଦେବେ ତଦନୁସାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## କରୋନା ମୃତକଙ୍କ ଶେଷକୃତ୍ୟ ସମ୍ପନ୍ନ କଲା ଓଡ଼ିଶା ମୋ ପରିବାର

**ଭୁବନେଶ୍ୱର, ୨୫।୮ (ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ କରୋନା ଜନିତ ମୃତ୍ୟୁ ଘଟିଥିବା ବ୍ୟକ୍ତିଙ୍କ ସହାୟତା କରିବା ଲାଗି ମୋ ଓଡିଶା ପରିବାର ଆଗେଇ ଆସିଛି। ରାଜଧାନୀ ଭୁବନେଶ୍ୱରରେ କରୋନାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ଅନ୍ତିମ ସଂସ୍କାର ମୋ ଓଡିଶା ପରିବାର ଦ୍ୱାରା ସମ୍ପନ୍ନ କରାଯାଇଛି। କରୋନାରେ ମୃତ୍ୟୁଘଟୁଥିବା ବ୍ୟକ୍ତିଙ୍କ ପାର୍ଥୀବ ଶରୀରକୁ ତାଙ୍କ ପରିବାରକୁ ହସ୍ତାନ୍ତର କରା ନ ଯାଇ ସରକାରଙ୍କ କୋଭିଡ ନିୟମାନୁସାରେ ଶେଷକୃତ୍ୟ ସମ୍ପନ୍ନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଓଡିଶା ମୋ ପରିବାର ପକ୍ଷରୁ ମଙ୍ଗଳବାର ୪ ଜଣ ସ୍ୱେଚ୍ଛାସେବୀଙ୍କୁ ସମ୍ପୃକ୍ତ ବ୍ୟକ୍ତିଙ୍କ ଶେଷ କୃତ୍ୟ ସମ୍ପନ୍ନ କରିବା ଲାଗି ନିୟୋଜିତ କରାଯାଇଥିଲା। ସମ୍ପୃକ୍ତ ସ୍ୱେଚ୍ଛାସେବୀମାନେ ମୃତଙ୍କ ଅନ୍ତିମ କ୍ରିୟା ସମ୍ପନ୍ନ କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସାନ୍ତ୍ୱନା ଜଣାଇଥିଲେ। କରୋନାରେ ମୃତ୍ୟୁ ହେଉଥିବା ବ୍ୟକ୍ତିଙ୍କ ଶେଷ କୃତ୍ୟ ସମ୍ପନ୍ନ କରିବା ପାଇଁ ଲୋକଙ୍କ ମନରେ ଯେଉଁ ଭୟ ସୃଷ୍ଟି ହୋଇଛି ତାହାକୁ ଦୂର କରିବା ଲାଗି ଓଡିଶା ମୋ ପରିବାର ପକ୍ଷରୁ ଏପରି ପଦକ୍ଷେପ ନିଆଯାଉଛି।

**ସଂକ୍ଷେପରେ**

## ପୂର୍ବତନ ଜିଲା ଜଜ୍ କୃଷ୍ଣଚନ୍ଦ୍ର କରଙ୍କ ପରଲୋକ



**କେନ୍ଦ୍ରାପଡ଼ା ଅଫିସ, ୨୫।୮:** ୧୯୮୦ରେ ଛବିରାଣୀ ହତ୍ୟାକାଣ୍ଡର ରାୟ ଦେଇଥିବା ପୂର୍ବତନ ଜିଲା ଜଜ୍ କୃଷ୍ଣ ଚନ୍ଦ୍ର କରଙ୍କର ମଙ୍ଗଳବାର

**୧୯୮୦ରେ ଛବିରାଣୀ ହତ୍ୟାକାଣ୍ଡର ରାୟ ଦେଇଥିଲେ**

ପରଲୋକ ହୋଇଛି। ୯୧ ବର୍ଷୀୟ କରଙ୍କର କେନ୍ଦ୍ରାପଡ଼ା ସହର ସାନମଙ୍ଗଳାସ୍ଥିତ ବାସଭବନରେ ହୃଦ୍‌ଘାତ ଯୋଗୁ ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ ସୂଚନା ମିଳିଛି। ୧୯୮୦ ଅକ୍ଟୋବର ୩ରେ ଛବିରାଣୀ ମହାପାତ୍ର (୨୩) ହତ୍ୟାକାଣ୍ଡ ଘଟିଥିଲା। ଏକ ଖବର ପ୍ରକାଶ ନେଇ କେତେଜଣ ଦୁର୍ବୃତ୍ତ ତାଙ୍କ ସ୍ୱାମୀ ନବକୃଷ୍ଣ ମହାପାତ୍ରଙ୍କୁ ମାରିବା ପାଇଁ ଉଦ୍ୟମ କରିଥିଲେ। ଏ ସମ୍ପର୍କରେ ସୂଚନା ମିଳିବା ପରେ ନବକୃଷ୍ଣ ତାଙ୍କ ସ୍ତ୍ରୀ ଓ ପୁଅକୁ ଧରି ସ୍ଥାନ ଛାଡି ପଳାଇ ଯାଉଥିଲେ। ତେବେ ଜଗତ୍‌ସିଂହପୁର ଜିଲା ବିଲୁଆଖାଇ ନଦୀ ଶଯ୍ୟାରେ ଦୁର୍ବୃତ୍ତମାନେ ଛବିରାଣୀଙ୍କୁ ଗଣବଳାତ୍କାର ପରେ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏହି ମାମଲାର ବିଚାର କରି ତତ୍କାଳୀନ ଜଟକ ଜିଲା ଜଜ୍ ସ୍ୱର୍ଗତ କର ଅଭିଯୁକ୍ତ ଦିବାକାର ନାୟକ, ରାଜୁ ରାଓ ଦୋରା, ବୀରବର ମାଣିଆ, ବାବାଜୀ ମାଣିଆ, ବୀର ବେହେରା, ସୁରେନ୍ଦ୍ର ବାରିକ, କେଳୁଚରଣ ଦାସ ଓ ମାଧ ତନ୍ତିଙ୍କୁ ସିଆରପିସି ଧାରା ୩୭୬, ୩୦୨ ଓ ୩୪ରେ ଆଜୀବନ କାରାଦଣ୍ଡ ଶୁଣାଇଥିଲେ। ଦୋଷୀଙ୍କ ପକ୍ଷରୁ ଅପିଲ ପରେ ଓଡିଶା ଉଚ୍ଚ ନ୍ୟାୟାଳୟ ଏମାନଙ୍କୁ ୧୯୯୩ରେ ଖଲାସ କରିଥିଲେ। ତେବେ ୨୦୦୨ରେ ସର୍ବୋଚ୍ଚ ନ୍ୟାୟାଳୟ ଏହାର ଚୂଡାନ୍ତ ରାୟ ପ୍ରକାଶ କରିଥିଲେ। ଏହି ରାୟରେ ଜିଲା ଜଜ୍‌ଙ୍କ ଆଜୀବନ କାରାଦଣ୍ଡକୁ କାଏମ ରଖାଯାଇଥିଲା। ସ୍ୱର୍ଗତ କର ଅବସର ପରେ କେନ୍ଦ୍ରାପଡାରେ ରହି ସାମାଜିକ କର୍ମରେ ଲିପ୍ତ ଥିଲେ। ତାଙ୍କର ମୃତ୍ୟୁ ଖବର ଜଣାପଡିବା ପରେ କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ୧୦୦ ଫୁଟ୍ ପଥର ପ୍ୟାକିଂ ଧସିଲା



ଲଳିତଗିରି ଷ୍ଟେଶନ ନିକଟରେ ରେଳପଥ ପାର୍ଶ୍ୱ ପଥର ପ୍ୟାକିଂ ଧସିଯାଇଛି।

**ଚଣ୍ଡିଖୋଲ, ୨୫।୮ (ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା, ଯାଜପୁର ଓ ଜଗତ୍‌ସିଂହପୁର ଜିଲା ଅତିକ୍ରମ କରିଥିବା ହରିଦାସପୁର-ପରାଦୀପ ରେଳପଥ ପ୍ରକଳ୍ପ କାର୍ଯ୍ୟ ନିକଟରେ ଶେଷ ହୋଇଛି। ଆନୁଷ୍ଠାନିକ ଭାବେ ଏହାର ଉଦ୍‌ଘାଟନ ହୋଇ ନ ଥିଲେ ମଧ୍ୟ ପୂର୍ବତଟ ରେଳ ବିଭାଗ ତରଫରୁ ଏହି ପଥରେ ଟ୍ରେନ ଚାଲିବା ଆରମ୍ଭ କରିଛି। ପ୍ରଥମେ ଟ୍ରାଏଲ ଟ୍ରେନ୍ ଚାଲିବା ପରେ ଏବେ ମାଲବାହୀ ଟ୍ରେନ ଲଗାତାର ଯାତାୟାତ କରୁଛି। ହେଲେ ଲଗାଣ ବର୍ଷା ଯୋଗୁ ଫାଟକ ବିହୀନ ଏହି ରେଳପଥର କେତେକ ସ୍ଥାନରୁ ମାଟି ଅତଡ଼ା ଓ ପଥର ପ୍ୟାକିଂ ଧସିଯାଇଥିବା ଦେଖାଯାଇଛି। ହରିଦାସପୁରଠାରୁ ୨୪ କିଲୋମିଟର ଦୂର ବଡ଼ଚଣା ବ୍ଲକ ଅଧୀନ ଲଳିତଗିରି ଷ୍ଟେଶନ ନିକଟରେ ପ୍ରାୟ ୧୦୦ଫୁଟ ଲମ୍ବର ପଥର ପ୍ୟାକିଂ ଧସିଯିବା ସହ ୨୦୦ମିଟର ଲମ୍ବର ମାଟି ଅତଡ଼ା ଧସିବା ଆରମ୍ଭ କରିଛି। ଏଠାରେ ନିର୍ମାଣ ହେବାକୁ ଥିବା ରେଲୱେ ଓଭରବ୍ରିଜ (ପାଦଚଲା) ରାସ୍ତାର ମୂଳଦୁଆ ମଧ୍ୟ ଭୁଶୁଡ଼ି ପଡ଼ିଛି। ରେଳ ବିକାଶ ନିଗମ ଲିମିଟେଡ (ଆରଭିଏନ୍ଏଲ୍) ତରଫରୁ ହରିଦାସପୁରଠାରୁ କେନ୍ଦ୍ରାପଡ଼ା ଷ୍ଟେଶନ ପର୍ଯ୍ୟନ୍ତ ୪୨ କିଲୋମିଟର ଏହି ରେଳପଥ କାର୍ଯ୍ୟ ଟିଟିଆଇପିଏଲ ନାମକ ଠିକାସଂସ୍ଥା କରିଥିଲା। ମାତ୍ର ରେଳ ଚଳାଚଳ ଆରମ୍ଭ ହେବା କ୍ଷଣି ପ୍ରଥମେ ମାର୍ଶାଘାଇ ନିକଟରେ ଏହା ଧସିଥିବା ବେଳେ ୨ଦିନ ତଳେ ଲଳିତଗିରି ଷ୍ଟେଶନ ନିକଟରେ ପଥର ପ୍ୟାକିଂ ଧସିଯାଇଛି। ତେଣୁ ରେଳପଥ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ତୁରନ୍ତ ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଓଳାଶୁଣୀ ଉନ୍ନୟନ ଟ୍ରଷ୍ଟ ସଭାପତି ଶରତ ଚନ୍ଦ୍ର ପ୍ରଧାନ, ଜିଲା ସଂସ୍କୃତି ପରିଷଦ ସଦସ୍ୟ ଶୁଭେନ୍ଦୁ କୁମାର ଭୂୟାଁ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ଲଳିତଗିରି ଷ୍ଟେଶନ ମାଷ୍ଟର କାଳନ୍ଦୀ ଦାସଙ୍କୁ ପଚାରିବାରେ ମାଟି ଅତଡ଼ା ଓ ପଥରପ୍ୟାକିଂ ଧସିଛି। ଏ ନେଇ ପୂର୍ବତଟ ରେଳ ବିଭାଗ ଓ ଆରଭିଏନ୍ଏଲ୍‌କୁ ଚିଠି ଲେଖି ଜଣାଇଛନ୍ତି ବୋଲି କହିଛନ୍ତି।

**ହରିଦାସପୁର-ପାରାଦୀପ ରେଳପଥ**

# ଇସ୍ରୋ-ଭିସୁଟ୍ ମଧ୍ୟରେ ଚୁକ୍ତି ସ୍ୱାକ୍ଷର

**ସମ୍ବଲପୁର/ଭୁବନେଶ୍ୱର, ୨୫।୮ (ବ୍ୟୁରୋ)**

ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର (ଇସ୍ରୋ) ସହାୟତାରେ ସମ୍ବଲପୁର ଜିଲା ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟରେ ଦେଶର ପ୍ରଥମ ମହାକାଶ ଅନ୍ୱେଷଣ କେନ୍ଦ୍ର ଖୋଲାଯିବ। ଏ ନେଇ ଇସ୍ରୋ ଓ ଭିସୁଟ୍ ମଧ୍ୟରେ ମଙ୍ଗଳବାର ଭର୍ଚୁଆଲ ଚୁକ୍ତି ସ୍ୱାକ୍ଷର ହୋଇଛି। ଇସ୍ରୋ ଅଧ୍ୟକ୍ଷ ଡ. କେ. ଶିବନ, ବୈଜ୍ଞାନିକ ଡ. ଉମା ମହେଶ୍ୱରନ, ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ କମିଶନର ସଞ୍ଜୟ ସିଂ, ଭିସୁଟ୍ କୁଳପତି ପ୍ରଫେସର ଅଟଳ ଚୌଧୁରୀ, ଇସ୍ରୋ ଡେପୁଟି ନିର୍ଦ୍ଦେଶକ ଡ. ବିଜନ ଦାସ ଉପସ୍ଥିତ ଥିଲେ। ଏହା ଦେଶ ତଥା ରାଜ୍ୟରେ ଇସ୍ରୋ ସହଯୋଗରେ ହୋଇଥିବା ପ୍ରଥମ ମହାକାଶ ଅନ୍ୱେଷଣ କେନ୍ଦ୍ର। ଏ ନେଇ କୁଳପତି ଚୌଧୁରୀ କହିଛନ୍ତି, ଭିସୁଟ୍ ପାଇଁ ଏକ ଐତିହାସିକ ଦିନ, ଯାହା ଆଉ ଏକ ସଫଳତା ଆଣିଛି। ଛାତ୍ରୀଛାତ୍ରଙ୍କୁ ଏହା ପ୍ରେରଣା ଓ ମାର୍ଗଦର୍ଶନ ଦେବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଇସ୍ରୋ ପକ୍ଷରୁ ମହାକାଶ ଅନ୍ୱେଷଣ ଉପରେ ଦେଶର ୬ଟି ସ୍ଥାନରେ କେନ୍ଦ୍ର ଖୋଲିବାକୁ ୨୦୧୮ ଡିସେମ୍ବରରେ ଘୋଷଣା କରାଯାଇଥିଲା। ୨୦୧୯ ସେପ୍ଟେମ୍ବରରେ ଇସ୍ରୋର ଏକ ପ୍ରତିନିଧି ଦଳ ଭିସୁଟ୍ ପରିଦର୍ଶନ କରି ଫେରିବା ପରେ ଏଠାରେ ମହାକାଶ ଅନ୍ୱେଷଣ କେନ୍ଦ୍ର ଖୋଲିବାକୁ ନିଷ୍ପତ୍ତି ନିଆଯାଇଥିଲା। ଇସ୍ରୋ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ଗାଇଡ୍ କରାଯିବ। ଏଥିପାଇଁ ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଛି। ୩ଟି ପର୍ଯ୍ୟାୟରେ ଇସ୍ରୋ ଏହି ଅନୁଦାନ ଯୋଗାଇ ଦେବ।

**ଭିସୁଟ୍‌ରେ ଖୋଲିବ ମହାକାଶ ଅନ୍ୱେଷଣ କେନ୍ଦ୍ର**



ଚୁକ୍ତି ସ୍ୱାକ୍ଷର ପରେ ଭିସୁଟ୍ କୁଳପତି ଓ କର୍ତ୍ତୃପକ୍ଷ।

# ୫ ବର୍ଷରେ ଗାଁରେ ୨୬ ଲକ୍ଷ ୮୪ ହଜାର ପକ୍କାଘର

**ଭୁବନେଶ୍ୱର, ୨୫।୮ (ବ୍ୟୁରୋ)**

ଗ୍ରାମୀଣ ଗୃହ ନିର୍ମାଣ ଯୋଜନାର ସଫଳ ରୂପାୟନରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟରେ ପରିଣତ ହୋଇଛି। ୨୦୧୪-୧୫ରୁ ୨୦୨୦ ମଧ୍ୟରେ ରାଜ୍ୟରେ ୨୬ ଲକ୍ଷ ୮୪ ହଜାର ୮୧୮ ପକ୍କାଘର ନିର୍ମାଣ ହୋଇଛି।

ପ୍ରଧାନମନ୍ତ୍ରୀ ଆବାସ(ଗ୍ରାମୀଣ) ଯୋଜନା (ପିଏମ୍ଏୱାଇ-ଜି)ରେ ୨୦୧୬-୧୭ରୁ ଏ ପର୍ଯ୍ୟନ୍ତ ରାଜ୍ୟକୁ ମୋଟ ୧୮ ହଜାର ୮୩୭ କୋଟି ମିଳିଛି। ସେଥିରେ ୧୧ ହଜାର ୪୬୩ କୋଟି କେନ୍ଦ୍ରୀୟ ଅନୁଦାନ ଥିବା ବେଳେ ୭ ହଜାର ୩୧୫ କୋଟି ରାଜ୍ୟ ଅଂଶଧନ ରହିଛି। ସମୁଦାୟ ଅର୍ଥରୁ ଏପର୍ଯ୍ୟନ୍ତ ପକ୍କାଘର ନିର୍ମାଣ କରିବାରେ ରାଜ୍ୟ ସରକାର ୧୭ ହଜାର ୩୧୫ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି।

ଗୃହ ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ରାଜ୍ୟ ସରକାର ବିଜୁ ପକ୍କାଘର ଯୋଜନାରୁ ପ୍ରୋତ୍ସାହନ ରାଶି ପ୍ରଦାନ କରୁଛନ୍ତି। ୪ ମାସରେ ଗୃହ ନିର୍ମାଣ ଶେଷ କରିଥିବା ବ୍ୟକ୍ତିଙ୍କୁ ୨୦ ହଜାର, ୬ ମାସରେ ଶେଷ କରିଥିବା ବ୍ୟକ୍ତିଙ୍କୁ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ଯୋଗାଇ ଦେଉଛନ୍ତି। ଏପର୍ଯ୍ୟନ୍ତ ରାଜ୍ୟର ୫ ଲକ୍ଷ ୯୧ ହଜାର ହିତାଧିକାରୀଙ୍କୁ ମୋଟ ୮୨୮ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ଚଳିତ ବର୍ଷ କରୋନା ମହାମାରୀ ଭଳି କଠିନ ପରିସ୍ଥିତିରେ ମୋଟ ୧ ଲକ୍ଷ ୧୪ ହଜାର ୬୪୪ ପକ୍କାଘର ନିର୍ମାଣ କରାଯାଇଛି। ଚଳିତ ଆର୍ଥିକ ବର୍ଷରେ ଗୃହ ନିର୍ମାଣ କରୁଥିବା ହିତାଧିକାରୀଙ୍କୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଦିନକୁ ୧ କୋଟି ୨ ଲକ୍ଷ ଶ୍ରମଦିବସ ପ୍ରଦାନ କରାଯାଇଛି। ଭୂମିହୀନ ପରିବାରଙ୍କୁ ଘରବାରି ଜାଗା ସହ ଗୃହ ମଞ୍ଜୁର କରିବା ଦିଗରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ୫୬ ହଜାର ୮୯୧ ଚିହ୍ନଟ ଭୂମିହୀନ ପରିବାର ମଧ୍ୟରୁ ୮ ହଜାର ୬୭ ଜଣଙ୍କୁ ଜାଗା ଓ ଗୃହ ମଞ୍ଜୁର କରାଯାଇଛି। ଅବଶିଷ୍ଟଙ୍କୁ ଉପଯୁକ୍ତ ଜାଗା ଯୋଗାଇ ଦେବାକୁ ପଦକ୍ଷେପ ନିଆଯାଉଛି ବୋଲି ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି।

- ୧୮,୮୩୭ କୋଟି ବ୍ୟୟ ବରାଦ
- ଖର୍ଚ୍ଚ ହୋଇଛି ୧୭, ୩୧୫ କୋଟି
- ଚଳିତ ବର୍ଷ ନିର୍ମାଣ ହୋଇଛି ୧.୧୪ ଲକ୍ଷ

# ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି 'ବ୍ଲୁ ଲେକ୍'

**ମାନସ ବିଶ୍ୱାଳ**
**ବାଲେଶ୍ୱର ଅଫିସ, ୨୫।୮**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ କେପିଲାଖରାଜପୁର ପଞ୍ଚାୟତ କାଠଗୋଛି ଅଞ୍ଚଳରେ ଥିବା ମନୁଷ୍ୟକୃତ 'ବ୍ଲୁ ଲେକ୍' ପର୍ଯ୍ୟଟକଙ୍କ ଲାଗି ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଛି। ୪ ଏକର ଜମି ଉପରେ ସୃଷ୍ଟି ହୋଇଥିବା ବିଶାଳ କୃତ୍ରିମ ପୋଖରୀ, ଯାହାର ଗଭୀର ପ୍ରାୟ ୨୦ମିଟରରୁ ଅଧିକ। ମଝିରେ ଏକ ବିରାଟକାୟ ପଥର ଶୃଙ୍ଗ ଭଳି ରହିଛି। ଏଥିରେ ଥିବା ପାଣିର ରଙ୍ଗ ନୀଳ ଦେଖାଯାଉଥିବାରୁ ସ୍ଥାନୀୟ ଲୋକେ ଏହାକୁ ବ୍ଲୁ ଲେକ୍ ବୋଲି ଆଖ୍ୟା ଦେଇଛନ୍ତି। ନିକଟରେ ସ୍ୱର୍ଣ୍ଣଚୂଡ଼ ପାହାଡ଼, ଜଙ୍ଗଲରେ ପରିପୂର୍ଣ୍ଣ ଚତୁଃପାର୍ଶ୍ୱ ଏହି ଲେକ୍‌ର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରୁଛି। କେବଳ ଜିଲାରୁ ନୁହେଁ ପଡୋଶୀ ଜିଲାରୁ ଲୋକମାନେ ଏଠାକୁ ଆସି ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହିତ ପରିବାର, ବନ୍ଧୁବାନ୍ଧବଙ୍କ ସହ ସେଲ୍‌ଫି ଉଠାଉଛନ୍ତି। ଏଠାରେ ଚଳଚ୍ଚିତ୍ର, ସିରିଏଲ୍, ଆଲବମ୍‌ର ପ୍ରଯୋଜକମାନେ ମଧ୍ୟ ଆସି ସୁଟିଂ କରୁଛନ୍ତି। ଏହାର ବିକାଶ କରାଗଲେ ପର୍ଯ୍ୟଟକମାନେ ନୌବିହାରର ଆନନ୍ଦ ଉଠାଇବା ସହ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇପାରନ୍ତା।

କେବଳ କାଠଗୋଛି ବ୍ଲୁ ଲେକ୍ ନୁହେଁ ଏହାର ପାଖରେ ଥିବା କେପିଲାଖରାଜପୁରରେ ୫ଏକର, ଗୁଜୁଡ଼ିହାର ୧ ଏକର ଏବଂ ଟିଆକଟାର ୧ ଏକର ପରିତ୍ୟକ୍ତ ଖଣି ରହିଛି। ଯାହାର ଗଭୀର ୧୫ରୁ ୨୦ମିଟର। ୨୦୦୯ରୁ ଏସବୁ ଖାଦାନ ପରିତ୍ୟକ୍ତ ଅବସ୍ଥାରେ ରହିଛି। ସରକାରୀ ନିୟମାନୁସାରେ ୧୦ମିଟର ଗଭୀର ଖଣିକୁ ପୁନର୍ବାର ନିଲାମ କରାଯାଇପାରିବ ନାହିଁ। ଏହି ପରିତ୍ୟକ୍ତ ଖଣିଗୁଡ଼ିକରେ ମାଛ ଚାଷ କରି ସ୍ଥାନୀୟ ଲୋକଙ୍କ ମାନଦଣ୍ଡ ସଜାଡ଼ିବା ପାଇଁ ୨୦୧୬ରେ ବିଧାୟକ ସୁକାନ୍ତ କୁମାର ନାୟକ ଉଦ୍ୟମ ଆରମ୍ଭ କରିଥିଲେ। ରାଜସ୍ୱ ବିଭାଗ ସହମତିରେ ମତ୍ସ୍ୟବିଭାଗ ପରାମର୍ଶରେ ସ୍ଥାନୀୟ ଲୋକଙ୍କୁ ସାମିଲ କରି କ୍ଲଷ୍ଟର ମାଧ୍ୟମରେ ସୋସାଇଟି ତିଆରି କରି ମତ୍ସ୍ୟବିଭାଗ ଦ୍ୱାରା ପଞ୍ଜୀକୃତ କରାଇ ସାରିଛନ୍ତି। ଏହି ପାଣିରେ ମତ୍ସ୍ୟଚାଷ ସମ୍ଭବ କି ନୁହେଁ ବିଧାୟକ ନାୟକ ବିଭାଗୀୟ ମୁଖ୍ୟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ୨୦୧୮ରେ ମତ୍ସ୍ୟ ବିଭାଗର ନିର୍ଦ୍ଦେଶକ ବିଶାଳ ଗଗନ ଉପରୋକ୍ତ ଖଣି ଅଞ୍ଚଳକୁ ପରିଦର୍ଶନ କରି ମାଛଚାଷ ସମ୍ଭବ ବୋଲି ସବୁଜ ସଙ୍କେତ ଦେଇଛନ୍ତି। ଅଧିକ ଗଭୀର ଖାଲରେ କ୍ୟାଚ୍ କଲଚର ପଦ୍ଧତିରେ ଚାଷ ପାଇଁ ସେ ପରାମର୍ଶ ଦେଇଥିଲେ। ଏହାପରେ ଜିଲା ମତ୍ସ୍ୟବିଭାଗ ନୀଳଗିରି ତହସିଲଦାରଙ୍କୁ ଚାଷ ପାଇଁ ଅନୁମତି ମାଗିଛନ୍ତି। ସ୍ୱର୍ଣ୍ଣଚୂଡ଼ ପାହାଡ଼ ଏବଂ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଏସବୁ ସ୍ଥାନ ରହିଛି। ଜିଲା ପ୍ରଶାସନ ପକ୍ଷରୁ ମଚ୍ଛୁଆ, ପାଟଣା, ମହିଁଷାପଟା, କାଠଗୋଛି, ଚଣ୍ଡିପୁର ଅଞ୍ଚଳକୁ ନେଇ ଇକୋଟୁରିଜିମ୍ ପ୍ରକଳ୍ପ କରାଗଲେ ଜିଲାର କୁଲଡ଼ିହା ଭଳି ଏହି ସ୍ଥାନ ମଧ୍ୟ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇପାରନ୍ତା। ସ୍ଥାନୀୟ ଅଞ୍ଚଳର ଗଙ୍ଗାଧର ମିଶ୍ର କୁହନ୍ତି, ବାଲେଶ୍ୱର ଜିଲାକୁ ପର୍ଯ୍ୟଟକ ବୁଲି ଆସିଲେ କ୍ଷୀରଚୋରା ଗୋପୀନାଥ, ରେମୁଣା ଜଗନ୍ନାଥ ମନ୍ଦିର ବୁଲିବା ପରେ ନୀଳଗିରି ଜଗନ୍ନାଥ ମନ୍ଦିର, ପଞ୍ଚୁଲିଙ୍ଗେଶ୍ୱର ଯିବା ରାସ୍ତାରେ ମିତ୍ରପୁରରୁ ମାତ୍ର ୨ କି.ମି. ପରେ ଏହି ବ୍ଲୁ ଲେକ୍ ଥିବାରୁ ପର୍ଯ୍ୟଟକମାନେ ଯାଇ ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ସୁଯୋଗ ପାଉଛନ୍ତି। ନୀଳଗିରି ରେଞ୍ଜର ମନୁୱାର ଖାଁ କହନ୍ତି, ଏହି ଅଞ୍ଚଳର କେତେକ ସ୍ଥାନ ସଂରକ୍ଷିତ ଜଙ୍ଗଲ ପରିସରରେ ରହିଛି। ସରକାରଙ୍କର କୌଣସି ପୁନରୁଦ୍ଧାର ବ୍ୟବସ୍ଥା ନ ଥିବାରୁ ଏପରି ପରିତ୍ୟକ୍ତ ଅବସ୍ଥାରେ ରହିଛି। ଉକ୍ତ ଅଞ୍ଚଳରେ ଇକୋଟୁରିଜମ୍ ଭଳି କୌଣସି ପ୍ରକଳ୍ପ ହେଲେ ବିକାଶ ହୋଇପାରନ୍ତା। ଜିଲା ମତ୍ସ୍ୟ ଅଧିକାରୀ ପ୍ରଦୀପ ଘୋଷ କୁହନ୍ତି, ନୀଳଗିରି ବିଧାୟକଙ୍କ ପ୍ରଚେଷ୍ଟାରେ ଉକ୍ତ ୪ଟି ପରିତ୍ୟକ୍ତ ପଥର ଖଣିରେ ମାଛ ଚାଷ କରିବା ପାଇଁ ବିଭାଗୀୟ ନିର୍ଦ୍ଦେଶକ ବିଶାଳ ଗଗନ ସବୁଜ ସଙ୍କେତ ଦେଇଥିଲେ। ନୀଳଗିରି ତହସିଲଦାରଙ୍କ ଅନୁମତି ପାଇଁ ବିଭାଗର ଚିଠି ହୋଇଛି। ଅନୁମତି ମିଳିଲେ କାର୍ଯ୍ୟ ଆରମ୍ଭ ହେବ।




କାଠଗୋଛି ସ୍ଥିତ ବ୍ଲୁ ଲେକ୍।



# ଚାଷୀଙ୍କ ପାଇଁ...

–ଫସଲରେ କୀଟ ଓ ରୋଗର ମାତ୍ରା ଆର୍ଥିକ ଦେହଳୀ ସୀମା ଅତିକ୍ରମ କଲେ ଉପଯୁକ୍ତ କୀଟନାଶକ ଓ କବକନାଶୀ ବ୍ୟବହାର କରନ୍ତୁ । ତା'ପରେ ଫସଲ ଅବସ୍ଥା ଅନୁଯାୟୀ ଉପଯୁକ୍ତ ଯତ୍ନ ନିଅନ୍ତୁ ।

–ଡିପଜମି ଧାନରେ ଥୋଡ଼ସାର ହିସାବରେ ହେକ୍ଟର ପ୍ରତି ୧୦ କେ.ଜି. ଯବକ୍ଷାରଜାନ ସାର ବର୍ଷା ଦେଖି ପ୍ରୟୋଗ କରନ୍ତୁ ।

– ଧାନ ରୁଆ ସରିଥିଲେ ପିଲସାର ହିସାବରେ ହେକ୍ଟର ପ୍ରତି ୪୦ କେ.ଜି. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ । ବୁଣାଧାନରେ ବେଉଷଣ ପରେ ହେକ୍ଟର ପିଛା ୩୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରି ବଛାବଛି ଏବଂ ଖେଳୁଆ କାମ ସାରି ଦିଅନ୍ତୁ ।

– ଜଳସେଚନର ସୁବିଧା ଥିବା ଜମିରେ ନଳିତା କଟା ହେବାପରେ ସଅଳ କିସମ ଧାନ ଯଥା– ଖଣ୍ଡଗିରି, ପାରିଜାତ, କଳିଙ୍ଗ–୩, ଜ୍ୟୋତିର୍ମୟୀ, ସିଦ୍ଧାନ୍ତ ଧାନତଳି ରୁଅନ୍ତୁ ।

– କାହାଲିଆ ଓ କାଣ୍ଡବିନ୍ଧା ପୋକ ପ୍ରତିରୋଧ ଲାଗି ତଳି ରୋଇବା ଦିନଠାରୁ ୧୫ ଦିନ ପରେ ୧ଲିଟର ଫିପ୍ରୋନିଲ୍ ବା ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ୍ତୁ । ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଏକର ପ୍ରତି ୮ କି.ଗ୍ରା. ହିସାବରେ ଜମିରେ ପ୍ରୟୋଗ କରାଯାଇପାରେ ।

–ମକା ଫସଲ ୬–୭ ସପ୍ତାହର ହୋଇ ଯାଇଥିଲେ କୋଡ଼ାଖୁସା କରି ଘାସବାଛି ହେକ୍ଟର ପ୍ରତି ୨୦ କିଲୋଗ୍ରାମ୍ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ । ଜମିରେ ଠିଆପାଣି ରଖନ୍ତୁ ନାହିଁ ।

# ଜିଆଖତ ଦେଇଛି ପରିଚୟ

ରାସାୟନିକ ସାର ଏବଂ ଔଷଧ ଅପେକ୍ଷା ଜୈବିକ ଖତରେ ପ୍ରସ୍ତୁତ ଖାଦ୍ୟଶସ୍ୟ, ପନିପରିବାର ଚାହିଦା ଦିନକୁ ଦିନ ବୃଦ୍ଧିପାଉଛି । ସୁସ୍ଥ ଓ ନୀରୋଗ ପାଇଁ ସଚେତନ ଖାଉଟିମାନେ ଜୈବିକ ଖତରେ ପ୍ରସ୍ତୁତ ଖାଦ୍ୟଶସ୍ୟ ପ୍ରତି ଆଗଭର ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ଅଗ୍ରଣୀ ଚାଷୀ ମଧ୍ୟ ଜୈବିକ କୃଷିକୁ ଆପଣେଇଲେଣି । ଏହିଭଳି ଜଣେ ଚାଷୀ ହେଉଛନ୍ତି ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମଇତାପୁର ଅଞ୍ଚଳର ୫୨ବର୍ଷୀୟ ଗଜେନ୍ଦ୍ର ପ୍ରସାଦ ବେହେରା (ମୋ:୯୯୩୮୬୪୮୩୫୯) ।

ଓଡ଼ିଶାର ବିଭିନ୍ନ ଜିଲାର କୃଷକଙ୍କୁ ଜୈବିକ ଜିଆଖତ(ଭର୍ମି କମ୍ପୋଷ୍ଟ) ଯୋଗାଇବା ସହିତ ଚାଷୀମାନେ ନିଜେ ଏହାକୁ ପ୍ରସ୍ତୁତ କରିବାର କୌଶଳ ଶିଖାଉଛନ୍ତି ସେ । ଚଳିତ ବର୍ଷ ସେ ୧୨ଜଣ ଚାଷୀଙ୍କଠାରୁ ୪୬୫କୁଇଣ୍ଟାଲ ଓ ନିଜେ ପ୍ରସ୍ତୁତ କରିଥିବା ୨ଶହ କୁଇଣ୍ଟାଲ ଜିଆଖତକୁ କିଲୋ ପ୍ରତି ୫ଟଙ୍କାରେ ବିକ୍ରି କରିବା ସହିତ ବିଭିନ୍ନ ଆଗ୍ରହୀ ଚାଷୀଙ୍କୁ ୧କୁଇଣ୍ଟାଲ ୨୦କି.ଗ୍ରା. ଜିଆ ଯୋଗାଇ ରେକର୍ଡ କରିଛନ୍ତି । ତାଙ୍କ ଅଧୀନରେ ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, ଯାଜପୁର, ଜଗତ୍‌ସିଂହପୁର ଇତ୍ୟାଦି ଜିଲାରେ ୫୦ରୁ ଊର୍ଦ୍ଧ୍ୱ ଚାଷୀ ଜିଆଖତ ଉତ୍ପନ୍ନ କରୁଛନ୍ତି । ଏହି ଜିଆଖତ ଧାନ ଓ ପନିପରିବା ସମେତ ମାଛଚାଷରେ ମଧ୍ୟ ବ୍ୟବହୃତ ହେଉଛି । ୧୯୯୭ରେ ୨୭ପ୍ରକାର ଧାନ ଚାଷକରି ସରକାରଙ୍କ ମୁଖ୍ୟ ସଞ୍ଚାଳକ ଅଛନ୍ତି । ଖଇରା ଓ ସିମୁଳିଆ ବ୍ଲକର ୭୬ଟି ସଙ୍ଗଠନ ଏଥିରେ ସାମିଲ ଅଛନ୍ତି ।

କୃଷି କ୍ଷେତ୍ରରେ ବିଶେଷ ସଫଳତା ହାସଲ କରିଥିବା ଗଜେନ୍ଦ୍ର ହେଉଛନ୍ତି ମା' ପ୍ରଭାବତୀ ଓ ବାପା ମଦନମୋହନଙ୍କର ୬ପୁଅ ୩ଝିଅଙ୍କ ମଧ୍ୟରେ ଜ୍ୟେଷ୍ଠ । ସମ୍ବଳ ଥିଲା ଦେଢ଼ ଏକର ଜମି । ତେଣୁ ଅଭାବୀ ପରିବାରର ଦାୟିତ୍ୱ ମୁଣ୍ଡକୁ ନେଇ ପଞ୍ଚମ ଶ୍ରେଣୀରେ ପାଠପଢ଼ାରେ ଡୋରି ବାନ୍ଧିଥିଲେ । ମାତ୍ର ୧୦ବର୍ଷ ବୟସରେ ରୋଜଗାର ଲାଗି ଅଣ୍ଟା ଭିଡିଥିଲେ । ଅନ୍ୟ ଜମିରେ କାର୍ଯ୍ୟ କରି କିଛି ଅର୍ଥ ରୋଜଗାର କଲେ। ପରେ ମାମୁଘରେ ୫ବର୍ଷ ରହି ଚାଷକାମ ଭଲଭାବେ ଜାଣିବା ପରେ ସ୍ଥାନୀୟ ମୁରୁଣା ପଞ୍ଚାୟତ ଭେଡିପଡିଆରେ ବାର୍ଷିକ ୧୩ହଜାର ଟଙ୍କାରେ ୧୨ଏକର ଜମି ଲିଜ୍ ସୂତ୍ରରେ ନେଲେ। ସେଠାରେ ଧାନ, ମୁଗ, ସୋରିଷ, ବାଦାମ ଇତ୍ୟାଦି ଚାଷ ଆରମ୍ଭ କରିଥିଲେ । ୧୯୯୬ରେ ରାଣିତାଲସ୍ଥିତ କୃଷିବିଜ୍ଞାନ କେନ୍ଦ୍ର(କେଭିକେ)ର ବୈଜ୍ଞାନିକଙ୍କ ସଂସ୍ପର୍ଶରେ ଆସିବା ସହିତ ଚାଷ ସମ୍ପର୍କିତ ବହି ପଢ଼ାପଢ଼ି କଲେ । ଆର୍‌ଆଇଟିଏସ୍‌ର ଡାଇରେକ୍ଟର ଡ.ରବିନାରାୟଣ ପଟ୍ଟନାୟକ ତାଙ୍କୁ ସହଯୋଗ କରିବା ସହିତ ୨୫ଟି ଜିଆ(ଏସେନିଆ ଫୁଟିଡା କିସମ) ତାଙ୍କୁ ଯୋଗାଇ ଦେଇଥିଲେ । ପରେ ସେ ୧୯୯୯ରୁ ଜିଆଖତ ବା ଭର୍ମି କମ୍ପୋଷ୍ଟ ଉତ୍ପାଦନ ଆରମ୍ଭ କରିଥିଲେ । ଏବେ ବିଭିନ୍ନ ଋତୁ ଅନୁସାରେ ସେ ବିଭିନ୍ନ ଧାନ, ମୁଗ, ଗହମ ଓ ସୋରିଷ ଇତ୍ୟାଦି ଚାଷ କରୁଛନ୍ତି । ଗଜେନ୍ଦ୍ର ନିଜର ୩ପୁଅ ଓ ଜଣେ ଝିଅଙ୍କୁ ଶିକ୍ଷିତ କରାଇଛନ୍ତି । ବଡ଼ ଓ ସାନପୁଅ ସମେତ ସ୍ତ୍ରୀ ଶାନ୍ତିଲତା ତାଙ୍କୁ ଏ ଦିଗରେ ସାହାଯ୍ୟ କରନ୍ତି । କୃଷି ପାଇଁ କେନାଲ, କାଡାନାଳରେ ଜଳ ସମସ୍ୟା, ଉନ୍ନତ ବିହନର ଅଭାବ ସହିତ କୃଷି ସାମଗ୍ରୀ ବିକ୍ରି ଲାଗି ମାର୍କେଟିଂର ସମସ୍ୟା ରହିଥିବା ସେ ପ୍ରକାଶ କରନ୍ତି। ତେବେ ସୁସ୍ଥ ଶରୀର ସକାଶେ ସୁଷମ ଖାଦ୍ୟ ଓ ଏଥିପାଇଁ ଜୈବିକ ଖତର ଆବଶ୍ୟକତା ରହିଛି ବୋଲି କହନ୍ତି ଏହି ସଫଳ ଚାଷୀ ।



ସଫଳ ଚାଷୀ
ଗଜେନ୍ଦ୍ର ବେହେରା

ଦୃଷ୍ଟିଆକର୍ଷଣ କରିଥିବା ଗଜେନ୍ଦ୍ରଙ୍କୁ ୨୦୧୬ରେ ଢେଙ୍କାନାଳରେ ଅନୁଷ୍ଠିତ 'ରାଜ୍ୟସ୍ତରୀୟ କୃଷକ ଦିବସ'ରେ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଥିଲେ । ସେହିବର୍ଷ ସେ ଜିଲାସ୍ତରୀୟ କୃଷି ମହୋତ୍ସବରେ 'ଜୈବିକ ଶ୍ରୀ'ସମ୍ମାନ ପାଇଥିଲେ । ଅଗ୍ରଣୀ ଚାଷୀ ଭାବେ ତାଙ୍କୁ ମିଳିଛି ୩୦ରୁ ଊର୍ଦ୍ଧ୍ୱ ସାର୍ଟିଫିକେଟ୍। ମାତ୍ର ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିବା ଗଜେନ୍ଦ୍ର ବର୍ତ୍ତମାନ ଜାତୀୟ ଖାଦ୍ୟ ନିରାପତ୍ତା ମିଶନର ସଦସ୍ୟ ରହିବା ସହିତ ଜିଲାସ୍ତରୀୟ ଟେକ୍ନିକାଲ କମିଟିରେ କୃଷିବିଶେଷଜ୍ଞ ମଧ୍ୟ ଅଛନ୍ତି। ନିଜ ଅଞ୍ଚଳରେ କୃଷି ଓ କୃଷକଙ୍କ ଅଗ୍ରଗତି ପାଇଁ ୨୦୦୨ରୁ 'ପଲ୍ଲୀ ପ୍ରଗତି କୃଷକ ମଞ୍ଚ' ନାମରେ ଏକ ସଂଘ ଗଢ଼ିବା ସହିତ ଗଜେନ୍ଦ୍ର ଏହାର

**–ସନ୍ତୋଷ କୁମାର ନାୟକ**

## ଅଳ୍ପରେ..

**ପନିପରିବା:** ଅତ୍ୟଧିକ ବର୍ଷା ଯୋଗୁ ଲଙ୍କା ଗଛ ଝାଉଁଳି ଯାଇଥିଲେ ଜଳ ନିଷ୍କାସନର ସୁବିଧା କରନ୍ତୁ ଏବଂ ଗଛ ମୂଳରେ ମାଟି ଟେକି ଦିଅନ୍ତୁ। କଖାରୁ, ଜହ୍ନିଜାତୀୟ ଫସଲରେ ଫଳମାଛି ଦମନ ପାଇଁ ଏକର ପ୍ରତି ଲିଟର ପାଣିରେ ଦୁଇ ମିଲି ହିସାବରେ ମାଲାଥିଅନ୍ ସହିତ ୩୦ ଗ୍ରାମ ଗୁଡକୁ ଏକ ଲିଟର ପାଣିରେ ମିଶାଇ ୧୦ରୁ ୧୫ଟି ବିଷଥୋପ କରି ବ୍ୟବହାର କରନ୍ତୁ। ଭେଣ୍ଡିରେ ପତ୍ରମୋଡା ଏବଂ ଫଳ ବିନ୍ଧା ପୋକ ଦମନ ଲାଗି ପ୍ରତି



ଲିଟର ପାଣିରେ ଏକ ଗ୍ରାମ କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ମିଶାଇ ୧୫ଦିନ ବ୍ୟବଧାନରେ ସିଞ୍ଚନ କରନ୍ତୁ।

**ବାଇଗଣ:** ବାଇଗଣ ଲଗାଇବା ପାଇଁ ଏବେ ଉପଯୁକ୍ତ ସମୟ। ବାଇଗଣର ଉନ୍ନତ କିସମ ମଧ୍ୟରେ ରହିଛି– ଉତ୍କଳ ମାଧୁରୀ, ଗ୍ରୀନ୍ ରାଉଣ୍ଡ, ବ୍ଲାକ୍ ରାଉଣ୍ଡ,



ଗ୍ରୀନ୍ ଲଙ୍ଗ୍, ସୁଫଳା, ସୁଚିତ୍ରା ଏବଂ ସୁପ୍ରିୟା। ଏକର ପ୍ରତି ୧୫୦ରୁ ୨୦୦ ଗ୍ରାମ ବିହନ ଆବଶ୍ୟକ ପଡିଥାଏ। ବାଇଗଣ ତଳିଗୁଡିକୁ ୬୦x୪୫ ସେମି ବ୍ୟବଧାନରେ ଲଗାନ୍ତୁ। ବାଇଗଣ ତଳି ଲଗାଇବା ପୂର୍ବରୁ ଏକର ପ୍ରତି ୨୦ ଟନ୍ ଗୋବର ଖତ ଏବଂ ୫ ଟନ୍ ନିମ୍ବ ପିଡିଆ ବ୍ୟବହାର କରନ୍ତୁ।

**ଗେଣ୍ଡୁଫୁଲ:** ଅଗଷ୍ଟରୁ ଜାନୁୟାରୀ ମାସ ପର୍ଯ୍ୟନ୍ତ ଏକ ମାସ ଅନ୍ତରରେ



ଆଫ୍ରିକୀୟ ଗେଣ୍ଡୁ ପର୍ଯ୍ୟାୟକ୍ରମେ ଲଗାନ୍ତୁ। ଏହାର ଉନ୍ନତ କିମସ ମଧ୍ୟରେ ରହିଛି–ଜେଏଣ୍ଟବଲ୍, ଆଫ୍ରିକାନ୍ ଏଲୋ, ଏରଳି ଏଲୋ, ଏରଳି ଅରେଞ୍ଜ, ସେରାକୋଲା, ଆଫ୍ରିକଟ ଏବଂ କ୍ୟୁପ୍ରିଡ୍ ଏଲୋ ଇତ୍ୟାଦି। ୨୫ଦିନରୁ ୩୦ଦିନର ତଳି ବା ଡାଳ କଲମୀ ଉପରବେଳା ରୁଅନ୍ତୁ। ତଳିକୁ ଧାଡିକୁ ଧାଡି ୩୦ ସେମି ଓ ଗଛକୁ ଗଛ ୨୦ ସେମି ବ୍ୟବଧାନରେ ଲଗାନ୍ତୁ। ଚାରାଗୁଡିକ ଜମିରେ ଭଲ ଭାବରେ ପ୍ରତିଷ୍ଠିତ ହେବା ପାଇଁ ତଳି ଲଗାଇବା ପରେ ହାଲକା ଜଳସେଚନ କରନ୍ତୁ। ଚାରା ଲଗାଇବା ପୂର୍ବରୁ ଏକର ପ୍ରତି ୨୦ ଟନ୍ ଗୋବର ଖତ, ୪୦କିଗ୍ରା ଯବକ୍ଷାରଜାନ, ୮୦ କିଗ୍ରା ଫସଫରସ ଓ ୮୦ କିଗ୍ରା ପଟାସ ସାର ପ୍ରୟୋଗ କରନ୍ତୁ।

# ସାହାଣା ରୋଗ



ଡ. ବୀରକିଶୋର ପରିଡା

ପ୍ରାଣୀଙ୍କୁ ହେଉଥିବା ସାହାଣା ରୋଗର ଅନ୍ୟ ନାମ : ଗଳାଫୁଲା, ତଣ୍ଟିଫୁଲା ରୋଗ, ଏଚ୍.ଏସ୍. ରୋଗ, ସିପିଙ୍ଗ୍ ଜ୍ୱର। ଏହି ରୋଗ ପାଶ୍ଚୁରେଲାମାଲ୍‌ଟୋସିଡ଼ା ନାମକ ଜୀବାଣୁ ଯୋଗୁ ହୋଇଥାଏ । ଏହି ରୋଗରେ ବହୁ ବୟୋପ୍ରାପ୍ତ ଗୋମହିଷାଦି ପୀଡ଼ିତ ହୋଇ ମୃତ୍ୟୁବରଣ କରିଥାନ୍ତି। ଏହି ଜୀବାଣୁ ପ୍ରାଣୀର ଶ୍ୱାସନଳୀ, ପାକସ୍ଥଳୀ, ଅନ୍ତନଳୀରେ ସାଧାରଣ ଭାବେ ରହିଥାନ୍ତି । ଜୀବାଣୁ କ୍ଷୁଦ୍ର ଗୋଲାକୃତି ଲମ୍ବ ରଡ୍ ପରି ଏବଂ ଏହାର ଦୁଇପଟେ ଚଉଡ଼ା ବା ପୋଲ ପରି ଗୋଲାକୃତି ହୋଇଥାଏ । ଆମ ଦେଶ ବା ରାଜ୍ୟରେ ବର୍ଷାଋତୁର ଠିକ୍ ପରେ ପରେ ଏହି ରୋଗ ଅତିମାତ୍ରାରେ ଗୋମହିଷାଦିଠାରେ ଦେଖିବାକୁ ମିଳେ।

**ଆକ୍ରାନ୍ତ ହେଉଥିବା ପ୍ରାଣୀ:** ଗୋରୁ, ମଇଁଷି, ଛେଳି, ମେଣ୍ଢା, ଘୁଷୁରି ଆଦି ପ୍ରାଣୀମାନଙ୍କୁ ଏହି ରୋଗ ହୋଇଥାଏ । ପ୍ରାପ୍ତ ବୟସ୍କ ଗୋ–ମହିଷାଦି ପ୍ରାଣୀଙ୍କୁ ଏହି ଜୀବାଣୁ ବିଶେଷ ଭାବରେ ଆକ୍ରାନ୍ତ କରିଥାଆନ୍ତି ।

**ରୋଗ ସୃଷ୍ଟିର ପ୍ରଧାନ କାରଣ:** ଅତ୍ୟଧିକ ପରିଶ୍ରମ କରାଇବା, ପରିବହନ ଯୋଗୁ କ୍ଳାନ୍ତି ସୃଷ୍ଟି ହେବା, ଓଦାଳିଆ ଓ ଆବଦ୍ଧ ଗୁହାଳରେ ରଖିବା, ଶରୀର କୃମି ଯୋଗୁ ଦୁର୍ବଳ ହେବା ଏବଂ ଆବଶ୍ୟକ ପରିମାଣର ଦାନା ନ ଦେବା ଇତ୍ୟାଦି ଏହି ରୋଗ ସୃଷ୍ଟିରେ ସହାୟକ ହୋଇଥାଏ । ଶରୀରରେ ରୋଗ ପ୍ରତିରୋଧକାରୀ ଶକ୍ତି ହ୍ରାସ ଯୋଗୁ ଏହି ଜୀବାଣୁ ଶରୀର ମଧ୍ୟକୁ ପ୍ରବେଶ କରି ରୋଗ ସୃଷ୍ଟିରେ ସକ୍ଷମ ହୋଇଥାଏ ।

**କିପରି ସୃଷ୍ଟି ହୁଏ :** ସୁସ୍ଥ ପ୍ରାଣୀ ଆକ୍ରାନ୍ତ ପ୍ରାଣୀଙ୍କ ସଂସ୍ପର୍ଶରେ ଆସିଲେ, –ପାଣି ଓ ଖାଦ୍ୟଦ୍ୱାରା, – ଆକ୍ରାନ୍ତ ପ୍ରାଣୀର ମଳମୂତ୍ର, ଲାଳ, ଶିଙ୍ଘାଣୀ ଅଇଁଠା ଖାଦ୍ୟ ଇତ୍ୟାଦି ଦ୍ୱାରା, – ପ୍ରଶ୍ୱାସ ବାୟୁଦ୍ୱାରା ଏହି ରୋଗ ବ୍ୟାପିବାରେ ସୁଯୋଗ ଦେଇଥାଏ ।

**ଲକ୍ଷଣ:** ଜୀବାଣୁ ଶରୀରରେ ପ୍ରବେଶ କରିବାର ୩–୫ଦିନ ମଧ୍ୟରେ ରୋଗ ଲକ୍ଷଣ ପ୍ରକାଶ ପାଇଥାଏ । ଏହି ରୋଗର ମୁଖ୍ୟ ଲକ୍ଷଣ ହେଲା – ଶାରୀରିକ ଉତ୍ତାପ ୧୦୪–୧୦୬ ଡିଗ୍ରୀ ଫାରେନ୍‌ହିଟ୍‌କୁ ବୃଦ୍ଧି ଘଟେ । ପ୍ରାଣୀ କିଛି ଖାଆନ୍ତି ନାହିଁ । ନାକରୁ ପ୍ରଥମେ ପତଳା ଓ ପରେ ପରେ ମୋଟା ବା ବହଳ ଶିଙ୍ଘାଣି ବାହାରେ । ତଣ୍ଟିର ଫୁଲା ଅଂଶ କଠିନ, ଗରମ ଓ ଯନ୍ତ୍ରଣାଦାୟକ ହୁଏ । ଆଖିର ପତା ଫୁଲିବା ସହିତ ଆଖିରୁ ପାଣି ଝରେ । ହୃତପିଣ୍ଡ ସ୍ପନ୍ଦନ କିମିଯାଏ । ନାଡ଼ିର ବେଗ ଧୀରେ ଧୀରେ ହୁଏ । ପ୍ରାଣୀ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରନ୍ତି । ତରଳ ଓ ରକ୍ତଝାଡ଼ା ମଧ୍ୟ ହୋଇଥାଏ । ନାକରୁ ମୋଟା ଶିଙ୍ଘାଣୀ ବା ରକ୍ତମିଶ୍ରିତ ଶିଙ୍ଘାଣୀ ଆସିପାରେ । ଅତିଶୟ ସଂକ୍ରମଣ



ହେଲେ ୨–୪ଦିନ ଏବଂ ସାଧାରଣ ଭାବେ ସଂକ୍ରମିତ ହେଲେ ୫–୭ ଦିନ ମଧ୍ୟରେ ପ୍ରାଣୀ ମୃତ୍ୟୁବରଣ କରନ୍ତି । ପ୍ରାପ୍ତ ବୟସ୍କ ଗୋ–ମହିଷାଦି ପ୍ରାଣୀଙ୍କର ଆକ୍ରାନ୍ତ ସଂଖ୍ୟା ଅଧିକ ହୁଏ । ଅଳ୍ପ ବୟସ୍କ ପ୍ରାଣୀ ସେମାନଙ୍କର ଫୁସଫୁସ୍ ଓ ଶ୍ୱାସନଳୀର ସଂକ୍ରମଣ ଯୋଗୁ ନିମୋନିଆରେ ପ୍ରାଣ ହରାଇଥାନ୍ତି । ଶ୍ୱାସକ୍ରିୟା ବାଧାପ୍ରାପ୍ତ ହୁଏ । କାଶ ହୁଏ । ମଇଁଷି ଅଧିକାଂଶ ନିମୋନିଆ ଯୋଗୁ ୫–୭ଦିନ ମଧ୍ୟରେ ମୃତ୍ୟୁବରଣ କରନ୍ତି ।

ଏହି ରୋଗରେ ସମୁଦାୟ ଆକ୍ରାନ୍ତ ହାର ୫୦–୬୦–% ଏବଂ ମୃତ୍ୟୁହାର ୬୦–୭୦%। କେତେକ ସ୍ଥାନରେ ଏହି ରୋଗ ତଣ୍ଟିଫୁଲା ଲକ୍ଷଣ ପ୍ରକାଶ ନ କରି କେବଳ ଜ୍ୱର ୧୦୪–୧୦୬ ଡିଗ୍ରୀ ଫାରେନହାଇଟ୍ ସୃଷ୍ଟି କରାନ୍ତି ଏବଂ



ନାକରୁ ପତଳା ଶିଙ୍ଘାଣୀ ବାହାରେ । ତେଣୁ ବେଳେବେଳେ ଏପରି ଲକ୍ଷଣ ଦ୍ୱାରା ଏହି ରୋଗ ଚିହ୍ନଟ କରିବାରେ କଷ୍ଟସାଧ ହୋଇପଡ଼େ । ଲାସମାଇନା ବିବରଣୀ ଏବଂ ଆକ୍ରାନ୍ତ ପ୍ରାଣୀର ରକ୍ତ ପରୀକ୍ଷା କରି ଏହି ଜୀବାଣୁ ଚିହ୍ନଟ କରାଯାଇଥାଏ ।

**ମେଣ୍ଢା :** ମେଣ୍ଢାଙ୍କଠାରେ ଏହି ଜୀବାଣୁ ନିମୋନିଆ ଏବଂ ପହ୍ନା ପ୍ରଦାହ ସୃଷ୍ଟି କରିଥାଏ।

**ଘୁଷୁରି :** ଘୁଷୁରିଙ୍କର ଶ୍ୱାସନଳୀ ସଂକ୍ରମିତ ହୁଏ ଏବଂ ନିମୋନିଆରେ ମୃତ୍ୟୁବରଣ କରନ୍ତି।

**କୁକୁଡ଼ା :** ଏମାନଙ୍କଠାରେ ଜୀବାଣୁ ପାରଲ କଲେରା ରୋଗ ସୃଷ୍ଟି କରାନ୍ତି । ଫଳରେ ପକ୍ଷୀମାନେ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରନ୍ତି । ଥଣ୍ଟ ବା ପାଟି ଖୋଲି ପ୍ରଶ୍ୱାସ ନିଅନ୍ତି । ପରଗୁଡ଼ିକ ଅସଜଡା ଅବସ୍ଥାରେ ରୁହେ । ମୁହଁ ଫୁଲିଲା ପରି ଦିଶେ । ଚୂଳ ବା ମୁକୁଟ ଶେଥା ପଡ଼ିଲା ପରି ରୁହେ । ପକ୍ଷୀମାନେ ଖୁବ ଶୀଘ୍ର ମରିଯାଆନ୍ତି ।

**କୁକୁର ଓ ବିରାଡ଼ି :** ଏମାନେ ଏହି ଜୀବାଣୁକୁ ଶରୀରରେ ବହନ କରନ୍ତି ଏବଂ ଲକ୍ଷଣ ପ୍ରକାଶ କରନ୍ତି ନାହିଁ। ଏହି ପ୍ରାଣୀମାନେ ସୁସ୍ଥ ଗୋରୁ ଓ ମଇଁଷିଙ୍କୁ କାମୁଡ଼ିଲେ ଏହି ଜୀବାଣୁ ସେମାନଙ୍କ ଶରୀରରେ ପ୍ରବେଶ କରି ରୋଗ ସୃଷ୍ଟି କରନ୍ତି।

**କ୍ଷତଚିହ୍ନ :** ମୋଜଣ୍ଟ୍ରିକ୍, ବ୍ରୋଙ୍କିଆଲ ଏବଂ ମେଡ଼ିଆଷ୍ଟାଇନାଲ୍ ଲସିକା ଗ୍ରନ୍ଥିଗୁଡ଼ିକ ଫୁଲିଯାଏ । ହୃତ୍‌ପିଣ୍ଡ ଓ ଫୁସଫୁସର ପତଳା ଆବରଣ ବା କୋଠରି ମଧ୍ୟରେ ପାଣି ଜମେ । ଶରୀରର ବିଭିନ୍ନ ଅଂଶ ଯଥା – ହୃତ୍‌ପିଣ୍ଡ, ଯକୃତ୍, ପ୍ଳୀହା, ଫୁସ୍‌ଫୁସ୍, ବୃକ୍କ ଇତ୍ୟାଦିରେ ରକ୍ତଯୁକ୍ତ କ୍ଷତଚିହ୍ନ ହୋଇଥାଏ । ଛାତି ଓ ପେଟରେ ରକ୍ତମିଶ୍ରିତ ପାଣି ଜମିଥାଏ । ନିମୋନିଆ ହେଲେ, ଫୁସଫୁସ ଶରୀରର କାନ୍ଥ ସହିତ ଲାଗିକରି ଥାଏ ଏବଂ ଏହା ବଡ଼ ଲାଲ ହୋଇ ରକ୍ତ ମିଶ୍ରିତ ପାଣି ବା ଅଳ୍ପ ଫେଣ ପରି ପାଣି ଫୁସଫୁସକୁ ଚାପିଲେ ଜଣାପଡେ। କ୍ଷୁଦ୍ରାନ୍ତ୍ର ଓ ବୃହଦନ୍ତ୍ରର ଶ୍ଳୈଷିକ ଝିଲ୍ଲି ଉପରେ ଲାଳ ମିଶା ରକ୍ତ ଲାଗିକରି ଥାଏ ଏବଂ ଲାଲ ଦିଶେ ।

**ଚିହ୍ନିବା ପଦ୍ଧତି:** ଉପରୋକ୍ତ ଲକ୍ଷଣ ଅନୁଯାୟୀ ଶରୀରର ଉତ୍ତାପ ବୃଦ୍ଧି, ତଣ୍ଟିଫୁଲିବା, ନାକରୁ ମୋଟା ବହଳ ଶିଙ୍ଘାଣୀ ବାହାରିବା, ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବା, ପତଳା ଝାଡ଼ା ହେବା ଇତ୍ୟାଦି ।

–ମୃତ ପ୍ରାଣୀର ଯକୃତ, ପ୍ଳୀହା, ହୃତ୍‌ପିଣ୍ଡର ରକ୍ତ, ଜୀବିତ ପ୍ରାଣୀର ଉତ୍ତାପ ବୃଦ୍ଧି ସମୟରେ ରକ୍ତର ସ୍ମିଥର ଗ୍ଲାସ୍ ସ୍ଲାଇଡ଼ରେ ନେଇ ଲିସମ୍ୟାନ୍ ଷ୍ଟେନ୍ ସାହାଯ୍ୟରେ ଷ୍ଟେନିଂ କରି ଅଣୁବୀକ୍ଷଣ ଯନ୍ତ୍ରରେ ଦେଖିଲେ ଏହି ଜୀବାଣୁ ଛୋଟ ଗ୍ରାମ୍ ନେଗେଟିଭ୍ ବାଇ–ପୋଲାର ବିଶିଷ୍ଟ ରଡ୍, ଆକୃତିର ଗଠନ ଦେଖି ଚିହ୍ନଟ କରାଯାଏ ।

**–ଲାବୋରେଟୋରୀରେ ଛୋଟ ପ୍ରାଣୀଙ୍କର ପରୀକ୍ଷା :**

**ପାରା–** ପାରାର ପେଟ ଚମଡ଼ା ତଳେ ରୋଗର ସଂକ୍ରମିତ ରକ୍ତ ବା ଆକ୍ରାନ୍ତ ଜୀବକୋଷକୁ ପ୍ରବେଶ କରାଇଲେ ପାରା ୨୪ଘଣ୍ଟା ମଧ୍ୟରେ ମରିଯାଆନ୍ତି।

**ଠେକୁଆ–** ଉପରୋକ୍ତ ପ୍ରଣାଳୀରେ ଜୀବାଣୁ ପ୍ରବେଶ କରାଇଲେ ୪୮ ଘଣ୍ଟା ମଧ୍ୟରେ ମରିଯାଆନ୍ତି।(କ୍ରମଶଃ)

ମୋ: ୯୪୩୭୬୦୭୩୧୨

# ଅମୃତଭଣ୍ଡା



ଡ. ପରେଶ କୁମାର ପଣ୍ଡା

ବିଭିନ୍ନ ଫଳ ମଧ୍ୟରେ ଅମୃତଭଣ୍ଡା ବେଶ୍ ଲୋକପ୍ରିୟ ଓ ଏକ ଅର୍ଥକରୀ ଫସଲ। ସହଜରେ କହିବାକୁ ଗଲେ ଅମୃତ ସମାନ ଏହି ଫଳ–ପାଚିଲା ଅମୃତଭଣ୍ଡା। ଏଥିରେ ୫ ପ୍ରତିଶତ ପୁଷ୍ଟିସାର ଥାଏ। କଞ୍ଚା ଭଣ୍ଡାକୁ ପରିବା ରୂପେ ଓ ପାଚିଲା ଭଣ୍ଡାକୁ ଫଳ ରୂପେ ଖାଇବା ସହ ବିଭିନ୍ନ ପ୍ରକ୍ରିୟାକୃତ ଖାଦ୍ୟ ଯଥା–ଜାମ୍, ମୃଦୁପାନୀୟ, ଆଇସକ୍ରିମ୍, ଚକୋଲେଟ୍ ଓ ସରବତ ତିଆରିରେ ବ୍ୟବହାର କରାଯାଏ। ଏଥିରେ ଥିବା ପୋଷକତତ୍ତ୍ୱ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ଆହୁରି ମଧ୍ୟ ଏଥିରେ ଅଧିକ ମାତ୍ରାରେ କାଲସିୟମ, ଫସଫରସ, ଲୌହ, ଭିଟାମିନ୍ 'କ' ଓ 'ଗ' ରହିଥାଏ। ଏହାର ଔଷଧୀୟ ଗୁଣ ହେତୁ ନିୟମିତ ଖାଇଲେ ଉଚ୍ଚ ରକ୍ତଚାପରୁ ମୁକ୍ତି ମିଳିବା ସହ ଡାଇବେଟିସ୍ ଆକ୍ରାନ୍ତ ବ୍ୟକ୍ତି ଏହାକୁ ଆଳୁର ବିକଳ୍ପ ଭାବେ ବ୍ୟବହାର କରିଥାଆନ୍ତି। ହୃଦରୋଗୀ ଓ ମେଦବହୁଳ ରୋଗୀଙ୍କ ପାଇଁ ଏହା ଏକ ମୂଲ୍ୟବାନ ଫଳ। ହଜମ କରାଇବାରେ ଏହା ସାହାଯ୍ୟ କରିଥାଏ। ମାସିକ ଋତୁସ୍ରାବରେ ଅନିୟମିତତା ଦେଖାଦେଲେ ମହିଳାମାନେ ପ୍ରତିଦିନ ଅତିକମ୍‌ରେ ୨୫୦ ଗ୍ରାମ ଭଣ୍ଡା ଖାଇବା ଆବଶ୍ୟକ। ଏହା ଅଧିକ ଅମଳକ୍ଷମ ଏବଂ ବାଡ଼ିରେ ଥିଲେ ଘରର ଚାହିଦା ସହଜରେ ମେଣ୍ଟିଥାଏ। ବର୍ଷସାରା ଅମୃତଭଣ୍ଡା ଗଛରେ ଫଳ ଫଳିଥାଏ। ଅମୃତଭଣ୍ଡାର ଅନେକ ଅଧିକ ଅମଳକ୍ଷମ କିସମ ସବୁ ରହିଛି।

**ଶୁଦ୍ଧ ଦ୍ୱିଲିଙ୍ଗୀ** (ଡାଇଓସିୟସ) **:** ଏଥିରେ ବିଶୁଦ୍ଧ ଅଣ୍ଡିରା ଓ ମାଈ ଗଛ ବାହାରିଥାଏ। ୱାଶିଂଟନ୍ ପୁଷ୍ପା ଡ୍ୱାର୍ଫ, ପୁଷା ନହ୍ନା, ପୁଷା ଜାଏଣ୍ଟ, ସି.ଓ.–୧, ସି.ଓ.–୨, ସି.ଓ–୪, ସି.ଓ–୫, ସି.ଓ–୬ ଓ ପନ୍ଥ–୨ କିସମ।

**ଉଭୟଲିଙ୍ଗୀ** (ଗାଇନୋ ଡାଇଓସିୟସ) **:** ଏଥିରେ ସମ୍ପୂର୍ଣ୍ଣ ଅଣ୍ଡିରା ଗଛ ହୋଇ ନ ଥାଏ। କୁର୍ଗ ହନିଡିୟୁ, ସୂର୍ଯ୍ୟ, ସୋଲୋ, ସି.ଓ–୩, ପୁଷା ଡେଲିସିୟସ ଓ ପୁଷା ମାଜେଷ୍ଟି କିସମ।

ପୁଷା ନହ୍ନା ବାମନ କିସମ ପାକଶାଳା ବଗିଚାରେ ଓ ଛାତ ଉପରେ ଲଗାଯାଇଥାଏ। ସଙ୍କର ଅମୃତଭଣ୍ଡା ମଧ୍ୟରେ ସ୍ନପ୍, ରେନବୋ, ଏକସୋଟକା, ଫ୍ରାଞ୍ଜି, ରେଡ୍ ଲେଡି, ଜିଣ୍ଟା ଅନ୍ୟତମ। ଅମୃତଭଣ୍ଡା ଗଛରେ ୩୨ରୁ ଅଧିକ ପ୍ରକାର ଲିଙ୍ଗୀୟ ବିବିଧତା ଦେଖିବାକୁ ମିଳିଥାଏ। ଉତ୍ତମ ପରାଗ ସଙ୍ଗମ ଘଟାଇବା ନିମନ୍ତେ ୧: ୧୦ ଅନୁପାତରେ ଅଣ୍ଡିରା ଓ ମାଈ ଗଛ ରଖିବାକୁ ପଡିଥାଏ। ପ୍ରାଥମିକ ଅବସ୍ଥାରେ ଗଛର ଲିଙ୍ଗ ଜାଣିବା ସହଜ ନ ଥିବାରୁ ଗାତ ପ୍ରତି ୨–୩ଟି ଚାରା ଗଛ ଲଗାଯାଇ ପରେ ଆବଶ୍ୟକ ଅଣ୍ଡିରା ଗଛ ରଖି ଗାତ ପ୍ରତି ୧ଟି କରି ଗଛ ରଖାଯାଏ। ନିଗିଡା ଉର୍ବର ଫସଫସିଆ ବାଲିଆ ଦୋରସା ବା ପଟୁମାଟି ଏହାର ଚାଷ ପାଇଁ ଉପଯୁକ୍ତ। ମାଟି ଅମ୍ଳୀୟ ନ ହେବା ଦରକାର। କାଗଜ କଳ ମଣ୍ଡ ବା ଚୂନକୁ ଜମିରେ ଶେଷ ଓଡ ଚାଷ ସମୟରେ ପ୍ରୟୋଗ କରି ଅମ୍ଳ ପରିମାପକରେ ସୁଧାର ଅଣାଯାଇପାରିବ। ଅଧିକ ବର୍ଷା ହେଉଥିବା ଅଥବା ଜଳ ନିଷ୍କାସନ ସହଜ ହେଉ ନ ଥିବା ହୁଡା ତିଆରି କରି ତହିଁ ଉପରେ ଏହାର ଚାଷ କରାଯାଇପାରିବ। ନଦୀ ପଠାରେ ଏହାର ଚାଷ ଭଲ ହୋଇଥାଏ। ଗଛ ମୂଳରେ ପାଣି ନ ଜମି ରହିବା ପାଇଁ ଜଳ ନିଷ୍କାସନ ବ୍ୟବସ୍ଥା କରିବା ଦରକାର।



ସର୍ବଦା ବିଶ୍ୱସନୀୟ ସଂସ୍ଥାଠାରୁ ମଞ୍ଜି ଅଥବା ଚାରା କିଣିବା ଆବଶ୍ୟକ। ଏକ ଏକର ଚାଷ ଜମି ପାଇଁ ୧୦୦–୧୫୦ ଗ୍ରାମ ମଞ୍ଜି ଯଥେଷ୍ଟ। ଶଯ୍ୟା ପ୍ରସ୍ତୁତ କରି ବିଶୋଧିତ ମଞ୍ଜିକୁ ଦୁଇ ଇଞ୍ଚ ବ୍ୟବଧାନରେ ଧାଡିରେ ଅଧ ଇଞ୍ଚ ଗଭୀରରେ ପକାନ୍ତୁ। ମଞ୍ଜି ଗଜା ହେବାକୁ ପ୍ରାୟ ୨–୩ ସପ୍ତାହ ଲାଗିଥାଏ। ମଞ୍ଜିରୁ ଗଜା ବାହାରିଲେ ଝରା ଦ୍ୱାରା ପାଣି ସିଞ୍ଚନ କରନ୍ତୁ। ଚାରା ୮ ଇଞ୍ଚ ଲମ୍ବର ୭–୮ ପତ୍ରବିଶିଷ୍ଟ ହେଲେ ମୁଖ୍ୟ ଜମିରେ ଲଗାଇବା ନିମନ୍ତେ ଉପଯୁକ୍ତ ହୋଇଥାଏ। ଜୁନ୍–ଜୁଲାଇ, ସେପ୍ଟେମ୍ବର–ଅକ୍ଟୋବର ଓ ଫେବୃୟାରୀ–ମାର୍ଚ୍ଚ ମାସ ଚାରା ଲଗାଇବାର ଉପଯୁକ୍ତ ସମୟ। ଏବେ ପ୍ଲାଷ୍ଟିକ ଟ୍ରେରେ ଛୋଟ ଖୋପରେ ମୃତ୍ତିକା ଓ ଖତର ମିଶ୍ରଣ ଭର୍ତ୍ତି କରି ମଞ୍ଜି ପକାଇ ଶହ ଶହ ଗଛ ଉତରା ଯାଉଛି। ଏଥିରେ କମ୍ ଖର୍ଚ୍ଚ ଓ ପରିଚାଳନା ସହଜରେ ହୋଇଥାଏ। ପଲିଥିନ୍‌ରେ ବଢ଼ିଥିବା ଗଛକୁ ଲଗାଇବା ସମୟରେ ସାବଧାନ ସହକାରେ ପଲିଥିନ୍‌ରୁ ଚିରି ୧–୫ ମିଟର ଦୂରତା (ଗଛକୁ ଗଛ ଓ ଧାଡିକୁ ଧାଡି)ରେ ଲଗାଯାଏ। ଚେର ବେଶି ହଲିଗଲେ ଅଣ୍ଡିରା ଗଛର ଆଶଙ୍କା ଥାଏ।

ଚାରା ଲଗାଇବା ସମୟରେ ଦୁଇ ଝୁଡି ଶଢ଼ା ଖତ ସହ ୩୦୦ ଗ୍ରାମ ସିଙ୍ଗଲ ସୁପର ବା ୪୦ ଗ୍ରାମ ଡିଏପି + ୧୦୦ ଗ୍ରାମ ୟୁରିଆ+ ୧୫୦ ଗ୍ରାମ ପଟାସ୍ ସାରକୁ ମିଶାଇ ମୂଳ ସାର ହିସାବରେ ପ୍ରୟୋଗ କରନ୍ତୁ। ଲଗାଇବାର ତିନି ମାସ ଅନ୍ତରାଳରେ ସେହି ପରିମାଣର ଖତ ସାର ଦିଅନ୍ତୁ। ଗଛ ବଢ଼ିବାର ଏକ ମାସ ଏବଂ ଚାରି ମାସ ବେଳକୁ ଜିଙ୍କ୍ ସଲଫେଟ୍ ୫ ଗ୍ରାମ ସହ ବୋରାକ୍ସ ଏକ ଗ୍ରାମ ଲିଟର ପାଣି ପ୍ରତି ଗୋଳାଇ ଗଛ ଉପରେ ଅପରାହ୍ନରେ ସିଞ୍ଚନ କଲେ ଗଛ ଭଲ ବଢ଼ିଥାଏ ଏବଂ ଅମଳ ଭଲ ହୋଇଥାଏ। ଘାସ ନିୟନ୍ତ୍ରଣ ନିମନ୍ତେ ଚାରା ଲଗାଇବାର ଦୁଇ ମାସ ବେଳକୁ ଫ୍ଲୁକ୍ଲୋରାଲିନ୍ ବା ଆଲାକ୍ଲୋର ଏକର ପ୍ରତି ୮୦୦ ଗ୍ରାମକୁ ୨୦୦ ଲିଟର ପାଣି ପ୍ରତି ଓଦା ମାଟି ଉପରେ ସିଞ୍ଚନ କରନ୍ତୁ। ମଳା କରି କିମ୍ବା ବୁନ୍ଦା ଜଳସେଚନ ଦେଲେ ଭଲ। ଖରାଦିନେ ୪–୫ଦିନ ଅନ୍ତରରେ ଓ ଶୀତ ଦିନେ ୮–୧୦ଦିନ ଅନ୍ତରରେ ପାଣି ଦିଅନ୍ତୁ। ଅମୃତଭଣ୍ଡା ଚାଷରେ (କେ।ବିଜାତୀୟ/ପିଆଜ/ଶାଗ/ମୂଳା/ଗାଜର/ବିଲାତି ଆଦି) ଅନ୍ତଫସଲ ଚାଷ କରାଯାଇପାରେ।

*–ସହକାରୀ କୃଷି ଅଧିକାରୀ, ଭୁବନେଶ୍ୱର, ମୋ : ୭୨୦୫୦୯୬୦୮୦*





ବିହାରର କାଟିହର ଜିଲାରେ ଥିବା ଏକ ଶୁଆ କେବଳ ୟୁଟ୍ୟୁବ୍ ଚଲାଏନି ବରଂ ନିଜ ସମ୍ବନ୍ଧୀୟ ଭିଡିଓ ସର୍ଚ୍ଚ କରି ମଧ୍ୟ ଦେଖେ। ମୋବାଇଲ୍ ପ୍ରିୟ ଏହି ଶୁଆଟି କାଟିହରର ନୟାଟୋଲାରେ ରହୁଥିବା ରାଜେଶ କୁମାର ବର୍ମାଙ୍କ ଘରେ। ଯାହାର ନାମ ମିଟ୍ଠୁ। ଏହା କେବଳ ଘରେ ଥିବା ଲୋକଙ୍କ ନାଁ ଧରି ଡାକି ନ ଥାଏ, ସେମାନଙ୍କ ସହିତ ଖେଳେ ଏବଂ ୟୁଟ୍ୟୁବ୍‌ରେ ନିଜ ପସନ୍ଦର ଭିଡିଓ ମଧ୍ୟ ଦେଖେ। ଶୁଆଟିର ଏପରି ଅଭ୍ୟାସ ହୋଇଯାଇଛି ଯେ, ଏହା ମୋବାଇଲ ବିନା ବଞ୍ଚିବା ଅସମ୍ଭବ। ଶୁଆଟି ପରିବାର ଲୋକଙ୍କ ମନୋରଞ୍ଜନ କରିଥାଏ।

# ସାଉଥ୍‌ରେ ମନ ଜିଣିଲେ ଡେଜି

ମୁମ୍ବାଇ: ବଲିଉଡ୍‌ରୁ ଆରମ୍ଭ କରି ସାଉଥ୍ ଫିଲ୍ମ ଇଣ୍ଡଷ୍ଟ୍ରି ପର୍ଯ୍ୟନ୍ତ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିଛନ୍ତି ଡେଜି ଶାହା। ସେ ଜଣେ ମଡେଲ ତଥା ଅଭିନେତ୍ରୀ। କେବଳ ସେତିକି ନୁହେଁ ସେ ଜଣେ ଭଲ ଡ୍ୟାନ୍ସର ମଧ୍ୟ। ବଲିଉଡ୍ ମୁଭି 'ଜୟ ହୋ'ରୁ ନିଜ କ୍ୟାରିୟର ଆରମ୍ଭ କରିଥିଲେ ଡେଜି। ତାଙ୍କ ପିତାଙ୍କର ଏକ କପଡା ମିଲ ଥିବା ବେଳେ ମା' ଜଣେ ଗୃହିଣୀ। ସ୍କୁଲରେ ପାଠପଢା ବେଳରୁ ସେ କିଛି ବିୟୁଟି କଣ୍ଟେଷ୍ଟରେ ଯୋଗ ଦେଇଛନ୍ତି। ୨୫ ଅଗଷ୍ଟ ୧୯୮୪ରେ ଦିଲ୍ଲୀରେ ଜନ୍ମ ନେଇଥିଲେ ଡେଜି। ପିତା ବ୍ୟବସାୟୀ ହୋଇଥିଲେ ବି ମଡେଲିଂ ଓ ଅଭିନୟରେ ରୁଚି ରଖନ୍ତି ଡେଜି। ସେ ଜଣେ ଭଲ ଡ୍ୟାନ୍ସର ହୋଇଥିବାରୁ କୋରିଓଗ୍ରାଫର ଗଣେଶ ଆଚାର୍ଯ୍ୟ ତାଙ୍କ ଗ୍ରୁପରେ ଡେଜିଙ୍କୁ ସାମିଲ କରିଥିଲେ। ସେଠାରେ ସେ ଦୁଇବର୍ଷ କାମ କରିବା ପରେ ଫିଲ୍ମ 'ବଡିଗାର୍ଡ'ରେ ତାଙ୍କୁ କରିନାଙ୍କ ସହଯୋଗୀ ଚରିତ୍ର ପାଇଁ ଅଫର ମିଳିଥିଲା। ହେଲେ ସେ ତାକୁ ଗ୍ରହଣ ନ କରି ବରଂ ମୁହାଁଇଥିଲେ ସାଉଥ୍ ଇଣ୍ଡଷ୍ଟ୍ରି ଆଡେ। ଆଉ ଏବେ ସେ ସାଉଥ୍ ଇଣ୍ଡଷ୍ଟ୍ରିର ଜଣେ ଆଗଧାଡିର ନାୟିକା ପାଲଟି ଯାଇଛନ୍ତି। ଅନେକ ହିଟ୍ ଫିଲ୍ମ ଦେଇ ସେ ଏବେ ଦର୍ଶକଙ୍କର ନିକଟତର ହୋଇପାରିଛନ୍ତି।


ଡେଜି ଶାହା

# ସମାନତା ବଢ଼ାଇବ ସମ୍ମାନ

**ନଦୀ ପରି ପ୍ରବାହମାନ ଧାରାଟିଏ ନାରୀ। ତା'ର ଅନେକ ରୂପ। କେବେ ସେ ମା' ହୋଇ ଅଜାଡ଼ିଦିଏ ଅନାବିଳ ବାତ୍ସଲ୍ୟ ମମତା। ଆଉ କେବେ ଝିଅ ହୋଇ ଦୁଇକୁଳ ଭିତରେ ପାଲଟେ ସଂଯୋଗର ସେତୁ। କେବେ ଭଉଣୀ ହୋଇ ପରିବାରକୁ ସ୍ନେହରେ ବାନ୍ଧିରଖେ ତ ଆଉ କେବେ ସ୍ତ୍ରୀ ରୂପରେ ସମ୍ଭାଳିଥାଏ ସଂସାର ଡୋର। ନିଜର ଇଚ୍ଛାକୁ ପଛ କରିଦେଇ ଅନ୍ୟମାନଙ୍କୁ ଖୁସି କରାଇବା ପାଇଁ ଜୀବନ ଉତ୍ସର୍ଗୀକୃତ କରିଥିବା ଜଣେ ମହିଳାଙ୍କୁ ପୁରୁଷ ସହ ସମାନ ଅଧିକାର ଦେବାକୁ ଦୀର୍ଘଦିନରୁ ସ୍ୱର ଉଠୁଛି। ତଥାପି ଅଧିକାଂଶ ଦେଶରେ ଆଜି ବି ଅବହେଳିତ ନାରୀ। ଏକ ଭେଦଭାବହୀନ ସମାଜରେ ମହିଳା ସମାଜକୁ ଉଚିତ ସମ୍ମାନ ଦେବାକୁ ପ୍ରତିବର୍ଷ ଅଗଷ୍ଟ ୨୬ରେ ପାଳିତ ହେଉଛି ନାରୀ ସମାନତା ଦିବସ ବା ଓମେନ୍ସ ଇକ୍ୱାଲିଟି ଡେ'।**



## ଆଜି ଓମେନ୍ସ ଇକ୍ୱାଲିଟି ଡେ'

ମହିଳାଙ୍କୁ ପୁରୁଷଙ୍କ ସମାସ୍କନ୍ଦ ବିବେଚନା ଲାଗି କରାଯାଇଥିବା ପ୍ରୟାସର ପରିଣାମ ଓମେନ୍ସ ଇକ୍ୱାଲିଟି ଡେ'। ସର୍ବପ୍ରଥମେ ୧୮୯୩ରେ ନ୍ୟୁଜିଲାଣ୍ଡରୁ ଉଠିଥିଲା ମହିଳା ସମାନତାର ସ୍ୱର। ତେବେ ୧୯୨୦ ଅଗଷ୍ଟ ୨୬ରେ ଆମେରିକାର ୧୯ତମ ସମ୍ବିଧାନ ସଂଶୋଧନରେ ପ୍ରଥମ କରି ମହିଳାଙ୍କୁ ମିଳିଥିଲା ମତଦାନ ଅଧିକାର। ଏହା ପୂର୍ବରୁ ପୁରୁଷଙ୍କୁ ପ୍ରଥମ ଏବଂ ମହିଳାଙ୍କୁ ଦ୍ୱିତୀୟ ଶ୍ରେଣୀରେ ରଖାଯାଇଥିଲା। ତେବେ ଆମେରିକାର ଓକିଲ ବେଲା ଅବାଗ୍ ମହିଳାଙ୍କୁ ନ୍ୟାୟ ଦେବାକୁ ଜାରି ରଖିଥିଲେ ସଂଘର୍ଷ। ତାଙ୍କର ଏହି ଅଦମ୍ୟ ପ୍ରଚେଷ୍ଟାର ଫଳସ୍ୱରୂପ ୧୯୭୩ରୁ ପ୍ରତିବର୍ଷ ପାଳିତ ହୋଇ ଆସୁଛି ମହିଳା ସମାନତା ଦିବସ।

ସ୍ୱାଧୀନତା ପରେ ଭାରତରେ ମହିଳାଙ୍କୁ ମିଳିଥିଲା ମତଦାନ ଅଧିକାର। ହେଲେ ସ୍ୱାଧୀନୋତ୍ତର ଭାରତରେ ମହିଳାଙ୍କ ବାସ୍ତବ ସ୍ଥିତିକୁ ଦେଖିଲେ ସେମାନେ ଅନେକ ଅଧିକାରରୁ ବଞ୍ଚିତ ହୋଇ ରହିଥିବା ସ୍ପଷ୍ଟ ଭାବେ ଜଣାପଡ଼େ। ଅନେକ କ୍ଷେତ୍ରରେ ଭାରତୀୟ ମହିଳା ପ୍ରେରଣା ପାଲଟିଛନ୍ତି। ସେହିପରି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସେମାନେ ଭାଗୀଦାରି ହୋଇ ଦେଶ ବିକାଶର ମଙ୍ଗୁଆଳ ସାଜିଛନ୍ତି। ପୂର୍ବତନ ରାଷ୍ଟ୍ରପତି ପ୍ରତିଭା ପାଟିଲ, ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ, ଓଡ଼ିଶାର ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ବିଏସ୍‌ପି ଅଧକ୍ଷା ମାୟାବତୀ, କଂଗ୍ରେସର ଅନ୍ତରୀଣ ଅଧକ୍ଷା ସୋନିଆ ଗାନ୍ଧୀ ଏହାର ଗୋଟିଏ ଗୋଟିଏ ଉଦାହରଣ। ସେହିପରି ପ୍ରତିରକ୍ଷାଠାରୁ ଆରମ୍ଭ କରି ବିଜ୍ଞାନ, ଚିକିତ୍ସା ସମେତ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ମହିଳାମାନେ ଦକ୍ଷତାର ପ୍ରମାଣ ଦେଇସାରିଲେଣି। ଏସବୁ ସତ୍ତ୍ୱେ ସେମାନଙ୍କ ଭୂମିକାକୁ ଗୁରୁତ୍ୱ ଦିଆଯାଉନାହିଁ। ଗ୍ରାମାଞ୍ଚଳରେ ଆଜି ବି ଚାରି କାନ୍ଥ ଭିତରେ ଆବଦ୍ଧ ଜୀବନ ବିତାଉଛନ୍ତି ମହିଳା। ଘର ଜଞ୍ଜାଳ ଭିତରେ ଧନ୍ଦି ହୋଇ ସେମାନଙ୍କ ପ୍ରତିଭା ଲୁଚିଯାଉଛି। ସାମାଜିକ ବ୍ୟବସ୍ଥାର ବେଡି ଛିଣ୍ଡାଇ ସ୍ୱର ଉତ୍ତୋଳନ କଲେ ସେମାନେ ବିରୋଧାଭାସର ସମ୍ମୁଖୀନ ହେଉଛନ୍ତି। ନାରୀ ନିର୍ଯାତନା, ଘରୋଇ ହିଂସା ନିତିଦିନିଆ ଘଟଣା ପାଲଟିଛି, ଯାହା ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ବିକାଶକୁ ପ୍ରଭାବିତ କରୁଛି। କେବଳ ମତଦାନ ଅଧିକାର ଦେଇ ଅନ୍ୟପ୍ରସଙ୍ଗରେ ନୀରବ ରହିଲେ ମହିଳା ସମାନତା ମୂଲ୍ୟହୀନ ହୋଇପଡ଼ିବ। ତେଣୁ ଶିକ୍ଷା, କର୍ମନିଯୁକ୍ତି, ଲିଙ୍ଗଗତ ତାରତମ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମଧ୍ୟ ଚିନ୍ତା କରିବାର ବେଳଆସିଛି ବୋଲି ରାଷ୍ଟ୍ରନୀତିଜ୍ଞମାନେ ମତ ଦେଇ ଆସୁଛନ୍ତି। ସବୁକ୍ଷେତ୍ରରେ ମହିଳାଙ୍କୁ ପୁରୁଷଙ୍କ ଭଳି ସମାନ ସ୍ଥାନ ଦିଆଗଲେ ସେମାନଙ୍କ ସମ୍ମାନ ବଢ଼ିବ ବୋଲି ଯୁକ୍ତି ବାଢ଼ିଛନ୍ତି ବୁଦ୍ଧିଜୀବୀ।

ସବୁବର୍ଷ ନାରୀ ସଙ୍ଗଠନ, ଏନ୍‌ଜିଓ ଦ୍ୱାରା ବ୍ୟାପକ ଭାବେ ନାରୀ ସମାନତା ଦିବସ ପାଳିତ ହୋଇଆସୁଛି। ଚଳିତ ବର୍ଷ କୋଭିଡ୍ କଟକଣା ଯୋଗୁ ଘରେ ରହି ଏହାକୁ ପାଳନ କରାଯିବ। ସୋସିଆଲ ମିଡିଆରେ #Wom-ens Equality Day ପୋଷ୍ଟ କରି ମହିଳାଙ୍କୁ ଉତ୍ସାହିତ କରିବାକୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ନିବେଦନ କରାଯାଇଛି।

# ପିପିଇ କିଟ୍ ଭିତରେ ହାତର ଫଟୋ

ନୂଆଦିଲ୍ଲୀ: କରୋନା ସମୟରେ ଏବେ ଡାକ୍ତର ତଥା ନର୍ସମାନେ ଲୋକଙ୍କ ସେବା କରିବା ପାଇଁ ବହୁ ପ୍ରକାରର କଷ୍ଟକୁ ସାମ୍ନା କରୁଛନ୍ତି। ସେଥିପାଇଁ ତ ସେମାନଙ୍କୁ କୋଭିଡ୍ ଯୋଦ୍ଧାର ସମ୍ମାନ ଦିଆଯାଉଛି। କରୋନା ରୋଗୀଙ୍କ ଚିକିତ୍ସା କରିବା ପାଇଁ ସବୁବେଳେ ପିପିଇ କିଟ୍ ପିନ୍ଧି ଡାକ୍ତରମାନେ କିଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତା'ର ଏକ ଉଦାହରଣ ଏବେ ଦେଖିବାକୁ ମିଳିଛି ସୋସିଆଲ ମିଡିଆରେ। ଜଣେ ଡାକ୍ତର ଅଧିକାଂଶ ସମୟ ପିପିଇ କିଟ୍ ପିନ୍ଧି ତାଙ୍କର ହାତରେ କିଭଳି ରିଙ୍କଲ୍ ପଡ଼ିଯାଇଛି ତାହା ଦର୍ଶାଇ ଏକ ଫଟୋ ସୋସିଆଲ୍ ମିଡିଆରେ ଶେୟାର କରିବା ପରେ ଏହା ଜଣାପଡ଼ିଛି। ଡକ୍ଟର ସାୟିଦ୍ ଫଇଜାନ୍ ଅହମଦ୍ ନିଜ ହାତର ଏକ ଫଟୋ ଶେୟାର କରି ଦର୍ଶାଇଛନ୍ତି ଯେ କିଭଳିଭାବେ ଅଧିକ ସମୟ ପିପିଇ କିଟ୍ ପିନ୍ଧି ତାଙ୍କ ହାତ ଏପରି ହୋଇଯାଇଛି। ସେ କହିଛନ୍ତି କି ଅଧିକ ସମୟ ପିପିଇ କିଟ୍ ପିନ୍ଧିଥିବାରୁ ତାଙ୍କ ହାତରୁ ପ୍ରଚୁର ଝାଳ ବାହାରି ସବୁ ସମୟରେ ପ୍ରାୟ ଓଦା ହୋଇରହୁଥିଲା। ତେଣୁ ପିପିଇ କିଟ୍ ବାହାର କରିବା ବେଳକୁ ତାଙ୍କ ହାତ ଏପରି ହୋଇଯାଇଛି। ଫଟୋରେ ଡାକ୍ତରଙ୍କ ହାତରେ ଥିବା ରିଙ୍କଲ୍ ସ୍ପଷ୍ଟଭାବରେ ଜଣାପଡୁଛି। ତେଣୁ ଦେଖିବା ଲୋକେ ଡାକ୍ତରଙ୍କ ହାତର ଏଭଳି ଅବସ୍ଥା ଦେଖି ଆଶ୍ଚର୍ଯ୍ୟ ହୋଇଛନ୍ତି। ପ୍ରକୃତରେ ପିପିଇ କିଟ୍ ପିନ୍ଧି ଘଣ୍ଟା ଘଣ୍ଟା ରହି କାମ କରିବା କେତେ କଷ୍ଟକର ତାହା ଏବେ ଲୋକେ କିଛି ମାତ୍ରରେ ଅନୁଭବ କରିପାରିଛନ୍ତି। ସେଥିପାଇଁ ଡାକ୍ତରଙ୍କର ଏହି ଫଟୋ ଟୁଇଟ୍ କରିବା ପରେ ଏବେ ସୋସିଆଲ୍ ମିଡିଆରେ ତାହା ଭାଇରାଲ୍ ହେବାରେ ଲାଗିଛି। ଫଟୋ ଶେୟାର କରିବାର ମାତ୍ର ଗୋଟିଏ ଦିନ ପରେ ଏହାକୁ ପ୍ରାୟ ୨୦ହଜାର ଲାଇକ୍ ମିଳିବା ସହିତ ୩ହଜାରରୁ ଅଧିକ ରିଟୁଇଟ୍ ମଧ୍ୟ କରାଯାଇଛି। ହଜାର ହଜାର ସଂଖ୍ୟାରେ ଲୋକେ କମେଣ୍ଟ ଦେଇ ଡାକ୍ତରମାନଙ୍କର କଷ୍ଟକର କାମ ଓ ଧୈର୍ଯ୍ୟକୁ ସଲାମ୍ କରିଛନ୍ତି।





# ସୂକ୍ଷ୍ମ କଳାର ନିଦର୍ଶନ

ଅହମଦାବାଦ: କଳାକାରମାନେ ବେଳେ ବେଳେ ଏଭଳି ସୂକ୍ଷ୍ମ କାରିଗରି କରିଥାନ୍ତି ଯେ, ଦେଖିବା ଲୋକେ ବି ଆଶ୍ଚର୍ଯ୍ୟଚକିତ ହୋଇଯାନ୍ତି। ଏମିତି ଏକ କଳା ପାଇଁ ଏବେ ଚର୍ଚ୍ଚିତ ହୋଇଛନ୍ତି ଗୁଜରାଟ ଭଦୋଦରାର ଜଣେ ଆର୍ଟ ଅଧ୍ୟାପକ ପ୍ରଜେଶ ଶାହ। ଏକ ଛୋଟ ଶଙ୍ଖ ମଲମଲ ପଥର ଏବଂ ଏକ ଚକ୍‌ଖଡ଼ି ଉପରେ ସେ ସୁନ୍ଦରଭାବରେ ତିଆରି କରିଛନ୍ତି ଗଣେଶଙ୍କ ଚିତ୍ର। ଶଙ୍ଖ ମଲମଲ ପଥର ଏବଂ ଚକ୍‌ଖଡ଼ି ଉପରେ ପ୍ରଜେଶ ଏତେ ସୁନ୍ଦରଭାବରେ ଗଣେଶଙ୍କର ଚିତ୍ର ଆଙ୍କିଛନ୍ତି ଯାହା ସମସ୍ତଙ୍କ ପାଇଁ ଆକର୍ଷଣୀୟ ହୋଇପାରିଛି। ସେ ଏଭଳିଭାବରେ ଚିତ୍ର ଆଙ୍କିଛନ୍ତି ଦେଖିଲେ ମନେହେବ ଯେପରି କମ୍ପ୍ୟୁଟରରେ ପ୍ରିଣ୍ଟ କରାଯାଇଛି।









ସେଥିପାଇଁ ଏବେ ଲୋକେ ଏଭଳି କଳା ଦେଖି ଉତ୍ସାହିତ ହୋଇଛନ୍ତି। ପ୍ରଜେଶ କହନ୍ତି କି ଲକ୍‌ଡାଉନ୍ ସମୟରେ ଲୋକେ ଗଣେଶ ପୂଜାକୁ ଧୁମଧାମ୍‌ରେ କରିପାରିଲେ ନାହିଁ। ଅନେକେ ମଧ୍ୟ ଭଗବାନ ଗଣେଶଙ୍କୁ ପୂଜା ପେଣ୍ଡାଲଗୁଡ଼ିକରେ ଦର୍ଶନ କରି ନ ପାରି ଦୁଃଖ ପ୍ରକାଶ କରିଥିଲେ। ତେଣୁ ସେ ଏଭଳି ଏକ ଜିନିଷରେ ଗଣେଶଙ୍କ ଚିତ୍ର ଆଙ୍କି ସମସ୍ତଙ୍କ ପାଖରେ ସହଜରେ ପହଞ୍ଚିପାରିବେ ବୋଲି କହିଛନ୍ତି। ପ୍ରଜେଶଙ୍କର ଏଭଳି କଳାପାଇଁ ତାଙ୍କୁ ବିଭିନ୍ନ ଅଞ୍ଚଳର କଳାକାରମାନେ ଢେର୍ ପ୍ରଶଂସା କରିଛନ୍ତି। ଏହା ସହିତ ତାଙ୍କର ଏଭଳି ସୂକ୍ଷ୍ମ କାରିଗରି ପାଇଁ ବିଭିନ୍ନ ଗଣମାଧ୍ୟମ ତଥା ସୋସିଆଲ ମିଡିଆରେ ମଧ୍ୟ ତାଙ୍କୁ ନେଇ ଚର୍ଚ୍ଚା ହେଉଛି।

# ୧୦୦ ବର୍ଷ ପରେ ଫେରିଲେ ଆମେରିକୀୟ ନେଉଳ

**ନୂଆଦିଲ୍ଲୀ**

ପ୍ରାୟ ୧୦୦ ବର୍ଷ ପରେ ପୁଣି ଫେରିଛନ୍ତି ୱୁଲ୍‌ଭରିନ୍‌ସ୍(ଆମେରିକୀୟ ନେଉଳ)। ଆମେରିକାର ୱାଶିଂଟନସ୍ଥିତ ମାଉଣ୍ଟ ରେନିଅର ନ୍ୟାଶନାଲ ପାର୍କରେ ଏମାନଙ୍କ ସନ୍ଧାନ ମିଳିଛି। ଏ ନେଇ ନିକଟରେ ମାଉଣ୍ଟ ରେନିଅର ନ୍ୟାଶନାଲ ପାର୍କ ସର୍ଭିସେସ୍ ପକ୍ଷରୁ ଏକ ଭିଡିଓ ଟୁଇଟରରେ ଶେୟାର କରାଯାଇଛି। ଆମେରିକାର ଉତ୍ତରାଞ୍ଚଳରେ ଦେଖାଯାଉଥିବା ଏହି ସର୍ବବୃହତ୍ ନେଉଳ ପ୍ରଜାତିଙ୍କୁ ଦୀର୍ଘବର୍ଷ ଧରି ଦେଖିବାକୁ ମିଳୁ ନ ଥିଲା। ଏବେ ପୁଣି ଏମାନଙ୍କ ଫେରିବା ଏକ ଭଲ ସୂଚନା ବୋଲି କୁହାଯାଇଛି। ୩୫ ସେକେଣ୍ଡର ଏହି ଭିଡିଓରେ ୩ଟି ଆମେରିକୀୟ ନେଉଳଙ୍କୁ ବରଫାଞ୍ଚଳର ଶେଷଭାଗରେ ଦେଖିବାକୁ ମିଳିଛି। ପରେ ଏମାନେ ସବୁଜ ପଡ଼ିଆ ଦେଇ ଜଙ୍ଗଲ ମଧ୍ୟକୁ ଦୌଡୁଥିବା ଦେଖାଯାଇଛି। ଏହି ଭିଡିଓଟିକୁ ଟ୍ରାଭିସ୍ ହାରିଶ୍ ରେକର୍ଡ କରିଥିବା ସୂଚନା ମିଳିଛି।



ତେବେ ନ୍ୟାଶନାଲ ପାର୍କ ସର୍ଭିସେସ୍ ୱେବ୍‌ସାଇଟ୍ ଅନୁଯାୟୀ, ଏହା ଏକ ବିଲୁପ୍ତ ପ୍ରଜାତି ବୋଲି ଜଣାପଡ଼ିଛି। ଏହି ଟୁଇଟ୍ ଅନେକ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏହି ବିରଳ ପ୍ରଜାତି ନେଉଳଙ୍କ ଫେରିବାନେଇ ଅନେକ ଟୁଇଟର ବ୍ୟବହାରକାରୀ ଖୁସି ବ୍ୟକ୍ତି କରିଛନ୍ତି। ମାଉଣ୍ଟ ରେନିଅର ଜାତୀୟ ଉଦ୍ୟାନର ଅଧୀକ୍ଷକ ଚିପ୍‌ଜେଙ୍କିନ୍ସ ମଧ୍ୟ ଏହି ଆମେରିକୀୟ ନେଉଳଙ୍କ ପ୍ରତ୍ୟାବର୍ତ୍ତନକୁ ନେଇ ଉତ୍ସାହିତ ଥିବା ୱେବ୍‌ସାଇଟ୍‌ରେ ପ୍ରକାଶ କରିଛନ୍ତି। ଏଠାରେ ଅଧିକ ସଂଖ୍ୟାରେ ମାଂସାଶୀ ପ୍ରାଣୀଙ୍କ ଉପସ୍ଥିତି, ଆମ ପାର୍କର ସ୍ଥିତି ଏବଂ ବନ୍ୟପ୍ରାଣୀଙ୍କ ଠିକ୍ ପରିଚାଳନାକୁ ଦର୍ଶାଉଛି ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ବାସସ୍ଥାନ ଅଭାବ, ଶିକାର ଏବଂ ପରିବେଶ ପରିବର୍ତ୍ତନ ଯୋଗୁ ଏହି ବିରଳ ପ୍ରଜାତିଙ୍କ ସଂଖ୍ୟା ଲୋପପାଇବାରେ ଲାଗିଛି। ତେବେ ଏମାନଙ୍କ ପ୍ରତ୍ୟାବର୍ତ୍ତନ ଏକ ଶୁଭ ସୂଚନା ନିଶ୍ଚୟ।

# ବର୍ଷାର ମଜା ନେଉଛନ୍ତି କ୍ୟାଟ୍ରିନା

ମୁମ୍ବାଇ: ବଲିଉଡ୍ ନାୟିକା କ୍ୟାଟ୍ରିନା କୈଫ୍ ସୋସିଆଲ ମିଡିଆରେ ଖୁବ୍ ଆକ୍ଟିଭ। ଅନେକ ସମୟରେ ସେ ଫଟୋ ଓ ଭିଡିଓ ଶେୟାର କରି ଆସିଥାଆନ୍ତି ଚର୍ଚ୍ଚାକୁ। ଏବେ ସେ ବର୍ଷାର ମଜା ଉଠାଉଥିବାର ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଧଳା ରଙ୍ଗର ଜ୍ୟାକେଟ ଓ ସର୍ଟସ ସହ କ୍ୟାଟ୍ ହାତରେ ଧରିଛନ୍ତି ହଳଦିଆ ରଙ୍ଗର ଏକ ଛତା। ଏହି ଫଟୋକୁ ଶେୟାର କରିବା ସହ ସେ ଲେଖିଛନ୍ତି, 'ବର୍ଷା ହେଲେ ମୁଁ ମୋ ଛତା ଶେୟାର କରିବି ଆଉ ଯଦି ଛତା ନ ଥିବ ତେବେ ମୁଁ ବର୍ଷା ଶେୟାର କରିବି।' ଏହି ଫଟୋକୁ କ୍ୟାଟ୍ରିନାଙ୍କ ପ୍ରଶଂସକ ଖୁବ୍ ପସନ୍ଦ କରିଛନ୍ତି। ଏପର୍ଯ୍ୟନ୍ତ ଏହାକୁ ୧୮ ଲକ୍ଷ ଲାଇକ୍ସ ମିଳି ସାରିଲାଣି। କ୍ୟାଟ ଏବେ ବଲିଉଡ୍‌ର ଜଣେ ଆଗଧାଡିର ନାୟିକା ହୋଇଥିବା ବେଳେ କରୋନା ସଂକ୍ରମଣ ଯୋଗୁ ଶୁଟିଂ ବନ୍ଦ ଥିବାରୁ ସେ ଏବେ ଘରେ ସମୟ କାଟୁଛନ୍ତି।





# କଫିନ୍ ଭିତରେ ଶାନ୍ତି

**ନୂଆଦିଲ୍ଲୀ**

କଫିନ୍ ଭିତରେ ଶୋଇଲେ ଶାନ୍ତି ମିଳିବ। ମନ ହାଲକା ଲାଗିବ। ଏକଥା ଶୁଣିବା ମାତ୍ରେ ସମସ୍ତଙ୍କର ଭ୍ରୂକୁଞ୍ଚନ ସୃଷ୍ଟି ହେବ ନିଶ୍ଚୟ। ଏଭଳି ଏକ କଥାକୁ ଅନେକ ଅବିଶ୍ୱାସ ବି ଭାବିପାରନ୍ତି। କିନ୍ତୁ ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଜାପାନର ଟୋକିଓରେ। କରୋନା ସମୟରେ ଲୋକଙ୍କ ଅବସାଦ ଦୂର କରିବା ପାଇଁ ଏବେ ଏଭଳି ଏକ ପ୍ରଣାଳୀକୁ ଆପଣାଉଛନ୍ତି ଲୋକେ। ଟୋକିଓର ଏକ ନିର୍ଦ୍ଦିଷ୍ଟ ପ୍ରଡକ୍ସନ କମ୍ପାନୀ କୋୱାଗରାସେତାଇ ଏବେ ଲୋକଙ୍କୁ କଫିନ୍ ଭିତରେ ଶୋଇ ଷ୍ଟ୍ରେସ୍ ଦୂର କରିବା ପାଇଁ ଅଫର୍ ଦେଉଛି। କଫିନ୍ ଭିତରେ ଏଥିପାଇଁ କମ୍ପାନୀ ୧୫ ମିନିଟ୍ ପାଇଁ ଗ୍ରାହକମାନଙ୍କୁ ଏକ ଶୋ ଦେଖାଇବ। ୨ ମିଟର ଲମ୍ବର କଫିନ୍ ଭିତରେ ଗ୍ରାହକମାନେ ଶୋଇବା ସହିତ ସେହି ସମୟରେ ହରର୍ ଫିଲ୍ମର ବିଭିନ୍ନ ଦୃଶ୍ୟ ଦେଖିପାରିବେ। କରୋନା ଭାଇରସ୍ ପାଇଁ ଲୋକଙ୍କ ପାଇଁ ମନୋରଞ୍ଜନର ସବୁ ମାଧ୍ୟମ ପ୍ରାୟତଃ ବନ୍ଦ ହୋଇଯାଇଛି। ତେଣୁ ଲୋକେ ଅଧିକାଂଶ ସମୟ ଘରେ ରହି ଅବସାଦର ଶିକାର ହେଉଛନ୍ତି। ଏସମୟରେ ଲୋକଙ୍କୁ ରିଲାକ୍ସ କରିବା ପାଇଁ ଏଭଳି ଏକ ଉପାୟକୁ ଆପଣାଇବା ପାଇଁ ପ୍ରୟାସ କରାଯାଇଛି। ଲୋକେ ଏଭଳି ଉପାୟରେ ଏକ ଭିନ୍ନ ଅନୁଭବ କରିବା ସହିତ ଏଠାରୁ ଫେରିବା ପରେ ରିଲାକ୍ସ ହୋଇପାରୁଛନ୍ତି ବୋଲି କହିଛନ୍ତି। ଭିନ୍ନ କଥା ହେଉଛି କଫିନ୍ ଭିତରେ ଏଭଳି ଶୋ ଆୟୋଜନ କରୁଥିବା କମ୍ପାନୀ ଭିନ୍ନ ଭିନ୍ନ ସ୍ଥାନକୁ ଯାଇ ଶୋ କରୁଛି। ରାତିରେ ବସ୍‌ରେ ଦୂର ଯାତ୍ରା କରୁଥିବା ଲୋକେ ବାର୍ କିମ୍ବା ଲଜ୍‌ରେ ରହୁଥିବା ଲୋକଙ୍କ ପାଇଁ ବିଶେଷ ଭାବରେ ଏଭଳି ଶୋ କରାଯାଉଛି। ତେବେ ଗ୍ରାହକଙ୍କ ସୁବିଧା ଅନୁସାରେ କଫିନ୍‌କୁ ନେଇ ଯିବା ଆସିବା ସହଜ ହେଉଥିବାରୁ ଗ୍ରାହକଙ୍କୁ ସହଜରେ ସେବା ପ୍ରଦାନ କରି ହେଉଛି। ଏହି ବ୍ୟବସାୟ ଏବେ ଧୀରେ ଧୀରେ ଲୋକପ୍ରିୟ ହେବାରେ ଲାଗିଛି।

ମନେ ପଡ଼ନ୍ତି

ଦ୍ୱାଦଶାହ ଉପଲକ୍ଷେ



ସ୍ୱର୍ଗତ ମହାବୀର ପ୍ରସାଦ ଅଗ୍ରୱାଲା
ଭୁବନ, ଢେଙ୍କାନାଳ
ଆବିର୍ଭାବ: ୦୨।୦୭।୧୯୩୩
ତିରୋଧାନ: ୧୪।୦୮।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଦିବ୍ୟଧାମରୁ ଆମ୍ଭମାନଙ୍କୁ ଆଶୀର୍ବାଦ କରୁଥାନ୍ତୁ।
-:ଆପଣଙ୍କ ଶୋକସନ୍ତପ୍ତ:-
ଧର୍ମପତ୍ନୀ: ଅରୁଣା ଦେବୀ ଅଗ୍ରୱାଲା, ପୁତ୍ର: କ୍ରିଷ୍ଣା, କମଲ, ବିମଳ, ରମଣ, ଟିକମ୍, ଲଳିତ, ବୋହୂ: କୁସୁମ, ଇନ୍ଦିରା, ଆରତୀ, ନୈନା, ସରିତା, ବନ୍ଧୁ ଓ ପରିବାରବର୍ଗ ।
ଧ-୬୯୫୩୧

## ସଂକ୍ଷେପରେ

### ଏପିଓ୍ୱାଇରେ ୨.୪ କୋଟି ହିତାଧିକାରୀ

**ନୂଆଦିଲ୍ଲୀ,୨୫।୮:** କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଚଳିତ ବୀମା ଯୋଜନା ଅଟଳ ପେନ୍‌ସନ ଯୋଜନା(ଏପିଓ୍ୱାଇ)ରେ ପ୍ରାୟ ୨.୪ କୋଟି ହିତାଧିକାରୀ ପଞ୍ଜୀକୃତ ହୋଇସାରିଛନ୍ତି। ୧୮ରୁ ୪୦ବର୍ଷ ବୟସର ବ୍ୟକ୍ତିବିଶେଷ ଏହି ଯୋଜନାର ଲାଭ ଉଠାଇ ପାରିବେ। ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ଘରୋଇ ବ୍ୟାଙ୍କ ଏବଂ ଡାକ ବିଭାଗ ପକ୍ଷରୁ ଏହି ସେବା ହିତାଧିକାରୀଙ୍କୁ ଯୋଗାଇ ଦିଆଯାଉଛି। ୨୦୨୦-୨୧ ଆର୍ଥିକ ବର୍ଷର ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୭ଲକ୍ଷରୁ ଊର୍ଦ୍ଧ୍ୱ ନୂଆ ଏପିଓ୍ୱାଇ ଖାତା ଖୋଲାଯାଇଛି। ୨୬୦ ଗୋଟି ସେବା କେନ୍ଦ୍ର (ସଂସ୍ଥା) ମାଧ୍ୟମରେ ଏହା ଖୋଲା ଯାଇଥିବା ସୂଚନା ମିଳିଛି। ଏ ସମ୍ପର୍କରେ ଦି ପେନ୍‌ସନ ଫଣ୍ଡ ରେଗୁଲେଟରି ଆଣ୍ଡ ଡେଭଲପ୍‌ମେଣ୍ଟ ଅଥରିଟି(ପିଏଫ୍‌ଆର୍‌ଡିଏ) ପକ୍ଷରୁ ସୂଚନା ଦିଆଯାଇଛି ଯେ, ଚଳିତ ଆର୍ଥିକ ବର୍ଷ ମଧ୍ୟରେ ଏହି ଯୋଜନାକୁ ଅଧିକରୁ ଅଧିକ ଗ୍ରାହକଙ୍କ ନିକଟକୁ ବିଭିନ୍ନ ବ୍ୟାଙ୍କ ପକ୍ଷରୁ ଯୋଗାଇ ଦିଆଯାଇଛି। ଏହି ଯୋଜନାକୁ ଏସ୍‌ବିଆଇ ସର୍ବାଧିକ ଗ୍ରାହକ ଖାତା ଖୋଲିଛି।

### ଉଦ୍ୟମ ପୋର୍ଟାଲରେ ୩ଲକ୍ଷ ଏମ୍‌ଏସ୍‌ଏମ୍‌ଇ ପଞ୍ଜୀକୃତ

**ନୂଆଦିଲ୍ଲୀ,୨୫।୮:** ଗତ ଦୁଇ ମାସ ମଧ୍ୟରେ ପ୍ରାୟ ୩ ଲକ୍ଷ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ (ଏମ୍‌ଏସ୍‌ଏମ୍‌ଇ) ସରକାରଙ୍କ ଉଦ୍ୟମ ପୋର୍ଟାଲରେ ପଞ୍ଜୀକୃତ ହୋଇଛନ୍ତି। ଏ ନେଇ ମଙ୍ଗଳବାର ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇ କହିଛନ୍ତି, ବର୍ତ୍ତମାନ ଏହି ପୋର୍ଟାଲରେ ନୂତନ ପଞ୍ଜୀକରଣ ଜାରି ରହିଛି। ଜୁଲାଇ ଓ ଅଗଷ୍ଟରେ ପ୍ରାୟ ୩ ଲକ୍ଷରୁ ଊର୍ଦ୍ଧ୍ୱ ପଞ୍ଜୀକରଣ ହୋଇଛି। ବର୍ତ୍ତମାନ ସମୟରେ ଏହି ପୋର୍ଟାଲରେ ପଞ୍ଜୀକରଣ ଦ୍ରୁତ ଭାବରେ ବୃଦ୍ଧି ପାଉଛି ବୋଲି ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟର ସଚିବ ଏ.କେ. ଶର୍ମା ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି, ଏହା ହେଉଛି ଏକ ସରକାରୀ ଓ୍ୱେବ୍‌ସାଇଟ। ଏହି ପୋର୍ଟାଲରେ ପଞ୍ଜୀକରଣର ସୁବିଧା ସମ୍ପୂର୍ଣ୍ଣ ମାଗଣାରେ ରହିଛି।

# ଆସିପାରେ ଦ୍ୱିତୀୟ ପ୍ୟାକେଜ



- ମତ ରଖିଲେ ବ୍ୟୟ ସଚିବ
- ସଂକ୍ରମଣ ଥମିଲେ ସରକାର ବିଚାର କରିପାରନ୍ତି

**ନୂଆଦିଲ୍ଲୀ,୨୫।୮**

କୋଭିଡ୍ ଯୋଗୁ କ୍ଷତିଗ୍ରସ୍ତ ଅର୍ଥ ବ୍ୟବସ୍ଥାକୁ ଟ୍ରାକ୍‌କୁ ଆଣିବା ଲାଗି ସରକାର ଦ୍ୱିତୀୟ ପ୍ୟାକେଜ ଘୋଷଣା କରିପାରନ୍ତି। ବର୍ତ୍ତମାନ କୋଭିଡ୍ ସଂକ୍ରମଣ ବଢ଼ିଚାଲିଛି। ଲୋକଙ୍କ ମନରେ ଏ ନେଇ ଭୟ ମଧ୍ୟ ରହିଛି। କୋଭିଡ୍ ସଂକ୍ରମଣ ଥମିଲେ ସରକାର ଦ୍ୱିତୀୟ ପ୍ୟାକେଜ ସମ୍ପର୍କରେ ବିଚାର କରିପାରନ୍ତି ବୋଲି ଅର୍ଥ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ମଙ୍ଗଳବାର ସୂଚନା ଦେଇଛନ୍ତି। କରୋନା ଯୋଗୁ ଲୋକମାନେ ବିଭିନ୍ନ ସମସ୍ୟା ସାମ୍ନା କରୁଛନ୍ତି। ହିତାଧିକାରୀଙ୍କୁ ଆଶ୍ୱସ୍ତି ପ୍ରଦାନ ଲାଗି କେନ୍ଦ୍ର ସରକାର ବ୍ୟାଙ୍କ ଖାତାକୁ ସିଧାସଳଖ ଅର୍ଥ ପ୍ରଦାନ କରିଥିଲେ। ୪୦% ଅର୍ଥ ଲୋକଙ୍କ ବ୍ୟାଙ୍କ ଖାତାରେ ପ୍ରଦାନ କରାଯାଇଥିବା ବେଳେ ଏହା ଲୋକମାନେ ଏହାକୁ ସଞ୍ଚୟ କରି ରଖୁଛନ୍ତି। ଅର୍ଥକୁ ଲୋକମାନେ ଖର୍ଚ୍ଚ କରିବାକୁ ଆଗେଇ ଆସୁ ନ ଥିବା ନଜରକୁ ଆସିଛି। ପ୍ରୋତ୍ସାହନ ପ୍ୟାକେଜର ବିଭିନ୍ନ ପ୍ରସଙ୍ଗକୁ ନେଇ ପୁଣି ଥରେ ବିଚାର କରାଯାଉଥିବା ବେଳେ କେଉଁ ସମୟରେ ଏହାକୁ ଲାଗୁ କରାଯିବା ନେଇ ଠିକ୍ ସମୟକୁ କେନ୍ଦ୍ର ସରକାର ଧ୍ୟାନରେ ରଖିବେ ବୋଲି ବ୍ୟୟ ସଚିବ ଟି.ଭି.ସୋମନାଥନ ସୂଚନା ଦେଇଛନ୍ତି।

ମାର୍ଚ୍ଚ ମାସରେ ସରକାର ପ୍ରଥମ ଆର୍ଥିକ ପ୍ୟାକେଜ ଘୋଷଣା କରିଥିଲେ। ବିଭିନ୍ନ ପଦକ୍ଷେପ ସହ ଜିଡିପିର ୨% ମଧ୍ୟ ପ୍ୟାକେଜ ମଧ୍ୟରେ ସାମିଲ ହୋଇଥିଲା। ରିଜର୍ଭ ବ୍ୟାଙ୍କ ୨ ଥର ରେପୋ ହ୍ରାସ କରିଥିବା ବେଳେ ଚଳିତ ମାସରେ ଏଥିରେ ବିରତି ଦେଇଛି। କେବଳ ବିଶେଷଜ୍ଞ କହିଛନ୍ତି, ସରକାର ଅନ୍ୟ ପଦକ୍ଷେପ ନେବାର ସମ୍ଭାବନା ଦେଖାଯାଉଛି। ଡନ୍ ଏବଂ ବ୍ରାଡ୍‌ଷ୍ଟ୍ରିଟ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୋମନାଥନ କହିଛନ୍ତି, ଦେଶର ଅର୍ଥ ବ୍ୟବସ୍ଥା ବର୍ତ୍ତମାନ ଏକ ଅନିଶ୍ଚିତ ସମୟ ଦେଇ ଗତି କରୁଛି। ସରକାର ଯାହା କଲେ ମଧ୍ୟ ଭୟ ଲୋକଙ୍କ ମନରେ ଭୟ ରହୁଛି। ବର୍ତ୍ତମାନ ଏହା ମଧ୍ୟ ପ୍ରତୀୟମାନ ହେଉଛି ଯେ, ସରକାର ପଦକ୍ଷେପ କିମ୍ବା ଆର୍ଥିକ ପ୍ରୋତ୍ସାହନକୁ ଲୋକମାନେ ମଧ୍ୟ ଆଶା ନ ରଖି ନିଜ ଯୋଜନାକୁ ଆଗେଇ ନେବା ପାଇଁ ଆଗଭର ହେଉଛନ୍ତି। ଏଭଳି କ୍ଷେତ୍ରରେ ବଜାରର ଠିକ୍ ଅବସ୍ଥା ଆସିବା ଉପରେ ସବୁ କିଛି ନିର୍ଭର କରୁଛି।

ସେ ଆହୁରି ମଧ୍ୟ କହିଛନ୍ତି, ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ସଙ୍କଟ ସ୍ଥିତି ଜାରି ରହିଛି। ସିନେମା ହଲ୍, ମଲ୍, ରେଷ୍ଟୁରାଣ୍ଟ ଭଳି ଅନ୍ୟ କ୍ଷେତ୍ର ବର୍ତ୍ତମାନ ବଡ ଧରଣର କ୍ଷତିରେ ଚାଲୁଛି। ଲୋକଙ୍କ ମନରେ ଭୟ ରହିଥିବାରୁ ସରକାର କିଛି କଲେ ମଧ୍ୟ ସବୁ କିଛି ସ୍ୱାଭାବିକ ହୋଇଯିବ ବୋଲି ମଧ୍ୟ ଠିକ୍ ଭାବେ କହିହେଉନାହିଁ। ଲୋକଙ୍କ ମନରୁ ଭୟ କମିଲେ ଯାଇ ଏହି କ୍ଷେତ୍ରଗୁଡିକରେ ସ୍ଥିତି ସୁଧୁରିବ। ଏହି କ୍ଷେତ୍ରଗୁଡିକ ଶୀଘ୍ର ଟ୍ରାକ୍‌କୁ ଫେରିବା ନେଇ ସେ ଆଶାବାଦୀ ରହିଛନ୍ତି। ମୋଟାମୋଟି ଭାବେ କହିବାକୁ ଗଲେ କରୋନା ଥମିଲେ ଆଉ କିଛି ପଦକ୍ଷେପ ଉପରେ ସରକାର ବିଚାର କରିପାରନ୍ତି ବୋଲି ସେ ମତ ରଖିଛନ୍ତି।

# ଏସ୍‌କେ ବାଇକ୍ସର ନୂଆ ଶୋ'ରୁମ




**ଭୁବନେଶ୍ୱର,୨୫।୮**

ଏସ୍‌କେ ବାଇକ୍ସ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ନୂଆ ଶୋ'ରୁମ୍ କେନ୍ଦ୍ରାପଡ଼ାଠାରେ ଶୁଭାରମ୍ଭ ହୋଇଛି। ସୁପ୍ରିମ ସାଇକେଲ ସପ୍ଲାଇ ନାମରେ ଏହି ଶୋ'ରୁମ୍‌କୁ ଶ୍ରୀ ଜୟନ୍ତୀ ଭାଇ ଉନ୍ମୋଚନ କରିଥିଲେ। ଏଠାରେ କମ୍ପାନୀର ବିଭିନ୍ନ ପ୍ରଡକ୍ଟ ଉପଲବ୍ଧ ହେବ। ବିସ୍ତୃତ ରେଞ୍ଜର ବାଇସାଇକେଲ ଏବଂ ଡିଜାଇନ ଏଠାରେ ଲୋକଙ୍କ ଲାଗି ପ୍ରଦର୍ଶନ ମଧ୍ୟ କରାଯାଇଛି। ବିଭିନ୍ନ ବର୍ଗ ମଧ୍ୟରୁ ଲୋକମାନେ ସେମାନଙ୍କ ପସନ୍ଦ ଅନୁସାରେ ବାଇସାଇକେଲ ଚୟନ କରିପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ବର୍ତ୍ତମାନ ଦେଶ ମଧ୍ୟରେ ଲୋକମାନେ ସାଇକେଲ କ୍ରୟକୁ ଗୁରୁତ୍ୱ ଦେଉଛନ୍ତି। କରୋନା ସମୟରେ ସାଇକେଲ ଚାହିଦା ବଢିଛି। ଗ୍ରାହକଙ୍କ ଚାହିଦାକୁ ଧ୍ୟାନରେ ରଖି କମ୍ପାନୀ ବିଭିନ୍ନ ଯୋଜନା ହାତକୁ ନେଇଛି। ଗୁଣବତ୍ତା ପ୍ରଡକ୍ଟ ପ୍ରସ୍ତୁତି ଉପରେ ମଧ୍ୟ କମ୍ପାନୀ ନିଜର କାର୍ଯ୍ୟକ୍ରମ ଜାରି ରଖିଛି।

# ସପ୍ତାହାନ୍ତ ଲକ୍‌ଡାଉନରୁ କାରବାର କ୍ଷତିଗ୍ରସ୍ତ: ସଂଘ

**ନୂଆଦିଲ୍ଲୀ,୨୫।୮**

କରୋନା ମାମଲା ଥମୁ ନ ଥିବା ଯୋଗୁ ବିଭିନ୍ନ ରାଜ୍ୟରେ ସରକାର ସପ୍ତାହର ଶେଷ ଦିନଗୁଡିକରେ ଲକ୍‌ଡାଉନ କରୁଛନ୍ତି। ଏହାଦ୍ୱାରା କାରବାର କ୍ଷତିଗ୍ରସ୍ତ ହେଉଥିବା ରିଟେଲ ଶିଳ୍ପ ସଂଘ ପକ୍ଷରୁ ସୂଚନା ରହିଛି। ସରକାରଙ୍କ ଏଭଳି ପଦକ୍ଷେପ ଦ୍ୱାରା ଖାଉଟିଙ୍କ ମନୋଭାବ ପ୍ରଭାବିତ ହେଉଥିବା ସଂଘ ପକ୍ଷରୁ କୁହାଯାଇଛି। ପଞ୍ଜାବ, ହରିୟାଣା, କେରଳ, ମଧ୍ୟପ୍ରଦେଶ, ଓଡ଼ିଶା ସମେତ ୧୦ ରାଜ୍ୟରେ ଏଭଳି କଟକଣା ଜାରି ରହିଛି। ସପ୍ତାହରେ ହେଉଥିବା ମୋଟ କାରବାର ମଧ୍ୟରୁ ଶନିବାର ଏବଂ ରବିବାର ପ୍ରାୟ ୪୫% କାରବାର ହୋଇଥାଏ। ଗତ କିଛି ମାସ ଧରି ହୋଇଥିବା କାରବାର କ୍ଷତିକୁ ଭରଣା କରିବା ଲାଗି ବ୍ୟବସାୟୀମାନେ ଲକ୍ଷ୍ୟ ରଖିଥିଲେ। କରୋନା କଟକଣା ବର୍ତ୍ତମାନ ଧୀରେ ଧୀରେ କୋହଳ ହେଉଥିବା ଯୋଗୁ ସପ୍ତାହ ଶେଷର ୨ ଦିନ ଭଲ କାରବାର ହେବା ନେଇ ଅନେକେ ଆଶା କରିଥିଲେ। ହେଲେ କରୋନା ସଂକ୍ରମଣ ବର୍ତ୍ତମାନ ହ୍ରାସ ହେଉ ନ ଥିବା ଯୋଗୁ ସରକାର ଶନିବାର ଏବଂ ରବିବାର ମଧ୍ୟ କଟକଣା ଲଗାଇଛନ୍ତି। ଫଳରେ ଏହା କାରବାରକୁ ପ୍ରଭାବିତ କରୁଥିବା ଖୁଚୁରା ବ୍ୟବସାୟୀ ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

# କୋଭିଡ୍‌ର ଆର୍ଥିକ ପ୍ରଭାବ ଆକଳନ କଷ୍ଟକର: ଆର୍‌ବିଆଇ

**ନୂଆଦିଲ୍ଲୀ,୨୫।୮**



କୋଭିଡ୍ ଯୋଗୁ ଘରୋଇ ବଜାର ବର୍ତ୍ତମାନ କ୍ଷତିଗ୍ରସ୍ତ ସ୍ଥିତିରେ ରହିଛି। ବର୍ତ୍ତମାନ କରୋନା ସଂକ୍ରମଣ ବଢିଚାଲିଛି। ଏବେ କୋଭିଡ୍ ଯୋଗୁ ହୋଇଥିବା ପ୍ରକୃତ ଆର୍ଥିକ କ୍ଷତି ମାପିବା କଷ୍ଟକର ବୋଲି ରିଜର୍ଭ ବ୍ୟାଙ୍କ ମଙ୍ଗଳବାର କହିଛି। ଜିଡିପିକୁ ପ୍ରାୟ (–)୧୨ କ୍ଷତି ହୋଇଥିବା କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଆକଳନ କରାଯାଇଛି। ଏହା ମଧ୍ୟରେ ପରିବାର, ଫାର୍ମ ଏବଂ ସରକାରଙ୍କୁ ଅର୍ଥ ବ୍ୟବସ୍ଥାର ପ୍ରମୁଖ କାରକ ଭାବେ ବିଚାର କରାଯାଇଛି। ଲକ୍‌ଡାଉନ ଯୋଗୁ ପରିବାରଗୁଡିକ ବର୍ତ୍ତମାନ ଘରେ ରହିଛନ୍ତି। ଫାର୍ମଗୁଡିକୁ ଶ୍ରମିକ ଯୋଗାଣ ହ୍ରାସ ଘଟିଛି। ଆୟ କମିବା ଯୋଗୁ ଲୋକମାନେ ଅତ୍ୟାବଶ୍ୟକ ସାମଗ୍ରୀ କ୍ରୟ କରିବାକୁ ବିରତ ହେଉଛନ୍ତି। କରୋନା ମାମଲା ବଢିବା ଯୋଗୁ ଲୋକମାନେ ଅନ୍ୟ ସ୍ଥାନକୁ ଯିବା ଆସିବା ତଥା ସାମାଜିକ କଟକଣା ଭଳି ବିଭିନ୍ନ ନିୟମ ଦେଇ ଗତି କରୁଛନ୍ତି।

ଲକ୍‌ଡାଉନ ହେବା ଯୋଗୁ ଯୋଗାଣ ପ୍ରଭାବିତ ହୋଇଛି। ସେହିଭଳି ଶ୍ରମଶକ୍ତି ଯୋଗାଣ କମିବା ଯୋଗୁ ଏହା ଉତ୍ପାଦନକୁ ମଧ୍ୟ ପ୍ରଭାବିତ କରିଛି। ଉତ୍ପାଦନ କମିବା ଯୋଗୁ ଏହା କମ୍ପାନୀଗୁଡିକର ଲାଭ ଉପରେ ପ୍ରଭାବ ପକାଇଛି। ବେତନ ମଧ୍ୟ କମ୍ ଅଭିବୃଦ୍ଧି ହୋଇଛି। ଫଳରେ ଏହା ସାମଗ୍ରିକ ଭାବେ ଅର୍ଥ ବ୍ୟବସ୍ଥା ଉପରେ ଗଭୀର ପ୍ରଭାବ ପକାଇଛି। ଲକ୍‌ଡାଉନ ଯୋଗୁ ଆର୍ଥିକ କାର୍ଯ୍ୟକଳାପ ହ୍ରାସ ଧାରା ଜାରି ରହିଥିଲେ ମଧ୍ୟ ଆରୋଗ୍ୟ ହୋଇଥିବା ଲୋକଙ୍କ ସଂଖ୍ୟା ବର୍ତ୍ତମାନ ବୃଦ୍ଧି ହୋଇଛି। ଲକ୍‌ଡାଉନ ନ ଜାରି ହୋଇଥିଲେ ଏହା ଯୋଗାଣ ଏବଂ ମୁଦ୍ରାସ୍ଫୀତିକୁ ଏହା ଗଭୀର ଭାବେ ପ୍ରଭାବିତ କରିଥାନ୍ତା। ଫଳରେ ଉତ୍ପାଦନ ଠପ୍ ହୋଇ ଯାଇଥାନ୍ତା ବୋଲି ଆର୍‌ବିଆଇ କହିଛି। ଅର୍ଥ ବ୍ୟବସ୍ଥାକୁ ପ୍ରଭାବ ଆସିଥିଲେ ମଧ୍ୟ ଆର୍ଥିକ କାର୍ଯ୍ୟକଳାପ ଧୀରେ ଧୀରେ ଟ୍ରାକ୍‌କୁ ଫେରୁଥିବା କେନ୍ଦ୍ରୀୟ ବ୍ୟାଙ୍କ ସୂଚନା ଦେଇଛି।

## ଖେଳ ଖବର

### ଓଲି ପୋପ୍‌ଙ୍କ କାନ୍ଧର ସ୍କାନ୍ ହେବ

**ସାଉଥାମ୍ପଟନ, ୨୫।୮ (ପି.ଟି.):** ଇଂଲଣ୍ଡ ବ୍ୟାଟ୍ସମ୍ୟାନ ଓଲି ପୋପ୍‌ଙ୍କ ବାମ କାନ୍ଧର ସ୍କାନ ହେବ। ଏଠାରେ ଚାଲିଥିବା ପାକିସ୍ତାନ ବିପକ୍ଷ ତୃତୀୟ ତଥା ଅନ୍ତିମ ଟେଷ୍ଟର ଚତୁର୍ଥ ଦିବସରେ ଫିଲ୍‌ଡିଂ ବେଳେ ସେ ଆଘାତପ୍ରାପ୍ତ ହୋଇଛନ୍ତି। ଏହି ୨୨ ବର୍ଷୀୟ ବ୍ୟାଟ୍ସମ୍ୟାନଙ୍କର ଗତବର୍ଷ ସମାନ କାନ୍ଧରେ ଅସ୍ତ୍ରୋପଚାର ହୋଇଥିଲା। ଏଥିପାଇଁ ତାଙ୍କୁ ୩ମାସ ଖେଳରୁ ଦୂରେଇ ରହିବାକୁ ପଡ଼ିଥିଲା। ଷ୍ଟୁଆର୍ଟ ବ୍ରଡ୍‌ଙ୍କ ଏକ ଡେଲିଭରିରେ ଏକ ଚୌକା ଅଟକାଇବାକୁ ଯାଇ ପୋପ୍ ଡାଇଭ୍ ମାରିଥିଲେ। ଆଘାତପ୍ରାପ୍ତ ହେବାପରେ ତାଙ୍କୁ ତୁରନ୍ତ ପଡ଼ିଆ ଛାଡ଼ିବାକୁ ହୋଇଥିଲା। ତାଙ୍କ ସ୍ଥାନରେ ବଦଳ ଖେଳାଳି ଭାବେ ଜେମ୍ସ ବ୍ରେସି ଫିଲ୍ଡିଂ କରିଥିଲେ।

### ଜୁଡୋକା ଦୀପାଂଶୁ ୨୨ମାସ ସସ୍‌ପେଣ୍ଡ

**ନୂଆଦିଲ୍ଲୀ, ୨୫।୮ (ପି.ଟି.):** ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି (ନାଡା) ଡିସିପ୍ଲିନାରୀ ପ୍ୟାନେଲ ଭାରତୀୟ ଜୁଡୋକା ଦୀପାଂଶୁ ବାଲାୟନଙ୍କୁ ୨୨ ମାସ ପାଇଁ ସସ୍‌ପେଣ୍ଡ କରିଛି। ସେ ନିଷିଦ୍ଧ ଦ୍ରବ୍ୟ ଫୁରୋସେମାଇଡ୍ ବ୍ୟବହାର କରିଥିଲେ, ଯାହାକି ଏକ ଡ୍ୟୁରେଟିକ୍ ମେଡିସିନ୍। ଏସିଆନ ଜୁନିୟର ଜୁଡୋ ଚାମ୍ପିୟନଶିପ୍ ପାଇଁ ଗତ ବର୍ଷ ଜୁନ୍‌ରେ ଭୋପାଳଠାରେ ଟ୍ରାଏଲ୍ ବେଳେ ଦୀପାଂଶୁଙ୍କଠାରୁ ସାମ୍ପଲ ସଂଗ୍ରହ କରାଯାଇଥିଲା। ଟ୍ରାଏଲ ବେଳେ ସେ ୯୦କେଜି କାଟେଗୋରି ଜିତିଥିଲେ। ବାଲାୟନ ଜ୍ଞାତସାରରେ ଡୋପ୍ ଅପରାଧ କରିଛନ୍ତି ବୋଲି ପ୍ରମାଣ ଦେବାରେ ନାଡା ବିଫଳ ହୋଇଥିଲା। ତେଣୁ ପ୍ୟନେଲ ନିୟମାବଳୀ ଧାରା ୧୦.୨.୦ ଅନୁସାରେ ୪ ବର୍ଷ ପରିବର୍ତ୍ତେ ଆଥାଲେଟ୍‌ଙ୍କୁ ୨୨ ମାସ ସସ୍‌ପେଣ୍ଡ କରିଥିଲା। ଦୀପାଂଶୁ ୨୦୧୯ ଅକ୍ଟୋବର ୧୭ରୁ ସାମୟିକ ସସ୍‌ପେଣ୍ଡ ହୋଇଥିଲେ। ଫଳରେ ତାଙ୍କୁ ଆଉ ୧ ବର୍ଷ ଏବଂ ୧୦ମାସ ଦଣ୍ଡ ଭୋଗିବାକୁ ପଡ଼ିବ।

# ରୟାଲ ଚ୍ୟାଲେଞ୍ଜର୍ସ ଜର୍ସି ଉନ୍ମୋଚିତ

**ଦୁବାଇ, ୨୫।୮**

ସେପ୍ଟେମ୍ବର ୧୯ରୁ ଆରମ୍ଭ ହେବାକୁ ଯାଉଥିବା ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ-୨୦୨୦) ପାଇଁ ପ୍ରସ୍ତୁତି ଜୋର୍ ଧରିଛି। ୮ଟି ଯାକ ଫ୍ରାଞ୍ଚାଇଜ୍ ଟିମ୍ ୟୁନାଇଟେଡ ଆରବ ଏମିରେଟ୍ସ(ୟୁଏଇ)ରେ ପହଞ୍ଚି ସାରିଥିବାବେଳେ ମଙ୍ଗଳବାର ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର(ଆର୍‌ସିବି) ଦଳର ଜର୍ସି ଉନ୍ମୋଚନ ହୋଇ ଯାଇଛି। ଆରସିବି ଅଫିସିଆଲମାନେ ଟୁଇଟରଯୋଗେ ଏହାର ଫଟୋ ଶେୟାର କରିଛନ୍ତି। ଆର୍‌ସିବିର କିଟ୍‌କୁ ଡିଜାଇନ୍ କରିଛନ୍ତି ଜେଭେନ। ୨୦୧୬ରୁ ଜେଭେନ ଆରସିବିର କିଟ୍ ପ୍ରସ୍ତୁତକର୍ତ୍ତା ରହି ଆସିଛି। ଏହା ପୂର୍ବରୁ ଆଡିଡାସ କମ୍ପାନୀ ରୟାଲ ଚ୍ୟାଲେଞ୍ଜର୍ସର କିଟ୍ ଡିଜାଇନ୍ କରି ଆସୁଥିଲା। ଲାଲ ଏବଂ କଳା ଦୁଇ ପ୍ରକାର ରଙ୍ଗରେ କିଟ୍ ପ୍ରସ୍ତୁତ କରାଯାଇଛି। ଜର୍ସିରେ ସୁନା ରଙ୍ଗରେ ଲୋଗୋକୁ ସ୍ଥାନିତ କରାଯାଇଥିବାବେଳେ ପ୍ରାୟୋଜକଙ୍କ ନାମ ଧଳା ରଙ୍ଗରେ ଲେଖା ଯାଇଛି।



ଆର୍‌ସିବିର ନୂଆ ଜର୍ସି ସହ ଏବି ଡିଭିଲର୍ସ, ବିରାଟ କୋହଲି ଓ ୟୁଜବେନ୍ଦ୍ର ଚହଲ।

ଚଳିତ ବର୍ଷ ପାଇଁ ମୁଥୋତ ଫିନକର୍ପ ଆର୍‌ସିବି ଦଳର ଟାଇଟଲ ପ୍ରାୟୋଜକ ରହିଛି। ମୁଥୋତ ପାପ୍ପାଚାନ ଗ୍ରୁପର ମୁଖ୍ୟ କାର୍ଯ୍ୟାଳୟ ଥିରୁଭାନନ୍ତପୁରମରେ ରହିଛି। ଏହା ଆର୍ଥିକ ସେବା, ମୋଟରଯାନ ଡିଲରଶିପ୍, ଆତିଥ୍ୟ, ରିୟଲ ଇଷ୍ଟେଟ, ସ୍ୱାସ୍ଥ୍ୟର ଯତ୍ନ, ସୂଚନା ପ୍ରଯୁକ୍ତି, ବହୁମୂଲ୍ୟ ଧାତୁ ଆଦି ଏକାଧିକ ବ୍ୟବସାୟରେ ସମ୍ପୃକ୍ତ। ଏହି କମ୍ପାନୀ ଚେନ୍ନାଇ ସୁପରକିଙ୍ଗ୍ସର ଟାଇଟଲ ପ୍ରାୟୋଜକ କୋଚି ଭିତ୍ତିକ ମୁଥୋତ ଗ୍ରୁପଠାରୁ ଭିନ୍ନ। ତେବେ ଉଭୟ କମ୍ପାନୀ ୧୯୮୭ରେ ମୁଥୋତ ନିନାନ ମାଥାଇ ଆରମ୍ଭ କରିଥିବା ବ୍ୟବସାୟର ଅଂଶବିଶେଷ। ଆରସିବିର ନୂଆ ଜର୍ସିରେ ଦଳର ୩ ତାରକା ଖେଳାଳି ଏବି ଡିଭିଲର୍ସ, ଅଧିନାୟକ ବିରାଟ କୋହଲି ଓ ୟୁଜବେନ୍ଦ୍ର ଚହଲ ନଜରକୁ ଆସିଛନ୍ତି।

### କୋହଲିଙ୍କ ଚେତାବନୀ

ଜୈବ ସୁରକ୍ଷିତ ପରିବେଶ ପ୍ରୋଟୋକଲ ନ ଭାଙ୍ଗିବା ନେଇ ସାଥୀ ଖେଳାଳିଙ୍କୁ ଚେତାବନୀ ଦେଇଛନ୍ତି ଆରସିବି ଅଧିନାୟକ ବିରାଟ କୋହଲି। ସମସ୍ତ ଖେଳାଳି ଓ ଷ୍ଟାଫ୍‌ଙ୍କୁ ନେଇ ଆୟୋଜିତ ଭର୍ଚୁଆଲ କନ୍‌ଫରେନ୍ସରେ କୋହଲି ସତର୍କ କରାଇ ଦେଇଛନ୍ତି। ''ଆମକୁ ଯାହା କୁହାଯାଇଛି ତାହାକୁ ସମସ୍ତେ କଡ଼ାକଡ଼ିଭାବେ ମାନିବା ଉଚିତ। ଏହା ସହିତ କୌଣସି ପରିସ୍ଥିତିରେ ସାଲିସ କରାଯାଇପାରିବ ନାହିଁ। କାରଣ ଆମମାନଙ୍କ ମଧ୍ୟରୁ ଜଣେ କେହି ଭୁଲ୍ କଲେ ଏହାର ପ୍ରଭାବ ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟ ଉପରେ ପଡ଼ିପାରେ'' ବୋଲି କୋହଲି କହିଛନ୍ତି। ସିନିୟର ମାନଙ୍କୁ ଏହା ଉପରେ ଅଧିକ ଧ୍ୟାନ ଦେବାକୁ ପଡ଼ିବ। ପ୍ରୋଟୋକଲ ଭାଙ୍ଗିବା ଖେଳାଳିଙ୍କୁ ଜୈବ ସୁରକ୍ଷିତ ପରିବେଶରୁ ବାହାର କରାଯାଇ ୭ ଦିନପାଇଁ ଆଇସୋଲେଶନରେ ରଖାଯିବ। ଟେଷ୍ଟ ନେଗେଟିଭ୍ ହେଲେ ଯାଇ ତାଙ୍କୁ ପୁଣି ଏହି ପରିବେଶକୁ ଅନୁମତି ଦିଆଯିବ। କୌଣସି ଖେଳାଳି ପ୍ରୋଟୋକଲ ଭଙ୍ଗକଲେ ତାହା ସମ୍ପୂର୍ଣ୍ଣ ଦଳକୁ କ୍ଷତି ପହଞ୍ଚାଇବ। ଦଳ ପାଇଁ ପ୍ରତି ଖେଳାଳି ଗୁରୁତ୍ୱପୂର୍ଣ୍ଣ। ଏହାକୁ ସମସ୍ତେ ଧ୍ୟାନରେ ରଖିବା ଉଚିତ ବୋଲି କୋହଲି କହିଛନ୍ତି।

# ଆଇପିଏଲ୍‌ରେ ହେବ ଡୋପ୍ ଟେଷ୍ଟ

**ନୂଆଦିଲ୍ଲୀ, ୨୫।୮ (ପି.ଟି.)**

ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ସେପ୍ଟେମ୍ବର ୧୯ରୁ ଆରମ୍ଭ ହେବାକୁଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ବେଳେ ଖେଳାଳିଙ୍କଠାରୁ ଡୋପ୍ ଟେଷ୍ଟ ପାଇଁ ସାମ୍ପଲ ସଂଗ୍ରହ ହେବ। ଏଥିପାଇଁ ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି (ନାଡା)ର ୩ଜଣ ଉଚ୍ଚ ପଦାଧିକାରୀ ଏବଂ ୬ଜଣ ଡୋପ୍ କଣ୍ଟ୍ରୋଲ ଅଫିସର ୟୁଏଇ ଯିବେ। ନଭେମ୍ବର ୧୦ରେ ଶେଷ ହେବାକୁଥିବା ଏହି ଟି୨୦ ଇଭେଣ୍ଟରେ ୬୦ଟି ମ୍ୟାଚ ଖେଳାଯିବ। ପ୍ରତିଯୋଗିତା ସମୟରେ ଏବଂ ପ୍ରତିଯୋଗିତା ବାହାରେ ଏଜେନ୍ସି ତରଫରୁ ଅତି କମ୍‌ରେ ୫୦ ସାମ୍ପଲ ସଂଗ୍ରହ ଲାଗି ଟାର୍ଗେଟ କରାଯାଇଛି। ଆବଶ୍ୟକ ପଡ଼ିଲେ ସେମାନେ ୟୁଏଇର ନ୍ୟାଶନାଲ ଆଣ୍ଟି ଡୋପିଂ ଅର୍ଗାନାଇଜେଶନର ସହାୟତା ନେଇ ପାରିବେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ନାଡାର ୯ ଜଣିଆ ଟିମ୍ ମ୍ୟାଚ ଖେଳାଯିବାକୁ ଥିବା ତିନୋଟି ଭେନ୍ୟୁରେ କାର୍ଯ୍ୟକରିବେ। ପ୍ରତିଟିମ୍‌ରେ ଜଣେ ଅଫିସିଆଲ ଏବଂ ୨ଜଣ ଲେଖାଏଁ ଡୋପ୍ କଣ୍ଟ୍ରୋଲ ଅଫିସର ରହିବେ। ଭାରତ ବାହାରେ ଡୋପ୍ ସାମ୍ପଲ ସଂଗ୍ରହ କରିବାକୁ ଥିବାରୁ ଏବାବଦରେ ଖର୍ଚ୍ଚ ନାଡା ଅବା ବିସିସିଆଇ କିମ୍ବା ଉଭୟେ ବହନ କରିବେ ତାହା ସ୍ପଷ୍ଟ ହୋଇନାହିଁ। ଭାରତରେ କିନ୍ତୁ ନାଡା ସାମ୍ପଲ ସଂଗ୍ରହ, ପରିବହନ ଏବଂ ଟେଷ୍ଟିଂ ବାବଦ ସମସ୍ତ ଖର୍ଚ୍ଚବହନ କରିଥାଏ। ନାଡା ଅଫିସରମାନଙ୍କୁ ବିସିସିଆଇ ଦ୍ୱାରା ସୃଷ୍ଟି କରାଯାଇଥିବା ବାୟୋ ବବଲ ପରିବେଶରେ ରହିବାକୁ କୁହାଯିବ। ୟୁଏଇରେ ପୃଥକ୍ ୫ଟି ଡୋପ୍ କଣ୍ଟ୍ରୋଲ ଷ୍ଟେଶନ ପ୍ରତିଷ୍ଠା ପାଇଁ ନାଡା ବିସିସିଆଇକୁ କହିଛି। ତନ୍ମଧ୍ୟରେ ତିନୋଟି ଭେନ୍ୟୁ ଯଥା ଆବୁଧାବି, ଶାରଜା ଓ ଦୁବାଇରେ ହେବାକୁଥିବା ବେଳେ ଅନ୍ୟ ଦୁଇଟି ପ୍ରାକ୍ଟିସ ସ୍ଥଳ ଦୁବାଇ ଓ ଆବୁଧାବିରେ ହେବ।



# ରାଜ୍ୟ ୟୁନିଟ୍ କର୍ମକର୍ତ୍ତାଙ୍କୁ ନିମନ୍ତ୍ରଣ ନାହିଁ

**ନୂଆଦିଲ୍ଲୀ, ୨୫।୮(ପି.ଟି.)**

ୟୁଏଇରେ ସେପ୍ଟେମ୍ବର ୧୯ରେ ଆରମ୍ଭ ହେବାକୁଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୩ତମ ସଂସ୍କରଣକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ରାଜ୍ୟ ୟୁନିଟ କର୍ମକର୍ତ୍ତାଙ୍କୁ ନିମନ୍ତ୍ରଣ କରାଯିବନି। ଫଳରେ ସେମାନେ ଅତିକମ୍‌ରେ ଆଇପିଏଲ ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ରହିପାରିବେ ନାହିଁ। ପ୍ରତିଯୋଗିତା ପାଇଁ ବାୟୋ-ବବଲ ପରିବେଶରେ କଟକଣା ଲାଗୁ ହୋଇଥିବାରୁ ଏପରି ନିଷ୍ପତ୍ତି ନିଆଯାଇଛି ବୋଲି ବିସିସିଆଇ ସମ୍ପାଦକ ଜୟ ଶାହା ସଦସ୍ୟ ଆସୋସିଏଶନଗୁଡ଼ିକୁ ଜଣାଇ ଦେଇଛନ୍ତି। ଟୁର୍ନାମେଣ୍ଟ ଶେଷ ବେଳକୁ ଭ୍ରମଣଜନିତ କଟକଣାରେ କିଛିଟା କୋହଳ ହୋଇଥିବ ବୋଲି ଶାହା ଭାବୁଛନ୍ତି। ତେଣୁ ନଭେମ୍ବର ୧୦ ଫାଇନାଲ ବେଳକୁ ସଦସ୍ୟମାନେ ୟୁଏଇ ଯିବା ସମ୍ଭାବନା ସୃଷ୍ଟି ହୋଇପାରିବ ବୋଲି ଦୃଢ଼ ଆଶାୟୀ ଅଛନ୍ତି। ଆଇପିଏଲ ଭାରତରେ ହେଉ କି ବାହାର ପରିବେଶରେ ବିସିସିଆଇ ରାଜ୍ୟ ୟୁନିଟଗୁଡ଼ିକର ସଦସ୍ୟମାନଙ୍କୁ ନିମନ୍ତ୍ରଣ କରିଥାଏ। ''ଏଥର ଆଇପିଏଲ ସ୍ମରଣୀୟ ହେବା ନେଇ ଆମେ ଦୃଢ଼ନିଶ୍ଚିତ ଅଛୁ। ଉଦ୍‌ଘାଟନୀ ସମାରୋହରେ ଆପଣମାନଙ୍କର ଅନୁପସ୍ଥିତି ଅନୁଭୂତ ହେବ'' ବୋଲି ଲେଖି ଶାହା ରାଜ୍ୟ ୟୁନିଟ୍‌ଗୁଡ଼ିକୁ ଇ-ମେଲ କରିଛନ୍ତି। କୋଭିଡ-୧୯କୁ ଦୃଷ୍ଟିରେ ରଖି ଲୋକଙ୍କ ଭ୍ରମଣ ଉପରେ କଟକଣା ଲଗାଯାଇଛି।

**ଆଇପିଏଲ୍ ୨୦୨୦ ଉଦ୍‌ଘାଟନୀ**

# ଗୃହବନ୍ଦୀରୁ ମୁକ୍ତ ହେଲେ ରୋନାଲ୍ଡିନୋ

**ଆସନସିଅନ (ପାରାଗୁଏ), ୨୫।୮ (ଏପି)**

ଅବସରପ୍ରାପ୍ତ ବ୍ରାଜିଲିଆନ ଫୁଟ୍‌ବଲ ଷ୍ଟାର ରୋନାଲ୍ଡିନୋ ଗୃହବନ୍ଦୀରୁ ଖଲାସ ହୋଇଛନ୍ତି। ଜାଲ୍ ପାସ୍‌ପୋର୍ଟ ଜରିଆରେ ସେ ପାରାଗୁଏ ଯାଇଥିଲେ। ସେଠାରେ ଧରାପଡ଼ିବା ପରେ ଦେଶରେ ୫ମାସ ଧରି ତାଙ୍କୁ ଅଟକ ରହିବାକୁ ପଡ଼ିଥିଲା। ରୋନାଲ୍ଡିନୋ ଓ ତାଙ୍କ ଭାଇ ରବର୍ଟୋ ଡି' ଆସିସ୍ ମୋରେରାଙ୍କୁ ଦୁଇ ବର୍ଷ ଜେଲ ଦଣ୍ଡ ହୋଇଥିଲା। ମାତ୍ର ପାରାଗୁୟାନ ବିଚାରପତି ଏହାକୁ ସସ୍‌ପେଣ୍ଡ କରି ୨୦୦,୦୦୦ ଡଲାର ଜରିମାନା ବିନିମୟରେ ଛାଡ଼ କରିଦେବା ଲାଗି ନିର୍ଦ୍ଦେଶ ଦେଇଥିଲେ। ରୋନାଲ୍ଡିନୋ ଓ ତାଙ୍କ ଭାଇ ଗତ ମାର୍ଚ୍ଚ ମାସରେ ଜାଲ ପାସ୍‌ପୋର୍ଟ ଜରିଆରେ ପାରାଗୁଏରେ ପ୍ରବେଶ କରିଥିଲେ। ଦୁହେଁ ସେମାନଙ୍କ ବ୍ୟବସାୟିକ କାର୍ଯ୍ୟକଳାପ ନେଇ ଏହି ଦେଶକୁ ଯାଇଥିଲେ। ତଦନ୍ତ କାର୍ଯ୍ୟ ଚାଲିଥିବା ଅବସରପ୍ରାପ୍ତ ଫୁଟ୍‌ବଲ ଷ୍ଟାରଙ୍କୁ ଏକ ହାଇ ସିକ୍ୟୁରିଟି ଜେଲ୍‌ରୁ ଖଲାସ କରାଯାଇ ଏକ ବିଳାସପୂର୍ଣ୍ଣ ହୋଟେଲରେ ଗୃହବନ୍ଦୀରେ ରହିବା ଲାଗି ନିର୍ଦ୍ଦେଶ ହୋଇଥିଲା। ବର୍ତ୍ତମାନ ସେ ନିଜ ଦେଶ ବ୍ରାଜିଲକୁ ଫେରିଯାଇପାରିବେ। ରୋନାଲ୍ଡିନୋ ୨୦୦୨ରେ ଫୁଟ୍‌ବଲ ବିଶ୍ୱକପ୍ ଚାମ୍ପିୟନ ବ୍ରାଜିଲ ଦଳର ଅନ୍ୟତମ ପ୍ରମୁଖ ସଦସ୍ୟ ଥିଲେ। ସେ ବାର୍ସିଲୋନା, ମିଲାନ ଓ ପ୍ୟାରିସ ସେଣ୍ଟ ଜର୍ମେନ ସମେତ ଅନ୍ୟ କେତେକ ଫୁଟ୍‌ବଲ କ୍ଲବ ତରଫରୁ ପ୍ରତିନିଧିତ୍ୱ କରିଛନ୍ତି। ସ୍ଥାନୀୟ ଏକ ଅନୁଷ୍ଠାନର ନିମନ୍ତ୍ରଣ କ୍ରମେ ପାରାଗୁଏ ଯାଇଥିଲେ। ଗରିବ ପିଲାମାନଙ୍କ ଲାଗି ଏକ ସ୍କୁଲକୁ ସହାୟତା କରିବାକୁ ଯାଇ ତାଙ୍କ ଅଟୋଗ୍ରାଫି ପ୍ରଦାନ କରିଥାନ୍ତେ। ଏହାଛଡ଼ା ତାଙ୍କର ଏକ କ୍ୟାସିନୋର ଉଦ୍‌ଘାଟନ କାର୍ଯ୍ୟକ୍ରମ ରହିଥିଲା। ରୋନାଲ୍ଡିନୋ ଜାଲ୍ ପାସ୍‌ପୋର୍ଟ କେଉଁଠାରୁ ପାଇଲେ ବୋଲି ଯେତେବେଳେ ସ୍ଥାନୀୟ କର୍ତ୍ତୃପକ୍ଷ ପଚାରିଲେ, ବ୍ରାଜିଲର ଜଣେ ବ୍ୟବସାୟୀ ଏହାକୁ ଉପହାର ଆକାରରେ ତାଙ୍କୁ ଦେଇଥିବା ସେ କହିଥିଲେ। ଏହି ବ୍ୟବସାୟୀ ଜଣଙ୍କୁ ମଧ୍ୟ ଜେଲ ଦଣ୍ଡ ହୋଇଥିଲା।


ଗୃହବନ୍ଦୀରୁ ମୁକ୍ତ ହେବା ପରେ ରୋନାଲ୍ଡିନୋ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ରାୟଗଡ଼ା,ବୁଧବାର, ଅଗଷ୍ଟ ୨୬/୨୦୨୦ Rayagada, Wednesday, August 26/2020

# ଆଣ୍ଡରସନଙ୍କ ୬୦୦ ଉଇକେଟ ପୂରଣ

**ସାଉଥାମ୍ପଟନ, ୨୫।୮:** ଅନ୍ତର୍ଜାତୀୟ କ୍ରିକେଟରେ ପ୍ରଥମ ଦ୍ରୁତ ବୋଲରଭାବେ ୬୦୦ ଟେଷ୍ଟ ଉଇକେଟ ପୂରଣ କରିଛନ୍ତି ଇଂଲଣ୍ଡର ଜେମ୍ସ ଆଣ୍ଡରସନ। ରୋଜବାଓଲ ଗ୍ରାଉଣ୍ଡରେ ଅନୁଷ୍ଠିତ ତୃତୀୟ କ୍ରିକେଟ ଟେଷ୍ଟର ଅନ୍ତିମ ଦିବସରେ ମଙ୍ଗଳବାର ଆଣ୍ଡରସନଙ୍କ ୬୦୦ତମ ଶିକାର ହୋଇଛନ୍ତି ପାକିସ୍ତାନ ଅଧିନାୟକ ଆଝାର ଅଲୀ। ଏଥିସହ ସେ ଟେଷ୍ଟ କ୍ରିକେଟରେ ୪ର୍ଥ ସର୍ବାଧିକ ଉଇକେଟ ହାସଲକାରୀ ହୋଇଛନ୍ତି। ୩ ସ୍ପିନର ଶ୍ରୀଲଙ୍କାର ମୁଥୟା ମୁରଲୀଧରନ(୮୦୦), ଅଷ୍ଟ୍ରେଲିଆର ଶେନ ୱର୍ନ (୭୦୮) ଓ ଭାରତର ଅନୀଲ କୁମ୍ବଲେ (୬୧୯) ଏହି ତାଲିକାର ପ୍ରଥମ ୩ ସ୍ଥାନରେ ରହିଛନ୍ତି। ପେସ୍ ବୋଲରଭାବେ ଅଷ୍ଟ୍ରେଲିଆର ଗ୍ଲେନ ମ୍ୟାକ୍‌ଗ୍ରା ୫୬୩ଟି ଉଇକେଟ ନେଇ ତାଲିକାର ୫ମ ସ୍ଥାନରେ ଅଛନ୍ତି। ବର୍ଷାର ପ୍ରଭାବ ଯୋଗୁ ଅନ୍ତିମ ଦିବସର ପ୍ରଥମ ଦୁଇ ସେସନ ଖେଳ ସମ୍ଭବ ହୋଇନାହିଁ। ଖବର ମିଳିବା ବେଳକୁ ପାକିସ୍ତାନ ଦ୍ୱିତୀୟ ଇନିଂସରେ ୩ ଉଇକେଟ ହରାଇ ୧୨୧ ରନ ସଂଗ୍ରହ କରିଛି। ମାଞ୍ଚେଷ୍ଟରଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟକୁ ଇଂଲଣ୍ଡ ୩ ଉଇକେଟରେ ଜିତିଥିବାବେଳେ ସାଉଥାମ୍ପଟନଠାରେ ଦ୍ୱିତୀୟ ଟେଷ୍ଟ ବର୍ଷା ବାଧାପ୍ରାପ୍ତ ଡ୍ର ରହିଥିଲା। ତୃତୀୟ ଟେଷ୍ଟରେ ଇଂଲଣ୍ଡ ଏହାର ପ୍ରଥମ ଇନିଂସକୁ ୫୮୩/୮ରେ ଘୋଷଣା କରିଥିଲା। ପାକିସ୍ତାନ ୨୭୩ ରନକରି ଫଲୋଅନ ହୋଇଥିଲା।







PARAMOUNT AUTOMOTIVES: KORAPUT, MALKANGIRI, NABRANGPUR, RAYAGADA- 7574808724




E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Pradosh.Jena@maruti.co.in

**LEGEND CARS**
JEYPORE: 7894442901.
BHAWANIPATNA: 7894442907.

**SKY AUTOMOBILES**
BERHAMPUR: 7381261000.

**ODYSSEY MOTORS**
SAMBALPUR: 7381433909. BOLANGIR: 9438068327.
BARGARH: 9556352943. NUAPADA: 7381017851. SONEPUR: 9438068327.
JHARSUGUDA: 9439892153. BOUDH: 8594908009.

**ORBIT MOTORS**
ROURKELA: 9040404444, 9040404333.
SUNDARGARH: 9437049161.
DEOGARH: 9437061223.

*Offer includes consumer offer, exchange bonus and corporate offer (wherever applicable) on Celerio (all variants), Swift Petrol (all variants), S-Presso (all variants), Dzire Petrol (all variants) and WagonR (all variants). ^Finance scheme details mentioned in the advertisement are at the sole discretion of financier and terms and conditions as specified by the financier shall apply. Terms and Conditions apply. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Offers may vary across variants. Maruti Suzuki India Limited reserves the right to discontinue offers without notice. All offers are valid till 31st August, 2020.

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ